

ସୁଟର ପଲକ୍‌ଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା

▶ପୃଷ୍ଠା ୧୬ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-289 ♦BHUBANESWAR ♦MONDAY ♦15 APRIL 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୮୯ ♦ଭୁବନେଶ୍ୱର ♦ସୋମବାର ♦୧୫ ଏପ୍ରିଲ୍ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦



## ଇସ୍ରାଏଲ ଉପରେ ଇରାନର ଘନ ଘନ କ୍ଷେପଣାସ୍ତ୍ର ମାଡ଼

# ମଧ୍ୟପ୍ରାଚ୍ୟ ଅସ୍ଥିର

■ **ତେହରାନ୍,ତେଲ ଆଭିଭ୍,୧୪।୪(ଏଜେନ୍ସି):** ଇରାନ ଏବଂ ଇସ୍ରାଏଲ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ଏବେ ଯୁଦ୍ଧ ରୂପ ନେଇଛି। ଉଭୟ ରାଷ୍ଟ୍ର ମୁହାଁମୁହିଁ ହୋଇଛନ୍ତି। ପୂର୍ବରୁ ଇସ୍ରାଏଲ ଉପରେ ଆକ୍ରମଣ କରିବାକୁ ଧମକ ଦେଇଥିବା ଇରାନ ଶନିବାର ରାତିରୁ ଇସ୍ରାଏଲ ଉପରେ ଘନ ଘନ କ୍ଷେପଣାସ୍ତ୍ର ମାଡ଼ କରିଛି। ଇସ୍ରାଏଲ ମଧ୍ୟ ଇରାନର ଏଭଳି ଆଭିମୁଖ୍ୟକୁ ନେଇ କଡ଼ା ଜବାବ ଦେବାକୁ ପ୍ରସ୍ତୁତ ହେଉଛି। ଉଭୟ ରାଷ୍ଟ୍ର ମଧ୍ୟରେ ଦେଖାଯାଇଥିବା ଏହି ସ୍ଥିତିକୁ ନେଇ ମଧ୍ୟପ୍ରାଚ୍ୟ ପୁଣି ଅଶାନ୍ତ ହୋଇପଡ଼ିବାର ଆଶଙ୍କା ସୃଷ୍ଟି କରିଛି। ଶନିବାର ବିଳମ୍ବିତ ରାତିରେ ଇରାନ ପକ୍ଷରୁ ଇସ୍ରାଏଲକୁ ଲକ୍ଷ୍ୟ କରି ଡ୍ରୋନ ଓ ମିଶାଇଲ ମାଡ଼ କରାଯାଇଛି।ଭାରତୀୟ ସମୟ ରାତି ପ୍ରାୟ ୮ଟା ବେଳେ ଇରାନ ପକ୍ଷରୁ ଇସ୍ରାଏଲ ଉପରେ ୧୨୦ରୁ ଅଧିକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ସହ ୩୦ କ୍ରୁଜ୍ କ୍ଷେପଣାସ୍ତ୍ର ମାଡ଼ କରିଛି। ଏହାସହିତ ଇସ୍ରାଏଲ ଆକାଶରେ ୩୦୦ରୁ ଅଧିକ ଇରାନୀ ଡ୍ରୋନ ମଧ୍ୟ ଆକ୍ରମଣ କରିଥିବା ଇସ୍ରାଏଲର ସେନା ମୁଖ୍ୟ ପ୍ରବକ୍ତା ଡାନିଏଲ ହଗାରି କହିଛନ୍ତି। ଇରାନର ଏଭଳି ଅପ୍ରତ୍ୟାଶିତ ଆକ୍ରମଣକୁ ନେଇ ଇସ୍ରାଏଲର ଜେରୁଜେଲମ ଏବଂ ତେଲ ଆଭିଭ ସହର ସମେତ ଅନ୍ୟ ବହୁ ସହରରେ ବିସ୍ଫୋରଣ ଶବ୍ଦ ଶୁଣାଯାଇଛି। ଏହି ଘଟଣାରେ ୧୨ ରୁ ୧୩ ଜଣ ଆହତ ହୋଇଥିଲେ ହେଁ ଅଧିକାଂଶ କ୍ଷେପଣାସ୍ତ୍ର ଆକ୍ରମଣକୁ ଇସ୍ରାଏଲ ସେନା ପ୍ରତିହତ କରିବାକୁ ସକ୍ଷମ ହୋଇଛି। ଇସ୍ରାଏଲ ସେନାର ଡିଫେନ୍ସ ସିଷ୍ଟମ ଏଥି ମଧ୍ୟରୁ ଅଧିକାଂଶ ମିଶାଇଲ ଓ ଡ୍ରୋନକୁ ଅକାମୀ କରି ଦେଇଥିବା ଜଣାଯାଇଛି। ଏହି ଆକ୍ରମଣ ପରେ ଇସ୍ରାଏଲ ନିଜର ସବୁ ଏୟାର ସ୍ପେଶକୁ ବନ୍ଦ କରି ଦେଇଛି। ଏଥିସହ ଇସ୍ରାଏଲ ଏବେ ନୋ ଫ୍ଲାଇଂ ଜୋନ୍‌ରେ ପରିଣତ ହୋଇ ଯାଇଛି।ଇସ୍ରାଏଲ ଉପରେ ଆକ୍ରମଣ ଆରମ୍ଭ ହୋଇ ଯାଇଥିବାରୁ ସହାୟତା ପାଇଁ ଆମେରିକା ପକ୍ଷରୁ ଯୁଦ୍ଧ ଜାହାଜ ପଠାଯାଇଛି। ଇସ୍ରାଏଲ ସହାୟତା ପାଇଁ ଆଗକୁ ଆସିଥିବା ଆମେରିକା ନିଜର ଡିଫେନ୍ସ ସିଷ୍ଟମ ଦ୍ୱାରା ଇରାନର ବହୁ ଡ୍ରୋନକୁ ଖସାଇ ଦେଇଛି।ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ନିଜ ନାଗରିକମାନଙ୍କୁ ସମ୍ବୋଧନ କରି ରକ୍ଷାତ୍ମକ ତଥା ଆକ୍ରମଣାତ୍ମକ ପଦ୍ଧତି ଦ୍ୱାରା ଯେକୌଣସି ସ୍ଥିତିର ମୁକାବିଲା ନିମନ୍ତେ ପ୍ରସ୍ତୁତ ରହିଛନ୍ତି ବୋଲି କହିଛନ୍ତି। ଇସ୍ରାଏଲ ସମେତ ଏହାର ନାଗରିକ ଓ ଆଇଡିଏଫ ମଜଭୁତ ଥିବା ସେ ଆହ୍ୱାନ ଦେଇଛନ୍ତି। ବର୍ତ୍ତମାନ ଆମେରିକା ଇସ୍ରାଏଲକୁ ସହାୟତା ▶ପୃଷ୍ଠା-୯



- ୧୨୦ ବାଲାଷ୍ଟିକ୍, ୩୦ କ୍ରୁଜ୍ କ୍ଷେପଣାସ୍ତ୍ର ଓ ୧୭୦ ଡ୍ରୋନ୍ ଆକ୍ରମଣ
- ଇରାକ-ସିରିଆ-ୟେମେନର ମିଳିତ ଆକ୍ରମଣ ନେଇ ଇସ୍ରାଏଲର ଦାବି
- ପାଲଟା ଜବାବ ଦେଲେ ଆକ୍ରମଣ ଭୟଙ୍କର ହେବ: ଇରାନ
- ଆମେରିକା, ବ୍ରିଟେନ୍, ଜର୍ମାନୀ ସହ ଜି-୭ ରାଷ୍ଟ୍ରଗୋଷ୍ଠୀର ନିନ୍ଦା
- ଇସ୍ରାଏଲ୍‌ରେ 'ୱାର୍ କ୍ୟାବିନେଟ୍'ର ଜରୁରୀ ବୈଠକ ଆହ୍ୱାନ
- ଭାରତୀୟଙ୍କ ସୁରକ୍ଷା ପାଇଁ ପ୍ରତିବଦ୍ଧତା ଦୋହରାଇଲା ଇସ୍ରାଏଲ୍

## ଟ୍ରକ୍‌କୁ ଧକ୍କାଦେଇ ଜଳିଗଲା କାର୍



# ୭ ଜୀବନ୍ତ ଦଗ୍ଧ

■ **ଫତେହପୁର, ୧୪।୪ (ଏଜେନ୍ସି):** ରାଜସ୍ଥାନ ଫତେହପୁରର ଚୁରୁ ସାଲସର ହାଇୱେରେ ରବିବାର ଦ୍ୱିପହରେ ବଡ଼ଧରଣର ଦୁର୍ଘଟଣା ଘଟିଛି। ସାଲ୍‌ସର ବାଲାଜୀଙ୍କ ଦର୍ଶନ କରି ଫେରୁଥିବା ଏକ ପରିବାରର କାର୍ ଟ୍ରକ୍‌କୁ ଧକ୍କା ଦେଇଛି। ଏହି ଦୁର୍ଘଟଣାରେ ଦମ୍ପତିଙ୍କ ସମେତ ୭ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ସୂଚନା ଅନୁଯାୟୀ ମୃତକ ପରିବାର ଉତ୍ତରପ୍ରଦେଶ ମିରଟର ବାସିନ୍ଦା। ପରିବାର ଫେରୁଥିବା କାର୍‌ଟି ଦ୍ରୁତଗତିରେ ଥିଲା। ଏହା ଅତିକ୍ରମ କରିବାକୁ ଯାଇ ଟ୍ରକ୍‌କୁ ଧକ୍କା ଦେଇଥିଲା। ପରେ ଟ୍ରକ୍ ପଛରେ ଫସି ରହିଥିଲା। ଏଥିଯୋଗୁଁ ଉଭୟ ଗାଡ଼ିରେ ନିଆଁ ଲାଗି ଯାଇଥିଲା। ଏହି କାର୍‌ରେ ଗ୍ୟାସ୍ କିଟ୍ ଲାଗିଥିଲା ଏବଂ ଟ୍ରକ୍‌ରେ ମେଡିକାଲ କଟନ୍ ଥିଲା। ତେଣୁ ନିଆଁ ଦ୍ରୁତଗତିରେ ବ୍ୟାପି ଯାଇଥିଲା। କାର୍‌ରେ ଫସିଥିବା ଲୋକ ଉଦ୍ଧାର କରିବାକୁ ଚିତ୍କାର କରୁଥିଲେ। ମାତ୍ର ଗ୍ୟାସ୍ କିଛି ଥିବା ଯୋଗୁଁ ଦେଖୁ ଦେଖୁ ନିଆଁ ସମସ୍ତଙ୍କୁ କବଳିତ କରିଦେଇଥିଲା। ଏହାର ସୂଚନା ମିଳିବା ପରେ ପୁଲିସ ଏବଂ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ ▶ପୃଷ୍ଠା-୯

# ପ୍ରତିଷ୍ଠା ହେବ ବିପର୍ଯ୍ୟୟ ଅନୁଭୂତି ଶିକ୍ଷଣ କେନ୍ଦ୍ର

## ସରକାରଙ୍କୁ ଆର୍ଥିକ ସହାୟତା ଯୋଗାଇଦେବ ବିଶ୍ୱ ବ୍ୟାଙ୍କ

■ **ଭୁବନେଶ୍ୱର, ୧୪।୪ (ସମିସ):** ବିପର୍ଯ୍ୟୟ ପରିଚାଳନାରେ ସର୍ବୋତ୍କୃଷ୍ଟ ପାରଦର୍ଶିତା ପାଇଁ ଓଡ଼ିଶା ଦେଶରେ ଶ୍ରେଷ୍ଠ ବିବେଚିତ ହୋଇଛି। ବିପର୍ଯ୍ୟୟ ମୁକାବିଲା ପାଇଁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସ୍‌ଡମା) ସୁଭାଷ ଚନ୍ଦ୍ର ବୋଷ ଆପଦ ପ୍ରବନ୍ଧନ ପୁରାସ୍କାର ଭଳି ମର୍ଯ୍ୟାଦାଜନକ ସମ୍ମାନ ପାଇଛି। ପ୍ରତିବର୍ଷ ବନ୍ୟା, ବାତ୍ୟା ସହ ଲଢ଼ି ଆଗକୁ ବଢ଼ୁଥିବା ଓଡ଼ିଶା ଆଉ ଏକ କୀର୍ତ୍ତିମାନ ସ୍ଥାପନ ପାଇଁ ଯୋଜନା ପ୍ରସ୍ତୁତ କରିଛି। ରାଜ୍ୟରେ ଅତ୍ୟାଧୁନିକ 'ବାତ୍ୟା ଓ ଅନ୍ୟାନ୍ୟ ବିପର୍ଯ୍ୟୟ ଅନୁଭୂତି ଶିକ୍ଷଣ କେନ୍ଦ୍ର' ପ୍ରତିଷ୍ଠା କରି ଓଡ଼ିଶା ଦେଶର ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ରୋଲ୍ ମଡେଲ୍ ହେବାକୁ ଯାଉଛି। ଗୋଠପାଟଣାଠାରେ ନିର୍ମାଣାଧୀନ ରାଜ୍ୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡିଜାଷ୍ଟର ମ୍ୟାନେଜମେଣ୍ଟ (ଏସ୍‌ଆଇଡିଏମ୍) ଠାରେ ଏହି କେନ୍ଦ୍ର ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ହୋଇଛି। ଏଥିପାଇଁ ବିଶ୍ୱବ୍ୟାଙ୍କ ପକ୍ଷରୁ ସହାୟତା ଯୋଗାଇ ଦିଆଯିବ ବୋଲି ଜଣାପଡ଼ିଥିବା



**ଟୋକିଓରେ ଭୂକମ୍ପ ଅନୁଭୂତି ଶିକ୍ଷଣ କେନ୍ଦ୍ର ଢାଞ୍ଚାରେ ନିର୍ମାଣ**

ବେଳେ ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ବସିଥିବା ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏ ସମ୍ପର୍କରେ ଆଲୋଚନା କରାଯାଇଛି।

ସ୍ୱତନ୍ତ୍ର ରିଲିଫ କମିସନର ସତ୍ୟବ୍ରତ ସାହୁଙ୍କ ଅଧକ୍ଷତାରେ ବସିଥିବା ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଓସ୍‌ଡମା ସମେତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ପ୍ରମୁଖ ଯୋଗଦେଇ ଏହି କେନ୍ଦ୍ର ପ୍ରତିଷ୍ଠାର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଛନ୍ତି। ଗୁଜୁରାଟର ଭୁଜ୍‌ରେ ଭୂମିକମ୍ପ ସମ୍ପର୍କିତ ଦୁର୍ବିପାକକୁ ନେଇ ଏଭଳି ଏକ କେନ୍ଦ୍ର ପ୍ରତିଷ୍ଠା କରାଯାଇଥିବା ବେଳେ ଜାପାନର ଟୋକିଓରେ ଏଭଳି ଅନୁଭୂତି ଶିକ୍ଷଣ କେନ୍ଦ୍ର ରହିଛି। ବାତ୍ୟାପ୍ରବଣ ଓଡ଼ିଶାର ଜନସାଧାରଣଙ୍କୁ କିପରି ଆଗୁଆ ଏ ସମ୍ପର୍କିତ ତଥ୍ୟ ଦିଆଯାଇପାରିବ, ତାକୁ ନେଇ ଏହି ଚିନ୍ତନ କରାଯାଇଥିବା ଜଣାପଡ଼ିଛି। ମୁଖ୍ୟତଃ ବାତ୍ୟାକୁ ଅଭିଜ୍ଞତା କରି ନ ଥିବା ବା ବାତ୍ୟା ସମ୍ପର୍କରେ ଜାଣି ନ ଥିବା ଜଣେ ଲୋକ ବାତ୍ୟାର ଗୁରୁତ୍ୱ ବୁଝି ପାରି ନ ଥା'ନ୍ତି। ମାତ୍ର ଏହି କେନ୍ଦ୍ରରେ ବାତ୍ୟା ସମୟରେ କେଉଁ ବେଗରେ ପବନ ବହିଥାଏ ଓ କିପରି ବର୍ଷାର ବିପ୍ରାତ ଅଧିକ ରହିଥାଏ, ତାହା ଏଠାରେ ଦୃଶ୍ୟମାନ ହେବ। ଯାହାଦ୍ୱାରା ଏଠାକୁ ଭ୍ରମଣରେ ଆସିବାକୁ ଥିବା ▶ପୃଷ୍ଠା-୯

**ପୁରୁଣା ବନାମ ନୂଆ**

# ରାଜ୍ୟ ବିଜେପି ଦି' ଫାଳ

## ବିଦ୍ରୋହ ବାତ୍ୟାର ରୂପ ନେଉଛି ଅସନ୍ତୋଷର ଘୂର୍ଣ୍ଣିଝଡ଼

■ **ଭୁବନେଶ୍ୱର, ୧୪।୪ (ସମିସ):** ଟିକଟ ଘୋଷଣା ପରେ ଭୟଙ୍କର ସ୍ଥିତି ଦେଇ ଗତି କରୁଛି ରାଜ୍ୟ ବିଜେପି ସଙ୍ଗଠନ। 'ନୂଆ ବିଜେପି' ଓ 'ପୁରୁଣା ବିଜେପି' ମଧ୍ୟରେ ଦଳ ଦୁଇ ଭାଗରେ ବିଭାଜିତ ହୋଇ ଯାଇଛି । ଟିକଟ ପ୍ରଦାନରେ ପୁରୁଣା ନେତାଙ୍କୁ ଉପେକ୍ଷା କରି ଜନବିରୋଧୀ ଆମଦାନୀ ନେତାମାନଙ୍କୁ ଦଳର ରାଜ୍ୟ ନେତୃତ୍ୱ ଅଗ୍ରାଧିକାର ପ୍ରଦାନକୁ ନେଇ ରାଜ୍ୟ ବିଜେପି ସଙ୍ଗଠନରେ ସୃଷ୍ଟି ହୋଇଥିବା ଅସନ୍ତୋଷର ଘୂର୍ଣ୍ଣିଝଡ଼ ଏବେ ବିଦ୍ରୋହ ବାତ୍ୟାରେ ପରିଣତ ହେବାକୁ ବସିଛି। ଖୋର୍ଦ୍ଧା, ଯାଜପୁର, ବଲାଙ୍ଗୀର, ଭଦ୍ରକ ଓ ଜଗତସିଂହପୁର ଜିଲ୍ଲାରେ ଦଳର ନେତା ଓ କର୍ମୀଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଅସନ୍ତୋଷ କଟକ, ବାଲେଶ୍ୱର ଓ ମାଲକାନଗିରି ଜିଲ୍ଲାକୁ ସଂକ୍ରମଣ କରିଛି। ଅସନ୍ତୋଷ ଏବେ ହିଂସାତ୍ମକ ରୂପ ନେଇଛି। ଓଡ଼ିଶା ବିଜେପିର ଟାଣୁଆ ନେତା କୁହାଯାଉଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଉପସ୍ଥିତିରେ ସମ୍ବଲପୁର ଓ କଟକରେ ଦଳୀୟ କର୍ମୀଙ୍କ ମଧ୍ୟରେ ହିଂସାତ୍ମକ କାଣ୍ଡ କାରଖାନା ସ୍ଥିତିକୁ ଗମ୍ଭୀର କରିଛି। ରାଜଧାନୀରେ ରାଜ୍ୟ



- କଟକ, ବାଲେଶ୍ୱର, ମାଲକାନଗିରି ଜିଲ୍ଲାରେ ସ୍ଥିତି ଗମ୍ଭୀର
- ଖୋର୍ଦ୍ଧା, ଯାଜପୁର, ବଲାଙ୍ଗିର, ଭଦ୍ରକରେ ବିଗିଡ଼ିଛି ପରିସ୍ଥିତି
- କୋଟିଏ ଦେଇ ଟିକଟ ନେବାକୁ ସୀସାଙ୍କ ଦମ୍ଭୋକ୍ତିକୁ ବିରୋଧ
- ଜଳେଶ୍ୱରରେ ବ୍ରଜ ହଟାଓ ଦାବିରେ ପ୍ରତାପଙ୍କୁ ଘେରାଉ
- ବଡ଼ମ୍ବାରେ ଦଳୀୟ ନେତାଙ୍କ 'ସମ୍ବିତ୍ ହଟାଓ' ଅଭିଯାନ

କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିଦିନ ବିଭିନ୍ନ ଅଞ୍ଚଳର ନେତା ଓ କର୍ମୀମାନେ ହଙ୍ଗାମା କରୁଥିବା ଦେଖିବାକୁ ମିଳିଛି। ଏହି କ୍ରମରେ ରବିବାର ବଡ଼ମ୍ବା, ଜଳେଶ୍ୱରରେ ଘୋଷିତ ଓ ଚିତ୍ରକୋଣ୍ଡା ଅଞ୍ଚଳରେ ସମ୍ଭାବ୍ୟ ପ୍ରାର୍ଥୀଙ୍କ ବିରୋଧରେ ସୃଷ୍ଟି ହୋଇଛି ବିଦ୍ରୋହ।

୧୧୨ ବିଧାନସଭା ଆସନ ପାଇଁ ଗତ ୨ ତାରିଖରେ ପ୍ରାର୍ଥୀ ତାଲିକା ଘୋଷଣା କରିଥିଲା ବିଜେପି। ଗତ ୧୨ ଦିନ ମଧ୍ୟରେ ପ୍ରାୟ ୭୫ରୁ ଊର୍ଦ୍ଧ୍ୱର୍ ଆସନରେ ଘୋଷିତ ପ୍ରାର୍ଥୀ ଦଳୀୟ କର୍ମୀଙ୍କ ବିରୋଧର ସମ୍ମୁଖୀନ ହୋଇଛନ୍ତି । କେବଳ ଘୋଷିତ ପ୍ରାର୍ଥୀ ନୁହନ୍ତି, ସମ୍ଭାବ୍ୟ ପ୍ରାର୍ଥୀଙ୍କ ନାମକୁ ନେଇ ମଧ୍ୟ ଦଳରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡାରେ ଡ଼ମ୍ବ୍ରୁ ସୀସାଙ୍କ ସମ୍ଭାବ୍ୟ ପ୍ରାର୍ଥିତ୍ୱକୁ ଦଳର ନେତା ଓ କର୍ମୀମାନେ ବିରୋଧ କରିଛନ୍ତି। ରବିବାର ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ମାଲକାନଗିରି ବିଜେପି ନେତାମାନେ ହଙ୍ଗାମା କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୋଟିଏ ଟଙ୍କା ଦେଇ ବିଜେପି ଟିକଟ ନେବେ ବୋଲି ଡ଼ମ୍ବ୍ରୁ ପ୍ରଚାର କରୁଛନ୍ତି ବୋଲି ଅଭିଯୋଗ ସହ ତାଙ୍କୁ ପ୍ରାର୍ଥୀ କରାଗଲେ ବିଜେପିର ସତ୍ତା ସ୍ଥାନୀୟ ଅଞ୍ଚଳରୁ ଲୋପ କରିଦେବାକୁ ମଧ୍ୟ ଅସନ୍ତୁଷ୍ଟ କର୍ମୀ ଧମକ ଦେଇଛନ୍ତି।

ଜଳେଶ୍ୱର ଅଞ୍ଚଳରେ ମଧ୍ୟ ଉପୁଜିଛି ସମାନ ପରିସ୍ଥିତି। ଏଠାରେ ବିଜେପି ବ୍ରଜ ପ୍ରଧାନଙ୍କୁ ପ୍ରାର୍ଥୀ କରିବା ପରେ ପୁରୁଣା କର୍ମୀ ଓ ସଙ୍ଗଠକମାନେ ସଂଗଠିତ ହୋଇଛନ୍ତି। କୌଣସି ପରିସ୍ଥିତିରେ ବ୍ରଜଙ୍କୁ କର୍ମୀମାନେ ଗ୍ରହଣ କରିପାରିବେ ନାହିଁ ▶ପୃଷ୍ଠା-୯

## ଲୋକକଥା



ଗତଥର ସିନା ପାରି ହୋଇଗଲେ
'ଆଚ୍ଛାଦିନ' କଥା କହି,
ଏଥରକ ପୁଣି ଭୋଟ ମାଗନ୍ତି
'ଗ୍ୟାରେଣ୍ଟି'ର ନାରା ଦେଇ !
ଦର ଯାଏ ଝୁଣି ଖାଇ,
ଗଡ଼ ଜିତିବାକୁ ଭାବିଚନ୍ତି ସାଇଁ
ପାଣିରେ ସର ପକେଇ !!

# ସରିଲା ଝାମୁ; ଆଜିଠୁ ଝାଞ୍ଜି

■ **ଭୁବନେଶ୍ୱର, ୧୪।୪(ସମିସ):** ବସନ୍ତର ଶେଷ ମାସ ଚୈତ୍ରର କଠିନ ମାନସିକର ପର୍ବ ଝାମୁ ଯାତ୍ରା ଶେଷ ହୋଇଥିବା ବେଳେ ଆଜିଠୁ ଆରମ୍ଭ ହୋଇଛି ତତଲା ବୈଶାଖ। ଏହା ସାଙ୍ଗକୁ ତାଳ ଦେଇ ବସନ୍ତର ମନ୍ଦ ମନ୍ଦ ପବନ ବନ୍ଦ ହୋଇ ଆରମ୍ଭ ହୋଇଯାଇଛି ଗ୍ରୀଷ୍ମର ପ୍ରକୋପ। ଆଜି ପହିଲି ବୈଶାଖରୁ ତାତି ତା'ର ତାଉ ଦେଖାଇଥିବାବେଳେ ଆସନ୍ତାକାଲି(ସୋମବାର) ଠାରୁ ଆହୁରି କଲବଲ କରିବ ବୋଲି ପାଣିପାଗ ବିଜ୍ଞାନୀମାନେ ଆକଳନ କରିଛନ୍ତି। ଝାଞ୍ଜି ମାଡ଼ ସାଙ୍ଗକୁ ଅନୁଭୂତ ହେବ ମୁଣ୍ଡ ଫଟା ଖରା। ବର୍ତ୍ତମାନ ତୁଳନାରେ ଖରାର ପ୍ରକୋପ ବଢ଼ିବ ହେତୁ ତାପମାତ୍ରା ଆହୁରି ୪ରୁ ୬ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଫଳରେ ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ପାର୍ କରିବା ସହ ସ୍ୱାଭାବିକ ତୁଳନାରେ ତାପମାତ୍ରା ୩ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ଅଧିକ ରହିବ। ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ଜାରି ରହିବାକୁ ଥିବାରୁ ପାଣିପାଗ କେନ୍ଦ୍ର ପକ୍ଷରୁ ରାଜ୍ୟବାସୀଙ୍କୁ ଖରା ଦାଉରୁ ରକ୍ଷା ପାଇବା ପାଇଁ ସତର୍କ ସୂଚନା ଜାରି କରାଯାଇଥିବା ବେଳେ ଦିନ ୧୧ଟାରୁ ୩ଟା ମଧ୍ୟରେ ଜରୁରୀ କାମ ନ ଥିଲେ ବାହାରକୁ ଯିବାକୁ ବାରଣ କରାଯାଇଛି।

ଗତ କିଛି ଦିନ ହେବ ଲଗାତର କାଳବୈଶାଖୀଜନିତ ବର୍ଷା ଯୋଗୁଁ ତାପମାତ୍ରା ହ୍ରାସ ପାଇଥିଲା। ମାତ୍ର କାଳବୈଶାଖୀ ପ୍ରଭାବ କମିବା ସହ ରାଜ୍ୟକୁ ପୁଣି ଥରେ ଶୁଷ୍କ ବାୟୁର ପ୍ରବେଶ ଯୋଗୁଁ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଆଜି ରାଜ୍ୟର ୧୦ସହରରେ ତାପମାତ୍ରା ୩୯ ଡିଗ୍ରୀ କିମ୍ବା ଅଧିକ ରେକର୍ଡ କରାଯାଇଛି। ପ୍ରାୟ ସପ୍ତାହକ ପରେ ପୁଣି ଥରେ ତାପମାତ୍ରା ୪୦ ଡିଗ୍ରୀ ପାର୍ କରିଛି। ▶ପୃଷ୍ଠା-୯



- ୩୯ ଡିଗ୍ରୀ ପାର୍ କଲା ୧୦ ସହରର ତାପମାତ୍ରା
- ୪ ଦିନ ଯାଏଁ ଗ୍ରୀଷ୍ମ ଲହରୀ ନେଇ ସତର୍କତା ଜାରୀ
- ୬ ଡିଗ୍ରୀ ବଢ଼ିବ ତାତି, ସ୍ୱାଭାବିକ ଉପରେ ରହିବ ତାପମାତ୍ରା

# ୭୫ ବିଧାନସଭା ଆସନ ପାଇଁ କଂଗ୍ରେସର ପ୍ରାର୍ଥୀ ଘୋଷଣା

■ **ଭୁବନେଶ୍ୱର, ୧୪।୪(ସମିସ):** ଓଡ଼ିଶା ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ଘୋଷଣା କରିଛି ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା। ଏଆଇସିସି ରାଜ୍ୟର ୭୫ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି; ଏଥିରେ ପୂର୍ବରୁ ଘୋଷିତ ପ୍ରାର୍ଥୀଙ୍କ ମଧ୍ୟରୁ ୩ ଜଣଙ୍କୁ ପରିବର୍ତ୍ତନ କରାଯାଇଛି। ପୂର୍ବତନ ପିସିସି ସଭାପତି ତଥା ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକ ଭଣ୍ଡାରୀପୋଖରୀରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। ସେହିପରି ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କୁ ଆନନ୍ଦପୁରରୁ ଦଳ ପ୍ରାର୍ଥୀ କରିଛି।

ଅନ୍ୟ ପକ୍ଷରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ପୁଅ ପୃଥ୍ୱୀବଲ୍ଲଭ ପଟ୍ଟନାୟକଙ୍କୁ ବେଗୁନିଆରୁ ପ୍ରାର୍ଥୀ କରିଛି ଦଳ। ସେହିପରି ବିଜେପି ଛାଡ଼ି କଂଗ୍ରେସରେ ଯୋଗ ଦେଇଥିବା ସନ୍ତୋଷ ଜେନାଙ୍କୁ ଜଟଣୀ ଆସନରୁ ପ୍ରାର୍ଥୀ କରାଯାଇଛି । ତାଙ୍କ ଯୋଗଦାନକୁ ବିରୋଧ କରି ସୁର ରାଉତରାୟଙ୍କ ପୁତୁରା ତଥା ଜଟଣୀରୁ ଅନ୍ୟତମ ଟିକଟ ଦାବିଦାର ସଂଗ୍ରାମ ରାଉତରାୟ ନିରାଶ ହୋଇଛନ୍ତି। ଅନ୍ୟପଟେ ପ୍ରଥମ ପର୍ଯ୍ୟାୟରେ ଦଳ ପକ୍ଷରୁ ▶ପୃଷ୍ଠା-୯

- ଆନନ୍ଦପୁରରେ ଜୟଦେବ, ଭଣ୍ଡାରୀପୋଖରୀରେ ନିରଞ୍ଜନ
- ବେଗୁନିଆରୁ ପୃଥ୍ୱୀ, ବାଙ୍କିରୁ ଦେବାଶିଷ, ଭଦ୍ରକରୁ ଅସିତ୍
- ତଳସରା, କବିସୂର୍ଯ୍ୟନଗର, ବାଲିଗୁଡ଼ାରେ ବଦଳିଲେ ପ୍ରାର୍ଥୀ

# କୋଟା ଛାତ୍ରାବାସରେ ଅଗ୍ନିକାଣ୍ଡ: ୭ ଛାତ୍ର ଆହତ



କୋଟା, ୧୪।୪ (ଏଜେନ୍ସି): ରାଜସ୍ଥାନ କୋଟାରେ ପୁଣି ଅଘଟଣ ଘଟିଛି। ଏଠାକାର କୁହ୍ନାଡ଼ି ଅଞ୍ଚଳରେ ଥିବା ୬ ମହଲା ବିଶିଷ୍ଟ ଆଦର୍ଶ ଛାତ୍ରାବାସରେ ରବିବାର ସକାଳ ଟ୍ରାନ୍ସଫର୍ମରରୁ ସର୍ଟ ସର୍କିଟ ହୋଇ ନିଆଁ ଲାଗିଯାଇଛି। ପରେ ଏହା ଉଗ୍ରରୂପ ଧାରଣ କରି ଅନ୍ୟ ମହଲାକୁ ବ୍ୟାପିଯାଇଛି। ଏଥିରେ ୭ ଜଣ ଛାତ୍ର ଆହତ ହୋଇଛନ୍ତି। ଏହି ସମୟରେ ଛାତ୍ରାବାସରେ ୬୧ ଛାତ୍ର ଥିଲେ। ସମସ୍ତେ ଗଭୀର ନିଦରେ ଶୋଇଥିଲେ। ନିଆଁ ଲାଗିବାରୁ ଧାଁଦୌଡ଼ ସ୍ଥିତି ସୃଷ୍ଟି ହୋଇଥିଲା। ଛାତ୍ର ଜୀବନ ବିକଳରେ ପ୍ରଥମ ମହଲାରୁ ତଳକୁ ଡିଆଁ ମାରିଥିଲେ। ଆଉ କିଛି କମଳ, ଚାଦର ଘୋଡ଼େଇ ହୋଇ ତଳକୁ ଆସିଥିଲେ। ଏହି ସମୟରେ କାହାର ଗୋଡ଼ ଭାଙ୍ଗି ଯାଇଥିଲା ତ ଆଉ କିଏ ନିଆଁରେ ପୋଡ଼ି ଯାଇଥିଲେ। ସମସ୍ତ ଛାତ୍ର ଇଞ୍ଜିନିୟରିଂ ଏବଂ ମେଡିକାଲ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ।

● ପାଣି ପାଇଁ କଳି

## ମହିଳାଙ୍କୁ ହତ୍ୟାକଲା ନାବାଳିକା

ନୂଆଦିଲ୍ଲୀ, ୧୪।୪ (ଏଜେନ୍ସି): ରାଜଧାନୀ ଦିଲ୍ଲୀରୁ ବିଚଳିତ କରିବା ଭଳି ଏକ ମାମଲା ସାମ୍ନାକୁ ଆସିଛି। ସାମାନ୍ୟ ଘଟଣାକୁ ନେଇ ହତ୍ୟାକାଣ୍ଡ ଘଟିଛି। ସାହଦରାର ଫର୍ଶ ବଜାରରେ ଭିକମ ସିଂହ କଲୋନୀରେ ପାଣି ଭର୍ତ୍ତି କରିବାକୁ ନେଇ ବିବାଦ ହେବାରୁ ଜଣେ ନାବାଳିକା (୧୫) ପଡୋଶୀ ମହିଳା ସୋନି (୩୫)ଙ୍କୁ ଛୁରି ମାରି ହତ୍ୟା କରିଛି। ମହିଳାଙ୍କ ହାତ ଏବଂ ପାକସ୍ଥଳୀରେ ଗଭୀର କ୍ଷତ ଚିହ୍ନ ରହିଛି। ପୁଲିସ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି ନାବାଳିକାକୁ ଗିରଫ କରିଛି। ଅନ୍ୟପକ୍ଷରେ ଘଟଣା ସାମ୍ନାକୁ ଆସିବା ପରେ ଦିଲ୍ଲୀ ମନ୍ତ୍ରୀ ଆତିଶୀ ମାର୍ଲେନା ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ପୁଲିସ ସୂଚନା ଅନୁଯାୟୀ ଶନିବାର ରାତିରେ ସୋନି ଏବଂ ତାଙ୍କ ସ୍ୱାମୀ ସତବୀର ଉଭୟ ପରିବାର ପାଇଁ ଥିବା ପାଣି ଟ୍ୟାପକୁ ନେଇ ପଡୋଶୀଙ୍କ ସହ ଝଗଡ଼ା କରିଥିଲେ।

### ପାକିସ୍ତାନରେ ଅସ୍ତିତ୍ୱ ହରାଉଛନ୍ତି ଭାରତର ଶତ୍ରୁ

# ସରବ୍‌ଜିତ୍ ସିଂହଙ୍କ ହତ୍ୟାକାରୀକୁ ହତ୍ୟା





ଅମିର ସର୍ଫରାଜ

■ ଲାହୋର ଅଣ୍ଡରୱାର୍ଲ୍ଡ ଡନ୍ ଅମିର ସର୍ଫରାଜ ନିପାତ
■ ଗୁଳିମାଡ଼ କଲେ ଅଜ୍ଞାତ ଆକ୍ରମଣକାରୀ

ଇସଲାମାବାଦ, ୧୪।୪ (ଏଜେନ୍ସି)

ପାକିସ୍ତାନରେ ଥିବା ଭାରତର ଶତ୍ରୁ ଅସ୍ତିତ୍ୱ ହରାଇବାରେ ଲାଗିଛନ୍ତି। ଭାରତ ବିରୋଧୀ କାର୍ଯ୍ୟକଳାପ ତଥା ଆତଙ୍କବାଦୀ ଆକ୍ରମଣରେ ସାମିଲ ଥିବା ଜଣଙ୍କ ପରେ ଜଣେ ଆତଙ୍କୀ ନିପାତ ହେବାରେ ଲାଗିଛନ୍ତି। ଏବେ ଲାହୋରର ଅଣ୍ଡର ୱାର୍ଲ୍ଡ ଡନ୍ ଅମିର ସର୍ଫରାଜ ତମ୍ବାକୁ ହତ୍ୟା କରାଯାଇଛି। ସେ ଲସ୍କର-ଇ-ତୋଏବା (ଏଲ୍‌ଇଟି) ମୁଖ୍ୟ ହାଫିଜ ସୈଦର ଘନିଷ୍ଠ ସହଯୋଗୀ ଥିଲା। ଭାରତୀୟ ବନ୍ଦୀ ସରବ୍‌ଜିତ ସିଂହଙ୍କ ହତ୍ୟାରେ ମଧ୍ୟ ଆତଙ୍କବାଦୀ ସର୍ଫରାଜ ସାମିଲ ରହିଥିଲା। ପାକିସ୍ତାନ ଗୁଇନ୍ଦା ଏଜେନ୍ସି ଆଇଏସଆଇର ଇଙ୍ଗିତରେ ୨୦୧୩ରେ ଲାହୋର ଜେଲ୍‌ରେ ବନ୍ଦୀ ଥିବା ଭାରତୀୟ ନାଗରିକ ସରବଜିତ ସିଂହଙ୍କୁ ଲୁହା ଛଡ଼ ଏବଂ ଇଟାରେ ପିଟି ପିଟି ହତ୍ୟା କରାଯାଇଥିଲା। ୨୦୧୮ ଡିସେମ୍ବରରେ ପାକିସ୍ତାନର ଏକ କୋର୍ଟ ପ୍ରମାଣ ଅଭାବରେ ସରବଜିତଙ୍କ ହତ୍ୟାରେ ସାମିଲ ଥିବା ୨ ଜଣଙ୍କୁ ମୁକ୍ତ କରି ଦେଇଥିଲେ। ଏମାନଙ୍କ ମଧ୍ୟରେ ଅମିର ସର୍ଫରଜା ଏବଂ ମୁଦସର ସାମିଲ ଥିଲା। ଉଭୟଙ୍କ ବିରୋଧରେ କେହି କୋର୍ଟରେ ସାକ୍ଷୀ ଦେଇ ନ ଥିଲେ। ପଞ୍ଜାବର ସରବଜିତ ଭୁଲ୍‌ରେ ୧୯୯୦ରେ ସୀମା ପାର୍ କରି ପାକିସ୍ତାନ ଚାଲି ଯାଇଥିଲେ। ପାକିସ୍ତାନ ସେନା ତାଙ୍କୁ ଭାରତୀୟ ଗୁପ୍ତଚର କହି ବନ୍ଦୀ କରି ନେଇଥିଲା ଏବଂ ଜେଲ୍‌ରେ ଅକଥନୀୟ ଅତ୍ୟାଚାର ଦେଇଥିଲା।

ରିପୋର୍ଟ ଅନୁଯାୟୀ ଲାହୋରର ଉଚ୍ଚ ସୁରକ୍ଷା ଅଞ୍ଚଳ କୁହାଯାଉଥିବା ଇସଲାମପୁରିଆରେ ରବିବାର ସକାଳେ ସର୍ଫରାଜକୁ ଗୁଳି ମାଡ଼ କରାଯାଇଥିଲା। ଆକ୍ରମଣକାରୀ ମୋଟରସାଇକେଲରେ ଆସି ତା ଉପରକୁ ଗୁଳି ମାଡ଼ କରିଥିଲେ। ସର୍ଫରାଜକୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ପରେ ତାର ମୃତ୍ୟୁ ହୋଇଥିଲା। ଦେଶରେ ଟାର୍ଗେଟ ହତ୍ୟାକୁ ନେଇ ପାକିସ୍ତାନ ଭାରତ ଉପରେ ଦୋଷ ଲଦୁ ଥିବାବେଳେ ଏହି ହତ୍ୟାକାଣ୍ଡ ଘଟିଛି। ଇସଲାମାବାଦ ପକ୍ଷରୁ କୁହାଯାଇଥିଲା ଯେ ଭାରତ ବେଆଇନ ଭାବେ ପାକିସ୍ତାନୀ ନାଗରିକଙ୍କୁ ହତ୍ୟା କରୁଛି। ବ୍ରିଟିଶ ଗଣମାଧ୍ୟମ ଦେଇଥିବା ରିପୋର୍ଟର ମଧ୍ୟ ଉଲ୍ଲେଖ କରିଥିଲା। ଭାରତର ଗୁଇନ୍ଦା ଏଜେନ୍ସି ବିଦେଶୀ ମାଟିରେ ରହୁଥିବା ଆତଙ୍କବାଦୀଙ୍କୁ ନିପାତ କରିବାର ରଣନୀତି ଆଧାରରେ ପାକିସ୍ତାନରେ ଅନେକ ଲୋକଙ୍କୁ ହତ୍ୟା କରୁଛି। ତେବେ ଭାରତର ବୈଦେଶିକ ମନ୍ତ୍ରାଳୟ ଅଭିଯୋଗକୁ ମିଥ୍ୟା ଏବଂ ଆଧାରହୀନ କହିଥିଲା। ଭାରତ ବିରୋଧରେ ପ୍ରଚାରପ୍ରସାର ପାଇଁ ଏପରି କରାଯାଉଥିବା କୁହାଯାଇଥିଲା। ସେହିପରି ଟାର୍ଗେଟ ହତ୍ୟା ଭାରତର ବିଦେଶ ନୀତିରେ ନାହିଁ ବୋଲି ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର କହିଥିଲେ।


### ସରବ୍‌ଜିତ୍ କିଏ

ସରବଜିତ ସିଂହ ପଞ୍ଜାବ ତରନତାରନର ଭିଖିୱିଣ୍ଡ ଗ୍ରାମର ବାସିନ୍ଦା ଥିଲେ। ଲାହୋର ଏବଂ ଫୌସଲାବାଦରେ ହୋଇଥିବା ବୋମା ବିସ୍ଫୋରଣ ମାମଲାର ଅଭିଯୁକ୍ତ ବନାଇ ସରବଜିତଙ୍କୁ ପାକିସ୍ତାନ ଜେଲ୍‌ରେ ବନ୍ଦୀ କରିଦିଆଯାଇଥିଲା। ୧୯୯୧ ବୋମା ବିସ୍ଫୋରଣ ମାମଲାରେ ତାଙ୍କୁ ମୃତ୍ୟୁଦଣ୍ଡ ଶୁଣା ଯାଇଥିଲା। ୨୩ ବର୍ଷ ପାକିସ୍ତାନ ଜେଲ୍‌ରେ ରହିବା ପରେ ୨୦୧୩ରେ ଉଚ୍ଚ ସୁରକ୍ଷା ବିଶିଷ୍ଟ କୋଟ ଲଖପତ ଜେଲ୍‌ରେ ତାଙ୍କୁ ମାଡ଼ ମରା ଯାଇଥିଲା। ଏହାର ପ୍ରାୟ ସପ୍ତାହେ ପରେ ୨୦୧୩ ମେ' ୨ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଭାରତରେ ଆତଙ୍କବାଦୀ ଅଫଜଲ ଗୁରୁକୁ ଫାଶୀ ଦେବାର କିଛି ଦିନ ପରେ ସରବଜିତଙ୍କ ଉପରେ ଆକ୍ରମଣ ହୋଇଥିଲା। ତାଙ୍କ ମୃତଦେହକୁ ଭାରତ ପଠାଇ ଦିଆଯାଇଥିଲା। ସରବଜିତ ଜେଲ୍‌ରେ ଥିବା ସମୟରେ ମାଆଙ୍କୁ ଏକ ଚିଠି ଲେଖିଥିଲେ। ଏଥିରେ ସେ କହିଥିଲେ ଯେ ତାଙ୍କୁ ବିଷ ଦିଆଯାଉଛି। ଅସହ୍ୟ ନିର୍ଯାତନା ମଧ୍ୟ ଦିଆଯାଉଛି। ଦରଜ ସମ୍ଭାଳି ନ ପାରିଲେ ସେ ଜେଲ୍ ଅଧିକାରୀଙ୍କୁ ଔଷଧ ମାଗି ଖାଉଛନ୍ତି। ଏହାକୁ ନେଇ ଅନ୍ତେବାସୀ ତାଙ୍କର ଉପହାସ ଉଡ଼ାଉଛନ୍ତି। ପାଗଳ ସାବ୍ୟସ୍ତ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରୟାସ କରୁଛନ୍ତି। ତାଙ୍କୁ ଗୋଟିଏ ପ୍ରକୋଷ୍ଠରେ ରଖାଯାଇଥିଲା। ମୁକ୍ତିକୁ ଅପେକ୍ଷା କରିବା ତାଙ୍କ ପାଇଁ କଷ୍ଟ ହୋଇଯାଇଥିବା କହିଥିଲେ।

● ବିଜେପିର ନିର୍ବାଚନ ଇସ୍ତାହାର

## କାର୍ଯ୍ୟକାରୀ କରାଯିବ ୟୁସିସି

ନୂଆଦିଲ୍ଲୀ, ୧୪।୪(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବିଜେପି ମୁଖ୍ୟ କାର୍ଯ୍ୟାଳୟରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଓ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ଉପସ୍ଥିତିରେ ଦଳର ନିର୍ବାଚନ ଇସ୍ତାହାର 'ସଙ୍କଳ୍ପ ପତ୍ର ମୋଦୀ କି ଗ୍ୟାରେଣ୍ଟି' ଉପସ୍ଥାପନ କରିଛନ୍ତି। ଏଥିରେ ବିଜେପି ୨୦ଟି ବଡ଼ ପ୍ରତିଶ୍ରୁତି ଦେଇଛି। ବିଜେପି ତା'ର ଇସ୍ତାହାରରେ ଗରିବ ଓ ନିମ୍ନ ଆୟକାରୀ ବର୍ଗ, ଯୁବଗୋଷ୍ଠୀ, କୃଷକ ଓ ମହିଳାଙ୍କ ପ୍ରତି ଧ୍ୟାନ କେନ୍ଦ୍ରିତ କରିଛି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଆଗାମୀ ୫ବର୍ଷ ପାଇଁ ଦେଶର ୮୦ କୋଟି ଲୋକଙ୍କ ପାଇଁ ମାଗଣା ରାସନ ଯୋଗାଣର ବ୍ୟବସ୍ଥା କରାଯିବ। ବାସହୀନଙ୍କ ପାଇଁ ୩କୋଟି ନୂଆ ଘର ନିର୍ମାଣ କରାଯିବ। କ୍ଷମତାକୁ ଆସିଲେ ଦେଶର ଏକକ ନାଗରିକତା ଆଇନ (ୟୁସିସି) କାର୍ଯ୍ୟକାରୀ କରାଯିବ। ସେହିପରି ତିନି କୋଟି ଗ୍ରାମୀଣ ମହିଳା 'ଲକ୍ଷପତି ଦିଦି' ହେବେ। ମହିଳାଙ୍କୁ ଆଇଟି, ପରିଭ୍ରମଣ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଖୁଚୁରା ବିକ୍ରୟ କ୍ଷେତ୍ରରେ ନିଯୋଜନ ପାଇଁ ଆବଶ୍ୟକ ତାଲିମଶିକ୍ଷାଞ୍ଚଳଗୁଡ଼ିକରେ ଓ ବ୍ୟବସାୟ କେନ୍ଦ୍ରଗୁଡ଼ିକ ନିକଟରେ ମହିଳା କର୍ମଜୀବୀଙ୍କ ପାଇଁ ଅଧିକ ସଂଖ୍ୟାରେ ହଷ୍ଟେଲ ଓ ସେମାନଙ୍କ ଶିଶୁଙ୍କ ଦେଖାରଖା, ଯତ୍ନ ପାଇଁ କ୍ରେଚ୍ ଖୋଲାଯିବ। ସମସ୍ତ ବରିଷ୍ଠ ନାଗରିକଙ୍କୁ ଆୟୁଷ୍ମାନ ଭାରତ ସ୍କିମରେ ୭୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ୫ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ଯୋଗାଇ ଦିଆଯିବ। ଟ୍ରାନ୍ସଜେଣ୍ଡରଙ୍କୁ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ କରାଯିବ। ପୂର୍ବ ଭାରତ, ଉତ୍ତର ଭାରତ ଓ ଦକ୍ଷିଣ ଭାରତ ପାଇଁ ତିନିଟି ବୁଲେଟ୍ ଟ୍ରେନ୍ ଚଳାଚଳ କରିବ। ମୁଦ୍ରା ଯୋଜନାରେ ବ୍ୟାଙ୍କ ଋଣକୁ ୧୦ଲକ୍ଷରୁ ୨୦ଲକ୍ଷ ଟଙ୍କାକୁ ବଢ଼ାଯିବ।



ଅନ୍ୟପକ୍ଷରେ ଏହି ଇସ୍ତାହାରକୁ କଂଗ୍ରେସ ନିଶାଣ କରିଛି। ଏଥିରେ ବେକାରୀ ଏବଂ ମୂଲ୍ୟବୃଦ୍ଧି ବିଷୟରେ କିଛି ଉଲ୍ଲେଖ ନାହିଁ ବୋଲି କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ କହିଛନ୍ତି। ସେହିପରି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି ଯେ ଯୁବଗୋଷ୍ଠୀ ଚାକିରି ଓ ରୋଜଗାର ଖୋଜୁଛନ୍ତି କିନ୍ତୁ ପାଉନାହାନ୍ତି। ଦରବୃଦ୍ଧିରେ ଲୋକେ ଅତିଷ୍ଠ ହେଲେଣି, ଗରିବ ଲୋକ ବଜାର ଯିବାକୁ ଡରୁଛି। ଏସବୁ ପ୍ରସଙ୍ଗରେ ବିଜେପି ଇସ୍ତାହାରରେ କିଛି ପଦକ୍ଷେପ ନିଆଯିବାର ପ୍ରତିଶ୍ରୁତି କାହିଁକି ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି।

### ଚେତୁନାହାନ୍ତି ମଧ୍ୟପ୍ରଦେଶ ସରକାର

## ୧୬୦ ଫୁଟ ବୋରୱେଲରେ ଖସି ଶିଶୁ ମୃତ

ଭୋପାଳ, ୧୪।୪ (ଏଜେନ୍ସି)

ମଧ୍ୟପ୍ରଦେଶରେ ବୋରୱେଲ୍‌ରେ ଶିଶୁ ପଡ଼ିବା ଘଟଣା ଥମିବାର ନା ଧରୁନି। ବାରମ୍ବାର ଏପରି ଘଟଣା ଘଟୁଥିଲେ ବି ସରକାର ଚେତୁନାହାନ୍ତି। ଏବେ ରେୱା ସହର ଅନ୍ତର୍ଗତ ମନିକା ଗ୍ରାମରେ ଏଭଳି ଏକ ଘଟଣା ଘଟିଛି। ୧୬୦ ଫୁଟର ଗଭୀର ବୋରୱେଲରେ ଫସି ଶିଶୁ ମୟଙ୍କ (୬)ର ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ ଶୁକ୍ରବାର ଉପରବେଳା ମୟଙ୍କ ବୋରୱେଲରେ ଖସି ପଡ଼ିଥିଲେ। ପରେ ଉଦ୍ଧାରକାର୍ଯ୍ୟରେ ଏସ୍‌ଡିଇଆରଏଫ ଏବଂ ଏନ୍‌ଡିଆରଏଫ ଟିମ୍‌କୁ ଲଗା ଯାଇଥିଲା। ତାଙ୍କୁ ଉଦ୍ଧାର କରିବା ପାଇଁ ପ୍ରାୟ ୪୫ ଘଣ୍ଟା ହେଲା ଅଭିଯାନ ଚାଲିଥିଲା। ସମାନ ଗଭୀରତାର ଏକ ସୁଡଙ୍ଗ କରି ବୋରୱେଲର ୪୨ ଫୁଟ ଭିତରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ମାଟି ପଥର ମଧ୍ୟରେ ଫସି ଯାଇଥିଲେ। ତାଙ୍କ ଶରୀର ଶିଥିଳ ହୋଇ ଯାଇଥିଲା। ଉଦ୍ଧାର ପରେ ମେଡିକାଲ ଟିମ୍ ତାଙ୍କୁ ନେଇ ଡାକ୍ତରଖାନାରେ ପହଞ୍ଚି ଥିଲା। ସେଠାରେ ଡାକ୍ତର ମୟଙ୍କଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ଡ.ମୋହନ ଯାଦବ ଦୁଃଖ ପ୍ରକାଶ କରିଛନ୍ତି। ପୀଡ଼ିତ ପରିବାରକୁ ରେଡ୍‌କ୍ରସ ପକ୍ଷରୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଦିଆଯାଇଛି। ମୁଖ୍ୟମନ୍ତ୍ରୀ ତ୍ୟୋନ୍ଥାର ସିଇଓ, ପିଏଚଇ ଏବଂ ଏସ୍‌ଡିଓକୁ ନିଲମ୍ବିତ କରିଦେଇଛନ୍ତି।




## କାନାଡ଼ାରେ ଭାରତୀୟ ଛାତ୍ରଙ୍କୁ ହତ୍ୟା



ଓଟାୱା, ୧୪।୪ (ଏଜେନ୍ସି): ଆମେରିକା ପରେ କାନାଡ଼ା ଭ୍ୟାଙ୍କୁଭରରେ ଭାରତୀୟ ଛାତ୍ର ଚିରାଗ ଅନ୍ତିଲ (୨୪)ଙ୍କୁ ହତ୍ୟା କରାଯାଇଛି। ପୁଲିସ ସୂଚନା ଅନୁଯାୟୀ କାର୍‌ରେ ବସିଥିବାବେଳେ ତାଙ୍କ ଉପରେ ଗୁଳିମାଡ଼ କରାଯାଇଛି। ପଡୋଶୀ ଏହାର ଶବ୍ଦ ଶୁଣିବାକୁ ପାଇଛନ୍ତି। ପରେ ପୁଲିସ କାର୍‌କୁ ତାଙ୍କ ମୃତଦେହ ଉଦ୍ଧାର କରିଛି। ଏ ପର୍ଯ୍ୟନ୍ତ ଏହି ମାମଲାରେ କାହାକୁ ଗିରଫ କରାଯାଇନାହିଁ। ଚିରାଗଙ୍କ ପରିବାର ହରିୟାଣା ସୋନିପତର ବାସିନ୍ଦା। ତାଙ୍କ ମୃତଦେହକୁ ଭାରତ ଆଣିବା ପାଇଁ ପରିବାର ଲୋକ କ୍ରାଉଡ ଫଣ୍ଡିଂ ମାଧ୍ୟମରେ ପାଣ୍ଠି ସଂଗ୍ରହ କରୁଛନ୍ତି। ସେମାନେ ଚିରାଗର ମୃତଦେହ ଭାରତ ପଠାଇବା ପାଇଁ କାନାଡ଼ା ସରକାରଙ୍କୁ ଅନୁରୋଧ କରିଛନ୍ତି। ସୂଚନା ଅନୁଯାୟୀ ଚିରାଗ ୨ ବର୍ଷ ତଳେ ୨୦୨୨ରେ ପଢ଼ିବା ପାଇଁ କାନାଡ଼ା ଯାଇଥିଲେ। ସେ ନିକଟରେ ଏକ ୟୁନିଭର୍ସିଟିରୁ ଏମ୍‌ବିଏ ଶେଷ କରିଥିଲେ। ଏହା ପରେ ତାଙ୍କୁ କାର୍ଯ୍ୟ କରିବା ପାଇଁ ମଧ୍ୟ ଅନୁମତି ମିଳି ଯାଇଥିଲା।

● ଜୁନ୍ ୨୯ରୁ ବାର୍ଷିକ ଅମରନାଥ ଯାତ୍ରା

## ଆଜିଠାରୁ ପଞ୍ଜିକରଣ ଆରମ୍ଭ

ଶ୍ରୀନଗର,୧୪।୪(ଏଜେନ୍ସି): ଚଳିତ ବର୍ଷ ଜୁନ୍ ୨୯ରୁ ଅଗଷ୍ଟ ୧୯ ଯାଏଁ ୫୨ ଦିନ ଧରି ଶ୍ରଦ୍ଧାଳୁ, ଭକ୍ତ ଓ ତୀର୍ଥଯାତ୍ରୀଙ୍କୁ ଅମରନାଥ ଯାତ୍ରାର ସୁଯୋଗ ମିଳିବ। ତୀର୍ଥଯାତ୍ରୀଙ୍କ ପାଇଁ ନାମ ପଞ୍ଜିକରଣ ଆସନ୍ତା କାଲି ଏପ୍ରିଲ ୧୫ରୁ ଆରମ୍ଭ ହେବ। ଶ୍ରୀ ଅମରନାଥ ଧର୍ମପୀଠ ବୋର୍ଡ ପକ୍ଷରୁ ଆଜି ଏହି ସୂଚନା ଦିଆଯାଇଛି। ଶ୍ରୀନଗରରୁ ୧୪୧ କିଲୋମିଟର ଦୂରରେ ସମୁଦ୍ର ପତ୍ତନଠାରୁ ୧୨୭୫୬ ଫୁଟ ଉଚ୍ଚରେ ଥିବା ଲାଡାର ଉପତ୍ୟକାରେ ଅମରନାଥ ଗୁମ୍ଫା ଅବସ୍ଥିତ। ଅମରନାଥ ପୀଠରେ ପହଞ୍ଚିବାକୁ ତୀର୍ଥଯାତ୍ରୀମାନେ ଦୁଇଟି ଚଲା ବାଟ ବ୍ୟବହାର କରିଥାନ୍ତି। ୪୮ କିଲୋମିଟରର ପ୍ରଥମ ଚଲାବାଟଟି ଅନନ୍ତନାଗ ଜିଲ୍ଲାର ନୁନୱାନଠାରୁ ଆରମ୍ଭ ହୋଇ ପହେଲଗାଁଓ ଯାଏଁ ରହିଛି। ୧୮ କିଲୋମିଟରର ଦ୍ୱିତୀୟ ଚଲାବାଟ ହେଉଛି ଗନ୍ଧରବାଲ ଜିଲ୍ଲାର ବଲଟାଲ ରୁଟ୍। ଏହି ଚଲାବାଟ ଲମ୍ବ ଦୃଷ୍ଟିରୁ କମ୍ ହୋଇଥିବା ବେଳେ ଉଠାଣି ଅତି ଉଚ୍ଚ ଓ ସିଧା ହୋଇଥିବାରୁ ଯାତ୍ରା ଅତି କଷ୍ଟକର ହୋଇଥାଏ। ଶ୍ରାବଣ ମାସରେ ଜୁଲାଇ-ଅଗଷ୍ଟ ବେଳେ ଅମରନାଥ ପୀଠରେ ଶ୍ରାବଣୀ ମେଳା ହୋଇଥାଏ। ଲକ୍ଷ ଲକ୍ଷ ସଂଖ୍ୟାରେ ଶ୍ରଦ୍ଧାଳୁ, ଭକ୍ତ ଓ ତୀର୍ଥଯାତ୍ରୀ ଏହି ସମୟରେ ଅମରନାଥ ପୀଠକୁ ଯାଇ ସକାଳ ଓ ସନ୍ଧ୍ୟା ଆରତି ଦେଖନ୍ତି, ଦେବଦର୍ଶନ ଓ ପୂଜାର୍ଚ୍ଚନା କରିଥାନ୍ତି। ଏହି ଯାତ୍ରା ବେଳେ କେନ୍ଦ୍ର ସରକାର ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଥାଏ। ତୀର୍ଥଯାତ୍ରୀମାନଙ୍କ ରହଣି, ଖାଦ୍ୟପେୟ, ଚିକିତ୍ସାର ବଡ଼ ତଥା ଉତ୍ତମ ବ୍ୟବସ୍ଥା କରାଯାଇଥାଏ।



### ଖାଦ୍ୟରେ ବିଷକ୍ରିୟା — ଜଣେ ମୃତ; ୭୫ ଅସୁସ୍ଥ

ମୁମ୍ବାଇ, ୧୪।୪ (ଏଜେନ୍ସି): ମହାରାଷ୍ଟ୍ର ଚନ୍ଦ୍ରପୁର ଜିଲ୍ଲାର ମାଜରି କୋଲିୟରିରେ ଖାଦ୍ୟରେ ବିଷକ୍ରିୟା ମାମଲା ସାମ୍ନାକୁ ଆସିଛି। ଏଥିରେ ଗୁରୁଫେମ ଯାଦବ ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ୭୫ ଜଣ ମଧ୍ୟ ଅସୁସ୍ଥ ହୋଇପଡିଛନ୍ତି। ଅଲଗା ଅଲଗା ହସ୍ପିଟାଲରେ ସମସ୍ତଙ୍କ ଚିକିତ୍ସା ଚାଲିଛି। ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ସୂଚନା ଅନୁଯାୟୀ ଶନିବାର ସନ୍ଧ୍ୟାରେ ପ୍ରାୟ ୪୦୦ ଲୋକ ଅଞ୍ଚଳରେ ଥିବା ଏକ ମନ୍ଦିରର ପ୍ରସାଦ ଖାଇଥିଲେ। ଏହା ପରେ ସେମାନଙ୍କ ଦେହ ଖରାପ ହେବାରେ ଲାଗିଥିଲା। ବାନ୍ତି ସହିତ ଝାଡ଼ା ହୋଇଥିଲା।

# ସଲ୍‌ମାନ ଖାନ୍‌ଙ୍କ ଘର ଉପରକୁ ଗୁଳିମାଡ଼

### ନିଜକୁ ଦାୟୀକଲା ଲରେନ୍ସ ଗ୍ୟାଙ୍ଗ

ମୁମ୍ବାଇ, ୧୪।୪ (ଏଜେନ୍ସି)

ଅଭିନେତା ସଲ୍‌ମାନ ଖାନଙ୍କ ବାନ୍ଦ୍ରା ସ୍ଥିତ ଗ୍ୟାଲେକ୍ସି ଆପାର୍ଟମେଣ୍ଟ ଉପରକୁ ରବିବାର ସକାଳ ୫ଟାରେ ୪ ରାଉଣ୍ଡ ଗୁଳି ମାଡ଼ କରାଯାଇଛି। ଏହି ସମୟରେ ଦବଙ୍ଗ ଖାନ୍ ଘରେ ରହିଥିଲେ। ଦୁଇ ଜଣ ଆକ୍ରମଣକାରୀ ବାଇକରେ ଆସି ଗୁଳିମାଡ଼ କରିଥିଲେ। ଏହି ଆକ୍ରମଣ ପାଇଁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ନିଜକୁ ଦାୟୀ କରିଛି। ପୂର୍ବରୁ ବିଷ୍ଣୋଇ-ଗୋଲ୍ଡି ବରାଡ଼ ଗ୍ୟାଙ୍ଗ ସଲ୍‌ମାନଙ୍କୁ ହତ୍ୟା ଧମକ ଦେଇଥିଲେ। ବିଷ୍ଣୋଇ ଗ୍ରୁପର ସଦସ୍ୟ ଅନମୋଲ ବିଷ୍ଣୋଇ ଏକ ପୋଷ୍ଟ ସେୟାର କରି ଆଗାମୀ ଦିନରେ ସଲ୍‌ମାନଙ୍କ ଉପରେ ଆକ୍ରମଣ ହୋଇପାରେ ବୋଲି କହିଛି। ତେବେ ପୁଲିସ ଏ ନେଇ କୌଣସି ସୂଚନା ଦେଇନାହିଁ। ପୁଲିସ ଏବଂ ଫରେନସିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହି ଆକ୍ରମଣକୁ ନେଇ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ସଲ୍‌ମାନଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି। ସେ ଅଭିନେତାଙ୍କ ସୁରକ୍ଷା ବୃଦ୍ଧି କରିବାକୁ ମୁମ୍ବାଇ ପୁଲିସ କମିଶନରଙ୍କୁ କହିଛନ୍ତି। ତାଙ୍କ ଘର ବାହାରର ସୁରକ୍ଷାକୁ କଡ଼ାକଡ଼ି କରିଦିଆଯାଇଛି। ମୁମ୍ବାଇ ପୁଲିସ ସୂତ୍ରରୁ ଜଣାପଡ଼ିଛି ଯେ ୭.୬ ବୋର୍‌ର ବନ୍ଧୁକରୁ ଗୁଳିମାଡ଼ କରାଯାଇଥିଲା। ଘଟଣାସ୍ଥଳରୁ ଫରେନସିକ ଟିମ୍‌କୁ ଏକ ଜୀବନ୍ତ ବୁଲେଟ ମିଳିଛି। ପୁଲିସ ଅଭିଯୁକ୍ତଙ୍କ ଏକ ବାଇକ ଜବତ କରିଛି। ଏବେ ଏହାର ତଦନ୍ତ ଜାରି ରହିଛି। ୨ ଆକ୍ରମଣକାରୀ ରାଜ୍ୟ ବାହାରର ହୋଇପାରନ୍ତି ବୋଲି ପୁଲିସ ଆଶଙ୍କା କରୁଛି। ଏମାନଙ୍କ ଉଚ୍ଚତା ୫ ଫୁଟ ୮ ଇଞ୍ଚ ହୋଇପାରେ। ସଲ୍‌ମାନଙ୍କ ଘର ବାହାରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ଯାଞ୍ଚ ଜାରି ରହିଛି।



### ଟିଏମ୍‌ସିର ଅଭିଯୋଗ — ଅଭିଷେକ ବାନାର୍ଜୀଙ୍କ ହେଲିକପ୍ଟରରେ ଯାଞ୍ଚ

କୋଲକାତା, ୧୪।୪ (ଏଜେନ୍ସି)

ଦେଶର ନିର୍ବାଚନୀ ପାଣିପାଗ ଦିନକୁ ଦିନ ସରଗରମ ହେବାରେ ଲାଗିଛି। ଏହା ମଧ୍ୟରେ ଟିଏମ୍‌ସି ବଡ଼ ଅଭିଯୋଗ ଲଗାଇଛି। ଦଳର ସାଧାରଣ ସମ୍ପାଦକ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କ ହେଲିକପ୍ଟରେ ଆୟକର ବିଭାଗ (ଆଇଟି) ଚଢ଼ଉ କରିଛି ବୋଲି କୁହାଯାଇଛି। କୋଲକାତାର ବେହାଲା ଫ୍ଲାଇଂ କ୍ଲବ୍‌ରେ ପହଞ୍ଚି ଆଇଟି ଟିମ୍ ହେଲିକପ୍ଟରର ତଲାସୀ ନେଇଛି। ଏଥିପାଇଁ ଟିଏମ୍‌ସି ବିଜେପିକୁ ଦାୟୀ କରିଛି। ବିଜେପି ବିରୋଧୀ ଦଳର ପ୍ରାର୍ଥୀଙ୍କୁ ଭୟଭୀତ କରିବା ପାଇଁ ଷଡ଼ଯନ୍ତ୍ର କରୁଛି। ହଇରାଣ କରିବା ପାଇଁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା କୁହାଯାଇଛି। ଏହି ଚଢ଼ଉରୁ କିଛି ମିଳି ନ ଥିଲା। ଏହା ପରେ ଅଧିକାରୀମାନେ ଭିତସ୍ତତ ହୋଇ ହେଲିକପ୍ଟର ଉଡ଼ିବାକୁ ଦେଇ ନ ଥିଲେ। ବାନାର୍ଜୀଙ୍କ ସୁରକ୍ଷା ଅଧିକାରୀ ଏହାର କାରଣ ପଚାରିବାରୁ ଉଭୟଙ୍କ ମଧ୍ୟରେ ବାକ୍‌ବିତଣ୍ଡା ହୋଇଥିଲା। ପରେ ହେଲିକପ୍ଟରକୁ ଜବତ କରିଦେବେ ବୋଲି ଅଧିକାରୀ ଧମକ ଦେଇଥିଲେ। ସେମାନେ ହେଲିକପ୍ଟରରେ ଥିବା ପ୍ରତ୍ୟେକ ବ୍ୟାଗ୍‌ର ତଲାସୀ ନେଇଥିଲେ। ପଶ୍ଚିମବଙ୍ଗ କଥା ଆସିଲେ ବିଜେପି ଥରହର ହେବାକୁ ଲାଗୁଛି। ସେମାନେ ପୁଣି କ୍ଷମତାକୁ ଆସିବା ପାଇଁ ବିରୋଧୀଙ୍କୁ ମୂଳପୋଛ କରିବାକୁ ଚାହୁଁଛନ୍ତି। ମାତ୍ର ଟିଏମ୍‌ସି କଡ଼ା ମୁକାବିଲା କରି ଦୃଢ଼ ଜବାବ ଦେବ। ଏହି କାର୍ଯ୍ୟାନୁଷ୍ଠାନରେ ଭୟଭୀତ ହୋଇ ଦଳ ପଛଘୁଞ୍ଚା ଦେବନାହିଁ।



### ଶୀଘ୍ର ଆସିବ ବିଜେଡିର ନିର୍ବାଚନୀ ଇସ୍ତାହାର

# ସୁସ୍ଥ, ସମୃଦ୍ଧ, ସଶକ୍ତ, ସମ ବିକାଶ ଓଡ଼ିଶା ଲକ୍ଷ୍ୟ

**ଭୁବନେଶ୍ୱର,୧୪।୪(ସମିସ):** ଶୀଘ୍ର ଆସିବ ବିଜେଡିର ନିର୍ବାଚନୀ ଇସ୍ତାହାର। ଏଥିପାଇଁ ରାଜ୍ୟବ୍ୟାପୀ ବିଭିନ୍ନ ବର୍ଗର ଲୋକ ମତାମତ ଦେଇଛନ୍ତି। ଗତକାଲି ଶଙ୍ଖ ଭବନରେ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଛି। ଏଥର ନିର୍ବାଚନୀ ଇସ୍ତାହାରରେ ଛାତ୍ର ଓ ଯୁବକଙ୍କୁ ବିଜେଡି ପ୍ରାଥମିକତା ଦେବାର ସମ୍ଭାବନା ଯଥେଷ୍ଟ ଅଧିକ। ସେହିପରି ସମାଜର ଅନ୍ୟ ବର୍ଗଙ୍କୁ ଇସ୍ତାହାରରେ ସ୍ଥାନ ମିଳିବା ନେଇ ଚର୍ଚ୍ଚା ହେଉଛି। ଚାଷୀ, ମହିଳା ବର୍ଗ ବିଜେଡି ଫୋକସରେ ରହିଛନ୍ତି। ଲୋକଙ୍କ ମୌଳିକ ଆବଶ୍ୟକତାକୁ ଫୋକସ ଦିଆଯାଇଥିବାବେଳେ ସେଥିରେ ରହିବ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶର ଗ୍ୟାରେଣ୍ଟି। କୁହାଯାଉଛି ଏଥର ବି ଦଳର ନିର୍ବାଚନୀ ଇସ୍ତାହାରରେ ସବୁ ବର୍ଗକୁ ପ୍ରାଧାନ୍ୟ ଦେବ। ଖାସ୍ କରି ଛାତ୍ର ଇସ୍ତାହାର ଓ ଯୁବ ବଜେଟକୁ ଗୁରୁତ୍ୱ ଦେବ ବିଜୁ ଜନତା ଦଳ। ଛାତ୍ର ଓ ଯୁବ ସମାଜର ଭବିଷ୍ୟତ ଗଢିବାରେ ଏସବୁ ସହାୟକ ହେବ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହି ଆସୁଛନ୍ତି, ଆଗାମୀ ୧୦ ବର୍ଷ ଯୁବ ବର୍ଗଙ୍କର ହେବ। ନବୀନ ଓଡ଼ିଶା, ସଶକ୍ତ ଓଡ଼ିଶା ନିର୍ମାଣକୁ ଆମର ଯୁବ ଓ ଛାତ୍ର ସମାଜ ହିଁ ସାକାର କରିପାରିବେ। ନବୀନ ଓଡ଼ିଶା, ସଶକ୍ତ ଓଡ଼ିଶାର ମୂଳଦୁଆ ସ୍ୱରୂପ ସରକାର ଏବେ ଠାରୁ ଯୁବ ଓ ଛାତ୍ର ସମାଜକୁ ଲକ୍ଷ୍ୟରେ ରଖି କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଅପରପକ୍ଷେ ସମାଜର ସବୁ କ୍ଷେତ୍ରର ଜନତାଙ୍କ ସୁଖ ସୁବିଧା ଚିନ୍ତା କରୁଥିବା ରାଜ୍ୟ ସରକାର ନିର୍ବାଚନୀ ଇସ୍ତାହାରରେ ବିଶେଷ ଗୁରୁତ୍ୱ ଦେବେ ବୋଲି ଆଶା କରାଯାଉଛି। ସୂଚନା ଅନୁସାରେ ଛାତ୍ର ଇସ୍ତାହାରରେ କ'ଣ ରହିବ, ସେ ନେଇ ବିଭିନ୍ନ ଜିଲ୍ଲାରୁ ଛାତ୍ରଛାତ୍ରୀଙ୍କ ମତାମତ ଅଣାଯାଇଛି। ସେହିପରି କୃଷି ବଜେଟ ପରି ଯୁବ ବଜେଟ ଆଣାଯିବ। ଦକ୍ଷତା ବିକାଶ ସହ ଯୁବକଙ୍କୁ ରୋଜଗାରକ୍ଷମ କରିବା ଲକ୍ଷ୍ୟ ନେଇ ଏହି ବଜେଟ ପ୍ରସ୍ତୁତ କରାଯିବ। ଷଷ୍ଠ ଥର ମୁଖ୍ୟମନ୍ତ୍ରୀ ହେବା ପରେ ପ୍ରଥମ କ୍ୟାବିନେଟରେ ହିଁ ଛାତ୍ର ଇସ୍ତାହାର ଓ ଯୁବ ବଜେଟ ଉପରେ ମୋହର ମାରିବେ ନବୀନ। ସାଂସଦ ଚନ୍ଦ୍ରଶେଖର ସାହୁଙ୍କ ଅଧ୍ୟକ୍ଷତାରେ ଗଠନ ହୋଇଥିବା ବିଜେଡିର ୩୮ ଜଣିଆ ନିର୍ବାଚନ ଇସ୍ତାହାର କମିଟି କାମ ଆରମ୍ଭ କରି ଦେଇଛି। ଏ ସମସ୍ତ ନେତା ସମାଜର ବିଭିନ୍ନ କ୍ଷେତ୍ର, ବିଭିନ୍ନ ଅଞ୍ଚଳ, ବିଭିନ୍ନ ବର୍ଗର ଲୋକଙ୍କ ମତାମତ ନେଇ ନବୀନ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ପାଇଁ ଆଲୋଚନା କରି ଦଳୀୟ ଇସ୍ତାହାର ପ୍ରସ୍ତୁତ କରୁଛନ୍ତି। bjdmanifesto2024@gmail.com ଜରିଆରେ ଇସ୍ତାହାର ପାଇଁ ମତାମତ ଆସିବାରେ ଲାଗିଲାଣି। ଇସ୍ତାହାର କମିଟିର ପରବର୍ତ୍ତି ବୈଠକରେ ଏସବୁ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ବିଧିବଦ୍ଧ ନିଷ୍ପତ୍ତି ହେବ। ଚୂଡ଼ାନ୍ତ ରୂପରେଖରେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋହର ମାରିବେ। ସେପଟେ ଦିନକୁ ଦିନ ବିଜେଡିର ସମର୍ଥନ ବଢିବାରେ ଲାଗୁଛି। ମସଜିଦ୍ ଓ ଚର୍ଚ୍ଚର ବିକାଶ ସହ କବରସ୍ଥାନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାଗଣା ଜମି ପ୍ରଦାନ କରିଛନ୍ତି। ବିଭିନ୍ନ ସଂଖ୍ୟାଲଘୁ ସଂପ୍ରଦାୟ ଦୈନିକ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରୁଛନ୍ତି। ସମ ବିକାଶ ଓ ଧର୍ମ ନିରପେକ୍ଷ ରାଜନୀତି ହେଉଛି ନବୀନ ମନ୍ତ୍ର। ସମସ୍ତଙ୍କୁ ନେଇ ଦୁଇ ଦଶନ୍ଧିରୁ ଅଧିକ କାଳ ରାଜ୍ୟର ବିକାଶରେ ଲାଗି ପଡ଼ିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ରାଜ୍ୟରେ ଗତ ୫ ବର୍ଷରେ ହୋଇଥିବା ଅଭୂତପୂର୍ବ ୫-ଟି ରୂପାନ୍ତରଣ ସବୁ ବର୍ଗର ଲୋକଙ୍କୁ ଛୁଇଁଛି। ରାସ୍ତାରୁ ନେଇ ଧାର୍ମିକ ଅନୁଷ୍ଠାନ, ବିଦ୍ୟାଳୟରୁ ନେଇ ଶିକ୍ଷାନୁଷ୍ଠାନ ପର୍ଯ୍ୟନ୍ତ, ଖେଳ ପଡିଆରୁ ନେଇ ମୌଳିକ ଭିତ୍ତିଭୂମି ପର୍ଯ୍ୟନ୍ତ ସବୁଠି ବିକାଶର ବାର୍ତ୍ତା ସ୍ପଷ୍ଟ ଦୃଶ୍ୟମାନ। ୨୦୩୬ରେ ସ୍ୱତନ୍ତ୍ର ରାଜ୍ୟ ଗଠନର ୧୦୦ ବର୍ଷ ପୂର୍ତ୍ତି ସୁଦ୍ଧା ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ଲାଗି ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ବାସ୍ତବ ରୂପ ପାଉଛି। ଏସବୁ ଦୃଷ୍ଟିରୁ ଚଳିତ ନିର୍ବାଚନ ପାଇଁ ବିଜେଡିର ଇସ୍ତାହାର ବିକାଶର ନୂଆ ପଥ ଉନ୍ମୁକ୍ତ କରିବ ବୋଲି କୁହାଯାଉଛି।

- ସାଧାରଣ ଲୋକଙ୍କ ମତ ଆଧାରରେ ପ୍ରସ୍ତୁତ ହେବ ଇସ୍ତାହାର
- ଯୁବ ବର୍ଗଙ୍କ ପାଇଁ ହୋଇପାରେ ସ୍ୱତନ୍ତ୍ର 'ଯୁବ ବଜେଟ୍'
- ଯୁବ, କୃଷକ ଓ ମହିଳାଙ୍କ ସହ ସବୁ ବର୍ଗକୁ ମିଳିବ ଗୁରୁତ୍ୱ
- ଭିଜନ୍-୨୦୩୬ ନେଇ କାର୍ଯ୍ୟ କରୁଛି ବିଜୁ ଜନତା ଦଳ

### ଚାଳକଙ୍କ ଆଖି ଲାଗିଗଲା

## ଡିଭାଇଡର୍‌ରେ ପିଟି ହେଲା କାର୍; ବାପ-ଝିଅ ମୃତ

**ବାରିକପୁର/ଭଣ୍ଡାରିପୋଖରୀ/ମଞ୍ଜୁରୀରୋଡ, ୧୪।୪ (ସମିସ):** ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଯଶୋଟିକିରି ହାଇସ୍କୁଲ ଛକ ନିକଟରେ ରବିବାର ମଧ୍ୟାହ୍ନ ସାଢ଼େ ୧୨ଟା ବେଳେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି। ରାଜପଥ ଡିଭାଇଡର୍‌କୁ ଏକ କାର୍ ଧକ୍କା ଦେବାରୁ ସେଥିରେ ଥିବା ବାପା-ଝିଅଙ୍କ ମୃତ୍ୟୁ ହୋଇଥିବା ବେଳେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ପଶ୍ଚିମବଙ୍ଗ ମେଦିନପୁର ଜିଲ୍ଲା ଆସାନସୋଲ ଅଞ୍ଚଳର ଶୁଭାଶିଷ ଗାଙ୍ଗୁଲି ସପରିବାରେ ଗୋଆରୁ ପୁରୀ ହୋଇ ଖଡ଼ଗପୁର ଫେରୁଥିବା ବେଳେ ଏହି ଦୁର୍ଘଟଣାର ଶିକାର ହୋଇଥିଲେ।



ଏକ କାର୍‌ରେ ଶୁଭାଶିଷ(୩୮), ପତ୍ନୀ ଅର୍ପିତା(୩୨), କନ୍ୟା କୋଏଲ(୪), ଶ୍ୱଶୁର ନିମାଇଁ ଗାଙ୍ଗୁଲି(୬୭)ଓ ଶାଶୂ ରାକ୍ଷୀ(୬୨) ଗୋଆରୁ ଫେରି ପୁରୀରେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ସେଠାରୁ ସେମାନେ ଖଡ଼ଗପୁର ଫେରୁଥିଲେ। ତେବେ ଯଶୋଟିକିରି ନିକଟରେ କାର୍ ଚାଳକ ଶୁଭାଶିଷଙ୍କ ଆଖି ଲାଗିଯିବାରୁ ଦ୍ରୁତଗାମୀ କାରଟି ବାମପାର୍ଶ୍ୱ ଲୁହାବାଡ଼ରେ ପିଟି ହୋଇ ଚଢ଼ି ଯାଇଥିଲା। ଦୁର୍ଘଟଣାରେ କାର୍‌ଟି ଚୂରମାର୍ ହୋଇଯାଇଥିଲା। ସ୍ଥାନୀୟ ଲୋକେ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ୫ଜଣ ଯାତ୍ରୀଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଭଦ୍ରକ ପଠାଇଥିଲେ। ସେଠାରେ ଶୁଭାଶିଷ ଓ ଶିଶୁକନ୍ୟା କୋଏଲକୁ ଡାକ୍ତର ମୃତ ଘୋଷଣା କରିଥିଲେ। ଆହତମାନେ ଗୁରୁତର ଅବସ୍ଥାରେ ଭଦ୍ରକରେ ଚିକିତ୍ସିତ ହେଉଛନ୍ତି। ପୁଲିସ ଦୁର୍ଘଟଣାଗ୍ରସ୍ତ କାରକୁ ଜବତ କରି ତଦନ୍ତ ଚଳାଇଛି।

## ଦୁର୍ଘଟଣାରେ ବ୍ୟାଡମିଣ୍ଟନ ଖେଳାଳିଙ୍କ ମୃତ୍ୟୁ

**ବାରିପଦା, ୧୪।୪(ସମିସ):** ବାରିପଦାର ବିଶିଷ୍ଟ ବ୍ୟାଡମିଣ୍ଟନ୍ ତଥା ଯୁବ ବ୍ୟବସାୟୀ ପ୍ରଣବ ମହାନ୍ତି ଓରଫ ଟିଟୁ (୪୩)ଙ୍କ ଏକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଭଞ୍ଜପୁର ଥାନା ଅନ୍ତର୍ଗତ ଜୁବୁଲି ପେଟ୍ରୋଲ ପମ୍ପ ନିକଟରେ ଜାତୀୟ ରାଜପଥ ୧୮ ନଂ.ରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଶନିବାର ରାତିରେ ସେ ଏକ ସ୍କୁଟି ଯୋଗେ ଯାଉଥିବା ବେଳେ ଗାଡ଼ିଟି ତାଙ୍କୁ ଧକ୍କା ଦେଇଥିଲା। ସେ ରାସ୍ତାରେ ପଡ଼ିଯାଇଥିଲେ ଏବଂ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରି ବାରିପଦା ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଉଥିଲା। ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ରବିବାର ଶବ ବ୍ୟବଚ୍ଛେଦ ହେବା ପରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ବିୟୋଗରେ ବ୍ୟାଡମିଣ୍ଟନ ସଂଘ, ଇନଡୋର୍ ବ୍ୟାଡମିଣ୍ଟନ ଖେଳାଳି, ବ୍ୟବସାୟୀ ସଂଘ ସମେତ ବିଭିନ୍ନ ମହଲରେ ଶୋକବ୍ୟକ୍ତ କରାଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷଦର୍ଶନ କରିଥିଲେ।

### କାଳ ହେଲା ମଦ ନିଶା

## ପୁଅକୁ ପିଟିପିଟି ମାରିଦେଲା ମାଆ !

**ମାଲକାନଗିରି,୧୪।୪(ସମିସ):** ପୁଣି ମଦ ନିଶା ନେଲା କୋମଳମତି ଶିଶୁର ଜୀବନ। ମଦ ନିଶାର ବଶବର୍ତ୍ତୀ ମାଆ ନିଜ ଶିଶୁର ଜୀବନ ନେଇଛି। ଏମିତି ଏକ ଅଭାବନୀୟ ଘଟଣା ଘଟିଛି ମାଲକାନଗିରି ଜିଲ୍ଲା କାଲିମେଳା ଥାନାସ୍ଥ ତୁମ୍ବାଗୁଡ଼ା ଗ୍ରାମରେ। ସୂଚନା ଅନୁଯାୟୀ, ତୁମ୍ବାଗୁଡ଼ା ଗ୍ରାମର ମୁକା ପଡ଼ିଆମୀ(୪୬)ଙ୍କ ପତ୍ନୀ ୱାଗି ପଡ଼ିଆମୀ (୩୫) ଅତ୍ୟଧିକ ମଦ୍ୟପାନ କରି ନିଜ ପୁଅ ରୋହିତ ପଡ଼ିଆମୀ(୮)କୁ ରାଗିଯାଇ ନିସ୍ତୁକ ମାଡ଼ ମାରିଥିଲେ। ଏଥିରେ ତା'ର ମୃତ୍ୟୁ ହୋଇଯାଇଥିଲା।

ମୁକା ପଡ଼ିଆମୀଙ୍କ କହିବା ଅନୁଯାୟୀ, ରୋହିତ ଖଜା ଖାଇବା ପାଇଁ ୱାଗିକୁ ଟଙ୍କା ମାଗିଥିଲା। ହେଲେ ୱାଗି ଟଙ୍କା ନଦେଇ ମଦ ପିଇବାକୁ ପଳାଇଥିଲା। ପରେ ରୋହିତ ସମସ୍ତଙ୍କର ଅଜାଣତରେ ଘରେ ଥିବା ଟଙ୍କା ନେଇ ଦୋକାନରୁ ଖଜା କିଣି ଖାଇଥିଲା। ୱାଗି ରାତିରେ ଅତ୍ୟଧିକ ମଦ ପିଇ ଘରକୁ ଫେରିବା ପରେ ଟଙ୍କା ନ ପାଇବାରୁ ରୋହିତକୁ ନିସ୍ତୁକ ମାଡ଼ ମାରିଥିଲା। ମୁକା ବିରୋଧ କରିଥିଲେ ହେଁ ସେ ଶୁଣିବା ଅବସ୍ଥାରେ ନଥିଲା। ତେବେ ରୋହିତ ଚେତାଶୂନ୍ୟ ହୋଇଯିବା ପରେ ୱାଗି ଘରେ ଶୋଇପଡ଼ିଥିଲା। କିନ୍ତୁ ସକାଳୁ ଉଠିବା ବେଳକୁ ରୋହିତ ଦେହରେ ଜୀବନ ନଥିଲା। ଏହି ଘଟଣା ପ୍ରଘଟ ହେବା ପରେ ଗ୍ରାମର ୱାର୍ଡ ମେମ୍ବର ଲାକା ମାଡ଼କାମୀ ଥାନାରେ ଅଭିଯୋଗ କରିଥିଲେ। କୋରାପୁଟ ସାଇଣ୍ଟିଫିକ୍ ଟିମ୍ ସହ କାଲିମେଳା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ତଦନ୍ତ ଆରମ୍ଭ କିରଛି। ଏ ସମ୍ପର୍କରେ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୁଲିସ ଅଭିଯୁକ୍ତ ମା' ୱାଗି ପଡ଼ିଆମୀକୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛନ୍ତି। ବିଶେଷ ସୂତ୍ରରୁ ଜଣାପଡ଼ିଛି କି, ୱାଗି ପଡ଼ିଆମୀ ନିଶାଗ୍ରସ୍ତ ହୋଇ ଗତ୬ ବର୍ଷ ପୂର୍ବେ ତାଙ୍କର ଏକ ୧୫ ଦିନର ଶିଶୁ କନ୍ୟାକୁ ହାତରୁ ଖସାଇ ଦେଇଥିଲା। ସେଥିରେ କନ୍ୟା ସନ୍ତାନଟିର ମୃତ୍ୟୁ ଘଟିଥିଲା।

## ଆଶା, ଅଙ୍ଗନବାଡ଼ି ଓ ମିଶନ ଶକ୍ତି ମହିଳାଙ୍କୁ ଧମକାଉଛି ବିଜେପି

### କଠୋର କାର୍ଯ୍ୟାନୁଷ୍ଠାନ ଦାବିରେ ସିଇଓଙ୍କୁ ଫେରାଦ ହେଲା ବିଜେଡି

**ଭୁବନେଶ୍ୱର, ୧୪।୪(ସମିସ):** ଆଶା, ଅଙ୍ଗନବାଡ଼ି କର୍ମୀ ଓ ମିଶନ ଶକ୍ତି ମହିଳାମାନଙ୍କୁ ଧମକାଉଛନ୍ତି ବିଜେପି ନେତା ଓ ପ୍ରାର୍ଥୀ। ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ଏହି ମହିଳାମାନଙ୍କୁ ମିଥ୍ୟା ଦୋଷାରୋପ କରୁଛନ୍ତି। ରାଜନୈତିକ ଭାବେ ଚରିତ୍ର ସଂହାର କରିବା ସହ ଅପବାଦ ଦେଉଛନ୍ତି। ଭୟଭୀତ ଓ ହଇରାଣ କରି ସେମାନଙ୍କୁ ମାନସିକ ଅଶାନ୍ତି ପ୍ରଦାନ କରୁଛନ୍ତି। ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା କରିବାକୁ ନିର୍ବାଚନ କମିଶନ ପ୍ରସ୍ତୁତିରେ ବିଜେପି ନେତାଙ୍କ ଏଭଳି ଆଭିମୁଖ୍ୟ ପ୍ରତିବନ୍ଧକ ସାଜିଛି। ତେଣୁ ଏପରି ନେତାଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଦାବିପତ୍ର ପ୍ରଦାନ କରିଛି ବିଜୁ ଜନତା ଦଳ।

ରାଜ୍ୟରେ କାର୍ଯ୍ୟରତ ଆଶା, ଅଙ୍ଗନବାଡ଼ି କର୍ମୀ ଓ ମିଶନ ଶକ୍ତି ମହିଳାମାନେ ଚଳିତ ସାଧାରଣ ନିର୍ବାଚନରେ ବିଜେପିକୁ ସମର୍ଥନ କରିବା ପାଇଁ ବିଜେପି ନେତା ଓ ପ୍ରାର୍ଥୀମାନେ ବାଧ୍ୟ କରୁଛନ୍ତି। ତାଙ୍କ କଥାରେ ରାଜି ନ ହେଲେ ଚାକିରିରୁ ବରଖାସ୍ତ କରିବାକୁ ଧମକ ଦେବା ସହ ଦମନ କରିବାକୁ ପ୍ରୟାସ କରୁଛନ୍ତି। ନିର୍ବାଚନ ପ୍ରକ୍ରିୟାକୁ ଏପଟସେପଟ କରିବାକୁ ପ୍ରୟାସ କରୁଛନ୍ତି। ଏହା କାର୍ଯ୍ୟରତ ମହିଳାଙ୍କ ଅଧିକାରର ଖୋଲା ଉଲଙ୍ଘନ। ରାଜ୍ୟରେ ସ୍ୱାସ୍ଥ୍ୟ, ଶିଶୁ ବିକାଶ ଓ ମହିଳା ସଶକ୍ତୀକରଣ ପାଇଁ କାର୍ଯ୍ୟକରୁଥିବା ମହିଳା କର୍ମଚାରୀଙ୍କ ପାଇଁ ଏହା ଉଦ୍‌ବେଗଜନକ ସ୍ଥିତି ସୃଷ୍ଟି କରିଛି। ତାଙ୍କୁ ଚାପରେ ରଖିବାକୁ ବିଜେପି ନେତାଙ୍କ ଏହା ଏକ ରଣନୀତି ବୋଲି ବିଜେଡି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛି।

ଦଳ ପକ୍ଷରୁ କୁହାଯାଇଛି ଯେ ଗତ କିଛି ଦିନ ହେଲା ବିଜେପି ନେତା ଓ ପ୍ରାର୍ଥୀମାନେ ରାଜ୍ୟର ତୃଣମୂଳସ୍ତରର ମହିଳାଙ୍କୁ ଟାର୍ଗେଟ କରିବା ପାଇଁ ସୁଚିନ୍ତିତ ରଣନୀତି ପ୍ରସ୍ତୁତ କରିଛନ୍ତି। ଆଶା, ଅଙ୍ଗନବାଡ଼ି କର୍ମୀ ଓ ମିଶନ ଶକ୍ତି ମହିଳାଙ୍କୁ ମିଥ୍ୟା ଅପବାଦ ଦେବା ସହ ଚରିତ୍ର ସଂହାର କରୁଛନ୍ତି। ସାଧାରଣରେ ସେମାନଙ୍କ ମର୍ଯ୍ୟାଦାହାନୀ ହେବା ପରି ମନ୍ତବ୍ୟ ଦେଉଛନ୍ତି। କିଛି ବିଜେପି ନେତା ସେମାନଙ୍କୁ ଆକ୍ଷେପ କରୁଛନ୍ତି। ଯାହା ସେମାନଙ୍କୁ ମାନସିକ ଅଶାନ୍ତି ଦେଉଛି। ନିର୍ବାଚନରେ ବିଜେପିକୁ ସମର୍ଥନ କରିବାକୁ ଅନୈତିକ ଭାବେ ପ୍ରଭାବ ପକାଉଛନ୍ତି। ଅନ୍ୟଥା ଏହାର ଫଳ ଭୋଗିବାକୁ କହୁଛନ୍ତି। ଯାହା ମୁକ୍ତ ଓ ଅବାଧ ନିର୍ବାଚନ ପରିଚାଳନାର ପରିପନ୍ଥୀ। ବିଜେପି ନେତାମାନେ ମହିଳାଙ୍କ ସମ୍ମାନ ଓ ମର୍ଯ୍ୟାଦାହାନୀ କରିବା ସହ ଆଦର୍ଶ ଆଚରଣ ବିଧିର ଖୋଲା ଉଲଂଘନ କରୁଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଏହାସହ ଏହି ସମସ୍ତ ମହିଳା ସେମାନଙ୍କ ଦାୟିତ୍ୱକୁ ଭୟମୁକ୍ତ ଭାବେ ସମ୍ପାଦନ କରିବାପାଇଁ ସୁରକ୍ଷା ଯୋଗାଇଦେବାକୁ ବିଜେଡି ଦାବି କରିଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଯାଇଥିବା ବିଜେଡି ପ୍ରତିନିଧି ମଣ୍ଡଳୀରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ଡ଼. ସସ୍ମିତ ପାତ୍ର, ଡ. ପ୍ରିୟବ୍ରତ ମାଝୀ, ଲେଲିନ ମହାନ୍ତି, ତୁମ୍ବନାଥ ପଣ୍ଡା, ସ୍ୱର୍ଣ୍ଣ ପ୍ରକାଶ ମହାପାତ୍ର, ଇପ୍ସିତା ସାହୁ, ସେଫିଆ ଆଲାମ୍, ଓମ୍ ପ୍ରକାଶ ସାହୁ, ମାହିକ୍ଷୀତା ମିଶ୍ର, ମଧୁସ୍ମିତା ନାୟକ ପ୍ରମୁଖ ସାମିଲ ଥିଲେ।



- ଭୟମୁକ୍ତ, ଚାପମୁକ୍ତ କର୍ତ୍ତବ୍ୟ ସମ୍ପାଦନ ପାଇଁ ସୁରକ୍ଷା ପ୍ରଦାନ ଦାବି
- ମହିଳାଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ ନିଆଯାଉ ଆବଶ୍ୟକ ପଦକ୍ଷେପ

### ବିଜେପିର ପ୍ରାର୍ଥୀ ଖୋଜା ଅଭିଯାନକୁ ବିଜେଡିର ଉପହାସ

## ନିର୍ବାଚନ ଲଢ଼ିବାକୁ ପ୍ରାର୍ଥୀ ପାଉନାହିଁ ରାଜ୍ୟ ବିଜେପି

ଭୁବନେଶ୍ୱର, ୧୪।୪(ସମିସ): ନିର୍ବାଚନ ଲଢ଼ିବା ପାଇଁ ଓଡ଼ିଶା ବିଜେପି ନିକଟରେ ପ୍ରାର୍ଥୀ ନାହାନ୍ତି। ଯେଉଁମାନଙ୍କୁ ଟିକଟ ଦିଆଯାଇଛି ସେମାନେ ନିର୍ବାଚନ ଲଢ଼ିବା ପାଇଁ ପଛଘୁଞ୍ଚା ଦେଉଛନ୍ତି। ଚାରି ଆଡ଼େ ଦଳୀୟ କନ୍ଦଳ ଲାଗି ରହିଛି; କିନ୍ତୁ ରାଜ୍ୟ ବିଜେପି ନେତାଙ୍କ ମୁହଁ ଫୁଟାଣି ଯାଉନାହିଁ। ଏପରି ଢ଼ଙ୍ଗରେ ବିଜେପିକୁ ଉପହାସ କରିଛି ବିଜେଡି।



ଦଳର ମୁଖପାତ୍ର ଇପ୍ସିତା ସାହୁ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ କହିଛନ୍ତି ଯେ ନିର୍ବାଚନ ଆସି ମୁଣ୍ଡ ଉପରେ ହେଲାଣି; କିନ୍ତୁ ରାଜ୍ୟ ବିଜେପିର ପ୍ରାର୍ଥୀ ଖୋଜା ସରୁ ନାହିଁ। ବରିଷ୍ଠ ନେତାମାନେ ପ୍ରାର୍ଥୀ ଖୋଜା ଅଭିଯାନ ଚଳାଇଛନ୍ତି ଯେ ସରିବାର ନାଁ ଧରୁନି। ଗତ ୧୦ ତାରିଖରୁ ଦଳୀୟ ନେତା କହୁଛନ୍ତି ଆଜି ତାଲିକା ଆସିବ, ୨/୩ ଦିନ ଭିତରେ ପ୍ରାର୍ଥୀ ତାଲିକା ଆସିଯିବ। କିନ୍ତୁ ତାଲିକାର ଦେଖା ମିଳୁନାହିଁ। ଏସବୁ ଗୋଳମାଳିଆ କଥା ଦେଖି ଲାଗୁଛି ସବୁ ଆସନ ପାଇଁ ବିଜେପି ପାଖରେ ପ୍ରାର୍ଥୀ ନାହାନ୍ତି। ଯାହାକୁ ଯେଉଁଠୁ ପାରିଲେ ତୁରନ୍ତ ଆଣି ଦଳରେ ସିନା ସାମିଲ କରିଦେଲେ, ହେଲେ ସେମାନେ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବାକୁ ରାଜି ହେଉ ନାହାନ୍ତି। ରାଜ୍ୟ ବିଜେପିର ସ୍ଥିତି ଦେଖି ପରାଜୟ ସୁନିଶ୍ଚିତ ବୋଲି ଜାଣି ସାରିଲେଣି। ସେହି ଭୟରେ ବିଜେଡି ପ୍ରାର୍ଥୀଙ୍କୁ ସାମ୍ନା କରିବାକୁ ଅସମର୍ଥ ଥିବା ବିଜେପି ନେତାମାନେ ନିଜ ଦଳର ଶୀର୍ଷ ନେତୃତ୍ୱଙ୍କୁ ଜଣାଇ ସାରିଲେଣି। ଏପରି ସ୍ଥିତିରେ ବିଜେଡିକୁ ସାମ୍ନା କରିବାକୁ ରାଜ୍ୟ ବିଜେପି ନେତାମାନେ ସାହସ ଜୁଟାଇ ପାରୁନାହାନ୍ତି। ଅନ୍ତତଃ ନାମାଙ୍କନ ଦାଖଲ ପୂର୍ବରୁ ଓଡ଼ିଶା ବିଜେପି ନିଜର ପ୍ରାର୍ଥୀ ତାଲିକା ଘୋଷଣା କରିବାକୁ ସକ୍ଷମ ହେବେ ବୋଲି କଟାକ୍ଷ କରିଛନ୍ତି ଇପ୍ସିତା।

ଏହା ପୂର୍ବରୁ ମଧ ପ୍ରାର୍ଥୀ ତାଲିକା ପ୍ରକାଶ କରିବାରେ ବିଳମ୍ବକୁ ନେଇ ସମାଲୋଚନା କରିଥିଲା ବିଜେଡି। କିଛି ଦିନ ପୂର୍ବେ ବିଜେଡି ରାଜ୍ୟସଭା ସାଂସଦ ଡ. ସସ୍ମିତ ପାତ୍ର କହିଥିଲେ ଯେ ସବୁ ଆସନରେ ନିର୍ବାଚନ ଲଢ଼ିବା ପାଇଁ ପ୍ରାର୍ଥୀ ଖୋଜି ପାଉ ନାହାନ୍ତି, କିନ୍ତୁ ଭାଷଣବାଜି ବନ୍ଦ ହେଉ ନାହିଁ। ସେଥିପାଇଁ ସେମାନେ ଜନ ବିରୋଧୀ ନେତାଙ୍କୁ ଗୋଟାଉଛନ୍ତି। ସବୁ ବିଧାନସଭା ଆସନ ପାଇଁ ବିଜେପି ପାଖରେ ପ୍ରାର୍ଥୀ ନାହାନ୍ତି। ସେଥିପାଇଁ ବିଜେପି ଜନବିରୋଧୀ ଓ ଅପରାଧିକ କାର୍ଯ୍ୟରେ ଲିପ୍ତ ଥିବା ନେତାଙ୍କୁ ନିଜ ଦଳକୁ ନେଉଛି। ଏଥିରୁ ରାଜ୍ୟ ବିଜେପିର ଅସହାୟତା ସ୍ପଷ୍ଟ ବାରିହୋଇ ପଡୁଛି। ରାଜ୍ୟବାସୀ ଏହା ଦେଖୁଛନ୍ତି ଏବଂ ଆଗାମୀ ଦିନରେ ଏହାର ଉଚିତ ଜବାବ୍ ଦେବେ ବୋଲି ବିଜେଡି ପକ୍ଷରୁ କୁହାଯାଇଥିଲା। ଏହା ଦିନକ ପରେ ରାଜ୍ୟ ବିଜେପି ୧୧୨ ଜଣିଆ ବିଧାନସଭା ପ୍ରାର୍ଥୀ ତାଲିକା ଘୋଷଣା କରିଥିଲା। ମାତ୍ର ଏପର୍ଯ୍ୟନ୍ତ ଅବଶିଷ୍ଟ ୩୫ ଆସନ ପାଇଁ ପ୍ରାର୍ଥୀ ଖୋଜା ଚାଲିଛି। କିଛି ଦିନ ପୂର୍ବେ ଓଡ଼ିଶା ବିଜେପି ପ୍ରଭାରୀ ବିଜୟପାଲ ସିଂ ତୋମାର କହିଥିଲେ ଯେ ୨/୪ ଦିନ ଭିତରେ ଅବଶିଷ୍ଟ ଆସନ ପାଇଁ ବିଜେପିର ପ୍ରାର୍ଥୀ ତାଲିକା ଆସିଯିବ। ତଥାପି ତାଲିକା ଆସିପାରୁ ନାହିଁ। ରାଜନୈତିକ ସମୀକ୍ଷକଙ୍କ ମତରେ ବିଜେପିର ତାଲିକା ବିଳମ୍ବିତ ହେବା ପଛରେ ମୁଖ୍ୟ କାରଣ ହେଉଛି ଅନ୍ତଃକନ୍ଦଳ। ପ୍ରାର୍ଥୀତ୍ୱକୁ ନେଇ ସାରା ରାଜ୍ୟରେ ପ୍ରତିବାଦର ସ୍ୱର ଉଠୁଛି। ଯେଉଁମାନେ ଟିକଟ ପାଇଛନ୍ତି ସେମାନଙ୍କୁ ପ୍ରବଳ ବିରୋଧର ସମ୍ମୁଖୀନ ହେବାକୁ ପଡୁଛି। ରାଜ୍ୟ ବିଜେପି କାର୍ଯ୍ୟାଳୟ ହେଉ କିମ୍ବା କେନ୍ଦ୍ରମନ୍ତ୍ରୀଙ୍କ ସଭା ସବୁଠି ପ୍ରବଳ ବିଦ୍ରୋହ ଦେଖିବାକୁ ମିଳୁଛି। ବିଜେପି ନେତା, କର୍ମୀମାନଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଜାରି ରହିଛି। କେହି ଶୁଣିବା ପରିସ୍ଥିତିରେ ନାହାନ୍ତି। ଏପରିସ୍ଥଳେ ଚୂଡ଼ାନ୍ତ ତାଲିକା ଘୋଷଣା କରିବା ରାଜ୍ୟ ବିଜେପି ପାଇଁ କାଠିକର ପାଠ ହେଲାଣି।

- ଜନବିରୋଧୀ ନେତାଙ୍କ ପାଇଁ ରାଜ୍ୟବ୍ୟାପୀ ବିଦ୍ରୋହର ସ୍ୱର
- ରାଜ୍ୟ କାର୍ଯ୍ୟାଳୟରୁ ନେଇ କେନ୍ଦ୍ରମନ୍ତ୍ରୀଙ୍କ ସଭା, ସବୁଠି ରକ୍ତାକ୍ତ ସଂଘର୍ଷ
- ଦଳୀୟ ଟିକଟ ପାଇଥିବା ନେତା ବିଜେଡି ବିରୋଧରେ ଲଢ଼ିବାକୁ ଅରାଜି

### ମାଓବାଦୀଙ୍କ ଭୟରେ ବନ୍ଦ ଥିଲା ପୂଜା

## ୨୧ବର୍ଷ ପରେ ମନ୍ଦିର ଖୋଲିଲେ ଯବାନ

**ମାଲକାନଗିରି, ୧୪।୪ (ସମିସ):** ମାଓବାଦୀଙ୍କ ଭୟରେ ଦୀର୍ଘ ୨୧ ବର୍ଷ ଧରି ବନ୍ଦ ଥିବା ପ୍ରଭୁ ଶ୍ରୀରାମ ମନ୍ଦିରକୁ ପୁନଃ ଖୋଲିବା ସହ ସେଠାରେ ସିଆରପିଏଫ୍ ଯବାନମାନେ ପୂଜାର୍ଚ୍ଚନା କରିଛନ୍ତି। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ସୁକୁମାରେ। ୨୧ବର୍ଷ ତଳେ ଅର୍ଥାତ୍ ୨୦୦୩ରେ ଲାଲଗଡ଼ ଭାବେ ପରିଚିତ ସୁକୁମା ଜିଲ୍ଲାରେ ମାଓବାଦୀମାନେ ଏହି ମନ୍ଦିରକୁ ବନ୍ଦ କରି ଦେଇଥିଲେ। ସେମାନଙ୍କ ଭୟରେ କେହି ମନ୍ଦିରର ତାଲା ଖୋଲିବାକୁ ସାହସ ଜୁଟାଇ ପାରୁନଥିଲେ। ଫଳରେ ଦୀର୍ଘ ୨୧ବର୍ଷ ହେଲା ତାଲା ଝୁଲୁଥିଲା। ହେଲେ ସୀମାନ୍ତ ସୁକୁମା ଜିଲ୍ଲାର ଘଞ୍ଚ ଜଙ୍ଗଲ ଭିତରେ ଥିବା ଲଖାପାଲ ଓ କେରଲାପେନ୍ଦା ଗାଁରେ ୭୪ ବାଟାଲିଅନର ସିଆରପିଏଫ୍ କ୍ୟାମ୍ପ ସ୍ଥାପନ ହେବା ପରେ ବନ୍ଦ ରହିଥିବା ରାମ ମନ୍ଦିରର କବାଟ ଖୋଲିଛନ୍ତି ସୁରକ୍ଷା କର୍ମୀ। ବଣ ଜଙ୍ଗଲରେ ପୂର୍ଣ୍ଣ ହୋଇ ଦୟନୀୟ ଅବସ୍ଥାରେ ପଡ଼ି ରହିଥିବା ମନ୍ଦିରର ଚାରିପାଖ ଜଙ୍ଗଲ ସଫା କରିବା ପରେ ସିଆରପିଏଫ୍ ବାହିନୀ ସେଠାରେ ରବିବାର ପବିତ୍ର ପଣା ସଂକ୍ରାନ୍ତି ପାଳନ କରିବା ସହ ଦୀର୍ଘ ୨୧ବର୍ଷ ପରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ପୂଜାର୍ଚ୍ଚନା କରାଯାଇଛି। ଯାହାକୁ ନେଇ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।



### ଚନ୍ଦ୍ର ରାଜା, ବୃହସ୍ପତି ମନ୍ତ୍ରୀ

## ସରଗରମ ରହିବ ରାଜନୈତିକ ବାତାବରଣ

**ପୁରୀ, ୧୪।୪ (ସମିସ):** ସୌରମାସ ଗଣନା ଅନୁସାରେ ରବିବାର ଓଡ଼ିଆ ବର୍ଷର ପ୍ରଥମ ଦିନ, ମେଷ ମାସର ସଂକ୍ରାନ୍ତି ତଥା ମହାବିଷୁବ ସଂକ୍ରାନ୍ତି। ଏହାକୁ ମଧ ପଣା ସଂକ୍ରାନ୍ତି କୁହାଯାଏ। ଏହି ଦିନଠାରୁ ଏକମାସ ସୂର୍ଯ୍ୟ ଦେବ ମେଷ ରାଶିରେ ଅବସ୍ଥାନ କରିଥାନ୍ତି। ଦୋଳ ପୂର୍ଣ୍ଣିମାରେ ଦୋଳଗୋବିନ୍ଦଙ୍କ ନିକଟରେ ସମର୍ପଣ ହୋଇଥିବା ପାଞ୍ଜି ଏହି ଦିନଠାରୁ ପ୍ରଚଳନ ଆରମ୍ଭ ହୋଇଥାଏ। ତେବେ ନୂତନ ପାଞ୍ଜି ସଂକ୍ରାନ୍ତରେ ଜ୍ୟୋର୍ତିବିଦ୍ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ଗ୍ରହମାନଙ୍କ ସ୍ଥିତିକୁ ଲକ୍ଷ୍ୟ କଲେ ଜଣାଯାଏ ଯେ ଚଳିତବର୍ଷ ରାଜା ଚନ୍ଦ୍ର ଓ ମନ୍ତ୍ରୀ ବୃହସ୍ପତି ହେତୁ ବିଶ୍ୱ ଅର୍ଥ ବ୍ୟବସ୍ଥା, କୃଷି, ବାଣିଜ୍ୟ ଓ ଶିଳ୍ପକ୍ଷେତ୍ରରେ ଉନ୍ନତି ଘଟିବ। ପାପଗ୍ରହ ଶନି ପରୀକ୍ଷକ ଥିବାରୁ ବିକାଶଶୀଳ ଦେଶମାନଙ୍କ ମଧ୍ୟରେ ପରସ୍ପର ଶତ୍ରୁତା ଭାବ ଦେଖାଦେବା ସହ ଯୁଦ୍ଧ ହେବାର ସମ୍ଭାବନା ରହିଛି।

ଆମ ଦେଶ ପାଇଁ ଏହି ବର୍ଷଟି ଶୁଭଦାୟକ ଅଟେ। ଭାରତରେ ଧାର୍ମିକ ଭାବନା ଓ ଧର୍ମକାର୍ଯ୍ୟ ବୃଦ୍ଧି ପାଇବ। ଦେଶର ଅର୍ଥ ବ୍ୟବସ୍ଥାରେ ବିଶେଷ ଉନ୍ନତି ଘଟିବ। ବର୍ଷର ପ୍ରଥମାର୍ଦ୍ଧରେ ରାଜନୈତିକ ଉଷ୍ମତା ପରିଲକ୍ଷିତ ହେବ। ଦେଶର ସୁରକ୍ଷା ପ୍ରତି ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବେ। ଦେଶର ସୀମାନ୍ତରେ ସୈନ୍ୟମାନେ ସଜାଗ ହୋଇ ଅନୁପ୍ରବେଶକାରୀଙ୍କୁ ଦୃଢ଼ ହସ୍ତରେ ଦମନ କରିବେ।

ଗ୍ରହମାନଙ୍କର ସ୍ଥିତିକୁ ଲକ୍ଷ୍ୟ କଲେ ଜଣାଯାଏ ଚଳିତ ବର୍ଷ ରାଜ୍ୟରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଫସଲ ହାନିର ସମ୍ଭାବନା ରହିଛି। ବର୍ଷାରମ୍ଭରେ ରାଜନୈତିକ ବାତାବରଣ ସରଗରମ ରହିବ। ଭୋଟରମାନେ ଉପଯୁକ୍ତ ପ୍ରାର୍ଥୀମାନଙ୍କୁ ଚୟନ କରିବେ। ସରକାର ବିରୋଧାଭାସର ସମ୍ମୁଖୀନ ହେବେ। ବିରୋଧୀମାନଙ୍କର ବିରୋଧର ସମ୍ମୁଖୀନ ହେତୁ ଉନ୍ନୟନ ବାଧାପ୍ରାପ୍ତ ହେବ। ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧି ଘଟିବ। ଖଣିଜ ଉତ୍ପାଦନ ବୃଦ୍ଧି ପାଇବ। ଉପକୂଳବର୍ତ୍ତୀ ଅଞ୍ଚଳରେ ଧୂଳିଝଡ଼, ଘୂର୍ଣ୍ଣିବାତ୍ୟା, ଲଘୁଚାପଜନିତ ବର୍ଷା ହେବାର ସମ୍ଭାବନା ରହିଛି। ବାରମ୍ବାର ରାସ୍ତା ଦୁର୍ଘଟଣା, ବ୍ୟୋମଯାନ ଦୁର୍ଘଟଣା ଓ ଅଭ୍ୟୁତ୍ପାତ ଯୋଗୁ ଧନଜୀବନ ହାନିର ସମ୍ଭାବନା ରହିଛି। ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ସରକାରଙ୍କର ସ୍ୱତନ୍ତ୍ର ଦୃଷ୍ଟି ରହିବ।

ଏ ସମ୍ବତ୍ସରରେ ମେଘଙ୍କର ନାମ ଆବର୍ତ୍ତକ। ଆବର୍ତ୍ତକ ମେଘ ଥିଲେ ହୀନଜଳ ବୃଷ୍ଟି ହୋଇଥାଏ। କୀଟମାନଙ୍କ ଦ୍ୱାରା ଶଷ୍ୟହାନୀ ମଧ ହୋଇଥାଏ। ବର୍ଷାରମ୍ଭରୁ ଅଗ୍ନି ହନୁମାନଙ୍କ କପାଳରେ ରହିବେ। ବର୍ଷ ଶେଷ ଆଡ଼କୁ ହନୁମାନଙ୍କ ଲାଙ୍ଗୁଡ଼ରେ ରହିବେ। ଏଣୁ ବର୍ଷ ଶେଷ ଆଡ଼କୁ ବ୍ୟାପକ ଅଗ୍ନିଭୟ ଦେଖାଦେବ। ବିଶେଷକରି ଦକ୍ଷିଣ ପଶ୍ଚିମାଞ୍ଚଳରେ ଅଗ୍ନି ଭୟ ଅଧିକ ରହିବ। କାର୍ତ୍ତିକ ମାର୍ଗଶିର ମାସ ବେଳକୁ ବାତ୍ୟା ଭୟ ରହିଛି। ଚଳିତବର୍ଷ ସମଗ୍ର ଭୂ-ମଣ୍ଡଳକୁ ୨ଟି ସୂର୍ଯ୍ୟୋପରାଗ ଏବଂ ୨ଟି ଚନ୍ଦ୍ରଗ୍ରହଣ ସଂଘଟିତ ହେବ। ଏହା ବିଦେଶକୁ ଦୃଶ୍ୟମାନ ହେବ। ଭାରତ ବର୍ଷକୁ ଚଳିତ ପଞ୍ଚାଙ୍ଗରେ କୌଣସି ସୂର୍ଯ୍ୟୋପରାଗ ଏବଂ ଚନ୍ଦ୍ରଗ୍ରହଣ ଦୃଶ୍ୟମାନ ହେବ ନାହିଁ। ଏଣୁ ସୂତକ ପାଳନ ଅନାବଶ୍ୟକ। ଏ ବର୍ଷ ବିଂଶୋତ୍ତରୀମତେ ମେଷ ରାଶିର ଆୟ ୧୧ ବ୍ୟୟ ୩, ବୃଷ ରାଶିର ଆୟ ୫ ବ୍ୟୟ ୬, ମିଥୁନ ଆୟ ୧୧ ବ୍ୟୟ ୫, କର୍କଟ ଆୟ ୫ ବ୍ୟୟ ୪, ସିଂହ ଆୟ ୮ ବ୍ୟୟ ୩, କନ୍ୟା ଆୟ ୧୧ ବ୍ୟୟ ୫, ତୁଳା ଆୟ ୫ ବ୍ୟୟ ୬, ବିଛା ଆୟ ୧୧ ବ୍ୟୟ ୩, ଧନୁ ଆୟ ୮ ବ୍ୟୟ ୫, ମକର ଆୟ ୨ ବ୍ୟୟ ୬, କୁମ୍ଭ ଆୟ ୨ ବ୍ୟୟ ୬, ମୀନ ଆୟ ୮ ବ୍ୟୟ ୫ ବୋଲି ଜ୍ୟୋର୍ତିବିଦ୍ ଡ. ଦାଶ କହିଛନ୍ତି।

- ଓଡ଼ିଆ ନୂଆବର୍ଷରୁ ପ୍ରଚଳନ ହେଲା ନୂଆ ପାଞ୍ଜି
- ଦେଶର ଅର୍ଥ ବ୍ୟବସ୍ଥାରେ ବିଶେଷ ଉନ୍ନତି ଘଟିବ
- କାର୍ତ୍ତିକ-ମାର୍ଗଶୀର ମାସରେ ବାତ୍ୟା ଆଶଙ୍କା
- ରାସ୍ତା ଦୁର୍ଘଟଣା, ଲଘୁଚାପଜନିତ ବର୍ଷା ଭୟ

## ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ

# ଗଡ଼ ବଜାୟ ଲକ୍ଷ୍ୟରେ ସୁଜାତା

**ଯାଜପୁର,୧୪।୪(ସମିସ):** ଯାଜପୁର ନିର୍ବାଚନମଣ୍ଡଳୀ ରାଜ୍ୟର ଏକ ଅଣକଂଗ୍ରେସ ନିର୍ବାଚନ ମଣ୍ଡଳୀ ଭାବେ ବେଶ୍ ଜଣାଶୁଣା। ଦେଶ ସ୍ୱାଧୀନ ହେବା ଦିନଠାରୁ ଏହା ତଫସିଲଭୁକ୍ତ ଜାତି ବର୍ଗ ପାଇଁ ସଂରକ୍ଷିତ ହୋଇଥିଲା। ଏହାର ପ୍ରଥମ ବିଧାୟକ ଭାବେ ଭାରତୀୟ ଜାତୀୟ କଂଗ୍ରେସର ପ୍ରାର୍ଥୀ ସ୍ୱର୍ଗତ ଶାନ୍ତନୁ କୁମାର ଦାସ ବିଜୟୀ ହୋଇଥିଲେ। ପରେ ସ୍ୱର୍ଗତ ଶାନ୍ତନୁ କୁମାର ଦାସ, ଜଗନ୍ନାଥ ମଲ୍ଲିକ, ନିରଞ୍ଜନ ଜେନା ପ୍ରମୁଖ ନବେ ଦଶକ ପର୍ଯ୍ୟନ୍ତ ବିଭିନ୍ନ ରାଜନୈତିକ ଦଳରୁ ବିଧାୟିକ ଭାବେ ନିର୍ବାଚିତ ହୋଇଥିଲେ। କିନ୍ତୁ ଏହା ପରଠାରୁ ଅର୍ଥାତ ୧୯୯୦ରୁ ଏପର୍ଯ୍ୟନ୍ତ ଜନତା ଦଳ ଓ ବିଜୁ ଜନତା ଦଳ ଏହି ଆସନକୁ ଅକ୍ତିଆର କରିଆସୁଛି। ୧୯୯୦ ପରଠାରୁ ଜଗନ୍ନାଥ ମଲ୍ଲିକ, ସୂର୍ଯ୍ୟମଣି ଯେନା, ଡାଃ ପରମେଶ୍ୱର ସେଠୀ ପ୍ରମୁଖ ୨୦୦୪ ପର୍ଯ୍ୟନ୍ତ ବିଜୟୀ ହୋଇଆସିଥିଲେ। ଏହାପରେ ୨୦୦୯ରେ ଏହି ଆସନର ସୀମା ପୁନଃନିର୍ଦ୍ଧାରଣ ହେବା ସହିତ ସାଧାରଣ ବର୍ଗ ପ୍ରାର୍ଥୀ ନିର୍ବାଚନରେ ଅଂଶଗ୍ରହଣ କରିବା ପାଇଁ ବାଟ ଫିଟିଥିଲା।

ପ୍ରଥମେ ଏହି ଆସନଟି ତଫସିଲଭୁକ୍ତ ଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ଥିବାରୁ ସ୍ଥାନୀୟ ନେତା ସ୍ୱର୍ଗତ ଅଶୋକ ଦାସ କୋରେଇ ଆସନରୁ ଲଢୁଥିଲେ। କିନ୍ତୁ ୨୦୦୯ରେ ଏହି ସଂରକ୍ଷଣ ପ୍ରତିବନ୍ଧକ ହଟିବା ପରେ ଅଶୋକଙ୍କ ପୁଅ ପ୍ରଣବ ପ୍ରକାଶ ଦାସ ବିଜୁ ଜନତା ଦଳରୁ ପ୍ରାର୍ଥୀ ହୋଇ ପ୍ରଥମେ ନିର୍ବାଚନ ଲଢ଼ିଥିଲେ। ଏଥିରେ ସେ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହେବା ପରେ ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ତାହା ପ୍ରଣବଙ୍କ କବ୍‌ଜାରେ ରହିଆସିଛି। ବିରୋଧୀ କଂଗ୍ରେସ ଓ ବିଜେପିକୁ ଏକପ୍ରକାର କଣଠେସା କରି ବିଜେଡି ସଂଗଠନକୁ ଏଠାରେ ଅଦ୍ୱିତୀୟ କରିଦେଇଥିଲେ। ଯାଜପୁର ପୌରପାଳିକା ଦଖଲ ହେଉ ଅବା ଯାଜପୁର ବ୍ଲକ କିମ୍ବା ଦଶରଥପୁର ବ୍ଲକ ଦଖଲ କରିବା ପର୍ଯ୍ୟନ୍ତ;





ସବୁଠି ପ୍ରଣବ ଓରଫ୍ ବବି ନିଜର ସାଂଗଠନିକ ଓ ନେତୃତ୍ୱର ଦକ୍ଷତା ଦେଖାଇ ଆସିଛନ୍ତି। ପ୍ରଥମେ ୨୦୦୯ରେ ବିଜୟ ପରେ ୨୦୧୪ ଓ ୨୦୧୯ରେ ଲଗାତର ଜିତି ହ୍ୟାଟ୍ରିକ ବିଜୟ ଲାଭ କରିଛନ୍ତି ପ୍ରଣବ। ଲଗାତର ୩ଥର ବିଜୟ ଲାଭ କରିବା ଭିତରେ ରାଜ୍ୟରେ ଜଣେ ଦୃଢ଼ ସଂଗଠକ ହେବାର ପ୍ରମାଣ ଦେବା ସହିତ ସ୍ଥାନୀୟ ଅଞ୍ଚଳର ବିକାଶର ଅନ୍ୟତମ ବିନ୍ଧାଣି ସାଜି ପାରିଛନ୍ତି। ଯାଜପୁର ମେଡିକାଲ କଲେଜ ହେଉ କି କୁସୁମା ଭଳି ବିରାଟ ପାର୍କ କିମ୍ବା ଯାଜପୁରଠାରୁ ସ୍ପୋର୍ଟ୍ସ କମ୍ପ୍ଲେକ୍ସ; ବିଭିନ୍ନ ମେଗା ପ୍ରକଳ୍ପ ମାଧ୍ୟମରେ ନିଜ ନିର୍ବାଚନ ମଣ୍ଡଳୀକୁ ଅନେକ କିଛି ଭେଟି ଦେଇଛନ୍ତି। ତେବେ ଚଳିତ ନିର୍ବାଚନରେ ସେ ସମ୍ବଲପୁର ଲୋକସଭା ଆସନରୁ ପ୍ରାର୍ଥୀ ହୋଇଛନ୍ତି। ଦଳୀୟ ସ୍ୱାର୍ଥ ପାଇଁ ସେ ଏଭଳି ଏକ ଆହ୍ୱାନକୁ ଗ୍ରହଣ କରିଛନ୍ତି। ଗତ ୨୦୧୯ରେ ପ୍ରଣବ ମୋଟ ୨ ଲକ୍ଷ ୩୩ ହଜାର ୮୮୦ ଖଣ୍ଡ ଭୋଟ ପାଇଥିବାବେଳେ ବିଜେପି ପ୍ରାର୍ଥୀ ଗୌତମ ରାୟ ୧ ଲକ୍ଷ ୬୪ ହଜାର ୭୦୬ ଖଣ୍ଡ ଭୋଟ ପାଇଥିଲେ। ସେହିପରି କଂଗ୍ରେସ ପ୍ରାର୍ଥୀ ସନ୍ତୋଷ ନନ୍ଦ ନିଜର ଅମାନତ ହରାଇ ମାତ୍ର ୪ ହଜାର ୭୪୫ ଖଣ୍ଡ ଭୋଟରେ ସୀମିତ ରହିଥିଲେ।

ଚଳିତ ନିର୍ବାଚନରେ ପ୍ରଣବଙ୍କ ମନୋନୀତ ମହିଳା ପ୍ରାର୍ଥିନୀ ଭାବେ ସୁଜାତା ସାହୁଙ୍କୁ ବିଜେଡି ମଇଦାନକୁ ଓହ୍ଲାଇଛି। ସୁଜାତା ଦଶରଥପୁର ବ୍ଲକ୍‌ର ପୂର୍ବତନ ଅଧକ୍ଷା। ଏବେ ସେ ଜିଲ୍ଲା ମିଶନ ଶକ୍ତିର ସଭାନେତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ପ୍ରଣବ ଦଳୀୟ ସ୍ୱାର୍ଥ ପାଇଁ ଜଣେ ମହିଳାଙ୍କୁ ନିଜ ଗଡ଼ର ଦାୟିତ୍ୱ ଦେଇଛନ୍ତି। ଆଗାମୀ ନିର୍ବାଚନରେ ସ୍ଥାନୀୟ ଅଞ୍ଚଳର ବିକାଶ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତାକୁ ପାଥେୟ କରି ସେ ନିର୍ବାଚନ ବୈତରଣୀ ପାର୍ ହୋଇ ବିଜେଡି ଗଡ଼କୁ ସୁରକ୍ଷିତ କରିପାରିବେ ବୋଲି ସୁଜାତା କହିଛନ୍ତି। ସୁଜାତାଙ୍କ ବିପକ୍ଷରେ ବିଜେପି ପ୍ରାର୍ଥୀ ଗୌତମ ରାୟ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଗତ ଦୁଇ ଦୁଇଥର ଲଗାତାର ହାରିବା ପରେ ଗୌତମ ଚଳିତ ନିର୍ବାଚନରେ କେତେଦୂର ଲଢ଼େଇ କରିବେ, ତାକୁ ନେଇ ନାନା କଳ୍ପନାଜଳ୍ପନା କରାଯାଉଛି। ଅନ୍ୟପକ୍ଷରେ କଂଗ୍ରେସ ଏଠାରେ ନୂଆମୁହଁକୁ ମଇଦାନକୁ ଓହ୍ଲାଇଛି। ରବିବାର ଦଳ ସୁଦୀପ କୁମାର କରଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ପୂର୍ବ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ସନ୍ତୋଷ ନନ୍ଦଙ୍କ ଅମାନତ ରହି ନଥିବା ବେଳେ ଏହା ସୁଦୀପଙ୍କ ପାଇଁ ବଡ଼ ଆହ୍ୱାନ ହେବ ବୋଲି କୁହାଯାଉଛି।

ତେବ ସେ ଯାହା ହେଉନା କାହିଁକି, ଚଳିତ ନିର୍ବାଚନରେ ବିଜେଡି ଓ ବିଜେପି ମଧ୍ୟରେ ଲଢ଼େଇ ହେବ। ବିଜୁ ଜନତା ଦଳ ଏଠାରେ ମିଶନ ଶକ୍ତି ତଥା ମହିଳା କାର୍ଡ ଖେଳି ଲଢ଼େଇରେ ଆଗରେ ରହିଥିବା ବେଳେ ବିଜେପି ଜଣେ ଅଭିଜ୍ଞ ପ୍ରାର୍ଥୀଙ୍କୁ ସୁଯୋଗ ଦେଇଛି। ଅନ୍ୟପଟେ ବିଜେପି ଦଳୀୟ ଟିକଟରୁ ବଞ୍ଚିତ ନେତାଙ୍କ ଗତି କୁଆଡେ ହେବ, ତାହାକୁ ଭୋଟର୍ ଅନେଇ ରହିଛନ୍ତି। ଯଦି ଅସନ୍ତୁଷ୍ଟ ନେତାଙ୍କୁ ଦଳ ମନାଇବାରେ ବିଫଳ ହୁଏ, ତା'ହେଲେ ଏହା ଗୌତମଙ୍କ ପାଇଁ ବୁମେରାଂ ହେବ ବୋଲି ଚର୍ଚ୍ଚା ହେଉଛି।

# ବିଜେଡିର ମହିଳା କାର୍ଡ; ବିରୋଧୀ ଶିବିରରେ କମ୍ପନ

**ଭବାନୀପାଟଣା,୧୪।୪(ସମିସ):** ମା' ରୂପେ ନିଜସ୍ୱ ପରିଚୟ ତିଆରି କରିଥିବା ମନୋରମା ମହାନ୍ତିଙ୍କୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ପ୍ରାର୍ଥୀ ଘୋଷଣା କରିବା ପରଠାରୁ ନର୍ଲା ଆସନ ଉପରେ ଏବେ ସମସ୍ତଙ୍କର ନଜର। ମନୋରମାଙ୍କୁ ପ୍ରାର୍ଥୀ କରି ବିଜେଡି ମହିଳା କାର୍ଡ ଖେଳିଥିବା ବେଳେ ସ୍ଥାନୀୟ ପ୍ରାର୍ଥିତ୍ୱ ଦେବା ନେଇ ନର୍ଲାବାସୀଙ୍କ ଦୀର୍ଘ ଦିନର ଦାବି ବିଜେଡି ସୁପ୍ରିମୋ ପୂରଣ କରିଛନ୍ତି। ତେଣୁ ଲଢ଼େଇ ଆରମ୍ଭ ନ ହେଉଣୁ ବିରୋଧୀ ଶିବିରରେ ମନୋରମାଙ୍କ ପ୍ରାର୍ଥିତ୍ୱକୁ ନେଇ କମ୍ପନ ସୃଷ୍ଟି ହୋଇଛି ବୋଲି ଆଲୋଚନା ହେଉଛି।

କିଛି ରାଜନୈତିକ ବିଶାରଦମାନଙ୍କ କହିବା କଥା, ମନୋରମା ଦୁଇଦୁଇ ଥର ନର୍ଲା ପଞ୍ଚାୟତ ସମିତି ଅଧକ୍ଷା ଭାବେ ନିର୍ବାଚିତ ହୋଇସାରିଛନ୍ତି। ଅପରପକ୍ଷେ ସ୍ଥାନୀୟ ନେତ୍ରୀ ଭାବେ ନର୍ଲାବାସୀଙ୍କ ମଧ୍ୟରେ ତାଙ୍କର ଏକ ସ୍ୱତନ୍ତ୍ର ଗ୍ରହଣୀୟତା ରହିଛି। କିଛି ଦିନ ତଳେ ଉର୍ଲାଦାନୀଠାରେ ଆୟୋଜିତ ଏକ ସଭାରେ

### ନର୍ଲା ନିର୍ବାଚନମଣ୍ଡଳୀ

ବିରୋଧୀ ମଧ୍ୟ ଏହାର ପ୍ରମାଣ ପାଇଛନ୍ତି। ଉକ୍ତ ସଭାରେ ମନୋରମାଙ୍କୁ ସ୍ଥାନୀୟ ଅଧିବାସୀ ଓ କର୍ମୀ ଅଭୂତପୂର୍ବ ସ୍ୱାଗତ କରିଥିଲେ। ଏସବୁ ବ୍ୟତୀତ, ଗତ ୫ ବର୍ଷରେ ରାଜ୍ୟରେ ବିଜେଡି ସରକାରର ବିକାଶମୂଳକ କାର୍ଯ୍ୟ ମନୋରମାଙ୍କୁ ନିର୍ବାଚନ ବୈତରଣୀ ପାର୍ କରାଇବାରେ ଆଉ ଏକ ପ୍ରମୁଖ ଭୂମିକା ନିର୍ବାହ କରିବ ବୋଲି ସେମାନେ ଦୃଢ଼ୋକ୍ତି ବାଢ଼ିଛନ୍ତି। ତେଣୁ ମନୋରମାଙ୍କ ପ୍ରାର୍ଥିତ୍ୱକୁ ନେଇ ବିଜେପିର ଅନିରୁଦ୍ଧ ପ୍ରଧାନ ପ୍ରମାଦ ଗଣିବା ସ୍ୱାଭାବିକ ବୋଲି କୁହାଯାଉଛି। ତେବେ କଂଗ୍ରେସରୁ ବିଧାୟକ ପ୍ରାର୍ଥୀ ହୋଇ ନର୍ଲାରେ ପ୍ରଥମ ଥର ନିର୍ବାଚନ ଲଢୁଥିବା ବରିଷ୍ଠ ନେତା ଭକ୍ତଚରଣ ଦାସଙ୍କ ଗେମ୍-ପ୍ଲାନ୍ ବୁମେରାଂ ହେବା ଆଶଙ୍କାକୁ ମଧ୍ୟ ଅସ୍ୱୀକାର କରିହେଉନି। ଭକ୍ତଙ୍କୁ ଜଣେ ମହିଳା ପ୍ରାର୍ଥୀ ବର୍ତ୍ତମାନ ମହାଙ୍ଗା ପଡ଼ିପାରେ ବୋଲି ସେମାନେ କହିଛନ୍ତି।

ମନୋରମାଙ୍କ ପ୍ରଥମ ଦିନର ପ୍ରଚାରର ମାହୋଲ ସୂଚାଇ ଦେଇଛି, ଦଳ ପ୍ରତି କିପରି ଜନ ସମର୍ଥନ ରହିଛି। ସ୍ଥାନୀୟ ଝିଅ, ବୋହୂ ଏବଂ ମା'ମାନଙ୍କ ଦୀର୍ଘ ବର୍ଷର ଇଚ୍ଛା ପୂରଣ ହୋଇଥିବା ସେ କହିଛନ୍ତି। ଏହି ଜନ ସମର୍ଥନ କେବଳ ମନୋରମାଙ୍କ ପାଇଁ ନୁହେଁ, ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଳଙ୍କ ପ୍ରତି ମଧ୍ୟ ରହିବ ବୋଲି କୁହାଯାଉଛି। ବିଜେଡି ସରକାରରେ ବିକାଶର ସ୍ରୋତ କଳାହାଣ୍ଡିବାସୀଙ୍କୁ ବେଶ୍ ପ୍ରଭାବିତ କରିଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପରିମଳ, ପାନୀୟଜଳ ଆଦି ମୌଳିକ ସୁବିଧା ସହ କୃଷି, ପଶୁପାଳନ, ଉଦ୍ୟାନ କୃଷି ଆଦି ବିଭିନ୍ନ କ୍ଷେତ୍ରରେ କଳାହାଣ୍ଡି ସଂସଦୀୟ କ୍ଷେତ୍ର ଯଥେଷ୍ଟ ଉନ୍ନତି କରିଛି। ଗାଁ ଗାଁରେ ମଠ, ମନ୍ଦିର, ମସଜିଦ୍ ଓ ଗୀର୍ଜା ସବୁ ରୂପାନ୍ତରିତ ହୋଇଛି। ସହରବାସୀଙ୍କ ପାଇଁ ମଧ୍ୟ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଇଛନ୍ତି ରାଜ୍ୟ



ସରକାର। ଗ୍ରାମାଞ୍ଚଳରେ ଲକ୍ଷ୍ମୀ ବସ୍ ଚଳାଚଳ କରିବା ସହ ମିଶନ୍ ଶକ୍ତି ଜରିଆରେ ମହିଳାମାନେ ଅଧିକ ସଶକ୍ତ ହୋଇଛନ୍ତି। ଏସବୁକୁ ଆୟୁଧ କରି ନିର୍ବାଚନୀ ସମରକୁ ଓହ୍ଲାଇଛନ୍ତି ବିଜେଡିର କଳାହାଣ୍ଡି ଲୋକସଭା ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଳ।

ନର୍ଲା ବିଧାନସଭା ନିର୍ବାଚନମଣ୍ଡଳୀର ବିଗତ ନିର୍ବାଚନ ଉପରେ ଦୃଷ୍ଟି ନିକ୍ଷେପ କଲେ ଜଣାଯାଏ ଯେ ଏହି ଆସନରେ ମୋଟ ୧୩ଥର ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଛି। ଏହି ଆସନରୁ ସ୍ୱତନ୍ତ୍ର ଦଳ ୩ଥର, କଂଗ୍ରେସ ୪ଥର, ଜନତା ଦଳ ୨ଥର ଓ ବିଜେଡି ୪ଥର ନିଜ ନିଜ ପ୍ରାର୍ଥୀଙ୍କୁ ବିଜୟୀ କରାଇବାରେ ସକ୍ଷମ ହୋଇଛନ୍ତି। ବିଜେପି ବର୍ତ୍ତମାନ ସୁଦ୍ଧା ନର୍ଲା ଆସନରେ ଖାତା ଖୋଲି ପାରିନାହିଁ। ୨୦୧୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଏଠାରୁ ନିର୍ବାଚିତ ହୋଇଥିଲେ। ୨୦୨୪ ନିର୍ବାଚନରେ ବିଜେଡି ନର୍ଲା ଦୁର୍ଗ ରକ୍ଷା କରିବାକୁ ରଣନୀତି ପ୍ରସ୍ତୁତ କରୁଥିବା ବେଳେ କଂଗ୍ରେସ ଓ ବିଜେପି ଭୋଟ ହାତେଇବାକୁ ଆପ୍ରାଣ ଚେଷ୍ଟା କରିବେ।

## ● ବିନା କର୍ମୀରେ ବିଜେପିର ନିର୍ବାଚନ ସଭା

# ସାଂସଦ ପ୍ରାର୍ଥୀ ବୈଜୟନ୍ତ ଲୋକହସା

**ଗରଦପୁର, ୧୪।୪(ସମିସ):** ଶନିବାର କେନ୍ଦ୍ରାପଡ଼ା ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଏବଂ ପାଟକୁରା ବିଧାନସଭା ପ୍ରାର୍ଥୀ ତେଜେଶ୍ୱର ପରିଡ଼ା ଗରଦପୁର ତିକନପୁର ପଡ଼ିଆରେ ଏକ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଓ ମିଶ୍ରଣ ପର୍ବ ଆୟୋଜନ କରିଥିଲେ। ହେଲେ ଏହି କାର୍ଯ୍ୟକ୍ରମରେ ବିଜେପି ପୂର୍ବରୁ ଯେଉଁଭଳି ଫୁଟାଣି ମାରୁଥିଲା ଯେ ଓଡ଼ିଶାର ବୃହତ୍ତମ ଦଳ ବିଜେଡି



**ଚେୟାର ଫାଙ୍କା; ଆସିଲେ ନାହିଁ କର୍ମୀ-କର୍ମକର୍ତ୍ତା**

ସହ କେନ୍ଦ୍ରାପଡ଼ାରେ ଟକ୍କର ଦେବ ବୋଲି; ଗତକାଲିର କାର୍ଯ୍ୟକ୍ରମ ଦେଖିବା ପରେ ସେସବୁ ଫୁଟାଣି ପାଣିଚିଆ ହୋଇଯାଇଛି। ଏକଥା ଏବେ କେନ୍ଦ୍ରାପଡ଼ାର ରାଜନୈତିକ ପଣ୍ଡିତଙ୍କ ମହଲରେ ଚର୍ଚ୍ଚାର ମୁଖ୍ୟ ବିଷୟ ବିଷୟ ପାଲଟିଛି। ସେମାନଙ୍କ କହିବା କଥା, ଲଢ଼େଇ ଆରମ୍ଭ ପୂର୍ବରୁ ବିଜେପିର ଏ ଦୟନୀୟ ଦୃଶ୍ୟ ବୈଜୟନ୍ତଙ୍କୁ ଲୋକହସା କରିଛି।

ସୂଚନାଯୋଗ୍ୟ, ଗତ ସାଧାରଣ ନିର୍ବାଚନରେ ଲୋକସଭା ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟରେ ପରାଜିତ ହୋଇଥିବା ବୈଜୟନ୍ତଙ୍କୁ ସ୍ଥାନରେ ବିଜେପି ଅନ୍ୟ କାହାକୁ ପ୍ରାର୍ଥୀ କରାଇବ ବୋଲି ଆଶା ବାନ୍ଧିଥିଲେ। କିନ୍ତୁ ତାଙ୍କୁ ପୁଣିଥରେ ବିଜେପି ଏଠାରୁ ପ୍ରାର୍ଥୀ କରିଥିବାରୁ କେନ୍ଦ୍ରାପଡ଼ାବାସୀ ତାଙ୍କୁ ମୁହଁ ମୋଡୁଛନ୍ତି ବୋଲି ରାଜନୈତିକ ଖଟିରେ ଆଲୋଚନା ହେଉଛି। ପାଟକୁରାରେ ବିଜେପି କର୍ମୀ ଓ ପଞ୍ଚାୟତସ୍ତରୀୟ ନେତା କିଛି ଦିନ ହେଲା ବିଜେପିଠୁ ମୁହଁ ଫେରାଇ ହେବ ବିଜେଡିରେ ଯୋଗ ଦେଉଥିବାରୁ ଏ ଧାରାରେ ବ୍ରେକ୍ ଲଗାଇବା ପାଇଁ ବୈଜୟନ୍ତ ଓ ତେଜେଶ୍ୱର ଅଣ୍ଟା ଭିଡ଼ିଥିଲେ। ଏହି ପରିପ୍ରେକ୍ଷୀରେ ବିଜେପି ଶନିବାର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଆୟୋଜନ କରିଥିଲା। ଏହା ଉପରେ କେନ୍ଦ୍ରାପଡ଼ାବାସୀଙ୍କ ନଜର ରହିଥିଲା। କିନ୍ତୁ ସଭାରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିନଥିଲା। ବିଜେପିର ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତଙ୍କ ସଭାଙ୍କୁ ସାଧାରଣ ଲୋକ ତ ଦୂରର କଥା, ବିଜେପି କର୍ମୀ ଓ କର୍ମକର୍ତ୍ତା ମଧ୍ୟ ଆସି ନଥିଲେ। ସଭାସ୍ଥଳରେ ପଡ଼ିଥିବା ବହୁ ଚେୟାର୍ ଫାଙ୍କା ପଡ଼ିଥିବା ଦେଖାଯାଇଥିଲା। ଏହାଠୁ ବଳି ଆଉ ଏକ ରୋଚକ କଥା ହେଲା, ଯେଉଁ କେତେକ ହାତଗଣତି କର୍ମୀ ବିଜେପି ସହ ଜଡ଼ିତ ହେବା ପାଇଁ ମଞ୍ଚରେ ଚଢ଼ିଥିଲେ, ସେମାନେ ସବୁ ପୂର୍ବ ସଭାସମିତିରେ ବେକରେ ଗେରୁଆ ଗାମୁଛା ପକାଇ ସାରିଥିଲେ ଅର୍ଥାତ୍ ବିଜେପିରେ ସାମିଲ ହୋଇସାରିଥିଲେ। ବୈଜୟନ୍ତ ସେମାନଙ୍କ ବେକରେ ପୁନର୍ବାର ଗେରୁଆ ପକାଇ କେବଳ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଚେଷ୍ଟା କରିଥିଲେ। ଏକଥା ଏବେ ସାମାଜିକ ଗଣମାଧ୍ୟମରେ ମଧ୍ୟ ଚର୍ଚ୍ଚାର ବିଷୟ ପାଲଟିଛି।

## ଆସିକା ବିଧାନସଭା ଆସନ

# ଝଡୁଛି ପଦ୍ମପାଖୁଡ଼ା, ବ୍ୟାକ୍‌ଫୁଟ୍‌ରେ କଂଗ୍ରେସ

**ବ୍ରହ୍ମପୁର/ଆସିକା, ୧୪।୪(ସମିସ):** ଗଞ୍ଜାମ ଜିଲ୍ଲାର ଅନ୍ୟତମ ଚର୍ଚ୍ଚିତ ନିର୍ବାଚନମଣ୍ଡଳୀ ଆସିକା ଗତ ଦୁଇ ଦଶନ୍ଧି ଧରି ବିଜୁ ଜନତା ଦଳ କବ୍‌ଜାରେ ରହିଛି। ନିର୍ବାଚନରେ ବିରୋଧୀ ଏଠି ସବୁଥର ପରାଜୟର ମୁହଁ ଦେଖିଛନ୍ତି। ଆଗାମୀ ନିର୍ବାଚନରେ ବିଜୟତିଳକ ପିନ୍ଧିବା ପାଇଁ ୩ ପ୍ରମୁଖ ଦଳ ବିଜେଡି, ବିଜେପି ଓ କଂଗ୍ରେସ ଜୋରଦାର ଉଦ୍ୟମ ଚଳାଇଥିଲେ ହେଁ ବିଜେଡି ଏକତରଫା ବିଜୟ ଲକ୍ଷ୍ୟରେ ରହିଛି ବୋଲି ଆଲୋଚନା ହେଉଛି। ବିଜେପିର ଆଭ୍ୟନ୍ତରୀଣ କନ୍ଦଳ ଓ କଂଗ୍ରେସର ଦୁର୍ବଳ ସଂଗଠନର ପୂରା ଫାଇଦା ନେବା ପାଇଁ ବିଜେଡି ଅଭିଯାନ ଆରମ୍ଭ କରିଦେଇଛି ବୋଲି ଦଳର ଅନ୍ଦରମହଲରୁ ସୂଚନା ମିଳିଛି।

ଏଠି ବି ବିଜେପିର ଗୋଷ୍ଠୀକନ୍ଦଳ ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଦଳ ପୂର୍ବତନ ବିଧାୟକ ସରୋଜ ପାଢ଼ୀଙ୍କ ନାଁ ଘୋଷଣା କରିବା ପରଠାରୁ ୨୦୧୯ରେ ଏଠାରୁ ବିଜେପି ପ୍ରାର୍ଥୀ ହୋଇଥିବା ପୂର୍ବତନ ବିଧାୟକ ଦେବରାଜ ମହାନ୍ତି ଦଳ ଛାଡ଼ିଛନ୍ତି। ସେହିପରି ମଇଦାନରେ ଆଗଧାଡ଼ିର ବିଜେପି ନେତାଙ୍କ ଆଉ ଦେଖା ମିଳୁନି। ଏହି କ୍ରମରେ କଂଗ୍ରେସର ସ୍ଥିତି ଆହୁରି ଜଟିଳ ହୋଇଛି। କଂଗ୍ରେସ ଏଠାରେ ବହୁ ବିଳମ୍ବରେ ମହିଳା ପ୍ରାର୍ଥୀ ସୁରଭି ବିଶୋଇଙ୍କ ନାମ ଘୋଷଣା କରି କର୍ମୀଙ୍କ ଦ୍ୱନ୍ଦ୍ୱର ଅବସାନ କରିଛି। କିନ୍ତୁ କଂଗ୍ରେସର ସଂଗଠନ





ଏଠାରେ ସେତେ ସୁଦୃଢ଼ ନଥିବାରୁ ଏହାର ଫାଇଦା ନେବାକୁ ବିଜେଡି ଆଗଭର ରହିଛି।

୨୦୧୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ମଞ୍ଜୁଳା ସ୍ୱାଇଁଙ୍କ ସହ ବିଜେପି ପ୍ରାର୍ଥୀ ଦେବରାଜ ମହାନ୍ତି ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ମଞ୍ଜୁଳା ବହୁ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଥିଲେ। ଲୋକଙ୍କ ସହ ସୁ-ସମ୍ପର୍କ ରଖିଥିବା ବିଧାୟିକା ଶ୍ରୀମତୀ ସ୍ୱାଇଁଙ୍କ ଉପରେ ପୁଣି ବିଜେଡି ସୁପ୍ରିମୋ ଆସ୍ଥା ପ୍ରକଟ କରି ତାଙ୍କୁ ଟିକଟ ଦେଇଛନ୍ତି। ଏବେ ସେ ରାଜ୍ୟ ସରକାରଙ୍କ ଜନହିତକର ଯୋଜନାକୁ ନେଇ ଲୋକଙ୍କ ନିକଟକୁ ଯାଉଛନ୍ତି। ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ଏଠାରେ ବିଜେଡି ଏକତରଫା ବିଜୟ ଲାଭ କରିଥିବାରୁ ତାହାର

### ଏକତରଫା ବିଜୟ ଲକ୍ଷ୍ୟରେ ବିଜେଡି

ଫାଇଦା ମଧ୍ୟ ମଞ୍ଜୁଳା ଉଠାଇବାକୁ ଚେଷ୍ଟା କରୁଛନ୍ତି।

ଅପରପକ୍ଷେ, ବିଜେପି ପ୍ରାର୍ଥୀ ସରୋଜ ପାଢ଼ୀ ବିଭିନ୍ନ ଗାଁ ପରିକ୍ରମା କରି ଲୋକଙ୍କ ସହ ମିଶୁଥିବା ଦେଖିବାକୁ ମିଳିଥିଲେ ହେଁ ପୁରୁଣା କର୍ମୀମାନେ ତାଙ୍କ ପାଖ ମାଡୁ ନଥିବା ଦେଖାଦେଉଛି। କେଉଁଠାରେ ବି ସରୋଜଙ୍କ ସହ ତୃଣମୂଳ ବିଜେପି କର୍ମୀଙ୍କୁ ଦେଖିବାକୁ ମିଳୁନି। ଅପରପକ୍ଷେ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହେବାକୁ ଆଉ ମାତ୍ର ଅଳ୍ପ ଦିନ ବାକି ଥିବା ବେଳେ କଂଗ୍ରେସ ରବିବାର ପ୍ରାର୍ଥୀ ଘୋଷଣା କରି ଲଢ଼େଇରେ ଦୁଇପାଦ ପଛରେ ରହିଛି ବୋଲି କୁହାଯାଉଛି।

## ଖଡ଼ିଆଳ ନିର୍ବାଚନମଣ୍ଡଳୀ

# ପ୍ରଚାର ମଇଦାନରେ ବିଜେଡି ଓ ବିଜେପି

**ସିନାପାଲି, ୧୪।୪(ସମିସ):** ସାଧାରଣ ନିର୍ବାଚନକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଉଠିଥିବା ବେଳେ ଖଡ଼ିଆଳ ନିର୍ବାଚନମଣ୍ଡଳୀରେ ମଧ୍ୟ ରାଜନୀତି ତାତି ବେଶ୍ ଉଷ୍ମ ହେବାରେ ଲାଗିଛି। ଗାଁ ଗଣ୍ଡାଠାରୁ ଆରମ୍ଭ କରି ସହରରେ ମଧ୍ୟ ରାଜନୀତି ଚର୍ଚ୍ଚା ଜୋର ଧରିଛି। ଏଭଳି ସ୍ଥିତିରେ ରାଜନୈତିକ ନେତା ଓ କର୍ମୀମାନେ ନିଜ ସପକ୍ଷ ନେତାମାନଙ୍କୁ ବିଜୟୀ କରାଇବାକୁ ଲାଗି ପଡ଼ିଛନ୍ତି। ବିଭିନ୍ନ ଗାଁ ଗଣ୍ଡା

### କମଳ ତାଣ୍ଡିଙ୍କ ଉପରେ କଂଗ୍ରେସର ଭରସା

ବୁଲି ପ୍ରଚାରପ୍ରସାର ଆରମ୍ଭ କରିଥିବା ବେଳେ ଭୋଟର ମହଲରେ ନାନା କଳ୍ପନାଜଳ୍ପନା ସାଙ୍ଗକୁ ନିର୍ବାଚନୀ ସମୀକ୍ଷା ଆରମ୍ଭ କରିଛନ୍ତି।

ଓଡ଼ିଶା ମାନଚିତ୍ରରେ ସ୍ୱତନ୍ତ୍ର ବହନ କରୁଥିବା ଖଡ଼ିଆଳ ନିର୍ବାଚନମଣ୍ଡଳୀ ସିନାପାଲି, ଖଡ଼ିଆଳ ଓ ବୋଡ଼େନ ବ୍ଲକ ସହିତ ଖଡ଼ିଆଳ ଏନଏସିକୁ ନେଇ ଗଠିତ। ଏଠାରେ ବିଜେଡି ପ୍ରାର୍ଥୀ ଭାବରେ ବର୍ତ୍ତମାନର ବିଧାୟକ ଅଧିରାଜ ପାଣିଗ୍ରାହୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେ କିଛି ଦିନ ତଳେ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦେବା ପରେ ବିଜେଡି ତାଙ୍କ ଉପରେ ଭରସା କରି ଟିକଟ ଦେଇଛି। ବିଜେପି ପୂର୍ବତନ ବିଧାୟକ ହିତେଶ ବଗର୍ତ୍ତିଙ୍କୁ ପ୍ରାର୍ଥୀ କରିଛି। ଉଭୟ ଦଳର ପ୍ରାର୍ଥୀ ରାଜନୀତି ମଇଦାନକୁ ଓହ୍ଲାଇ ବିଭିନ୍ନ ଗାଁ ଗଣ୍ଡାରେ ପ୍ରଚାର ଆରମ୍ଭ କରିଛନ୍ତି। ତେବେ ଏ କ୍ଷେତ୍ରରେ କଂଗ୍ରେସ ଟିକିଏ ପଛରେ ରହିଯାଇଛି। ଦଳ ବହୁ ବିଳମ୍ବରେ, ରବିବାର କମଳ ତାଣ୍ଡିଙ୍କ ନାମ ଘୋଷଣା କରିଥିବାରୁ ସେ ପ୍ରଚାର ମଇଦାନକୁ





ଓହ୍ଲାଇନଥିବା ଜଣାଯାଇଛି। ତେଣୁ ଏହି ଆସନ ପାଇଁ ବିଜେଡି ଓ ବିଜେପି ମଧ୍ୟରେ କଡ଼ା ଟକ୍କର ହେବ ବୋଲି ଆଶା କରାଯାଉଛି।

ସୂଚନାଯୋଗ୍ୟ, ଦେଶ ସ୍ୱାଧୀନତା ପରେ ୧୯୬୧ ମସିହାରେ ରାଜା ଅନୁପ ସିଂଦେଓ ପ୍ରଥମଥର ପାଇଁ କଂଗ୍ରେସ ଦଳରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସେ ଲଗାତାର ଭାବରେ ୬ଥର ବିଜୟୀ ହୋଇ ଶାସନ ଭାର ସମ୍ଭାଳିଥିଲେ। ପରବର୍ତ୍ତୀ ସମୟରେ ଦୁର୍ଯ୍ୟୋଧନ ମାଝି ୧୯୯୦ରୁ ୧୯୯୫ ମସିହାରେ ଜନତା ଦଳରୁ ୨ଥର ଓ ୨୦୦୦ରୁ ୨୦୦୪ ବିଜୁ ଜନତା ଦଳରୁ ୨ଥର ନିର୍ବାଚିତ ହୋଇଥିଲେ। ହେଲେ ୨୦୦୯ ମସିହା ବେଳକୁ ଏଠାରେ ରାଜନୈତିକ ସମୀକରଣ ବଦଳି ଯାଇଥିଲା। ୧୧, ୩୬୬ ଖଣ୍ଡ ଭୋଟରେ ବିଜେଡିର ଦୁର୍ଯ୍ୟୋଧନ ମାଝୀଙ୍କୁ ବିଜେପିର ହିତେଶ ବଗର୍ତ୍ତି ପରାସ୍ତ କରିଥିଲେ। ଶ୍ରୀ ବଗର୍ତ୍ତିଙ୍କୁ ୫୩, ୨୩୮ ଖଣ୍ଡ ଭୋଟ ମିଳିଥିବା ବେଳେ ଶ୍ରୀ ମାଝିଙ୍କୁ ୪୧, ୮୭୨ ଖଣ୍ଡ ଭୋଟ ଓ କଂଗ୍ରେସର ବୈଶମ୍ପାୟନ ମେହେରଙ୍କୁ ୨୯, ୦୮୦ ଖଣ୍ଡ ଭୋଟ ମିଳିଥିଲା। ସେହିପରି ୨୦୧୪ରେ ଦୁର୍ଯ୍ୟୋଧନ ମାଝୀଙ୍କୁ ବିଜେଡିରୁ ଟିକଟ ନ ମିଳିବାରୁ ସେ ବିଜେପିରୁ ଲଢ଼ି ବିଜୟୀ ହୋଇଥିଲେ। ସେ କଂଗ୍ରେସର ଅଧିରାଜ ପାଣିଗ୍ରାହୀଙ୍କୁ ୭,୧୨୬ ଖଣ୍ଡ ଭୋଟରେ ପରାସ୍ତ କରିଥିଲେ। ସେତେବେଳେ ତିନି ପ୍ରମୁଖ ଦଳ ମଧ୍ୟରେ ତ୍ରିମୁଖୀ ଲଢ଼େଇ ହୋଇଥିଲା। ଦୁର୍ଯ୍ୟୋଧନଙ୍କୁ ୫୭, ୫୩୩ ଖଣ୍ଡ ଭୋଟ ମିଳିଥିବା ବେଳେ କଂଗ୍ରେସର ଅଧିରାଜଙ୍କୁ ୫୦, ୪୦୭ ଖଣ୍ଡ ଓ ବିଜେଡିର ଲମ୍ବୋଦର ନିଆଳଙ୍କୁ ୪୭, ୬୫୫ ଖଣ୍ଡ ଭୋଟ ମିଳିଥିଲା। ପୁଣି ୨୦୧୯ ନିର୍ବାଚନରେ ତିନି ଦଳ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। କଂଗ୍ରେସର ଅଧିରାଜ ପାଣିଗ୍ରାହୀ ମାତ୍ର ୨, ୮୫୭ ଖଣ୍ଡ ଭୋଟରେ ବିଜେଡିର ଲମ୍ବୋଦର ନିଆଳଙ୍କୁ ପରାସ୍ତ କରିଥିଲେ। ଅଧିରାଜଙ୍କୁ ୫୯, ୩୦୮ ଖଣ୍ଡ ଭୋଟ ମିଳିଥିବା ବେଳେ ଲମ୍ବୋଦରଙ୍କୁ ୫୬, ୪୫୧ ଖଣ୍ଡ ଓ ବିଜେପିର ରୀତାରାଣୀ ବଗର୍ତ୍ତିଙ୍କୁ ୫୧, ୮୯୪ ଖଣ୍ଡ ଭୋଟ ମିଳିଥିଲା। ଯାହା ତିନି ପ୍ରମୁଖ ଦଳ ମଧ୍ୟରେ କଡ଼ା ଲଢେଇ ହୋଇଥିଲା।

ବର୍ତ୍ତମାନ ୨୦୨୪ ନିର୍ବାଚନକୁ ନେଇ ଖଡ଼ିଆଳ ନିର୍ବାଚନମଣ୍ଡଳୀରେ ନିର୍ବାଚନୀ ହାୱା ସରଗରମ ହୋଇପଡ଼ିଛି। ଅଧିରାଜ ପାଣିଗ୍ରାହୀ ବର୍ତ୍ତମାନ ବିଜେଡିରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ରାଜ୍ୟ ସରକାରଙ୍କ ଜନମୁଖୀ ଯୋଜନା ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ, '୫-ଟି' କାର୍ଯ୍ୟକ୍ରମ ସମ୍ପର୍କରେ ବିଶେଷ ଗୁରୁତ୍ୱ ଦେଉଛନ୍ତି।

## ବ୍ରଜରାଜନଗର ନିର୍ବାଚନମଣ୍ଡଳୀ

# ସୁରେଶଙ୍କ ବାଟ ଓଗାଳିବେ ସୁଜିତ

**ଝାରସୁଗୁଡ଼ା/ବ୍ରଜରାଜନଗର, ୧୪।୪(ସମିସ):** ଏବେ ସମସ୍ତଙ୍କ ମୁହଁରେ ଗୋଟିଏ ଚର୍ଚ୍ଚା; ସୁରେଶ ପୂଜାରୀଙ୍କ ପାଇଁ କାଳ ସାଜିବେ କି ସୁଜିତ ସିଂହ? କାରଣ ବରଗଡ଼ ସାଂସଦ ଥିବା ସୁରେଶ ପୂଜାରୀ ଏବେ ବ୍ରଜରାଜନଗର ବିଧାୟକ ପ୍ରାର୍ଥୀ ଭାବରେ ଉଭା ହୋଇଛନ୍ତି। ବିଜେପିର ଦଳୀୟ ପ୍ରାର୍ଥୀ ଭାବେ ସୁରେଶଙ୍କ ନାମ ଘୋଷଣା ପରେ ବ୍ରଜରାଜନଗରରେ ଥିବା ଅନେକ ବିଜେପି ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କିଛି ଆଶାୟୀ ନିଜ ସମର୍ଥକଙ୍କୁ ନେଇ ସୁରେଶଙ୍କ ବିରୋଧରେ ଗୁପ୍ତ ଆଲୋଚନା ଜାରି ରଖିଛନ୍ତି। ସୁଜିତଙ୍କ ସମର୍ଥକମାନେ ମଧ୍ୟ ସୁରେଶ ପୂଜାରୀଙ୍କୁ ଖୋଲାଖୋଲି ବିରୋଧ କରୁଛନ୍ତି। ସୁଜିତ ସିଂ ତୃଣମୂଳସ୍ତରରେ କର୍ମୀମାନଙ୍କୁ ଏକତ୍ରିତ କରି ସଂଗଠନକୁ ମଜଭୁତ କରିଥିଲେ। କିନ୍ତୁ ସୁରେଶ ସାଂସଦରୁ ସିଧା ବିଧାୟକ ପ୍ରାର୍ଥୀ ହେବାରୁ ଆଶାୟୀ ସୁଜିତଙ୍କ ମନ ପାଣିଚିଆ ହେବା ସହ ତାଙ୍କ ସମର୍ଥକଙ୍କୁ ମଧ୍ୟ ଜୋରରେ ବାଧିଛି। ଏପରି ସ୍ଥିତିରେ ସୁଜିତଙ୍କ ସମର୍ଥକ ସୁରେଶ ପୂଜାରୀଙ୍କୁ ନିର୍ବାଚନରେ ଯେନତେନ ହରାଇବାକୁ ଅଣ୍ଟା ଭିଡ଼ିବା ବ୍ରଜରାଜନଗର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।



କେବଳ ସୁଜିତ ନୁହଁନ୍ତି, ଅନ୍ୟ ବିଜେପି ଆଶାୟୀଙ୍କ ସମର୍ଥକମାନେ ମଧ୍ୟ ସୁରେଶଙ୍କୁ ବିରୋଧ କରିବେ ବୋଲି ସାଧାରଣରେ ଆଲୋଚନା ହେଉଛି। ବିଜେପିରେ ହିଁ ସୁରେଶଙ୍କୁ କର୍ମୀ ବିରୋଧ କରୁଛନ୍ତି। କେହି କେହି ଖୋଲାଖୋଲି ଭାବରେ ବିରୋଧ କରୁଥିବା କେତେକ ଗୁପ୍ତରେ ବିରୋଧ କରୁଛନ୍ତି। ସୁରେଶଙ୍କୁ

### ହାରିବାରେ ହୋଇଛି ହ୍ୟାଟ୍ରିକ୍

ଟିକଟ ମିଳିବା ପରେ ସୁଜିତଙ୍କୁ ବ୍ରଜରାଜନଗରରେ ଆଉ ଦେଖିବାକୁ ମିଳୁନାହିଁ। ସୁଜିତ ସିଂ କୁଆଡ଼େ ସୁରେଶଙ୍କୁ ହରାଇବା ପାଇଁ ନିଜ ସମର୍ଥକଙ୍କୁ କହୁଥିବା ନେଇ ଆଲୋଚନା ହେଉଛି। କିନ୍ତୁ ସୁଜିତ ଏପରି ଘଟଣାକୁ ସର୍ବସମ୍ମୁଖରେ ଖଣ୍ଡନ କରୁଛନ୍ତି। ଯଦି ସୁଜିତଙ୍କ ସମର୍ଥକ ସୁରେଶଙ୍କୁ ବିରୋଧ କରି ସେମାନେ ଅନ୍ୟଦଳକୁ ସମର୍ଥନ ଦିଅନ୍ତି ତେବେ ବ୍ରଜରାଜନଗର ବିଧାନସଭା କ୍ଷେତ୍ରରେ ସୁରେଶ ୪ର୍ଥ ଥର ପାଇଁ ହାରି ଆଉ ଏକ ରେକର୍ଡ କରିପାରନ୍ତି ବୋଲି ରାଜନୈତିକ ବିଶାରଦମାନଙ୍କ ମତ।

## ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନକୁ ଆଉ ୪ଦିନ ବାକି

# ଘମାଘୋଟ ଲଢ଼େଇ ପାଇଁ ପ୍ରାର୍ଥୀ-ଦଳ-କର୍ମୀ ସଜବାଜ

**ଭୁବନେଶ୍ୱର, ୧୪।୪(ସମିସ):** ଆସନ୍ତା ମେ’ ୧୩ ତାରିଖରେ ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ମତଦାନ ହେବ। ଏହି ପର୍ଯ୍ୟାୟରେ ମୋଟ ୪ଟି ଲୋକସଭା ଏବଂ ୨୮ଟି ବିଧାନସଭା ଆସନରେ ମତଦାନ ହେବାକୁ ଥିବା ବେଳେ ଆସନ୍ତା ୧୮ରୁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ନାମାଙ୍କନକୁ ମାତ୍ର ୫ଦିନ ବାକି ଥିବା ବେଳେ ରାଜ୍ୟରେ ନିର୍ବାଚନୀ ଉଷ୍ମତା ବେଶ୍ ପରିଲକ୍ଷିତ ହେଲାଣି। ବିଶେଷକରି ପ୍ରଥମ ପର୍ଯ୍ୟାୟ ମତଦାନକୁ ନେଇ ଦକ୍ଷିଣ ଓଡ଼ିଶା ରାଜନୀତି ବେଶ୍ ସରଗରମ ହୋଇଉଠିଛି। ଏହି ପର୍ଯ୍ୟାୟରେ ସମସ୍ତ ୪ ଲୋକସଭା ଆସନ ସହ ପ୍ରାୟ ୭ରୁ ୮ ବିଧାନସଭା ଆସନ ବେଶ୍ ଚର୍ଚ୍ଚାରେ ରହିଛି। ଏଠାରେ ଘମାଘୋଟ ଲଢ଼େଇ ଦେଖିବାକୁ ମିଳିପାରେ ବୋଲି ରାଜନୈତିକ ବିଶାରଦମାନେ ଆକଳନ କରୁଛନ୍ତି। ନର୍ଲା, ନୂଆପଡ଼ା, ପାରଳାଖେମୁଣ୍ଡି, ଧର୍ମଗଡ଼, ଭବାନୀପାଟଣା, କୋରାପୁଟ, ଭବାନୀପାଟଣା, ଜୟପୁର ପରି ଆସନରେ ବିଭିନ୍ନ ଦଳର ହେଭିୱେଟ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ନିର୍ବାଚନରେ ବିଜୟ ସମସ୍ତଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇଥିବା ବେଳେ ଏହାକୁ ନେଇ ଭୋଟରଙ୍କ ମନରେ ଉତ୍କଣ୍ଠା ଚରମ ସୀମାରେ ପହଞ୍ଚିଛି।

ପ୍ରଥମ ପର୍ଯ୍ୟାୟରେ ବ୍ରହ୍ମପୁର, କୋରାପୁଟ, କଳାହାଣ୍ଡି ଓ ନବରଙ୍ଗପୁର ଲୋକସଭା ଆସନରେ ମତଦାନ ହେବାକୁ ଯାଉଛି। ତେବେ ବ୍ରହ୍ମପୁର ଓ ନବରଙ୍ଗପୁର ଲୋକସଭା ଆସନରେ ଚଳିତଥର ବେଶ୍ ଚର୍ଚ୍ଚାରେ ରହିଥିବା ବେଳେ ଏଠାରେ ହାଇ-ଭୋଲଟେଜ୍ ମୁକାବିଲା ଦେଖିବାକୁ ମିଳିବ ବୋଲି ରାଜନୀତିକ ମହଲରେ ଆଲୋଚନା ହେଉଛି। ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ଗତଥର ବିଜେଡି ପ୍ରାର୍ଥୀ ଚନ୍ଦ୍ରଶେଖର ସାହୁଙ୍କର ଜିତାପଟ ହୋଇଥିଲା।

- ପ୍ରଥମ ପର୍ଯ୍ୟାୟରେ ୪ ଲୋକସଭା, ୨୮ ବିଧାନସଭା ଆସନ ପାଇଁ ମତଦାନ
- ୨୮ ବିଧାନସଭା ଆସନରୁ ଗତଥର ବିଜେଡିକୁ ମିଳିଥିଲା ୨୧
- ମତଦାନକୁ ନେଇ ଭୋଟର୍‌ଙ୍କ ମଧ୍ୟରେ ବଢ଼ୁଛି ଉତ୍କଣ୍ଠା
- ଫୋକସରେ ବ୍ରହ୍ମପୁର, ନବରଙ୍ଗପୁର ଲୋକସଭା ଆସନ
- ନୂଆପଡ଼ା, ନର୍ଲା, ପାରଳାଖେମୁଣ୍ଡି, ଭବାନୀପାଟଣା, ଧର୍ମଗଡ଼ରେ ହେଭିୱେଟ୍ କରୁଛନ୍ତି ଭାଗ୍ୟ ପରୀକ୍ଷା

ତେବେ ଚଳିତଥର ଏଠାରୁ ବିଜେଡି ପକ୍ଷରୁ ଭୃଗୁ ବକ୍ସିପାତ୍ର ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବିଜେପିରୁ ପ୍ରଦୀପ ପାଣିଗ୍ରାହୀ ଏବଂ କଂଗ୍ରେସରୁ ରଶ୍ମିରଞ୍ଜନ ପଟ୍ଟନାୟକ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ତେବେ ଏଠାରେ ଭୃଗୁ ଏବଂ ପ୍ରଦୀପଙ୍କ ମଧ୍ୟରେ ସିଧାସଳଖ ଲଢ଼େଇ ହେବା ନେଇ ଆଶା କରାଯାଉଛି। ସେହିପରି ନବରଙ୍ଗପୁର ଆସନ ଚଳିତଥର ବେଶ୍ ଚର୍ଚ୍ଚାରେ ରହିଛି। ତିନି ଦଳ ବିଜେପି, ବିଜେଡି ଓ କଂଗ୍ରେସ ଏଠାରୁ ନିଜ ନିଜ ଦଳର ଅଭିଜ୍ଞ



ନେତାଙ୍କୁ ପ୍ରାର୍ଥୀ କରିଛନ୍ତି। ବିଜେଡି ପ୍ରଦୀପ ମାଝୀଙ୍କୁ ଟିକଟ ଦେଇଥିବା ବେଳେ ବିଜେପି ବଳଭଦ୍ର ମାଝୀ ଓ କଂଗ୍ରେସ ଭୁଜବଳ ମାଝୀଙ୍କୁ ମଇଦାନକୁ ଓହ୍ଲାଇଛି। ଗତଥର ବିଜେଡିର ରମେଶ ଚନ୍ଦ୍ର ମାଝୀ ଏଠାରୁ ବିଜୟ ଲାଭ କରିଥିଲେ। ସେହିପରି କଳାହାଣ୍ଡି ସଂସଦୀୟ କ୍ଷେତ୍ରରୁ ବିଜେଡି ଲମ୍ବୋଦର ନିଆଳଙ୍କୁ ପ୍ରାର୍ଥୀ କରିଥିବା ବେଳେ ବିଜେପି ମାଳବିକା କେଶରୀ ଦେଓ ଏବଂ କଂଗ୍ରେସ ଦ୍ରୌପଦୀ ମାଝୀଙ୍କୁ ପ୍ରାର୍ଥୀ କରିଛି। ସେହିପରି କୋରାପୁଟରୁ କୌଶଲ୍ୟା ହିକ୍‌କା ବିଜେଡିରୁ ପ୍ରାର୍ଥୀ ହୋଇଥିବା ବେଳେ ବିଜେପିରୁ କାଳୀରାମ ମାଝୀ ଏବଂ କଂଗ୍ରେସରୁ ସାଂସଦ ସପ୍ତଗିରି ଉଲ୍ଲାକା ପ୍ରାର୍ଥୀ ହୋଇଛନ୍ତି।

ସେହିପରି ବିଧାନସଭା କଥା ଆଲୋଚନା କଲେ, ପ୍ରଥମ ପର୍ଯ୍ୟାୟର ୨୮ ଆସନ ନିର୍ବଚନ ଅନୁଷ୍ଠିତ ହେବାକୁ ଯାଉଛି। ୨୦୧୯ ବିଧାନସଭା ନିର୍ବାଚନରେ ତନ୍ମଧ୍ୟରୁ ବିଜେଡି ସର୍ବାଧିକ ୨୧ଟି ଆସନରେ ଜିତିଥିବା ବେଳେ ବିଜେପି ୪ଟି ଏବଂ କଂଗ୍ରେସ ୩ଟି ଆସନରେ ବିଜୟୀ ହୋଇଥିଲା। ତେବେ ଚଳିତଥର ଉପରୋକ୍ତ ଆସନ ମଧ୍ୟରୁ ୭-୮ଟି ଆସନରେ ହେଭିୱେଟ୍ ଲଢୁଥିବା ବେଳେ ଏସବୁ ଆସନ ଫୋକସରେ ରହିଛି। ନୂଆପଡ଼ା ବିଧାନସଭା ଆସନରୁ ପିସିସି ସଭାପତି ଶରତ ପଟ୍ଟନାୟକ ନିର୍ବାଚନ ଲଢୁଛନ୍ତି। ସେହିପରି ବିଜେଡିରୁ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଏବଂ ବିଜେପିରୁ ସାଂସଦ ବସନ୍ତ ପଣ୍ଡାଙ୍କ ପୁଅ ଅଭିନନ୍ଦନ ପଣ୍ଡା ନିର୍ବାଚନ ଲଢ଼ିବେ। ସେହିପରି ନର୍ଲାରୁ କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତଚରଣ ଦାସ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ବିଜେଡିରୁ ମନୋରମା ମହାନ୍ତି ଏବଂ ବିଜେପିରୁ ଅନିରୁଦ୍ଧ ମହାନ୍ତି ଭାଗ୍ୟ ପରୀକ୍ଷା କରିବାକୁ ଯାଉଛନ୍ତି।

ପାରଳାଖେମୁଣ୍ଡିରେ ଚଳିତଥର ବଡ଼ ଲଢ଼େଇ ଦେଖିବାକୁ ମିଳିପାରେ ବୋଲି କୁହାଯାଉଛି। ଏଠାରୁ କଂଗ୍ରେସ ପିସିସି ନିର୍ବାଚନ ସମନ୍ୱୟ କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକଙ୍କୁ ମଇଦାନକୁ ଓହ୍ଲାଇଥିବା ବେଳେ ବିଜେପିରୁ ବର୍ତ୍ତମାନର ବିଧାୟକ କେ. ନାରାୟଣ ରାଓ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ବିଜେଡିରୁ ରୂପେଶ ପାଣିଗ୍ରାହୀ ମଇଦାନକୁ ଓହ୍ଲାଇଛନ୍ତି। ଭବାନୀପାଟଣାରେ ମଧ୍ୟ ଚଳିତଥର ଘମାଘୋଟ ଲଢ଼େଇ ଦେଖିବାକୁ ମିଳିପାରେ ବୋଲି ଅନୁମାନ କରୁଛନ୍ତି ରାଜନୀତିକ ମହଲ। ଭବାନୀପାଟଣାରେ ବିଜେଡି ଲତିକା ନାୟକଙ୍କୁ ମଇଦାନକୁ ଓହ୍ଲାଇଛି। ସେହିପରି ବିଜେପିରୁ ହେଭିୱେଟ୍ ତଥା ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ପୁଣିଥରେ ଭାଗ୍ୟ ପରୀକ୍ଷା କରୁଥିବା ବେଳେ କଂଗ୍ରେସରୁ ଭକ୍ତ ଦାସଙ୍କ ପୁଅ ସାଗର ଚରଣ ଦାସ ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି। ଧର୍ମଗଡ଼ରେ ବିଜେଡିରୁ ହେଭିୱେଟ୍ ପୁଷ୍ପେନ୍ଦ୍ର ସିଂହଦେଓ, ବିଜେପିରୁ ସୁଧୀର ପାଟ୍ଟଯୋଶୀ ଓ କଂଗ୍ରେସରୁ ରଶ୍ମିରେଖା ରାଉତ ଚଳିତଥର ଭାଗ୍ୟ ପରୀକ୍ଷା କରିବେ। ଅନ୍ୟ ଆସନ ମଧ୍ୟରେ କୋରାପୁଟ, ଜୟପୁର, ଖରିଆର, ବିଷମ କଟକରେ ମଧ୍ୟ କଡ଼ା ମୁକାବିଲା ଦେଖିବାକୁ ମିଳିବ ବୋଲି ଆକଳନ କରାଯାଉଛି।

# ବାଲେଶ୍ୱରରେ ଲେଖାଶ୍ରୀଙ୍କ ପ୍ରଚାର ଆରମ୍ଭ

- ରେମୁଣା କ୍ଷୀରଚୋରା ଗୋପୀନାଥଙ୍କ ଆଶୀର୍ବାଦ ନେଲେ
- ‘ବିଜେପିରେ ମୋତେ ପ୍ରତ୍ୟାଖାନ କରାଯାଇଥିଲା; ମୁଖ୍ୟମନ୍ତ୍ରୀ ଆସ୍ଥା ପ୍ରକଟ କରିଛନ୍ତି

**ବାଲେଶ୍ୱର,୧୪।୪(ସମିସ):** ବାଲେଶ୍ୱର ଲୋକସଭା ଆସନ ପାଇଁ ୩ ପ୍ରମୁଖ ଦଳ ବିଜେଡି, ବିଜେପି ଓ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିସାରିଛନ୍ତି। ବିଜେପି ପ୍ରତାପ ଷଡ଼ଙ୍ଗୀଙ୍କୁ ରିପିଟ୍ କରିଥିବା ବେଳେ କଂଗ୍ରେସ ଭେଟେରାନ୍ ନେତା ଶ୍ରୀକାନ୍ତ ଜେନାଙ୍କୁ ପ୍ରାର୍ଥୀ କରିଛି। ବିଜେଡି ନୂଆମୁହଁ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ମଇଦାନକୁ ଓହ୍ଲାଇ ମହିଳା କାର୍ଡ ଖେଳିଛି। ଆଗକୁ ଏହି ଆସନ ପାଇଁ ୩ ଦଳ ମଧ୍ୟରେ ଘମାଘୋଟ ଲଢ଼େଇ ହେବାକୁ ଥିବା ବେଳେ ବିଜେଡିର ପ୍ରାର୍ଥୀ ଶ୍ରୀମତୀ ସାମନ୍ତସିଂହାର ଆଜି ପବିତ୍ର ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ପ୍ରଚାର ଆରମ୍ଭ କରିଛନ୍ତି। ଆଜି ସକାଳେ ସେ ରେମୁଣାସ୍ଥିତ କ୍ଷୀରଚୋରା ଗୋପୀନାଥ ମନ୍ଦିରରେ ଠାକୁରଙ୍କ ଆଶୀର୍ବାଦ ଭିକ୍ଷା କରି ପ୍ରଚାର ଅଭିଯାନ ଆରମ୍ଭ କରିଛନ୍ତି।





ଏହି ଅବସରରେ ଲେଖାଶ୍ରୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ସେ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ମହିଳା ଶକ୍ତିକୁ ପ୍ରାଧାନ୍ୟ ସର୍ବଦା ପ୍ରାଧାନ୍ୟ ଦେଇ ଆସିଛନ୍ତି। ମହିଳାମାନଙ୍କର ସଶକ୍ତୀକରଣ ପାଇଁ ତାଙ୍କର ଯେଉଁ ପ୍ରତିବଦ୍ଧତା ରହିଛି, ତାହାକୁ ଅକ୍ଷରେଅକ୍ଷରେ ପାଳନ କରିଛନ୍ତି। ମୁଁ ଜଣେ ଓବିସି ମହିଳା; ବିଜେପିରେ ଥିବା ବେଳେ ସେଠାରେ ମୋତେ ପ୍ରତ୍ୟାଖ୍ୟାନ କରାଯାଇଛି। ମୁଖ୍ୟମନ୍ତ୍ରୀ ମହିଳାଙ୍କୁ ସମ୍ମାନ ଦେଇ ମୋତେ ଖୋଲା ହୃଦୟରେ ସ୍ୱୀକାର କରିଥିବାରୁ ମୁଁ ତାଙ୍କୁ ଅନ୍ତରରୁ ଧନ୍ୟବାଦ ଦେଉଛି। ସେ ଆହୁରି କହିଥିଲେ, ମୁଖ୍ୟମନ୍ତ୍ରୀ ମୋତେ ଡାକି କହିଛନ୍ତି ଯେ ପବିତ୍ର କ୍ଷୀରଚୋରା ଗୋପୀନାଥ ପୀଠର ରୂପାନ୍ତରଣ, ସୌନ୍ଦର୍ଯ୍ୟୀକରଣ ଆଦି ତାଙ୍କର ଦାୟିତ୍ୱ। ତାଙ୍କ ବିକାଶଧାରାରେ ଯୋଡ଼ି ହୋଇ କାର୍ଯ୍ୟ କରିବାର ଏକ ଗୁରୁଦାୟିତ୍ୱ ମୋତେ ମିଳିଛି। ତେଣୁ ମୁଁ ମୁଖ୍ୟମନ୍ତ୍ରୀଙ୍କର ଜଣେ ସିପାହୀ ହୋଇ ବାଲେଶ୍ୱର ଲୋକସଭା କ୍ଷେତ୍ରର ଲୋକଙ୍କ ସେବା କରିବି। ବାଲେଶ୍ୱରବାସୀଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ଯାହା କୁହନ୍ତି ସେ ତାହା କାମରେ କରି ଦେଖାନ୍ତି। କର୍ମୀ ହିସାବରେ ମୁଖ୍ୟମନ୍ତ୍ରୀଙ୍କ ଯାହା ନିର୍ଦ୍ଦେଶ ରହିଛି ତାହାକୁ କିପରି ଆଗକୁ ନେବା ଏବଂ ବାଲେଶ୍ୱରକୁ ବିଶ୍ୱ ଦରବାରରେ ସ୍ଥାପିତ କରିବା ମୋର ମୂଳ ଲକ୍ଷ୍ୟ। ଏହି ଅବସରରେ ସେ ‘୫-ଟି’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ରାଜ୍ୟ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ କୃତଜ୍ଞତା ପ୍ରଦାନ କରିଥିଲେ। ତାଙ୍କ ସହ ବିଧାୟକ ସ୍ୱରୂପ କୁମାର ଦାସ ଓ ବହୁ ସଂଖ୍ୟାରେ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ଦଳୀୟ ପ୍ରଚାର ଗାଡ଼ିକୁ ପଥର ମାଡ଼; ପିଇଓଙ୍କ ନାମରେ ଏତଲା

**ମାଲକାନଗିରି, ୧୪।୪ (ସମିସ):** ଦଳୀୟ ପ୍ରଚାର ଗାଡ଼ିକୁ ପଥର ଫିଙ୍ଗିବା ଅଭିଯୋଗରେ ଜଣେ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ଙ୍କ ନାମରେ ଥାନାରେ ଅଭିଯୋଗ ହୋଇଛି। ମାଲକାନଗିରି ଥାନା ଅନ୍ତର୍ଗତ ସତିଗୁଡ଼ା ଗ୍ରାମ ନିକଟରେ ଏହି ଘଟଣା ଘଟିଛି। ସୂଚନା ଅନୁଯାୟୀ, ଶନିବାର ସତିଗୁଡ଼ା ଗ୍ରାମ ନିକଟରେ ବିଜୁ ଜନତା ଦଳର ପ୍ରଚାର ଗାଡ଼ି ପ୍ରଚାର କରୁଥିବା ବେଳେ ମାଲକାନଗିରି ବ୍ଲକର ପଞ୍ଚାୟତ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ଶୁଭ୍ରାଂଶୁ ନାୟକ ଏବଂ ରବି ପାଙ୍ଗିଙ୍କ ସହ ଅନ୍ୟ ୪ଜଣ ସେଠାରେ ପହଞ୍ଚି ପ୍ରଚାର ଗାଡ଼ିକୁ ବିରୋଧ କରିଥିଲେ। ପ୍ରଚାର ବନ୍ଦ ପାଇଁ କହିବା ସହ ଚାଳକଙ୍କୁ ଗାଳିଗୁଲଜ କରିଥିଲେ। ଏହାସହ ଗାଡ଼ିରେ ଲାଗିଥିବା ଏଲଇଡିକୁ ପଥର ମାରି ଭାଙ୍ଗିବାକୁ ଚେଷ୍ଟା କରିବା ସହ ପୋଷ୍ଟରଗୁଡ଼ିକୁ ମଧ୍ୟ ଚିରି ଦେଇଥିଲେ। ଏନେଇ ମାଲକାନଗିରି ଥାନାରେ ବିଜେଡିର ଯୁବନେତା ରାଜେଶ ହରିଜନ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାର ଉପଯୁକ୍ତ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଜଣେ ସରକାରୀ କର୍ମଚାରୀ ଏବଂ ବିଏଲପୁର ପଞ୍ଚାୟତରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ଶ୍ରୀ ନାୟକ ଏପରି କାହିଁକି କରିଛନ୍ତି, ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ସେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ସମର୍ଥନ କରୁଥିବାରୁ ଏପରି କରିଥିବା ନେଇ ଚର୍ଚ୍ଚା ହେଉଛି। ଏ ସଂପର୍କରେ ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଘଟଣାର ତଦନ୍ତ ଜାରି ରହିଛି, ତଦନ୍ତ ପରେ ସତ୍ୟତା ସାମ୍ନାକୁ ଆସିବ।

## ୭୫ ବିଧାନସଭା ଆସନ ପାଇଁ କଂଗ୍ରେସର ପ୍ରାର୍ଥୀ ତାଲିକା

| | | | |
|---|---|---|---|
| ଅଠାବିରା | ଅଭଷେକ ସେଠ୍ | କାମାକ୍ଷାନଗର | ବିପ୍ରବର ସାହୁ |
| ତଳସରା | ଦେବେନ୍ଦ୍ର ଭିତିରିଆ (ନୂଆ ପ୍ରାର୍ଥୀ) | ପର୍ଜଙ୍ଗ | ରଞ୍ଜିତ କୁମାର ସାହୁ |
| କୁଚିଣ୍ଡା | କେଦାରନାଥ ବରିହା | ତାଳଚେର | ପ୍ରଫୁଲ୍ଲ ଚନ୍ଦ୍ର ଦାସ |
| ରେଙ୍ଗାଲି | ଦିଲ୍ଲୀପ କୁମାର ଦୁରିଆ | ଅନୁଗୁଳ | ଅମ୍ବିକା ପ୍ରସାଦ ଭଟ୍ଟ |
| ସମ୍ବଲପୁର | ଦୁର୍ଗା ପ୍ରସାଦ ପାଢ଼ୀ | ଛେଣ୍ଡିପଦା | ନରୋତ୍ତମ ନାୟକ |
| ରେଢ଼ାଖୋଲ | ଆସଫ୍ ଅଲ୍ଲୀ ଖାନ | ଆଠମଲ୍ଲିକ | ବିଜୟାନନ୍ଦ ଚାଉଳିଆ |
| ଦେବଗଡ଼ | ସେମ ହେମ୍ବ୍ରମ | ବୀରମହାରାଜପୁର | ପ୍ରଦୀପ ସେଠୀ |
| ତେଲକୋଇ | ନିର୍ମଳ ଚନ୍ଦ୍ର ନାୟକ | ସୋନପୁର | ପ୍ରିୟବ୍ରତ ସାହୁ |
| ଘସିପୁରା | ସୁବ୍ରତ ଚକ୍ର | ଟିଟିଲାଗଡ଼ | ବୀରେନ୍ଦ୍ର ବାଗ |
| ଆନନ୍ଦପୁର | ଜୟଦେବ ଜେନା | ଖରିଆର | କମଳ ଚରଣ ତାଣ୍ଡି |
| ପାଟନା | ହୃଷିକେଶ ନାୟକ | ବାଲିଗୁଡ଼ା | ଉପେନ୍ଦ୍ର ପ୍ରଧାନ (ନୂଆ ପ୍ରାର୍ଥୀ) |
| କେଉଁଝର | ପ୍ରତିଭା ମଞ୍ଜରି ନାୟକ | ବଡ଼ମ୍ବା | ସଞ୍ଜୟ କୁମାର ସାହୁ |
| ଚମ୍ପୁଆ | ଯଶବନ୍ତ ଲାଗୁରି | ବାଙ୍କୀ | ଦେବାଶିଷ ପଟ୍ଟନାୟକ |
| ଯଶୀପୁର | ଶ୍ୱେତା ଚତ୍ତର | ଆଠଗଡ଼ | ମେହେବୁବ୍ ଅହମ୍ମଦ ଖାନ୍ |
| ସାରସକଣା | ରାମ କୁମାର ସୋରେନ | ଚୌଦ୍ୱାର-କଟକ | ମୀରା ମଲ୍ଲିକ |
| ରାଇରଙ୍ଗପୁର | ଯୋଗେନ୍ଦ୍ର ବନରା | ନୀଆଳି | ଜ୍ୟୋତି ରଞ୍ଜନ ମଲ୍ଲିକ |
| ବାଙ୍ଗୀରିପୋଷି | ମୁରଲିଧର ନାୟକ | କଟକସଦର | ରାମ ଚନ୍ଦ୍ର ଗୋଛାୟତ |
| କରଞ୍ଜିଆ | ଲକ୍ଷ୍ମୀଧର ସିଂହ | ସାଲେପୁର | ଆକ୍ୟୁବ୍ ଉଜାମନ ଖାନ୍ |
| ଉଦଳା | ଦୁର୍ଗାଚରଣ ଟୁଡୁ | ପାଟକୁରା | ରତିକାନ୍ତ କାନୁନଗୋ |
| ବାରିପଦା | ବାଦଲ ହେମ୍ବ୍ରମ | ଆଳି | ଦେବସ୍ମିତା ଶର୍ମା |
| ମୋରଡ଼ା | ପ୍ରଭାସ କର ମହାପାତ୍ର | ପାରାଦୀପ | ନିରଞ୍ଜନ ନାୟକ |
| ଭୋଗରାଇ | ସତ୍ୟଶିବ ଦାସ | ତିର୍ତ୍ତୋଲ | ହିମାଂଶୁ ଭୂଷଣ ମଲ୍ଲିକ |
| ବସ୍ତା | ବିଜନ ନାୟକ | ବାଲିକୁଦା-ଏରସମା | ନଳିନୀ ସ୍ୱାଇଁ |
| ରେମୁଣା | ସୁଦର୍ଶନ ଜେନା | ପୁରୀ | ସୁଜିତ ମହାପାତ୍ର |
| ସୋର | ସୁବ୍ରତ ଧଡ଼ା | ବ୍ରହ୍ମଗିରି | ମିତ୍ରଭାନୁ ମହାପାତ୍ର |
| ସିମୁଳିଆ | ହିମାଂଶୁ ଶେଖର ବେହେରା | ଜୟଦେବ | ଜୟନ୍ତ କୁମାର ଭୋଇ |
| ଭଣ୍ଡାରୀପୋଖରୀ | ନିରଞ୍ଜନ ପଟ୍ଟନାୟକ | ଏକାମ୍ର-ଭୁବନେଶ୍ୱର | ପ୍ରଶାନ୍ତ କୁମାର ଚମ୍ପତି |
| ଭଦ୍ରକ | ଅସିତ ପଟ୍ଟନାୟକ | ଜଟଣୀ | ସନ୍ତୋଷ ଜେନା |
| ବାସୁଦେବପୁର | ଅଶୋକ କୁମାର ଦାସ | ବେଗୁନିଆ | ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ |
| ଧାମନଗର | ରଞ୍ଜନ କୁମାର ବେହେରା | ରଣପୁର | ବିଭୁ ପ୍ରସାଦ ମିଶ୍ର |
| ଚାନ୍ଦବାଲି | ଅମୀୟ କୁମାର ମହାପାତ୍ର | ନୟାଗଡ଼ | ରଞ୍ଜିତ ଦାଶ |
| ବିଞ୍ଝାରପୁର | କନକଲତା ମଲ୍ଲିକ | କବିସୂର୍ଯ୍ୟନଗର | ବିପିନ ବିହାରୀ ସ୍ୱାଇଁ (ନୂଆ ପ୍ରାର୍ଥୀ) |
| ବରୀ | ଆରତୀ ଦେଓ | ଖଲ୍ଲିକୋଟ | ଚିତ୍ରସେନ ବେହେରା |
| ଧର୍ମଶାଳା | କିଷାନ ପଣ୍ଡା | ଆସ୍କା | ସୁରଭି ବିଷୋୟୀ |
| ଯାଜପୁର | ସୁଦୀପ କୁମାର କର | ହିଞ୍ଜିଳି | ରଜନୀକାନ୍ତ ପାଢ଼ୀ |
| କୋରେଇ | ବନ୍ଦିତା ପରିଡ଼ା | ବ୍ରହ୍ମପୁର | ଦୀପକ ପଟ୍ଟନାୟକ |
| ଢେଙ୍କାନାଳ | ସୁସ୍ମିତା ସିଂହଦେଓ | ଦିଗପହଣ୍ଡି | ଶ୍ରୀଧର ଦେବ |
| ହିନ୍ଦୋଳ | ଗୋବର୍ଦ୍ଧନ ଶେଖର ନାୟକ | | |

**ଭଦ୍ରକ ଲୋକସଭା ଆସନ**

# ଏଥର ତ୍ରିମୁଖୀ ଲଢ଼େଇ

## ବିଜେଡିରୁ ମଞ୍ଜୁଲତା, ବିଜେପିରୁ ଅଭିମନ୍ୟୁ ଓ କଂଗ୍ରେସରୁ ଅନନ୍ତ

**ଭଦ୍ରକ, ୧୪।୪(ସମିସ):** ଭଦ୍ରକ ଜିଲ୍ଲାର ୫ ଗୋଟି ବିଧାନସଭା କ୍ଷେତ୍ର-ଭଣ୍ଡାରିପୋଖରୀ, ଭଦ୍ରକ, ବାସୁଦେବପୁର, ଧାମନଗର (ସଂରକ୍ଷିତ) ଓ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ସହ ବାଲେଶ୍ୱର ଜିଲ୍ଲାର ସିମୁଳିଆ ଓ ସୋର(ସଂରକ୍ଷିତ) ବିଧାନସଭା ଆସନକୁ ନେଇ ଗଠିତ ଭଦ୍ରକ ସଂରକ୍ଷିତ ଭଦ୍ରକ ଲୋକସଭା ଆସନରେ ୩ ପ୍ରମୁଖ ରାଜନୈତିକ ଦଳ ସେମାନଙ୍କ ପ୍ରାର୍ଥୀ ଘୋଷଣା କରିଛନ୍ତି। ଉଭୟ ବିଜେଡି ଓ ବିଜେପି ଗତ ନିର୍ବାଚନରେ ଲଢ଼ିଥିବା ପ୍ରାର୍ଥୀଙ୍କୁ ରିପିଟ୍ କରିଥିବା ବେଳେ କଂଗ୍ରେସ ଦଳ ଜଣେ ପୁରୁଖା, ବରିଷ୍ଠ ନେତାଙ୍କୁ ପ୍ରାର୍ଥୀ କରିଛି। ଗତ ନିର୍ବାଚନରେ ବିଜେଡିରୁ ସାଂସଦ ହୋଇଥିବା ମଞ୍ଜୁଲତା ମଣ୍ଡଳଙ୍କୁ ବିଜେଡି ପୁଣି ଦୋହରାଇଥିବା ବେଳେ ଗତଥର ବିଜେପିରୁ ପ୍ରାର୍ଥୀ ହୋଇ ପରାଜିତ ହୋଇଥିବା ଅଭିମନ୍ୟୁ ସେଠୀଙ୍କୁ ବିଜେପି ପୁଣି ପ୍ରାର୍ଥୀ କରିଛି। ତେବେ ଗତଥର କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ମଧୁମିତା ସେଠୀଙ୍କ ପିତା ବରିଷ୍ଠ କଂଗ୍ରେସ ନେତା ତଥା ପ୍ରାକ୍ତନ ସାଂସଦ ଓ ବିଧାୟକ ଅନନ୍ତପ୍ରସାଦ ସେଠୀଙ୍କୁ ଦଳ ଏଥର ନିର୍ବାଚନ ମଇଦାନକୁ ଛାଡ଼ିଛି। କହିବାକୁ ଗଲେ, ଏଥର ଭଦ୍ରକ ଲୋକସଭା ଆସନରେ ଏଥର ବିଜେଡି-ବିଜେପି ଓ କଂଗ୍ରେସ ଦଳ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ପୂର୍ବାନୁମାନ କରାଯାଉଛି।

ଏହି ଲୋକସଭା ଆସନ ଅଧୀନରେ ଥିବା ୭ଗୋଟି ବିଧାନସଭା କ୍ଷେତ୍ର-ଭଣ୍ଡାରିପୋଖରୀ, ଭଦ୍ରକ, ବାସୁଦେବପୁର, ଧାମନଗର, ଚାନ୍ଦବାଲି,







ସିମୁଳିଆ ଓ ସୋରୋରୁ ବିଜେଡିରୁ ୬ଜଣ ବିଧାୟକ ବିଜୟୀ ହୋଇଥିବା ବେଳେ ଏକମାତ୍ର ସାଂସଦ ବି ବିଜେଡିରୁ ବିଜୟୀ ହୋଇଥଲେ। କେବଳ ଧାମନଗର ସଂରକ୍ଷିତ ବିଧାନସଭା ଆସନରେ ବିଜେପି ବିଜୟୀ ହୋଇଥିଲା। କଂଗ୍ରେସ ପ୍ରାର୍ଥୀ ଅନନ୍ତ ପ୍ରସାଦ ଗତ ୧୯୮୪ ନିର୍ବାଚନରେ ଏହି ଆସନରୁ କଂଗ୍ରେସ ଦଳରୁ ବିଜୟୀ ହୋଇ ବିଜୟୀ ହୋଇଥିବା ବେଳେ ଗତ ୧୯୮୯ ଓ ୨୦୦୯ ନିର୍ବାଚନରେ କଂଗ୍ରେସରୁ ସାଂସଦ ପ୍ରାର୍ଥୀ ହୋଇ ପରାଜିତ ବରଣ କରିଥିଲେ। ତେବେ ଶ୍ରୀ ସେଠୀ ବିଗତ ୧୯୯୬ରୁ ୨୦୦୨ ଯାଏଁ ରାଜ୍ୟସଭା ସାଂସଦ ମନୋନୀତ ହୋଇଥିବା ବେଳେ ୨୦୦୪ରେ ଭଣ୍ଡାରିପୋଖରୀ ସଂରକ୍ଷିତ ଆସନରୁ କଂଗ୍ରେସ ଦଳରୁ ବିଜୟୀ ହୋଇଥିଲେ। ତାଙ୍କର ଅଭିଜ୍ଞତା ଓ ବରିଷ୍ଠତାକୁ ନେଇ କଂଗ୍ରେସ ତାଙ୍କୁ ପ୍ରାର୍ଥୀ କରିଛି। ସେହିପରି ଲଗାତର ଭାବେ ଗତ ୬ଟି ନିର୍ବାଚନରେ ବିଜୟୀ ହୋଇ ଏହି ଆସନଟିକୁ ଗଡ଼ ଭାବେ ପରିଚିତ କରିଥିବା ବିଜେଡି ଏହି ଆସନରେ ପୁଣି ନିର୍ବାଚିତ ହେବାକୁ ଆଶାବାଦୀ ରହିଛି।

ଗତ ନିର୍ବାଚନରେ ଏଠାରୁ ବିଜେଡିରୁ ବିଜୟୀ ପ୍ରଥମ ମହିଳା ସାଂସଦ ହୋଇଥିବା ଶ୍ରୀମତୀ ମଣ୍ଡଳ ମୁଖ୍ୟମନ୍ତ୍ରୀଙ୍କ ଜନକଲ୍ୟାଣ ଯୋଜନା, ଲୋକପ୍ରିୟତା ଓ ଲୋକସଭା ଅଧିବେଶନରେ ଭଦ୍ରକ ସଂସଦୀୟ କ୍ଷେତ୍ରର ବିଭିନ୍ନ ପ୍ରସଙ୍ଗରେ ସ୍ୱର ଉତ୍ତୋଳନ କରିବା ସହ ଅନେକ କେନ୍ଦ୍ରୀୟ ଯୋଜନାର କାର୍ଯ୍ୟକାରିତା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବା ନେଇ ପ୍ରଚାର ଆରମ୍ଭ କରିଛନ୍ତି। ସେହିଭଳି ଗତ ନିର୍ବାଚନରେ ପରାଜିତ ହୋଇଥିବା ବିଜେପି ନେତା ଅଭିମନ୍ୟୁ ସେଠୀ ପ୍ରଧାନମନ୍ତ୍ରୀ ମୋଦୀଙ୍କ ହାୱାକୁ ଆୟୁଧ କରି ନିର୍ବାଚନ ବୈତରଣୀ ପାର୍ ହେବାକୁ ଆଶା ବାନ୍ଧିଛନ୍ତି। ଆଉ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ବରିଷ୍ଠ ନେତା ଅନନ୍ତପ୍ରସାଦ କଂଗ୍ରେସର ବିଧାନସଭା ପ୍ରାର୍ଥୀ ତାଲିକା ଘୋଷଣା ହୋଇନଥିବାରୁ ତାଙ୍କର ପ୍ରଚାର କାର୍ଯ୍ୟକ୍ରମ ଆରମ୍ଭ କରିନଥିବା ଜଣାଯାଇଛି।

ସୂଚନାଯୋଗ୍ୟ, ୭ଟି ବିଧାନସଭା ଆସନକୁ ନେଇ ଗଠିତ ସଂରକ୍ଷିତ ଭଦ୍ରକ ଲୋକସଭା ଆସନରେ ମୋଟ ୧୮୦୪ଟି ବୁଥ ବା ମତଦାନ କେନ୍ଦ୍ର ରହିଛି। ମୋଟ ୧୭ଲକ୍ଷ ୪୨ହଜାର ୨୮୭ ଜଣ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବେ।

## ଜିଲ୍ଲାରେ ଆରମ୍ଭ ହେଲା ଭୋଟର ସଚେତନତା କାର୍ଯ୍ୟକ୍ରମ

# 'ମତେ ହେଲା ଅଠର... ଭୋଟ୍ ଦେବି ଏଥର'





**ବାରିପଦା, ୧୪।୪(ସମିସ)**

ଆସନ୍ତା ମେ ୨୫ ତାରିଖରୁ ମୟୂରଭଞ୍ଜ ଜିଲ୍ଲାରେ ଲୋକସଭା ଓ ବିଧାନସଭା ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ପୂର୍ବ ନିର୍ବାଚନ ଅପେକ୍ଷା ଏଥର ବହୁ ସଂଖ୍ୟାରେ ଭୋଟର ଯେପରି ନିଜ ମତଦାନ ସାବ୍ୟସ୍ତ କରିପାରିବେ ସେଥିଲାଗି ଜିଲ୍ଲା ପ୍ରଶାସନ ବ୍ୟାପକ ରଣନୀତି ପ୍ରସ୍ତୁତ କରିଛି। ପ୍ରଭାବଶାଳୀ ବ୍ୟବସ୍ଥିତ ଭୋଟର ଶିକ୍ଷା ଏବଂ ନିର୍ବାଚନ ଅଂଶଗ୍ରହଣ ମାଧ୍ୟମରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାରେ ଭୋଟହାର ବୃଦ୍ଧି ପାଇଁ ବିଶେଷ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଛି। ଭୋଟରଙ୍କୁ ନିଜ ମତଦାନ ସାବ୍ୟସ୍ତ କରିବା ପାଇଁ ଅନୁପ୍ରାଣିତ କରିବା ଏବଂ ଗଣତାନ୍ତ୍ରିକ ରାଷ୍ଟ୍ରରେ ଭୋଟର ମହତ୍ୱ ବାବଦରେ ବ୍ୟାପକ ଜନସଚେତନତା କରାଯାଉଛି। ଏହି ପରିପ୍ରେକ୍ଷୀରେ ସମଗ୍ର ଜିଲ୍ଲାରେ ଏସଭିଇଇପି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବିଭିନ୍ନ ବ୍ଲକ ଏବଂ ତହସିଲରେ ଯୁବ ଭୋଟରଙ୍କୁ ନିର୍ବାଚନର ମହତ୍ୱ ଓ ସାମ୍ବିଧାନିକ ଅଧିକାରର ପ୍ରକୃତ ଉପାଦେୟତା ବିଷୟରେ ଅବଗତ କରାଯାଉଛି। ଏଥିସହିତ ସ୍କୁଲ ପିଲାଙ୍କ ମାଧ୍ୟମରେ ପ୍ରତିଟି ପରିବାରରୁ ମତଦାନ କରିବାପାଇଁ ସ୍ୱତନ୍ତ୍ର ପୋଷ୍ଟ କାର୍ଡ କ୍ୟାମ୍ପେନ ମଧ୍ୟ ବ୍ଲକ ସ୍ତରରେ କରାଯାଉଛି। ଜିଲ୍ଲାପାଳ ଶ୍ରୀ ସିନ୍ଦେ ବିଭିନ୍ନ ନିର୍ବାଚନ ମଣ୍ଡଳୀ ପରିଦର୍ଶନ କରି ସ୍କୁଲ ପିଲାଙ୍କ ସହିତ କଥା ହେଉଛନ୍ତି। ପ୍ରକାଶ ଥାଉକି, ଜିଲ୍ଲାପାଳ ଉଦଳା ନିର୍ବାଚନ ମଣ୍ଡଳୀ ପରିଦର୍ଶନ କରି ବିଭିନ୍ନ ସ୍କୁଲ ବୁଲି ସମସ୍ତ ପ୍ରତିଯୋଗିତାରେ ନିଜେ ଛାତ୍ରଛାତ୍ରୀଙ୍କୁ ପ୍ରଶ୍ନ ପଚାରିବା ସହିତ ସେମାନଙ୍କୁ ଭୋଟର ସଚେତନତା ବିଷୟରେ ବୁଝାଇଥିଲେ। ଉଦଳାରେ ଥିବା ବିଭିନ୍ନ ସ୍କୁଲ ଏବଂ କଲେଜ ଛାତ୍ରଛାତ୍ରୀଙ୍କ ସକ୍ରିୟ ଅଂଶଗ୍ରହଣ ଦେଖି ଜିଲ୍ଲାପାଳ ଖୁସି ହୋଇ ପୁରସ୍କୃତ କରିଥିଲେ। ପୂର୍ବରୁ ସମସ୍ତ ବ୍ଲକରେ ଏବଂ ଉପଖଣ୍ଡରେ ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରସ୍ତୁତ ମତଦାନର ଶପଥ ପାଠ ହୋଇଥିଲା। ନିର୍ବାଚନ କମିଶନ ଙ୍କ ଦ୍ୱାରା ପ୍ରସ୍ତୁତ ଭୋଟର ସଚେତନତା ସ୍ଲୋଗାନ 'ମତେ ହେଲା ଅଠର... ଭୋଟ ଦେବି ଏଥର' ବାର୍ତ୍ତା ଦ୍ୱାରା ସମସ୍ତ ଘରୋଇ ଗ୍ୟାସ ସିଲିଣ୍ଡର ଏବଂ ଇନ୍ଧନ ଷ୍ଟେସନ ଠାରେ ନିର୍ବାଚନ କମିଶନଙ୍କ ବାର୍ତ୍ତା ପହଞ୍ଚାଇବା ପାଇଁ ଜିଲ୍ଲା ପ୍ରଶାସନ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ମତଦାନ ଅଧିକରୁ ଅଧିକ କରିବାପାଇଁ ଜିଲ୍ଲାପାଳ ଉଦଳାସ୍ଥିତ କୁଣ୍ଡବାଇ, ଶ୍ରୀଦାମପୁର, କାଶୀକୁଣ୍ଡଳ ଅଞ୍ଚଳର ଜନଗହଳି ପୂର୍ଣ୍ଣ ସ୍ଥାନ, ହାଟ, ବଜାର ଆଦି ସ୍ଥାନ ପରିଦର୍ଶନ କରି ମତଦାନର ଆବଶ୍ୟକତା ବିଷୟରେ ଅତି ସରଳ ଭାଷାରେ ବୁଝାଇଥିଲେ। ଅନେକ ସ୍ଥାନରେ ଜିଲ୍ଲାପାଳ ନିଜେ ସଚେତନ ବାର୍ତ୍ତା ପ୍ରଚାର କରିଥିଲେ। ଜିଲ୍ଲାପାଳଙ୍କ ସହିତ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, କପ୍ତିପଦା ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, କପ୍ତିପଦା ପିଏ ଆଇଟିଡିଏ, ନରେନ୍ଦ୍ର ଖମାରି, ଉଦଳା ତହସିଲଦାର ସତ୍ୟଜିତ ମହାନ୍ତି, ବିଡ଼ିଓ ତୃପ୍ତି ବରାଇ, ଅତିରିକ୍ତ ତାହାସଲଦାର ଦିବ୍ୟ ରତ୍ନା ଦାସ ପ୍ରମୁଖ ବହୁ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

- ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କଲେ ଜିଲ୍ଲାପାଳ
- ଭୋଟ ଦେଇ ଗଣତନ୍ତ୍ରର ମହାପର୍ବରେ ସାମିଲ ହେବାକୁ ନିବେଦନ

## ଷ୍ଟେସନ ବଜାରରେ ହନୁମାନ ଜୟନ୍ତୀ ପାଳିତ

**ବାରିପଦା, ୧୪।୪(ସମିସ):** ଷ୍ଟେସନ ବଜାର ହନୁମାନ ମନ୍ଦିରରେ ଶ୍ରୀରାମ ଦୂତ ପବନସୂତ ହନୁମାନଙ୍କ ପବିତ୍ର ଜୟନ୍ତୀ ଅବସରରେ ହୋମଯଜ୍ଞ ଅନୁଷ୍ଠିତ ହେଉଛି। ଗତ ୧୨ ତାରିଖରେ ଅଧିବାସ ପରେ ୧୩ ତାରିଖ ସକାଳେ ମା' ଅମ୍ବିକାଙ୍କ ମନ୍ଦିର ନିକଟ ବୁଢାବଳଙ୍ଗ ନଦୀରୁ ବିରାଟ କଳସ ଯାତ୍ରା ସହର ପରିକ୍ରମା କରିଥିଲା। ଘଣ୍ଟ ଘଣ୍ଟା, ମୃଦଙ୍ଗ, ଶଙ୍ଖ ହୁଳହୁଳି ସହ ଏହି କଳସ ଯାତ୍ରା ଆଧ୍ୟାତ୍ମିକ ପରିବେଶରେ ସହର ପରିକ୍ରମା କରି ଷ୍ଟେସନ ବଜାର ହନୁମାନ ମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ ଯଜ୍ଞ ମଣ୍ଡପରେ ଘଟ ସ୍ଥାପନ ହୋଇ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ଶୁକ୍ରବାର ହନୁମାନ ଜୟନ୍ତୀ ଓ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିବା ବେଳେ ୧୫ତାରିଖରେ ପୂର୍ଣ୍ଣାହୂତି ହେବ ବୋଲି ମନ୍ଦିର ପରିଚାଳନା କମିଟି ସୂତ୍ରରୁ ପ୍ରକାଶ। ଯଜ୍ଞ କର୍ମରେ କାଳଆ ନନା କର୍ତ୍ତା ସାଜିଥିବା ବେଳେ ପଣ୍ଡିତ ମହେଶ୍ୱର ଦ୍ୱିବେଦୀ, ବ୍ରହ୍ମାନନ୍ଦ ମିଶ୍ର, ମନୋଜ ଦ୍ୱିବେଦୀ ଏବଂ ମନ୍ଦିର ପୂଜକ ସାରଥୀ ଦାଶଙ୍କ ଦ୍ୱାରା ଯଜ୍ଞନୀତି ଚାଲିଛି। ମନ୍ଦିର ପରିଚାଳନା କମିଟିର ନାରାୟଣ ପ୍ରସାଦ ସାହୁ, ପବନ ଅଗ୍ରୱାଲ, ଶଙ୍କର ଲାଲ ସାହା, କାଳୀଚରଣ ଅଗ୍ରୱାଲଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ସଦସ୍ୟ ଗଣ ସହଯୋଗ କରୁଛନ୍ତି।

## ସାଇ ହାୟର ସେକେଣ୍ଡାରୀ ସ୍କୁଲରେ ସିପିଆର୍ ପ୍ରଶିକ୍ଷଣ ଶିବିର



**ବାରିପଦା, ୧୪।୪(ସମିସ):** ତକତପୁର ସ୍ଥିତ ସାଇ ହାୟର ସେକେଣ୍ଡାରୀ ସ୍କୁଲରେ ଶ୍ରୀସତ୍ୟସାଇ ସେବା ସମିତି ତରଫରୁ ସିପିଆର୍ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ହାର୍ଟଆଟାକ୍ ହୋଇଥିବା ବ୍ୟକ୍ତିଙ୍କୁ ତୁରନ୍ତ ସିପିଆର୍ ଦେଇ କେମିତି ଜୀବନ ବଞ୍ଚାଇ ହେବ ସେ ନେଇ ଏକ ତାଲିମ ଶିବିର ଅନୁଷ୍ଠାନର ନିର୍ଦ୍ଦେଶକ ଅମିୟ ଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାର ଶ୍ରୀ ସତ୍ୟସାଇ ସେବା ସଂଗଠନ ସଭାପତି ବିଶ୍ୱରଞ୍ଜନ ସାହୁ, ଶ୍ରୀସତ୍ୟସାଇ ସେବା ସମିତିର ଆବାହକ ମାନସ ରଞ୍ଜନ ମହାପାତ୍ର, ସାଇ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ରଣଜିତ କୁମାର ସାହୁ ପ୍ରମୁଖ ଯୋଗ ଦେଇ ସିପିଆର୍‌ର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ। ଉପାଧ୍ୟକ୍ଷ ଜ୍ୟୋତି ଶଙ୍କର ମିଶ୍ର ଅତିଥି ପରିଚୟ ଦେଇଥିଲେ। ଶ୍ରୀ ସତ୍ୟସାଇ ସେବା ସଂଘର ଜିଲ୍ଲା ଯୁବ ସଂଯୋଜକ ସଞ୍ଜୟ ମହାନ୍ତି, ହାଇଟେକ ମେଡିକାଲ କଲେଜ ଓ ହସପିଟାଲର ପର୍‌ଫ୍ୟୁଜନିଷ୍ଟ ଚନ୍ଦନ କୁମାର ଦାସ, ଶିବ ପ୍ରସାଦ ସାହୁ, ମହାଦେବ ମାନ୍ଦା, ଚନ୍ଦନ କୁଣ୍ଡୁ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ତାଲିମ ଦେଇଥିଲେ।

## ବାଇକ ଧକ୍କାରେ ଦମ୍ପତି ଗୁରୁତର

**ବେତନଟୀ, ୧୪।୪(ସମିସ):** ଦାନ୍ତିଆମୁହାଁ ଉପକଣ୍ଠ କୁଣ୍ଢେଇ ଛକରେ ରବିବାର ସନ୍ଧ୍ୟାରେ ଏକ ସଡକ ଦୁର୍ଘଟଣାରେ ଦମ୍ପତି ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ବୈଶିଙ୍ଗା ଥାନା ଆଗ୍ରିଆ ପଞ୍ଚାୟତ ଅଧୀନ ଭରଡାଶୋଳ ଗ୍ରାମର ମଙ୍ଗଳ ସିଂ ସ୍ତ୍ରୀ ମଙ୍ଗଳୀ ସିଂକୁ ନେଇ ସାଇକଲଯୋଗେ ବେତନଟୀ ଅଭିମୁଖେ ଆସୁଥିବା ବେଳେ ମୋରଡା ଥାନା ପୁଟକିଶୋଳ ଅଞ୍ଚଳର ଦୁଇଜଣ ଯୁବକ ବାଇକ୍‌ରେ ଦ୍ରୁତଗତିରେ ଆସି ସେମାନଙ୍କୁ ଧକ୍କା ଦେଇଥିଲେ। ଫଳରେ ଉଭୟ ଛିଟିକ ପଡ଼ିଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୁଲିସ ସାଇକଲ ଓ ବାଇକ୍‌କୁ ଜବତ କରିଛି।

## ଜିଲ୍ଲାସ୍ତରୀୟ ଜୟନ୍ତୀରେ ଡ. ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି



**ବାରିପଦା, ୧୪।୪(ସମିସ):** ଆଦର୍ଶ ଆଚରଣ ବିଧି ଅନୁପାଳନ ପୂର୍ବକ ରବିବାର ସକାଳେ ପୂର୍ଣ୍ଣଚନ୍ଦ୍ରପୁର ୱାର୍ଡ ନମ୍ବର ୧୫ରେ ଭାରତ ସମ୍ବିଧାନର ପ୍ରଣେତା ତଥା ଭାରତରତ୍ନ ବାବାସାହେବ ଡଃ ଭୀମରାଓ ଆମ୍ବେଦକରଙ୍କ ଜିଲ୍ଲାସ୍ତରୀୟ ୧୩୩ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଡଃ ଆମ୍ବେଦକରଙ୍କର ପ୍ରତିମୂର୍ତ୍ତିରେ ମୁଖ୍ୟଅତିଥି ଉମେଶ କୁମାର ପଣ୍ଡା ଏବଂ ସମସ୍ତ ମାନ୍ୟଗଣ୍ୟ ପ୍ରଶାସନିକ ଅଧିକାରୀ ମାଲ୍ୟାର୍ପଣ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ପଣ୍ଡା ଡଃ ଆମ୍ବେଦକର ଆମ ସମସ୍ତଙ୍କ ପାଇଁ ପ୍ରେରଣା ହୋଇଥିବା ବେଳେ ତାଙ୍କ ଦର୍ଶନ ଓ ଶିକ୍ଷାକୁ ଆମେ ବାସ୍ତବ ଜୀବନରେ କାର୍ଯ୍ୟରେ ଲଗାଇବାକୁ ପ୍ରୟାସ କରିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ସମସ୍ତ ପ୍ରକାର ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଦୃଢ ଇଚ୍ଛାଶକ୍ତି ଓ ସାମର୍ଥ୍ୟ ବଳରେ ଯେ କୌଣସି ବ୍ୟକ୍ତି ସଫଳତାର ଶୀର୍ଷକୁ ପହଞ୍ଚିପାରିବ, ଏହା ଆମ୍ବେଦକରଙ୍କ ଜୀବନୀ ଆମକୁ ଶିକ୍ଷା ଦେଇଛି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାରିପଦା ପୌର କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ, ପ୍ରତିନିଧି ଜିଲ୍ଲାପାଳ ସୁଶ୍ରୀ ଶ୍ରଦ୍ଧା ସୁମନ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ଅନନ୍ତ ପ୍ରସାଦ ସେଠୀ ବିଶିଷ୍ଟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଡଃ ଆମ୍ବେଦକରଙ୍କ ବହୁମୁଖୀ ପ୍ରତିଭା ଏବଂ ଘଟଣାବହୁଳ ଜୀବନୀ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଇରଙ୍ଗପୁର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଯୋଗ ଦେଇଥିବା ବେଳେ ନିମନ୍ତ୍ରିତ ଅତିଥି ଭାବେ ବିଭିନ୍ନ ବିଭାଗୀୟ ପଦାଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

### ଅଗ୍ନିଶମ ବିଭାଗ ପକ୍ଷରୁ ସେବା ସପ୍ତାହ

## ସହର ପରିକ୍ରମା କଲା ସଚେତନତା ରଥ



**ବାରିପଦା, ୧୪।୪(ସମିସ):** ଅଗ୍ନିଶମ ସେବା ସହିଦ ଦିବସ ଓ ସୁରକ୍ଷା ସପ୍ତାହ ବାରିପଦା ସ୍ଥିତ ଅଗ୍ନିଶମ ସେବା କେନ୍ଦ୍ରରେ ଶୁଭାରମ୍ଭ ହୋଇଛି। ଏହି ସେବା ଏପ୍ରିଲ ୧୪ରୁ ୨୦ତାରିଖ ପର୍ଯ୍ୟନ୍ତ ପାଳିତ ହେବାକୁ ଥିବାବେଳେ ସଚେତନତା ରଥ ସହର ପରିକ୍ରମା କରିଛି। ବାରିପଦା ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନିଶମ ଅଧିକାରୀ ଭବେନ୍ଦ୍ରନାଥ ଦେଙ୍କ ନେତୃତ୍ୱରେ ରବିବାର ଏକ ସଚେତନ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଚେତନତା ରଥକୁ ଶ୍ରୀ ଦେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅଗ୍ନିଶମ ଗାଡ଼ି ଓ ଡାକବାଜି ଯନ୍ତ୍ର ସାହାଯ୍ୟରେ ସହର ପରିକ୍ରମା କରିବା ସହିତ ଅଗ୍ନିକାଣ୍ଡ ନେଇ ସଚେତନ କରିଥିଲେ। ଏଥିସହିତ ଅଗ୍ନିକାଣ୍ଡ କିମ୍ବା ଅନ୍ୟାନ୍ୟ ଜରୁରୀକାଳୀନ ପରିସ୍ଥିତିରେ ୧୧୨ ନମ୍ବରରେ ଯୋଗାଯୋଗ କରିବା ବିଷୟରେ ଅବଗତ କରିଥିଲେ। ବର୍ଷ ତମାମ ସଚେତନତା କାର୍ଯ୍ୟକ୍ରମ ଜାରି ରହିଥିବା ବେଳେ ସେବା ସପ୍ତାହରେ ପ୍ରତିଦିନ ସଚେତନତା ନେଇ ଜୋରଦାର କାର୍ଯ୍ୟକ୍ରମ ଜାରି ରହିବ। ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଉଥିବା ବେଳେ ଅଗ୍ନିକାଣ୍ଡ ସ୍ଥିତିରେ କିପରି ପଦକ୍ଷେପ ଗ୍ରହଣ କରିବେ ସେ ବାବଦରେ ମଧ୍ୟ ସଚେତନତା କରାଯାଉଛି। ଜନସାଧାରଣ ନିଜେ ସଚେତନ ରହିବା ସହ ଅନ୍ୟମାନଙ୍କୁ ସଚେତନ କରିବା ନେଇ ଅଧିକାରୀ ଶ୍ରୀ ଦେ କହିଛନ୍ତି। ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ଅଗ୍ନିଶମ କେନ୍ଦ୍ରର କର୍ମଚାରୀ ସହଯୋଗ କରିଥିଲେ।

## ବାବା ସାହେବ ଆମ୍ବେଦକରଙ୍କ ଜୟନ୍ତୀ

**ବାରିପଦା, ୧୪।୪(ସମିସ):** ପୂର୍ଣ୍ଣଚନ୍ଦ୍ରପୁରଠାରେ ଭାରତୀୟ ସମ୍ବିଧାନ ପ୍ରଣେତା ଡା. ଭୀମରାଓ ଆମ୍ବେଦରଙ୍କ ୧୩୩ତମ ଜୟନ୍ତୀ ଭାରତ ଆଦିବାସୀ ପାର୍ଟି ପକ୍ଷରୁ ରବିବାର ପାଳନ କରାଯାଇଛି। ଦଳିତ ସଂମ୍ପ୍ରଦାୟକୁ ନ୍ୟାୟ ଓ ସମାନତା ଦେବା ପାଇଁ ସେ ସଂଘର୍ଷ କରିଥିଲେ। ଆଧୁନିକ ଭାରତ ନିର୍ମାଣରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ସମାଜର ଗରିବ ଓ ନିମ୍ନଶ୍ରେଣୀର ଲୋକଙ୍କ ପାଇଁ ସେ ବହୁତ ସଂଘର୍ଷ କରିଥିଲେ। ସେହି ମହାନ ଜନନାୟକଙ୍କ ଜୟନ୍ତୀ ଅବସରରେ ଭାରତ ଆଦିବାସୀ ପାର୍ଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବିଶ୍ୱବିଜୟୀ ପଣ୍ଡା ସମେତ ଲୋକନାଥ ସି, ହେମନ୍ତ ମୁଖି, ଟିଲକା ମୁର୍ମୁ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ପ୍ରଦୀପ ପ୍ରଜ୍ୱଳନ କରି ପୁଷ୍ପମାଲ୍ୟ ଅର୍ପଣ କରି ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

### ରାଜରାଜୁଡ଼ା ଅମଳର ପ୍ରସିଦ୍ଧ ଉଡ଼ାପର୍ବ ସମ୍ପନ୍ନ

## ବଡ଼ଦାଣ୍ଡରେ ବିପୁଳ ଜନସମାଗମ

**ବାରିପଦା, ୧୪।୪(ସମିସ)**



ମୟୂରଭଞ୍ଜ ସର୍ବପୁରାତନ ରାଜରାଜୁଡା ଅମଳର ଭକ୍ତାଙ୍କ ପାରମ୍ପରିକ ଉଡା ପର୍ବ ଉତ୍ତର ସାହି ଓ ଦକ୍ଷିଣ ସାହି ପକ୍ଷରୁ ରବିବାର ଅନୁଷ୍ଠିତ ହୋଇଯାଇଛି। ମହାବିଷୁବ ତଥା ପଣା ସଂକ୍ରାନ୍ତି ଅବସରରେ ବାରିପଦାର ବଡ଼ଦାଣ୍ଡରେ ପୁରୁଣା ରାଜପ୍ରାସାଦ ତଥା ବର୍ତ୍ତମାନ ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସିଂହେଶ୍ୱର ମହାଦେବ ମନ୍ଦିର ସମ୍ମୁଖ ଉଡାପର୍ବ ଅନୁଷ୍ଠିତ ହୋଇଥିଲା। ଉତ୍ତର ଓ ଦକ୍ଷିଣ ସାହି ପାଟଭକ୍ତାଙ୍କ ନେତୃତ୍ୱରେ ଭକ୍ତାମାନେ ଏଥିରେ ସାମିଲ ହୋଇଥିଲେ। ମୟୂରଭଞ୍ଜ ଜିଲ୍ଲାରେ ଏହା ଅନ୍ୟ ଏକ ମୁଖ୍ୟ ପର୍ବ ହୋଇଥିବା ବେଳେ ଚୈତ୍ରପର୍ବର ଏହା ଏକ ଅଂଶବିଶେଷ। ମୟୂରଭଞ୍ଜ ରାଜାରାଜୁଡା ଶାସନ ଅମଳରୁ ବାରିପଦାରେ ଅନୁଷ୍ଠିତ ହେଉଥିବା ଏହି ପର୍ବକୁ ଦେବୋତ୍ତର ବିଭାଗ ପରିଚାଳିତ କରାଯାଇଥାଏ। ତେବେ ପୂର୍ବ ପ୍ରସ୍ତୁତି ଅନୁଯାୟୀ କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାର ସହିତ ସମାପନ ହୋଇଛି। ପଣାସଂକ୍ରାନ୍ତିର ୮ ଦିନ ପୂର୍ବରୁ ଅର୍ଥାତ ୭ତାରିଖ ଅପରାହ୍ନରେ ଭକ୍ତାମାନେ ପାରମ୍ପରିକ ନୃତ୍ୟ ସହିତ ମା' ଅମ୍ବିକାଙ୍କ ମନ୍ଦିରରେ ହାକଣ୍ଡା ପୂଜାରୁ କାର୍ଯ୍ୟ ଆରମ୍ଭ କରିଥିଲେ। ତତସହିତ କ୍ରମାନ୍ୱୟରେ ମାଉସୀ ମା' ମନ୍ଦିର, ମା' ଶୀତଳା ମନ୍ଦିର, ସିଂହେଶ୍ୱର ମହାଦେବ ମନ୍ଦିର, ଶ୍ରୀଗୌରାଙ୍ଗ ମନ୍ଦିର, ଶ୍ରୀ ସତ୍ୟନାରାୟଣ ମନ୍ଦିର, କାଞ୍ଚ କାଞ୍ଚନ ଦେବୀ ପୀଠ, ବାବା ବଳଗଣ୍ଡେଶ୍ୱର ମନ୍ଦିର ଏବଂ ଶୀତଳା ମନ୍ଦିରରେ ପୂଜା ସମ୍ପନ୍ନ କରିଥିଲେ। ମନ୍ଦିର ପରିକ୍ରମା କରି ପ୍ରତି ରାତିରେ ସେମାନେ ହବିଷ୍ୟାନ୍ନ ଭୋଜନ ସହିତ ଭିନ୍ନ ଭିନ୍ନ ଦିବସରେ ପର୍ବ ପାଳନ କରିଥିଲେ। ବନ୍ଦାପନା ପୂଜା ତିନି ଦିନ ଧରି ହେବା ସହିତ ଗତ ୧୧ ତାରିଖ ପର୍ଯ୍ୟନ୍ତ ହବିଷ୍ୟାନ୍ନ ପାଳନ କରିଥିଲେ। ଭକ୍ତାମାନଙ୍କ ଦ୍ୱାରା ଗତ ୧୧ ତାରିଖରେ ଭେଜି ବାଇଗଣ ଗଛର କଣ୍ଟା ବିଛାଇ କଣ୍ଟାପାଟ, ୧୨ ତାରିଖରେ ନିଆଁପାଟ ଏବଂ ୧୩ ତାରିଖରେ ଉଗ୍ରତପାଟ (ନିଆଁଝୁଲା) ନୀତି ଅନୁଷ୍ଠିତ ହୋଇଥିଲା। ଏହାପରେ ରବିବାର ବଡଦାଣ୍ଡରେ ଭକ୍ତାଙ୍କ ପକ୍ଷରୁ ଉଡ଼ା ପର୍ବ ହେବା ସହ ଚୈତ୍ର ଭକ୍ତ ପର୍ବ ସମ୍ପନ୍ନ ହୋଇଛି। ଏହି ପାରମ୍ପରିକ ପର୍ବ ଏହି ବର୍ଷ ସାଧାରଣ ନିର୍ବାଚନ ଯୋଗୁଁ ଲାଗୁ ହେଇଥିବା ଆଦର୍ଶ ଆଚରଣ ସଂହିତା ପାଇଁ ସମ୍ପୂର୍ଣ୍ଣ ନିରାଡ଼ମ୍ବର ଭାବେ ପାଳନ କରାଯାଇଛି। ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ପୁଲିସ ମୁତୟନ ଥିଲେ। ଏଥିସହିତ ପାଗ ଅନୁକୂଳ ଥିବାରୁ ବିପୁଳ ଜନସମାଗମ ହୋଇଥିଲା।

## ପଥଚାରୀଙ୍କ ପାଇଁ ମୃଦୁ ପାନୀୟ ସେବା




**ବାରିପଦା, ୧୪।୪(ସମିସ):** ପବିତ୍ର ମହାବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ଉପଲକ୍ଷେ ବାରିପଦା ରଘୁନାଥପୁର ଶେଫାଳୀ ବୁକ୍‌ସ ସାମ୍ନା ବଉଳ ଗଛର ଶୀତଳ ଛାଇତଳେ ରବିବାର ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ରାଜକିଶୋର ପାତ୍ର, ବଳରାମ ସେଠୀ, ଇତିଶ୍ରୀ ପଟ୍ଟନାୟକ, ଯମୁନା ପାତ୍ର, ଜଳିପ୍ରଭା ପଟ୍ଟନାୟକ, ବିଷ୍ଣୁପ୍ରିୟା ପାତ୍ର, ରାମେଶ୍ୱର ସିଂ ଓ ସତୀଶ ଚନ୍ଦ୍ର ବେହେରା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ପଥଚାରୀଙ୍କ ନିମନ୍ତେ ମୃଦୁପାନୀୟ ସେବା ଆୟୋଜନ କରାଯାଇଛି। ପ୍ରବଳ ଖରା ଏବଂ ରୌଦ୍ରତାପରେ ଗାଡି ମଟର, ବାଇକ୍ ତଥା ପାଦରେ ଚାଲିଚାଲି ରାସ୍ତାରେ ଯାତାୟାତ କରୁଥିବା ସହସ୍ରାଧିକ ପଥିକ ସେବା କେନ୍ଦ୍ରରେ ଅଟକି ଦହି ସରବତ ଓ ମୃଦୁପାନୀୟ ଗ୍ରହଣ କରିଥିଲେ। ଏଥିରେ ଶିବଶଙ୍କର ପାତ୍ର, ଶ୍ରୀୟାଶ୍ରୀ, ମାଷ୍ଟାର୍ ତନ୍ମୟ ଓ ମାଷ୍ଟାର୍ ଶ୍ରୀ ରାଘବ ସହଯୋଗ କରିଥିଲେ।

## 'ଆମେ ୮୦' ପକ୍ଷରୁ ଜଳସେବା ଆରମ୍ଭ



**ବାରିପଦା, ୧୪।୪(ସମିସ):** ବାରିପଦା ସହରର ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ତଥା କଲକାତା ବସଷ୍ଟାଣ୍ଡ ନିକଟରେ 'ଆମେ ୮୦' ପକ୍ଷରୁ ରବିବାର ପଣାସଂକ୍ରାନ୍ତି ଅବସରରେ ଜଳସେବା ଶୁଭାରମ୍ଭ ହୋଇଛି। ଏହା ଜୁନ ୧୪ ରଜ ସଂକ୍ରାନ୍ତି ଯାଏ ଚାଲିବ। ଥଣ୍ଡା ପାନୀୟ ଯଥା ଦହି ପାଣି, ଜଳଜିରା ଓ ରସନା ପାଣି ପାଇଁ ଏହି ଜଳସେବା ଲୋକଙ୍କଙ୍କ ଦ୍ୱାରା ବେଶ ଆଦୃତ। ଉଦଘାଟନ କାର୍ଯ୍ୟକ୍ରମରେ ମନ୍ତ୍ରୀ ତଥା ବିଜେଡିର ଲୋକସଭା ସାଂସଦ ପ୍ରାର୍ଥୀ ସୁଦାମ ମାରାଣ୍ଡି, ବାରିପଦା ପୌର ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଏବଂ ବିଜେଡିର ବାରିପଦା ବିଧାୟକ ପ୍ରାର୍ଥୀ ସାନନ୍ଦ ମାରାଣ୍ଡି ପ୍ରମୁଖ ଯୋଗଦେଇ ବଣ୍ଟନ କାର୍ଯ୍ୟ ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନ ପକ୍ଷରୁ ସିଦ୍ଧାର୍ଥ ମହାନ୍ତି, ଉମେଶ ସାହୁ, ସଞ୍ଜୟ ଦ୍ୱାରୀ, ଆଶିଷ ପାଣି, ସତ୍ୟବ୍ରତ ଦାଶ, ସରୋଜ ସାହୁ, ଶୁଭେନ୍ଦୁ ଦାଶ, ସତ୍ୟଜିତ ମହାନ୍ତି, ବିନୋଦ କବାଟ, ସଞ୍ଜିତ ଦାଶ, ସତ୍ୟବ୍ରତ ମହାନ୍ତି, ପ୍ରସାଦ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## କୁନି କୁନି ପିଲାଙ୍କୁ ପ୍ରସାଦ ଖୁଆଇଲେ ସୁଦାମ



ମହାବିଷୁବ ସଂକ୍ରାନ୍ତି ତଥା ପଣା ସଂକ୍ରାନ୍ତି ଅବସରରେ 'ଆମେ ୮୦' ସଂଗଠନ ପକ୍ଷରୁ ଜଳ ସେବା ଆରମ୍ଭ ହୋଇଥିବା ବେଳେ ଛତୁଆ ପ୍ରସାଦ ବଣ୍ଟନ କରାଯାଇଛି। ମନ୍ତ୍ରୀ ତଥା ବିଜେଡିର ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରାର୍ଥୀ ସୁଦାମ ମାରାଣ୍ଡି କୁନି କୁନି ପିଲାଙ୍କୁ ପ୍ରସାଦ ବଣ୍ଟନ କରିଥିଲେ। ଓଡ଼ିଆ ନବବର୍ଷ ଅବସରରେ ଶୁଭେଚ୍ଛା ଜଣାଇ ପ୍ରସାଦ ଖୁଆଇ ଦେଇଛନ୍ତି। ଏହାକୁ ସ୍ଥାନୀୟ ଲୋକମାନେ ଖୁବ ପ୍ରଶଂସା କରିଥିଲେ।

## ପୁଲିସ ପକ୍ଷରୁ ଜଳସେବା କେନ୍ଦ୍ର ଶୁଭାରମ୍ଭ



**ବାରିପଦା, ୧୪।୪(ସମିସ):** ମୟୂରଭଞ୍ଜ ଜିଲ୍ଲା ପୁଲିସ ପକ୍ଷରୁ ଜଳସେବା କେନ୍ଦ୍ରର ଶୁଭାରମ୍ଭ ହୋଇଛି। ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଜିଲ୍ଲା ହାବିଲଦାର ଓ କନଷ୍ଟେବଳ ସଂଘ ପକ୍ଷରୁ ଆରମ୍ଭ କରାଯାଇଛି। ସ୍ଥାନୀୟ ରିଜର୍ଭ ପୁଲିସ କାର୍ଯ୍ୟାଳୟ ପରିସରରେ ଉକ୍ତ ଜଳ ସେବା କେନ୍ଦ୍ରର ରବିବାର ଉଦଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ସମେତ ବାରିପଦା ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସୁଜିତ କୁମାର ପ୍ରଧାନ, ବାରିପଦା ଟାଉନ ଥାନା ଅଧିକାରୀ ସୁମିତ କୁମାର ସୋରେନ, ରିଜର୍ଭ ପୁଲିସ ଅଧିକାରୀ ପ୍ରମୁଖ ଜଳ ବଣ୍ଟନ କରି ଶୁଭାରମ୍ଭ କରିଥିଲେ। କେନ୍ଦ୍ରରେ ଦହି ପାଣି, ଜଳଜୀରା ପାଣି ଆଦି ପ୍ରଦାନ କରାଯାଇଥିଲା। ଜନସାଧାରଣଙ୍କ ସେବା ଉଦ୍ଦେଶ୍ୟରେ ଏହି କେନ୍ଦ୍ର ଜୁନ ମାସ ପର୍ଯ୍ୟନ୍ତ ଚାଲିବ ବୋଲି ହାବିଲଦାର ଓ କନଷ୍ଟେବଳ ସଂଘର ଜିଲ୍ଲା ସଭାପତି ବିକାଶ କୁମାର ବାରିକ କହିଛନ୍ତି।



## ଆସ୍ଥାର ମହାପର୍ବ ଉଡ଼ାଯାତ୍ରା ସମ୍ପନ୍ନ

# ହଜାର ହଜାର ଭକ୍ତଙ୍କ ସମାଗମ





ରାଇରଙ୍ଗପୁର, ୧୪।୪(ସମିସ)

ଚୈତ୍ର ମାସ ମହାବିଷୁବ ସଂକ୍ରାନ୍ତୀ ଅବସରରେ ରାଇରଙ୍ଗପୁରର ଶ୍ରୀଶ୍ରୀ ଐଶାନେଶ୍ୱର ମହାଦେବଙ୍କ ପୀଠରେ ଆସ୍ଥାର ମହାନ ଉଡାପର୍ବ ରବିବାର ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ପର୍ବ ଗତ ୧୧ ତାରିଖରୁ ଆରମ୍ଭ ହୋଇଥିଲା। ପ୍ରଥମ ଦିବସରେ ଶୁଭଘଟ ସ୍ଥାପନ କରାଯାଇଥିଲା। ଦ୍ୱିତୀୟ ଦିନରେ ଯାତ୍ରା, କାମନା ଘଟ ଓ ତୃତୀୟ ଦିନରେ ଡାଳିଭଙ୍ଗା, କାଳୀକା ଘଟ ସ୍ଥାପନା କରାଯାଇଥିଲା। ଶୁକ୍ରବାର ଉଡାଯାତ୍ରା ଦିବସରେ ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିଲା। ସକାଳେ ଗୋରିଆ ଭାର ଘଟ ଆସିଥିଲା। ଅପରାହ୍ନରେ ଶ୍ରୀ ଶ୍ରୀ ଐଶାନେଶ୍ୱର ମହାଦେବଙ୍କ ମନ୍ଦିର ସନ୍ନିକଟ ଖଡଖାଇ ନଦୀରେ ଭକ୍ତାମାନେ ସ୍ନାନକରି ନବବସ୍ତ୍ର ପରିଧାନ କରି ପାରମ୍ପରିକ ରୀତିନୀତି ଅନୁସାରେ ନଦୀକୂଳରେ ପୂଜାର୍ଚ୍ଚନା କରିଥିଲେ। ସେଠାରୁ ବ୍ରତଧାରୀମାନେ ଦେବ ଦେବ ମହାଦେବ ଧ୍ୱନି ଦେଇ ମନ୍ଦିର ପରିସରରେ ପହଞ୍ଚିଥିଲେ। ପାଟଭକ୍ତା କଣ୍ଟକ ଶଯ୍ୟା ଉପରେ ଶୋଇ କଣ୍ଟାପାଟ ବା ମଡାପାଟ ଓ ରାଜକୀୟ ପୋଷାକ ପରିଧାନ କରି ଖଣ୍ଡା ଉପରେ ଛିଡା ହୋଇ ଖଣ୍ଡାପାଟରେ ନଦୀ କୂଳରୁ ମନ୍ଦିରକୁ ପ୍ରବେଶ କରିଥିଲେ। ମାନସିକଧାରୀମାନେ ପିଠରେ ଫୋଡା ମାଧ୍ୟମରେ କଣା କରି ଦୁବ ଘାସର ଦଉଡି ଦେଇ ବାଦ୍ୟର ତାଳେ ତାଳେ ନୃତ୍ୟକରି ମନ୍ଦିରରେ ପହଞ୍ଚି ମହାଦେବ ପ୍ରତି ତାଙ୍କ ଭକ୍ତି ଓ ସମର୍ପଣ ପ୍ରଦର୍ଶନ କରିଥିଲେ। ଏହି ପର୍ବ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସନ୍ଧ୍ୟାରେ ମନ୍ଦିର ସାମ୍ନା ଉଡା ପଡ଼ିଆରେ ଉଡାପର୍ବ ଅନୁଷ୍ଠିତ ହୋଇଥିଲା। ସତ୍ୟସାଇ ସେବା ସମିତି, ଓଡ଼ିଶା ବ୍ରାହ୍ମଣ ମହାସଂଘ ରାଇରଙ୍ଗପୁର ଶାଖା, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ସର୍ବତ ଏବଂ ବୁଟ ବଣ୍ଟନ କରାଯାଇଥିଲା। ସୁରକ୍ଷା ପାଇଁ ପୁଲିସ ମୁତୟନ କରାଯାଇଥିଲା। ମହାଦେବ ଉଡାଯାତ୍ରା କମିଟି ରାଇରଙ୍ଗପୁର ସଭାପତି ରଜତ କୁମାର ମହାନ୍ତି, ଉପସଭାପତି ସଞ୍ଜୟ କୁମାର ମହାନ୍ତି, ସମ୍ପାଦକ ନିଳମ୍ବର ସାହୁ, ସହ ସମ୍ପାଦକ ସତ୍ୟଜିତ ବାରିକ, କୋଷାଧ୍ୟକ୍ଷ ଦୀପକ ଉଗ୍ର ଓ ସଞ୍ଜୀବ ସାହୁ ପ୍ରମୁଖ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ।

## ଉଠାଣି ଜଗନ୍ନାଥ ମନ୍ଦିରରୁ ଚୋରି ଘଟଣା

# ଜବତ ମୂର୍ତ୍ତି ଓ ସାମଗ୍ରୀ ମନ୍ଦିର କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର

**ବେତନଟୀ, ୧୪।୪(ସମିସ):** ବେତନଟୀ ଉପକଣ୍ଠ ଉଠାଣି ଶ୍ରୀଜଗନ୍ନାଥଙ୍କ ମନ୍ଦିରରୁ ଚୋରି ହୋଇଥିବା ମୂର୍ତ୍ତି ଏବଂ ସାମଗ୍ରୀକୁ ପୁଲିସ ଉଦ୍ଧାର କରି ମନ୍ଦିର କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛି। ସୂଚନା ମୁତାବକ, ମାର୍ଚ୍ଚ ୩୧ ତାରିଖ ରାତିରେ ଏକ ଆନ୍ତଃ ଜିଲ୍ଲା ଚୋର ଗ୍ୟାଙ୍ଗ ଉଠାଣିସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରୁ ଦୁର୍ଲଭ ମୂର୍ତ୍ତି, ଅଳଙ୍କାର ସମେତ ମହାପ୍ରଭୁଙ୍କ ବାସନକୁସନ ଚୋରିକରି ନେଇଥିଲେ। ଏପରିକି ଚୋରମାନେ ଦାନହୁଣ୍ଡି ତାଲା ଭାଙ୍ଗି ୫୦ହଜାର ଟଙ୍କା ଲୁଟି ନେଇ ପଳାଇଥିଲେ। ପରେ ଏ ନେଇ ମନ୍ଦିର କର୍ତ୍ତୃପକ୍ଷ ଏତଲା ଦେଇଥିଲେ। ପୁଲିସ ଏକ ମାମଲା ରୁଜୁକରି ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଥିଲେ। ଇତିମଧ୍ୟରେ ବାଲେଶ୍ୱର ଜିଲ୍ଲାର ସଦରଥାନା, ଚାନ୍ଦିପୁର, ସୋର, ସିମୁଳିଆ ଏବଂ ଭୋଗରାଇ ଥାନା ଇଲାକାରୁ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ମନ୍ଦିରରୁ ଚୋରି କରିଥିବା ଏକ ଆନ୍ତଃଜିଲ୍ଲା ଚୋର ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଥିଲା ବାଲେଶ୍ୱର ଜିଲ୍ଲା ପୁଲିସ। ଏହି ଗ୍ୟାଙ୍ଗରେ ବେତନଟୀ ବ୍ଲକ ଅଧୀନ ଗଡ଼ଦେଉଳିଆ, କଳମା ସମେତ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଇଲାକାରୁ ସଦସ୍ୟ ରହିଛନ୍ତି। ତେବେ ବାଲେଶ୍ୱର ପୁଲିସ ସେମାନଙ୍କଠାରୁ ଜବତ କରିଥିବା ବିପୁଳ ପରିମାଣର ମୂର୍ତ୍ତି, କଂସା ବାସନକୁସନ ଏବଂ ମନ୍ଦିର ସାମଗ୍ରୀ ଜବତ କରି ବେତନଟୀ ପୁଲିସକୁ ଖବର ଦେଇଥିଲେ। ବେତନଟୀ ପୁଲିସ ମନ୍ଦିର ପରିଚାଳନା କମିଟି ସଭାପତି ଯୋଗେଶ୍ୱର ମିଶ୍ର, ଶିକ୍ଷାବିତ ଶଶଧର ପଣ୍ଡା, ଆଇନଜୀବୀ ଭଗୀରଥ ପଣ୍ଡିତ, ଦେବରଞ୍ଜନ ସାହୁ ପ୍ରମୁଖ ବାଲେଶ୍ୱର ସାଇବର ଥାନାରେ ପହଞ୍ଚିଥିଲେ। ପରେ ବାଲେଶ୍ୱର ପୁଲିସ ବେତନଟୀ ପୁଲିସ ସହିତ ଆଲୋଚନା ପରେ ଶ୍ରୀଦେବୀ, ଭୂଦେବୀ, ମଦନମୋହନ, ରାଧାକୃଷ୍ଣ, ଆଣ୍ଠୁଆ ଗୋପାଳଙ୍କ ପିତ୍ତଳମୂର୍ତ୍ତି ସମେତ କଂସା ବାସନକୁସନଗୁଡିକୁ ମନ୍ଦିର ପରିଚାଳନା କମିଟି ସଭାପତି ଯୋଗେଶ୍ୱର ମିଶ୍ର ଏବଂ ମୁଖ୍ୟପୂଜକଙ୍କୁ ହସ୍ତାନ୍ତର କରାଯାଇଛି।



## ଜେଏମ୍ଏମ୍ ସହିତ ମେଣ୍ଟ ଆଶା ମଉଳିଲା

# କଂଗ୍ରେସର ୮ ବିଧାନସଭା ପ୍ରାର୍ଥୀ ଘୋଷଣା

**ବାରିପଦା, ୧୪।୪(ସମିସ):** ରବିବାର କଂଗ୍ରେସ ଦଳ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାର ବଡ଼ସାହି ବିଧାନସଭା ମଣ୍ଡଳୀ ବ୍ୟତୀତ ୮ଟି ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଯଶିପୁର ପାଇଁ ଶ୍ୱେତା ଛତର, ସାରସକଣା ପାଇଁ ରାମ କୁମାର ସୋରେନ, ରାଇରଙ୍ଗପୁର ପାଇଁ ଯୋଗେନ୍ଦ୍ର ବାନରା, ବାଙ୍ଗିରିପୋଷି ପାଇଁ ମୁରଲୀଧର ନାଏକ, କରଞ୍ଜିଆ ପାଇଁ ଲକ୍ଷ୍ମୀଧର ସିଂ, ଉଦଳା ପାଇଁ ଦୁର୍ଗାଚରଣ ଟୁଡୁ, ବାରିପଦା ପାଇଁ ବାଦଲ ହେମ୍ବ୍ରମଙ୍କ ନାମ ଘୋଷଣା ହୋଇଛି। ତେବେ ମୋରଡା ପାଇଁ ପୂର୍ବ ଥରର ପ୍ରାର୍ଥୀ ପ୍ରଭାସ କରମହାପାତ୍ରଙ୍କୁ ଦଳ ପୁଣି ଥରେ ଟିକଟ ଦେଇଛି। ଅନ୍ୟପକ୍ଷରେ ମୟୂରଭଞ୍ଜ ଲୋକସଭା ଆସନ ପାଇଁ ଏ ଯାଏ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିନାହିଁ। ଏହି ଘୋଷଣା ପରେ ଜେଏମଏମ ସହିତ ମୟୂରଭଞ୍ଜ ଜିଲ୍ଲାରେ ମେଣ୍ଟ ଆଶା ମଉଳି ଯାଇଛି।

## ହନୁମାନ ଜୟନ୍ତୀ ଅବସରରେ ଶୋଭାଯାତ୍ରା

# ଶେଷନାଗ ଓ ଶ୍ରୀ ହନୁମାନଙ୍କ ପୁତ୍ତଳିକା ମୁଖ୍ୟ ଆକର୍ଷଣ

**ବାରିପଦା, ୧୪।୪(ସମିସ):** ହନୁମାନ ଜୟନ୍ତୀ ଅବସରରେ ବାରିପଦାରେ ବିରାଟ ଶୋଭାଯାତ୍ରାର ଆୟୋଜନ ହୋଇଯାଇଛି। ସ୍ଥାନୀୟ ଆଖଡା ମହାସଂଘ ପକ୍ଷରୁ ଆୟୋଜିତ ଏକ ବିଶାଳ ଶୋଭାଯାତ୍ରା ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ରବିବାର ପ୍ରାୟ ୬ଟାରେ ଷ୍ଟେସନ ବଜାର ସ୍ଥିତ ହନୁମାନ ମନ୍ଦିର ସମ୍ମୁଖରୁ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ପରେ ସେଠାରୁ କୃଷ୍ଣଚନ୍ଦ୍ର ଗୋଲାଇ, ଟ୍ରାଫିକ ଛକ, ଲାଲ ବଜାର ହୋଇ ମୁଖ୍ୟ ବଜାର ପରିକ୍ରମା କରି ଗାନ୍ଧୀ ମାର୍କେଟ ସ୍ଥିତ ପଞ୍ଚମୁଖୀ ହନୁମାନଙ୍କ ମନ୍ଦିର ପ୍ରାଙ୍ଗଣରେ ଶେଷ ହୋଇଥିଲା। ଶୋଭାଯାତ୍ରାରେ ଯୋଗ ଦେଇଥିବା ଶେଷନାଗ ଓ ଶ୍ରୀ ହନୁମାନଙ୍କ ବେଶଧାରୀ ପୁତ୍ତଳିକା ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏଥିସହିତ ଶ୍ରୀରାମଙ୍କ ସମେତ ମାତା ସୀତା ଓ ଭ୍ରାତା ଲକ୍ଷ୍ମଣଙ୍କ ସମେତ ଶ୍ରୀହନୁମାନଙ୍କ ବେଶଧାରୀଙ୍କୁ ଏକ ରଥରେ ସହର ପରିକ୍ରମା କରିଥିଲେ; ଯାହାକି ଦିଲ୍ଲୀର କଳାକାରଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଏହାକୁ ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କ ଅନେକ ଭିଡ଼ ପରିଲକ୍ଷିତ ହୋଇଥିଲା। ଗାନ୍ଧୀ ମାର୍କେଟଠାରେ ବିଭିନ୍ନ ସଂଗଠନ ପକ୍ଷରୁ ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଶାନ୍ତିଶୃଙ୍ଖଳା ବ୍ୟବସ୍ଥା ପାଇଁ ବାରିପଦା ଟାଉନ ଥାନା ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।





# ବାଘରରୋଡ଼ରେ ହନୁମାନ ଜୟନ୍ତୀ ପାଳିତ

**ବାରିପଦା, ୧୪।୪(ସମିସ):** ଓଡ଼ିଆ ନବବର୍ଷ ଏବଂ ସଂକଟ ମୋଚନ ହନୁମାନ ଜୟନ୍ତୀ ଉପଲକ୍ଷେ ବାଘରରୋଡ ସ୍ଥିତ ହନୁମାନ ମନ୍ଦିରରେ ମହାସମାରୋହ ହନୁମାନ ଜୟନ୍ତୀ ପାଳିତ ହୋଇଛି। ଚଳିତ ବର୍ଷ ହନୁମାନ ଜୟନ୍ତୀରେ ଭକ୍ତଙ୍କ ସମାଗମ ହୋଇଥିଲା। ଚଳିତ ବର୍ଷ ମହାଡମ୍ବରେ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ଶେଷରେ ଭକ୍ତଙ୍କୁ ଅନ୍ନ ପ୍ରସାଦରେ ଆପ୍ୟାୟିତ କରାଯାଇଥିଲା। ସନ୍ଧ୍ୟାରେ ଆୟୋଜିତ ଭଜନସନ୍ଧ୍ୟା କାର୍ଯ୍ୟକ୍ରମରେ ବହୁ ଦର୍ଶକ ଯୋଗ ଦେଇଥିଲେ। ପରେ ରାତିତମାମ୍ ଯଜ୍ଞ ଅନୁଷ୍ଠିତ ହୋଇଥିଲା।

# ଜଗତେଶ୍ୱରଙ୍କ ପୀଠରେ ହରପାର୍ବତୀ ବାହାଘର

**ମୋରଡା, ୧୪।୪(ସମିସ):** ମୟୂରଭଞ୍ଜ ଜିଲ୍ଲା ମୋରଡା ବ୍ଲକ କୋହି ଗ୍ରାମରେ ଜଗତେଶ୍ୱରଙ୍କ ପ୍ରସିଦ୍ଧ ଝାମୁଯାତ୍ରା ତଥା ଘଟପର୍ବ ପାଳନ କରାଯାଇଛି। ଏହି ଉପଲକ୍ଷେ ବାବା ଜଗତେଶ୍ୱର ଓ ମା' ପାର୍ବତୀଙ୍କ ବିବାହ ରୀତିନୀତି ଅନୁସାରେ ସମ୍ପନ୍ନ ହୋଇଛି। ପରମ୍ପରା ଅନୁଯାୟୀ, ତାଳ ପୋଖରୀରୁ ଘଟ ଉତ୍ତୋଳନ କରାଯାଇ ବେତବାଡ଼ି ଧରି ଭକ୍ତାମାନେ ମଣ୍ଡପ ନିକଟକୁ ନେଇଥିଲେ। ଶ୍ରଦ୍ଧାଳୁମାନେ ବ୍ରତ ଧାରଣା କରିବା ସହିତ ମହାଦେବଙ୍କୁ ପୂଜାର୍ଚ୍ଚନା କରିଥିଲେ। ସେହିପରି ବହୁ ମାନସିକଧାରୀ ତାଳ ପୋଖରୀରୁ ମନ୍ଦିର ବେଢ଼ା ପର୍ଯ୍ୟନ୍ତ ବେତବାଡ଼ି ଧରି ଟାଣ ଖରାରେ ହରହର ମହାଦେବ ଧ୍ୱନି ଓ ବାଦ୍ୟର ତାଳେ ତାଳେ ନୃତ୍ୟ କରିଥିଲେ। ଘଟ ଉତ୍ତୋଳନକୁ ଦେଖିଲେ ପାପ କ୍ଷୟ ହୁଏ ବୋଲି ଲୋକଙ୍କ ମନରେ ବିଶ୍ୱାସ ରହିଛି। ଶିବ, ପାର୍ବତୀଙ୍କ ଘଟ ବୋହି ଥିଲେ ଗଣେଶ୍ୱର ପାଟବନ୍ଧା ଓ କମଳାକାନ୍ତ ଧୀର। ଘଟ ଉତ୍ତୋଳନରେ ପାଞ୍ଚଜଣ ପାଟଭକ୍ତା ଥିବାବେଳେ ମୋଟ ଦୁଇଶହ ଜଣ ବ୍ରତଧାରୀ ଭକ୍ତା ଥିଲେ। ଘଟ ଉତ୍ତୋଳନ ଦେଖିବାକୁ ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ସେହିପରି ମୋରଡ଼ା ଏବଂ ପାରିଆକୁଲିରେ ରବିବାର ଉଡାପର୍ବ ଧୁମଧାମରେ ସମ୍ପନ୍ନ ହୋଇଛି। ପାଟ ଭକ୍ତା ସହିତ ଅନ୍ୟମାନେ ପବନରେ ଉଡି ଶ୍ରଦ୍ଧାଳୁମାନଙ୍କୁ ଭୋଗ ଫୋପାଡ଼ି ଥିଲେ। ଏତଦବ୍ୟତୀତ ମୋରଡ଼ାରେ ଚଳିତବର୍ଷ ଧୁମଧାମରେ ଉଡାପର୍ବ ପାଳନ କରାଯାଇଛି। ଉଡାପର୍ବ ସରିଲା ପରେ ଡିଜେର ତାଳେ ତାଳେ ଲୋକମାନେ ନାଚି ନାଚି ମୁଖ୍ୟ ବଜାର ନିକଟକୁ ଆସିଥିବାର ଦୃଶ୍ୟ ଲୋକଙ୍କ ମନ ମୋହିଛି। ତେବେ ପ୍ରତ୍ୟେକ ବର୍ଷ ୪ରୁ ୫ ଶହ ଶହ ଲୋକ ନାଚୁ ଥିବାବେଳେ ଚଳିତ ବର୍ଷ ନିର୍ବାଚନ ପାଇଁ ଗୋଟେ ମାତ୍ର ଡିଜେକୁ ସରକାର ଅନୁମତି ଦେଇଛନ୍ତି।



## ବଳାଙ୍ଗୀ ମହୋତ୍ସବ ଉଦ୍‌ଘାଟିତ

# ଓଡ଼ିଶୀରେ ଝୁମିଲେ ଦର୍ଶକ

ବାରିପଦା, ୧୪।୪(ସମିସ)



ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ପାଳନ ଉପଲକ୍ଷେ ବାରିପଦାରେ ମୟୂରଭଞ୍ଜ ଜିଲ୍ଲାର ମହାନ ଗଣପର୍ବ ବଳାଙ୍ଗୀ ମହୋତ୍ସବ ରବିବାର ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବ କମିଟି ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ଦୌରାଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ସଭାପତି ଅରବିନ୍ଦ ପଟ୍ଟନାୟକ, ବିଶିଷ୍ଟ ଅତିଥି ଭାବେ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ରଭଞ୍ଜ ଭଞ୍ଜଦେଓ, ସମ୍ମାନିତ ଅତିଥି ଭାବରେ ସମାଜସେବୀ ରଜତ କୁମାର ପଣ୍ଡା ଓ ମହୋତ୍ସବ କମିଟି ଅଧ୍ୟକ୍ଷ ଅରବିନ୍ଦ ଦାସ ଯୋଗଦେଇ କଳା ସଂସ୍କୃତି ହିଁ ଗୋଟିଏ ଭୂଖଣ୍ଡର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ ବୋଲି କହିଥିଲେ। ବାରିପଦାଠାରେ ବୁଢାବଳଙ୍ଗ, ଚିପଟ ଏବଂ ଇଟାଯୋଡି ନଦୀର ତ୍ରିବେଣୀ ସଙ୍ଗମସ୍ଥଳରେ ଦୀର୍ଘ ୨୨ ବର୍ଷ ଧରି ଏହି ମହୋତ୍ସବ ପାଳିତ ହୋଇଆସୁଛି। ଏହି ମହୋତ୍ସବ ଜିଲ୍ଲାରେ କଳା ସଂସ୍କୃତିର ସୁରକ୍ଷା ଏବଂ ସମୃଦ୍ଧି ପାଇଁ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରି ଆସୁଛି ବୋଲି ଅତିଥିମାନେ କହିଥିଲେ। ସହ ସମ୍ପାଦକ ଡ଼. ଶଶୀଧର ବିଶ୍ୱାଳ ମଞ୍ଚ ପରିଚାଳନା ଓ ଜୟା ପରବିନ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ଶ୍ରୀ ଶ୍ରୀ ଅନନ୍ତ ନାରାୟଣଙ୍କ ପୂଜା ଯଜ୍ଞ, ଓଡ଼ିଆ ନବବର୍ଷ ପାଳନ, ବିଭିନ୍ନ ବର୍ଗର ସ୍ଥାନୀୟ କଳାକାରଙ୍କ ନୃତ୍ୟ ପ୍ରତିଯୋଗିତା ଏବଂ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ସାଂସ୍କୃତିକ ଦଳ ଯୋଗଦେଇ କଳା କୌଶଳ ପ୍ରଦର୍ଶନ କରିଥିଲେ। ବିଶେଷକରି ମୟୂରଭଞ୍ଜର ପାରମ୍ପରିକ ଝୁମର ଏବଂ ଓଡିଶୀ ନୃତ୍ୟ ଦର୍ଶକଙ୍କୁ ମତୁଆଲା କରିଥିଲା। ବଳାଙ୍ଗୀ ସେନାର ଅଧ୍ୟକ୍ଷ କୁମାରେଶ ନାୟକ, ସମ୍ପାଦକ ମିଥୁନ ବାରିକ, ପଦ୍ମନାଭ ମହାପାତ୍ର, କିଶୋର ମହାନ୍ତି, ଦିଲ୍ଲୀପ ପାତ୍ର ଓ ରମାକାନ୍ତ ରାଉତ ପ୍ରମୁଖଙ୍କ ନେତୃତ୍ୱରେ ମେଳା ପରିଚାଳନାରେ ସହଯୋଗ କରିଥିଲେ।

# ଜାଗରପଡ଼ିଆରେ ଉଡ଼ାପର୍ବ



**ଖୁଣ୍ଟା, ୧୪।୪(ସମିସ):** ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ଖୁଣ୍ଟା ଓ ଆଖପାଖ ଅଞ୍ଚଳରେ ଘରେ ଘରେ ତୁଳସୀପୂଜା ହେବା ସହିତ ଦେବାଦେବୀଙ୍କ ପୀଠରେ ଏହି ପର୍ବ ଆନନ୍ଦ ଉଲ୍ଲାସର ସହିତ ପାଳନ ହୋଇଯାଇଛି। ଏହି ଅବସରରେ ଖୁଣ୍ଟା ବସଷ୍ଟାଣ୍ଡ, ସାନଖୁଣ୍ଟା ଓ ବଙ୍ଗଳା ଛକରେ ଥିବା ମା' ତାରିଣୀଙ୍କ ପୀଠରେ ରୀତିନୀତି ଅନୁସାରେ ଚୈତ୍ରପର୍ବ ପାଳିତ ହୋଇଛି। ଶ୍ରଦ୍ଧାଳୁମାନେ ମାଆଙ୍କ ନିକଟରେ ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା କରିବା ସହ ଆଶ୍ରୀବାଦ ଭିକ୍ଷା କରିଥିଲେ। ସେହିପରି ଖୁଣ୍ଟା ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ଇତି ଅବସରରେ ହନୁମତ କୃପାପରିଷଦ ପକ୍ଷରୁ ଯଜ୍ଞରେ ଆୟୋଜନ କରାଯାଇଥିଲା। ଆଖପାଖ ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ଯୋଗଦେଇ ପ୍ରଭୁ ହନୁମାନଙ୍କ ଆଶୀର୍ବାଦ ଲାଭ କରିଥିଲେ। ଏହି ଉପଲକ୍ଷେ ଖୁଣ୍ଟା ଜାଗରପଡ଼ିଆରେ ଉଡ଼ା କମିଟି ପକ୍ଷରୁ ପ୍ରସିଦ୍ଧ ଉଡ଼ାପର୍ବ ଅନୁଷ୍ଠିତ ହୋଇଥିଲା। ପ୍ରଥା ଅନୁସାରେ ଚତୁରଶୀଳ ସ୍ଥିତ ଆକଣ୍ଠ ପୋଖରୀରୁ ଘଟ ଉତ୍ତୋଳନ ପୂର୍ବକ ବିଭିନ୍ନ ଗ୍ରାମଦେବୀଙ୍କ ଦାସୀମାନଙ୍କ ସହିତ ମାନସିକଧାରୀ ଭକ୍ତାମାନେ ଏକ ସୁସଜ୍ଜିତ ପଟୁଆରରେ ଗ୍ରାମ ପରିକ୍ରମା କରିବା ସହିତ ଉଡ଼ାପଡ଼ିଆରେ ପହଞ୍ଚିଥିଲେ। ପୂଜକ ଦେହୁରୀ ଉଡ଼ା ଖମ୍ବକୁ ଯଥାବିଧି ପୂଜାର୍ଚ୍ଚନା କରିବା ପରେ ସଂଧ୍ୟାରେ ପର୍ବ ଆରମ୍ଭ ହୋଇଥିଲା। ଦାସୀମାନଙ୍କ ସହିତ ଭକ୍ତାମାନେ ଏଥିରେ ସାମିଲ ହୋଇ ଉଡ଼ାଖମ୍ବରେ ଉଡ଼ିଥିବା ବେଳେ ଶ୍ରଦ୍ଧାଳୁମାନେ ଶଙ୍ଖ ହୁଳହୁଳି ସହିତ ହରିବୋଲ ନାରା ଦେଇଥିଲେ। ଏହା ପୂର୍ବରୁ ଶୁକ୍ରବାର ଓ ଶନିବାର ସଂଧ୍ୟାରେ କଣ୍ଟାପାଟ ଓ ନିଆଁପାଟ ପର୍ବ ଅନୁଷ୍ଠିତ ହୋଇଥିଲା; ଯାହାକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ବହୁ ଗ୍ରାମବାସୀଙ୍କ ସମାଗମ ହୋଇଥିଲା।



'ମୁଁ ସେହି ଧର୍ମକୁ ପସନ୍ଦ କରେ, ଯାହା ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱକୁ ପ୍ରାଧାନ୍ୟ ଦିଏ।
-ବି ଆର ଆମ୍ବେଦକର



ସକାଳ
THE SAKALA

## ମଧ୍ୟପ୍ରାଚ୍ୟରୁ ବିଶ୍ୱଯୁଦ୍ଧର ପଦଧ୍ୱନି

# ସତର୍କ ଭାରତ ପ୍ରଭାବୀ ପଦକ୍ଷେପ ନେଉ

ମଧ୍ୟପ୍ରାଚ୍ୟ କ୍ରମଶଃ ଅଶାନ୍ତ ହେବାରେ ଲାଗିଛି। ଇସ୍ରାଏଲ୍-ହମାସ୍ ଯୁଦ୍ଧର ମୀମାଂସା ଏ ପର୍ଯ୍ୟନ୍ତ ହୋଇ ନ ଥିବା ବେଳେ ଇସ୍ରାଏଲ୍ ବିରୋଧରେ ଯୁଦ୍ଧଂ ଦେହୀ ଡାକରା ଦେଇଛି ଇରାନ୍। ଗତ ୧ ତାରିଖରେ ସିରିଆସ୍ଥିତ ଇରାନ୍‌ର ସାମରିକ କାର୍ଯ୍ୟାଳୟ ଓ ବାଣିଜ୍ୟିକ ଦୂତାବାସ ଉପରେ ଇସ୍ରାଏଲ୍ ଆକ୍ରମଣର ପ୍ରତିଶୋଧରେ ରକ୍ତମୁଖା ଇରାନ୍ ଗତକାଲି ଇସ୍ରାଏଲ୍ ବିରୋଧରେ ଶତାଧିକ ଡ୍ରୋନ୍ ଓ ମିସାଇଲ୍ ଆକ୍ରମଣ କରିଥିବା ବେଳେ ଆଗକୁ ଆହୁରି ଭୟଙ୍କର ଆକ୍ରମଣ ହେବ ବୋଲି ଚେତାବନୀ ଦେଇଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଇରାନ୍ ଅଧିକ ଆକ୍ରମଣ କରିପାରେ ବୋଲି ଆମେରିକା ଗୁଇନ୍ଦା ସୂତ୍ରରୁ ମଧ୍ୟ ଖବର ମିଳିଛି। ଇସ୍ରାଏଲ୍ କିମ୍ବା ଇରାନ୍ ନ ଯିବା ପାଇଁ ଭାରତୀୟମାନଙ୍କୁ ଭାରତର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଥିବା ବେଳେ ରୁଷ, ଫ୍ରାନ୍ସ, ବ୍ରିଟେନ୍ ମଧ୍ୟ ଅନୁରୂପ ପରାମର୍ଶ ଦେଇଛନ୍ତି।

ମଧ୍ୟପ୍ରାଚ୍ୟରେ ବହୁଦଶନ୍ଧି ଧରି କୁହୁଳି ଆସୁଥିବା ଧୂଆଁ ମଝିରେ ମଝିରେ ବାହ୍ୟଶକ୍ତିର ପ୍ରଭାବରେ ଅଗ୍ନିସ୍ଫୁଲିଙ୍ଗର ରୂପ ନିଏ। ଏବେ ତାହାର ପୁନରାବୃତ୍ତି ଯାହା ଘଟିଛି। ବର୍ତ୍ତମାନ ଇସ୍ରାଏଲ୍-ଇରାନ୍ ମଧ୍ୟରେ ଯେଉଁ ଯୁଦ୍ଧ ଘନଘଟା ଦେଖାଦେଇଛି ତାହା ଅପ୍ରତ୍ୟାଶିତ ନୁହେଁ, ବରଂ ଏହାର ନିଆଁ ଗତ ବର୍ଷ ଅକ୍ଟୋବର ୭ ତାରିଖରୁ ଲାଗିଛି, ଯେତେବେଳେ ଇରାନ୍ ସମର୍ଥିତ ଓ ସହାୟତା ପ୍ରାପ୍ତ ପାଲେଷ୍ଟାଇନ୍‌ର ଆତଙ୍କବାଦୀ ଗୋଷ୍ଠୀ ହମାସ୍ ଇସ୍ରାଏଲ୍ ଉପରେ ଭୟଙ୍କର ଆକ୍ରମଣ କରିଥିଲା। ଏହାର ପ୍ରତିଶୋଧରେ ହମାସ୍ ମୂଳପୋଛ ଲକ୍ଷ୍ୟରେ ଇସ୍ରାଏଲ୍ ଯେଉଁ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି ସେଥିରେ ଗାଜା ଷ୍ଟ୍ରିପ୍‌ରେ ଏ ପର୍ଯ୍ୟନ୍ତ ପୁରୁଷ, ମହିଳା ଓ ଶିଶୁଙ୍କୁ ମିଶାଇ ୩୨ ହଜାରରୁ ଊର୍ଦ୍ଧ୍ୱ ନାଗରିକ ନିହତ ହୋଇଛନ୍ତି। ଇସ୍ରାଏଲ୍‌ର ଆକ୍ରମଣରୁ ଗାଜାର ଡାକ୍ତରଖାନା ଓ ସ୍କୁଲ୍ ମଧ୍ୟ ବାଦ୍ ପଡ଼ିନାହିଁ। ଆହୁରି ମଧ୍ୟ ସିରିଆରେ ଗୃହଯୁଦ୍ଧ ପଛରେ ଇସ୍ରାଏଲ୍‌ର ବନ୍ଧୁ ଆମେରିକାର ହାତ ରହିଥିବା ଅଭିଯୋଗ ହୋଇଛି। ଏହି ପରିସ୍ଥିତି ଇରାନ୍‌କୁ କ୍ଷୁବ୍ଧ କରିଛି। ଅଧିକନ୍ତୁ ଇସ୍ରାଏଲ୍‌ର ଏହି ସାମରିକ କାର୍ଯ୍ୟାନୁଷ୍ଠାନକୁ ଆମେରିକାର ନିରବ ସମର୍ଥନ ଇରାନ୍‌କୁ ଆହୁରି ଉଗ୍ର କରିଛି। ତେଣୁ ସିରିଆ ସ୍ଥିତ ଇରାନ୍ ଦୂତାବାସ ଉପରେ ଆକ୍ରମଣ ଅଭିଯୋଗକୁ ଇସ୍ରାଏଲ୍ ଖଣ୍ଡନ କରିଥିଲେ ମଧ୍ୟ ଇସ୍ରାଏଲ୍ ବିରୋଧରେ ଯୁଦ୍ଧ ପାଇଁ ଇରାନ୍ ପ୍ରସ୍ତୁତି ଆରମ୍ଭ କରିସାରିଛି।

ତେବେ ଯୁଦ୍ଧ ଅଧିକ ଉଗ୍ର ହେବା ପୂର୍ବରୁ ସାମରିକ ବିଶାରଦମାନେ ଉଭୟ ଇସ୍ରାଏଲ୍ ଓ ଇରାନ୍‌ର ଯେଉଁ ସାମରିକ ଶକ୍ତି କଳନା କରିଛନ୍ତି ସେଥିରେ ଆପାତତଃ ଇରାନ୍ ଅଧିକ ଶକ୍ତିଶାଳୀ ମନେ ହେଉଛି। ଇରାନ୍‌ର ୫ ଲକ୍ଷ ସଦସ୍ୟ ବିଶିଷ୍ଟ ବିରାଟ ସାମରିକ ବାହିନୀ ବ୍ୟତୀତ ଇସ୍‌ଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ ଗ୍ରୁପ୍‌ର ୨ ଲକ୍ଷ ଆପତ୍‌କାଳୀନ ସଂରକ୍ଷିତ ଓ ସମର୍ପିତ ଆତ୍ମଘାତୀ ଯୋଦ୍ଧା ରହିଛନ୍ତି। ଏମାନେ ଜଳ, ସ୍ଥଳ, ଆକାଶ ସୀମା ସୁରକ୍ଷା ପାଇଁ ସ୍ୱତନ୍ତ୍ର ଭାବେ ତାଲିମପ୍ରାପ୍ତ ଏବଂ ଯେକୌଣସି ଦେଶରେ ଆତଙ୍କ ସୃଷ୍ଟି କରିବାରେ ସମର୍ଥ। ଇରାନ୍‌ର ଶାସନ ମୁଖ୍ୟ ଆୟାତୋଲା ଖେମିନିଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ପରିଚାଳିତ ଦୁର୍ଦ୍ଧର୍ଷ କୁଦ୍ ବାହିନୀ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ନିୟୋଜିତ। ବାଲାଷ୍ଟିକ୍ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ସଂଖ୍ୟା ଦୃଷ୍ଟିରୁ ମଧ୍ୟପ୍ରାଚ୍ୟରେ ଇରାନ୍ ସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ର। ଅବଶ୍ୟ ଇରାନ୍‌ର ଗତକାଲିର ଆକ୍ରମଣରେ ଇସ୍ରାଏଲ୍‌ର ବିଶେଷକିଛି କ୍ଷୟକ୍ଷତି ହୋଇନାହିଁ। କାରଣ ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ଇରାନ୍‌ଠାରୁ ଇସ୍ରାଏଲ୍ ବହୁଦୂରରେ ଅବସ୍ଥିତ। ଇସ୍ରାଏଲରେ ଲକ୍ଷ୍ୟଭେଦ କରିବା ପୂର୍ବରୁ ଇରାନ୍‌ର ମିସାଇଲ୍‌ଗୁଡ଼ିକ ଜୋର୍ଡାନ୍, ଇରାକ୍ ଆଦି ରାଷ୍ଟ୍ରର ବାୟୁସୀମା ପାରି ହେବାକୁ ପଡ଼ିବ ବୋଲି କୁହାଯାଉଥିଲେ ମଧ୍ୟ ଇତିମଧ୍ୟରେ ଇରାନ୍ ପାଖରେ ଅଣୁଅସ୍ତ୍ରବାହୀ ଯେଉଁ କ୍ଷେପଣାସ୍ତ୍ରମାନ ରହିଛି ତାହା ୧୨୦୦ ମାଇଲ୍ ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିବ। ମିସାଇଲ୍ ଓ ଡ୍ରୋନ୍ ଶକ୍ତିରେ ବଳୀୟାନ୍ ଇରାନ୍‌ର ଆଉ ଏକ ଶକ୍ତି ହେଲା ହମାସ୍, ହେଜବୋଲ୍ଲା, ହାଉଥି ଆଦି ଆତଙ୍କବାଦୀ ଗୋଷ୍ଠୀ ଏବେ ଇସ୍ରାଏଲ୍ ବିରୋଧରେ ପ୍ରତ୍ୟକ୍ଷ ଆକ୍ରମଣରେ ସକ୍ରିୟ ଅଛନ୍ତି। ତେଣୁ ଗାଜା ଯୁଦ୍ଧରେ ଇସ୍ରାଏଲ୍‌ର ସେନାବାହିନୀ ଯେଉଁ ପରାକ୍ରମ ଦେଖାଇଥିଲା ତାହା ଇରାନ ବିପକ୍ଷ ଯୁଦ୍ଧରେ ପୁନରାବୃତ୍ତି ନ ହୋଇପାରେ।

ଅପରପକ୍ଷରେ ଯେକୌଣସି ଆକ୍ରମଣକୁ ପ୍ରତିହତ କରିବାକୁ ସକ୍ଷମ ଥିବା ଅତ୍ୟାଧୁନିକ ରଣକୌଶଳରେ ଧୂରନ୍ଧର ଇସ୍ରାଏଲ୍‌କୁ ଆମେରିକା ପ୍ରତ୍ୟକ୍ଷ ସମର୍ଥନ ଦେଇଆସୁଛି। ଏହି ଦୃଷ୍ଟିରୁ ଯଦି ଇସ୍ରାଏଲ୍-ଇରାନ୍ ଯୁଦ୍ଧ ଆହୁରି ଅଧିକ ଉଗ୍ର ହୁଏ ତେବେ ପୃଥିବୀର ମହାଶକ୍ତିମାନେ ଦୁଇଭାଗରେ ବିଭକ୍ତ ହୋଇଯିବାର ଆଶଙ୍କାକୁ ଏଡ଼ାଇ ଦେଉ ହେଉ ନାହିଁ। କାରଣ ଇରାନ୍‌କୁ ପରୋକ୍ଷ ସମର୍ଥନ ଦେଇ ଆସୁଥିବା ଚୀନ୍, ରୁଷ୍, ଉତ୍ତର କୋରିଆ ଓ ତୁର୍କୀ ଭଳି ଆମେରିକା ବିରୋଧୀ ରାଷ୍ଟ୍ରମାନେ ଇସ୍ରାଏଲ୍ ବିରୋଧରେ ଇରାନ୍‌କୁ ପ୍ରତ୍ୟକ୍ଷ ସହାୟତା ଦେଇପାରନ୍ତି, ଯାହା ପୁଣି ଏକ ବିଶ୍ୱଯୁଦ୍ଧର ଆଶଙ୍କା ସୃଷ୍ଟି କରିଛି।

ଯଦି ମଧ୍ୟପ୍ରାଚ୍ୟରେ ପୁଣି ଥରେ ଯୁଦ୍ଧର ଘନଘଟା ସୃଷ୍ଟି ହୁଏ ସେଥିରେ ସମଗ୍ର ପଶ୍ଚିମ ଏସିଆ ସମେତ ଭାରତ ମଧ୍ୟ ପ୍ରଭାବିତ ହେବ। ତେଣୁ ଏହି ଘଟଣା ପରେ ଭାରତ ମାପିଚୁପି ପ୍ରତିକ୍ରିୟା ପ୍ରକାଶ କରିଛି ଏବଂ ପରିସ୍ଥିତି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛି। ଲୋହିତ ସାଗର ଓ ସମଗ୍ର ପଶ୍ଚିମ ଏସିଆରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଭୟ ଇସ୍ରାଏଲ୍ ଓ ଇରାନ୍ ସାମରିକ କାର୍ଯ୍ୟାନୁଷ୍ଠାନରୁ ବିରତ ରହିବାକୁ ଭାରତ ପରାମର୍ଶ ଦେଇଛି। କୂଟନୈତିକ ଓ ବାଣିଜ୍ୟିକ ଦୃଷ୍ଟିକୋଣରୁ ଇରାନ୍ ସହିତ ଭାରତର ସମ୍ପର୍କ ଭଲ। ବିଶେଷକରି ଚବାହାର ବନ୍ଦର ପ୍ରତିଷ୍ଠା କରି ଭାରତ ଇରାନ୍ ସହିତ ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କକୁ ଆହୁରି ଦୃଢ଼ କରିଛି। ଆମେରିକାର ଇରାନ୍ ବିରୋଧୀ କଟକଣା ପୂର୍ବରୁ ଭାରତର ସର୍ବବୃହତ୍ ଅଶୋଧିତ ତୈଳ ରପ୍ତାନୀକାରୀ ଥିଲା ଇରାନ୍। ସେହିପରି ଉଭୟ ଭାରତ-ଇରାନ୍ ଆତଙ୍କବାଦ ନିରୋଧୀ ଆଭିମୁଖ୍ୟରେ ଏକମତ। ଅପରପକ୍ଷରେ ଆତଙ୍କବାଦ ବିରୋଧରେ ଇସ୍ରାଏଲ୍ କାର୍ଯ୍ୟାନୁଷ୍ଠାନକୁ ଭାରତ ସମର୍ଥନ ଦେଇ ଆସୁଛି ଏବଂ ପ୍ରତିରକ୍ଷା ଉପକରଣ, ସାମରିକ-ବୈଷୟିକ ଜ୍ଞାନକୌଶଳ ହସ୍ତାନ୍ତର କ୍ଷେତ୍ରରେ ଦୁଇ ରାଷ୍ଟ୍ର ଚୁକ୍ତିବଦ୍ଧ। ତେଣୁ ଏଭଳି ପରିସ୍ଥିତିରେ ଭାରତ ନିର୍ଦ୍ଦିଷ୍ଟ ଭାବେ କୌଣସି ପକ୍ଷ ନେଇପାରିବ ନାହିଁ। ବରଂ ପଶ୍ଚିମ ଏସିଆରେ ଶାନ୍ତିବାହାଲ ପାଇଁ ଭାରତ ଯେଉଁ ଆହ୍ୱାନ ଦେଇଛି ତାହା ଯଥାର୍ଥ ଓ ସ୍ୱାଗତଯୋଗ୍ୟ।

ତେବେ କେତେକ ଘଟଣାରେ ଭାରତ ଇରାନ୍-ଇସ୍ରାଏଲ୍ ବିବାଦରେ ଅବାଞ୍ଛିତ ଭାବେ ପକ୍ଷଭୁକ୍ତ ହୋଇଯାଇଛି। ଉଦାହରଣସ୍ୱରୂପ ୨୦୧୨ରେ ନୂଆଦିଲ୍ଲୀରେ ଇସ୍ରାଏଲ୍ କୂଟନୀତିଜ୍ଞଙ୍କ ପତ୍ନୀଙ୍କୁ ହତ୍ୟା କରିବା ପଛରେ ଇରାନ୍‌ର ହାତ ଥିବା ଜଣାପଡ଼ିଥିଲା ଏବଂ ୨୦୨୧ରେ ଇସ୍ରାଏଲ୍-ଇରାନ୍ ରାଷ୍ଟ୍ରଦୂତଙ୍କ ମଧ୍ୟରେ ନୂଆଦିଲ୍ଲୀଠାରେ ହିଁ ମତାନ୍ତର ହୋଇଥିଲା। ଏଭଳି କେତେକ ଘଟଣାରେ ଭାରତର ପକ୍ଷ ଅଯଥାର୍ଥ ଭାବେ ସନ୍ଦେହ ଘେରକୁ ଆସିଯାଇଥିଲା। ତେଣୁ ଭାରତକୁ ଉଭୟ ରାଷ୍ଟ୍ରର ସହିତ ସମତୁଲତା ରକ୍ଷା କରିବା ପାଇଁ ଆହୁରି ସୁଚିନ୍ତିତ ପଦକ୍ଷେପ ନେବା ଉଚିତ ହେବ।

ସାମ୍ପ୍ରତିକ ସ୍ଥିତିରେ ଭାରତ ପାଇଁ ସବୁଠାରୁ ଉଦ୍‌ବେଗଜନକ ହେଉଛି ମଧ୍ୟପ୍ରାଚ୍ୟରେ ପ୍ରବାସୀ ଭାରତୀୟଙ୍କ ସୁରକ୍ଷା। ସେହି ଅଞ୍ଚଳରେ ପ୍ରାୟ ୯୦ ଲକ୍ଷ ପ୍ରବାସୀ ଭାରତୀୟ ବସବାସ କରୁଛନ୍ତି। ସେମାନଙ୍କ ମଧ୍ୟରୁ ୧୮ ହଜାର ଇସାଏଲ୍‌ରେ ଏବଂ ୧୦ ହଜାର ଇରାନ୍‌ରେ ବିଭିନ୍ନ କାମଧନ୍ଦାରେ ନିୟୋଜିତ ଅଛନ୍ତି। ତେଣୁ ଯୁଦ୍ଧ ଆରମ୍ଭ ହେଲେ ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କାର୍ଯ୍ୟ ଭାରତ ପାଇଁ ଆହ୍ୱାନ ସୃଷ୍ଟି କରିବ। ବିଶେଷକରି ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଭାରତ ପାଇଁ ଏହା ଆହୁରି କଠିନ ହେବ। ଏହାଛଡ଼ା ଏବେ ମଧ୍ୟ ଭାରତର ମୋଟ ତୈଳ ଚାହିଦାର ୮୦% ମଧ୍ୟପ୍ରାଚ୍ୟରୁ ହିଁ ଆସୁଛି। ଯୁଦ୍ଧ ଭଳି ସ୍ଥିତି ସୃଷ୍ଟି ହେଲେ ଭାରତର ତୈଳ ଆମଦାନୀ ପ୍ରଭାବିତ ହେବ ଏବଂ ଅର୍ଥନୈତିକ ସଙ୍କଟ ବଢ଼ିବ। ତେଣୁ ଯେତେଶୀଘ୍ର ମଧ୍ୟପ୍ରାଚ୍ୟରେ ଶାନ୍ତି ବାହାଲ ହେବ ତାହା ସମଗ୍ର ବିଶ୍ୱ ସମେତ ଭାରତ ପାଇଁ ମଙ୍ଗଳକର ହେବ। ଏବେ ଇସ୍ରାଏଲ୍-ଇରାନ୍‌ର ଆଭିମୁଖ୍ୟର ବାସ୍ତବତା ଦୃଷ୍ଟିରୁ ଭାରତ ପ୍ରତ୍ୟକ୍ଷ ଭାବେ ହସ୍ତକ୍ଷେପ କରି ଦୁଇ ପକ୍ଷକୁ ଶାନ୍ତ କରିପାରିବ ନାହିଁ। କିନ୍ତୁ ଆନ୍ତର୍ଜାତିକ କୂଟନୀତି ମହଲରେ ଭାରତ ଏ ଦିଗରେ ସକ୍ରିୟ ପ୍ରୟାସ କରିପାରିବ। ଭାରତ ଆଉ ଏବେ ପୂର୍ବର ବିକାଶଶୀଳ ରାଷ୍ଟ୍ର ହୋଇନାହିଁ। ସାମରିକ, କୂଟନୈତିକ ଓ ଅର୍ଥନୈତିକ ଦୃଷ୍ଟିରୁ ବିଶ୍ୱର ଏକ ଅଗ୍ରଣୀ ଓ ସମ୍ମାନାସ୍ପଦ ସ୍ଥାନ ହାସଲ କରିସାରିଛି। ଜି-୨୦ ଅଧ୍ୟକ୍ଷତା କରି ଭାରତ ତାହାର ସ୍ଥିତି ଆହୁରି ଦୃଢ଼ କରିପାରିଛି। କୃଷି, ପରିବେଶ ପରିଚାଳନାରେ ଆଦର୍ଶ ଓ ଉଦାହରଣୀୟ ଯୋଜନାମାନ ଗ୍ରହଣ କରିଛି। ବିଶାଳ ଯୁବଶକ୍ତି ଓ ପ୍ରଚଣ୍ଡ ଜ୍ଞାନକୌଶଳ ଭାରତକୁ ବିଶ୍ୱଗୁରୁ ହେବାର ବାଟ କଢ଼ାଇ ନେଉଛନ୍ତି। ତେଣୁ ଭାରତ ମଧ୍ୟପ୍ରାଚ୍ୟରେ ଶାନ୍ତି ରକ୍ଷା କ୍ଷେତ୍ରରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିପାରିବ।

# ବ୍ୟୟବହୁଳ ନିର୍ବାଚନ ଓ ସାଧାରଣ ଜନତା



ଇଂ ଚୌଧୁରୀ ଜ୍ଞାନରଞ୍ଜନ ସାମଲ
ବଡ଼ଚଣା, ମୋ: ୯୯୩୭୪୮୭୭୩୪

ନିକଟରେ ଭାରତର ଅର୍ଥମନ୍ତ୍ରୀ ନିର୍ବାଚନରେ ଭାଗ ନେବେ ନାହିଁ ବୋଲି ମତ ଦେବା ପରେ ତାହା ସାରା ଦେଶରେ ଚର୍ଚ୍ଚାର ବିଷୟ ହୋଇଛି। ଏହାପଛର ଯେଉଁ କାରଣ ସେ ଦର୍ଶାଇଛନ୍ତି ତାହା ଆହୁରି ଚିନ୍ତାଜନକ। ଶ୍ରୀମତୀ ନିର୍ମଳା ସୀତାରମଣ କହିଛନ୍ତି ଯେ ନିର୍ବାଚନ ଲଢ଼ିବା ପାଇଁ ଆବଶ୍ୟକ ଅର୍ଥ ତାଙ୍କ ପାଖରେ ନାହିଁ। ନିର୍ବାଚନ ସମୟରେ ଦେଶର ଅର୍ଥମନ୍ତ୍ରୀଙ୍କ ନିର୍ବାଚନ ଖର୍ଚ୍ଚକୁ ନେଇ ଏହି ବକ୍ତବ୍ୟ ସ୍ୱାଭାବିକ ଭାବେ ସମଗ୍ର ଦେଶରେ ଆଲୋଡ଼ନ ସୃଷ୍ଟି କରିଛି।

ବିଶ୍ୱର ସର୍ବବୃହତ ଗଣତନ୍ତ୍ର ଭାରତର ଗଣତାନ୍ତ୍ରିକ ପ୍ରକ୍ରିୟା ବିଶ୍ୱବିଦିତ। କିନ୍ତୁ ଆଜି ଆମ ଦେଶରେ ନିର୍ବାଚନ ଏତେ ବ୍ୟୟବହୁଳ ହୋଇଯାଇଛି ଯେ ସାଧାରଣ ନାଗରିକଟିଏ ନିର୍ବାଚନରେ ପ୍ରାର୍ଥୀ ହୋଇ ଲଢ଼ିବା ସହଜ ନୁହେଁ ବୋଲି ଧାରଣା ରହିଛି। ଅପରପକ୍ଷରେ ସାଧାରଣ ପରିବାରରୁ ଆସି ଆମ ଦେଶର ରାଷ୍ଟ୍ରପତି ଆଉ ପ୍ରଧାନମନ୍ତ୍ରୀ ଆସନ ଅଳଙ୍କୃତ କରିବା ଭାରତୀୟ ଗଣତନ୍ତ୍ରର ଅନ୍ୟତମ ବିରଳ ବୈଶିଷ୍ଟ୍ୟ। ଦେଖିବାକୁ ଗଲେ ଆମ ସମାଜ ଜାତି ଧର୍ମ ବର୍ଣ୍ଣ ଆଦିରେ ବିଭାଜିତ। ଏହା ଉପରେ ନିର୍ବାଚନ ସମୟରେ ଧନବଳ ଓ ବାହୁବଳର ପ୍ରାଧାନ୍ୟ ଏହି ପରିସ୍ଥିତିକୁ ଆହୁରି ଜଟିଳ କରିଛି। ଏହି ପୃଷ୍ଠଭୂମିରେ ସାଧାରଣ ଜନତା ନେତା ହେବା ଏକ ସ୍ୱପ୍ନ ସଦୃଶ ହୋଇଯାଉଛି। ଗଣତନ୍ତ୍ର ଜନତାଙ୍କର, ଜନତାଙ୍କ ଦ୍ୱାରା, ଆଉ ଜନତାଙ୍କ ପାଇଁ ଉଦ୍ଦିଷ୍ଟ ହୋଇଥିବା ବେଳେ ସାଧାରଣ ଜନତା ତା'ର ପସନ୍ଦର ପ୍ରାର୍ଥୀଟିଏ ପାଉନାହିଁ। ଗଣତନ୍ତ୍ରର ମୂଲ୍ୟବୋଧରେ ରହିଥିବା ନାଗରିକଟିଏ କରିବ ବା କ'ଣ? ଯଦିଓ ନୋଟାର ପ୍ରାବଧାନ ରହିଛି, ତଥାପି ରାଜନୈତିକ ଦଳମାନେ ଦେଇଥିବା ପାର୍ଥୀଙ୍କ ମଧ୍ୟରୁ ଜଣକୁ ବାଛି ଟିକେ ସ୍ୱାର୍ଥପର ହୋଇ ଭୋଟ ଦେଉଛି। ଭୋଟ ଦେବା ସମୟରେ ରାଜନୈତିକ ପରିବେଶ ଆଉ ତା'ର ଅସ୍ତିତ୍ୱକୁ ପରିଚୟ ଦେଲା ଭଳି ଜାତି ଧର୍ମ ଆଉ ବର୍ଣ୍ଣ ଆଧାରରେ ଭୋଟରଟିଏ ତା'ର ନାଗରିକତ୍ୱ ଯାହା କେବଳ ଜାହିର କରୁଛି।

ସର୍ବୋପରି ନିର୍ବାଚନରେ ଅର୍ଥର ପ୍ରାବଲ୍ୟ ସ୍ୱଚ୍ଛ ଓ ଅବାଧ ନିର୍ବାଚନ ଦିଗରେ ଏକ ମୁଖ୍ୟ ପ୍ରତିବନ୍ଧକ ହୋଇଛି। ଆହୁରି ଉଦ୍‌ବେଗଜନକ ହେଉଛି ଏ ସମ୍ପର୍କରେ ଅନେକ ଆଲୋଚନା ହେଉଥିଲେ ମଧ୍ୟ ନିର୍ବାଚନରେ ଅର୍ଥବଳର ପ୍ରାବଲ୍ୟ ହ୍ରାସ ପାଇବା ପରିବର୍ତ୍ତେ ବଢ଼ି ବଢ଼ି ଚାଲିଛି। ୧୯୫୨ ମସିହା ନିର୍ବାଚନରେ ୧୭.୫ ଭୋଟର ଥିବାବେଳେ ମୋଟ ସରକାରୀ ଖର୍ଚ୍ଚ ୧୦.୫ କୋଟି ହୋଇଥିଲା, ଯାହା ୨୦୧୪ ବେଳକୁ ୩୮୭୦ କୋଟି ଟଙ୍କାରେ ପହଞ୍ଚି ସାରିଥିଲା। ସେତେବେଳେ ଭୋଟରଙ୍କ



ସଂଖ୍ୟା ଥିଲା ୮୩.୪ କୋଟି। କିନ୍ତୁ ପ୍ରକୃତ ଖର୍ଚ୍ଚ ଆକଳନ କରିବା ସମ୍ଭବପର ନୁହେଁ। ଏକ ରିପୋର୍ଟ ଅନୁଯାୟୀ ନିର୍ବାଚନରେ ମୋଟ ଖର୍ଚ୍ଚର ପରିମାଣ ୨୦ ବର୍ଷ ମଧ୍ୟରେ ୯୦୦୦ କୋଟିରୁ ୬୦୦୦୦ କୋଟି ଟଙ୍କାରେ ପହଞ୍ଚି ଯାଇଛି। ଏହି ସମୟ ମଧ୍ୟରେ ମୋଟ ନିର୍ବାଚନୀ ଖର୍ଚ୍ଚ ବିଜେପିର ୨୦%ରୁ ୪୫% ବୃଦ୍ଧି ପାଇଥିବା ବେଳେ କଂଗ୍ରେସର ଖର୍ଚ୍ଚ ୪୦% ରୁ ୨୦% କୁ ହ୍ରାସ ପାଇଛି। ରାଜନୈତିକ ଦଳମାନେ ନିର୍ବାଚନରେ ଯେତେ ପରିମାଣର ଟଙ୍କା ଖର୍ଚ୍ଚ କରୁଛନ୍ତି ସେଥିରୁ ପ୍ରାୟ ୨୦%ରୁ ୨୫% ଖର୍ଚ୍ଚ ଭୋଟରମାନଙ୍କ ଉପରେ ହେଉଥିବା ବେଳେ ୩୦% ରୁ ୩୫% ପ୍ରଚାରରେ, ୮% ରୁ ୧୦% ଗମନାଗମନରେ ଏବଂ ୫% ରୁ ୧୦% ଅନ୍ୟାନ୍ୟ ଖର୍ଚ୍ଚ ହେଉଛି। ଏହି ଖର୍ଚ୍ଚର କ୍ରମରେ ନିର୍ବାଚନ କମିଶନ ଖାତାରେ କେବଳ ୧୫% ରୁ ୨୦% ଖର୍ଚ୍ଚ ଦର୍ଶାଯାଉଛି। ମୋଟ ଖର୍ଚ୍ଚର ୪୦% ପ୍ରାର୍ଥୀମାନେ ସିଧାସଳଖ ଖର୍ଚ୍ଚ କରୁଥିବା ବେଳେ ରାଜନୈତିକ ଦଳମାନେ ୩୫% ଖର୍ଚ୍ଚ କରୁଛନ୍ତି। ସରକାର ୧୫% ଖର୍ଚ୍ଚ କରୁଥିବା ବେଳେ ମିଡିଆ ଆଉ ଅନ୍ୟାନ୍ୟ ଖର୍ଚ୍ଚ ୧୦% ରହୁଛି।

୨୦୧୯ ନିର୍ବାଚନ ପରେ ହୋଇଥିବା ଏକ ସର୍ବେକ୍ଷଣର ତଥ୍ୟ ଅନୁଯାୟୀ ପ୍ରାୟ ୧୦% ଭୋଟର ଟଙ୍କା ନେଇ ଭୋଟ ଦେଇଥିବା ସ୍ୱୀକାର କରୁଥିବା ବେଳେ ଦୁଇ-ତୃତୀୟାଂଶ ଭୋଟର ଏଭଳି ସମ୍ଭାବନାକୁ ପରୋକ୍ଷରେ ସ୍ୱୀକାର କରିଥିଲେ। ଆଉ ଏକ ରିପୋର୍ଟ ଅନୁଯାୟୀ ୨୦୧୯ରେ ପ୍ରତି ଲୋକସଭା ଆସନରେ ହାରାହାରି ୧୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା, ଯାହା ପ୍ରତି ଭୋଟର ପିଛା ପ୍ରାୟ ୭୦୦ ଟଙ୍କା। ଏହା ଆମ ଗଣତନ୍ତ୍ରର ଭବିଷ୍ୟତ ପ୍ରତି ବିପଦ ନିଶ୍ଚୟ। ଏହାକୁ ନେଇ ଜନସାଧାରଣରେ ବ୍ୟାପକ ଆଲୋଚନା ହେବା ଦରକାର। ଦୀର୍ଘ ୭୫ ଦିନ ବ୍ୟାପି ୨୦୧୯ ରେ ବହୁ ଖର୍ଚ୍ଚବହୁଳ ନିର୍ବାଚନ ସାତଟି ପର୍ଯ୍ୟାୟରେ ହୋଇଥିବା ବେଳେ ନିର୍ବାଚନ ଆଚରଣ ବିଧି ଉଲଂଘନ ମଧ୍ୟ ସର୍ବାଧିକ ଥିଲା। ଗଣତନ୍ତ୍ରର ଏହି ମହାପର୍ବରେ ଭୋଟରଙ୍କ ସଂଖ୍ୟା ୯୦.୨ କୋଟି ଥିବା ବେଳେ ଏବେ ସେମାନଙ୍କ ସଂଖ୍ୟା ୯୬.୮ କୋଟିକୁ ବୃଦ୍ଧି ପାଇଛି। ତେଣୁ ଗତ ସାଧାରଣ ନିର୍ବାଚନ ପରିସଂଖ୍ୟାନ ଆଧାରରେ ଚଳିତ ନିର୍ବାଚନରେ ଅର୍ଥଖର୍ଚ୍ଚ, ଆଚରଣ ବିଧି ଉଲ୍ଲଙ୍ଘନ ସଂଖ୍ୟା ଓ ହିଂସା ଯେ କେତେ ହେବ ତାହା ଅନୁମାନ କରିବା କଷ୍ଟକର।

୨୦୧୯ରେ କୋଟିପତି ପ୍ରାର୍ଥୀଙ୍କ ସଂଖ୍ୟା ସହ ଆପରାଧିକ କାର୍ଯ୍ୟକଳାପରେ ଅଭିଯୁକ୍ତଙ୍କ ସଂଖ୍ୟା ମଧ୍ୟ ରେକର୍ଡ ସଂଖ୍ୟକ ଥିଲା। ଏକ ସର୍ବେକ୍ଷଣ ଅନୁଯାୟୀ, ୨୦୧୯ ସାଧାରଣ ନିର୍ବାଚନରେ ୫୦ ପ୍ରତିଶତ ସାଂସଦ ଅପରାଧୀ କାର୍ଯ୍ୟକଳାପରେ ଲିପ୍ତଥିବା ବେଳେ ଦୁଇ-ତୃତୀୟାଂଶ ସାଂସଦ କୋଟିପତି ରହିଛନ୍ତି। ଅପରପକ୍ଷରେ ନିର୍ବାଚନ କମିସନଙ୍କ ପ୍ରୟାସରେ ୨୦୧୯ ନିର୍ବାଚନ ସମୟରେ ପ୍ରାୟ ନଗଦ ୩୩୭୭ କୋଟି ଟଙ୍କା ଜବତ କରା ଯାଇଥିଲା, ଯାହା ପୂର୍ବ ନିର୍ବାଚନ ସମୟରେ ଜବତ କରା ଯାଇଥିବା ଟଙ୍କାର ପ୍ରାୟ ତିନି ଗୁଣ। ଆମ ନୀତି ଓ ବ୍ୟବସ୍ଥା ଅନୁଯାୟୀ ନିର୍ବାଚନରେ ଭାଗ ନେଉଥିବା ପ୍ରାର୍ଥୀମାନେ ସେମାନଙ୍କ ସମ୍ପତ୍ତି ଓ ଆପରାଧିକ ରେକର୍ଡ ଗଣମାଧ୍ୟମରେ ପ୍ରକାଶ କରିବା ବାଧ୍ୟତାମୂଳକ କରାଯାଇଛି। ନିର୍ବାଚନ କମିଶନ ୨୦୧୪ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲଠାରୁ ଆରମ୍ଭ କରି ନିର୍ବାଚନ ପର୍ଯ୍ୟନ୍ତ ଲୋକସଭା ପ୍ରାର୍ଥୀମାନଙ୍କ ପାଇଁ ସର୍ବାଧିକ ୯୫ ଲକ୍ଷ ଟଙ୍କା ଏବଂ ବିଧାନସଭା ପ୍ରାର୍ଥୀମାନଙ୍କ ପାଇଁ ସର୍ବାଧିକ ୪୦ ଲକ୍ଷ ଟଙ୍କା(ରାଜ୍ୟ ଭିତ୍ତିରେ) ଖର୍ଚ୍ଚ କରିପାରିବେ ବୋଲି କଟକଣା ଜାରି କରିଛନ୍ତି। ଅଥଚ ନିର୍ବାଚନରେ କେତେ ଯେ ଖର୍ଚ୍ଚ ହେଉଛି ତାହା ଉଲ୍ଲେଖ ଅନାବଶ୍ୟକ। ନିର୍ବାଚନ କମିଶନ୍‌ଙ୍କ ଉପରୋକ୍ତ ପ୍ରଚେଷ୍ଟା ଫଳପ୍ରଦ ହୋଇ ନ ପାରିବା ଚିନ୍ତାର ବିଷୟ ନିଶ୍ଚୟ।

ମୋଟ ଉପରେ କହିବାକୁ ଗଲେ ଏଥିପାଇଁ ଆମର ନାଗରିକମାନେ ଅଧିକାଂଶ ପରିମାଣରେ ଦାୟୀ। ଗଣତନ୍ତ୍ରର ମେରୁଦଣ୍ଡ ହେଉଛନ୍ତି ଜନତା। ଯଦି ସେମାନେ ଅର୍ଥ ବଦଳରେ ନିଜର ବହୁମୂଲ୍ୟ ଭୋଟର ମୂଲ୍ୟାୟନ କରିବେ ତା'ହେଲେ ଗଣତନ୍ତ୍ର ଦୁର୍ବଳ ହୋଇଯିବା ସ୍ୱାଭାବିକ। ସାଧାରଣ ଲୋକମାନଙ୍କର ରାଜନୀତିରେ ପ୍ରବେଶ ଏକପ୍ରକାର ଦୁରୁହ ବ୍ୟାପହାର ହୋଇଯିବ। କଳାଧନର ପ୍ରାଦୁର୍ଭାବ ବଢ଼ିବ, ବିକାଶ ବାଧାପ୍ରାପ୍ତ ହେବ। ତେଣୁ ଏସବୁର ନିରାକରଣ ହିଁ ଗଣତନ୍ତ୍ର ପାଇଁ ଏକ ସୁବର୍ଣ୍ଣ ଯୁଗର ପ୍ରତିଷ୍ଠା କରିବ। ଏଥିପାଇଁ କେବଳ ରାଜନୈତିକ ଦଳ ବା ସରକାର ନୁହନ୍ତି, ନାଗରିକ ମାନଙ୍କର ସଚେତନତା ହିଁ ଏହି ନୂଆ ଅଧ୍ୟାୟର ମୂଳଦୁଆ ପକାଇ ପାରିବ।

# ଉପକାରୀ ଚା'ର ଇତିବୃତ୍ତ



ସୁଚିରେଖା ମହାକୁଡ଼
ବାସୁଦେବପୁର(ଭଦ୍ରକ),
ମୋ: ୯୧୨୪୮୦୦୯୯୬



ଆମ ଦେଶରେ କୋଟି କୋଟି ଲୋକ ଚା' ସହିତ ଭାବନାତ୍ମକ ଭାବେ ଜଡ଼ିତ। ସକାଳେ ପ୍ରତ୍ୟେକ କାର୍ଯ୍ୟ ଆରମ୍ଭ ପୂର୍ବରୁ ଏହା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଅଧିକାଂଶ ବ୍ୟକ୍ତିଙ୍କ ସକାଳ ଆରମ୍ଭ ହୁଏ କପେ ଚା' ଓ ଖବରକାଗଜରୁ। ରୋଗୀ ଭୋଗୀ ସମସ୍ତଙ୍କର ଗୋଟିଏ ପସନ୍ଦ ଚା'। ପୁଣି ଶୀତୁଆ ସକାଳ ଅବା ଭିଜା ଶ୍ରାବଣର ସନ୍ଧ୍ୟାରେ ଉଷୁମ ଚା' କପ୍‌କୁ ଚୁମିବାରେ ମଜା କିଛି ନିଆରା। ଖଟି କିମ୍ବା ସାଙ୍ଗସାଥୀ ମେଳରେ ବିନା ଚା'କପ୍‌ରେ ଗପ ଅଧୁରା ଲାଗେ। ଆଜି ମଧ୍ୟ ଘରକୁ କେହି ଅତିଥି ଆସିଲେ ପ୍ରଥମେ ଚା'କପ୍‌ଟେ ପରଷା ଯାଏ। ତା'ପରେ ଅନ୍ୟାନ୍ୟ ଚର୍ଚ୍ଚା ହୋଇଥାଏ।

ସାଧାରଣ ଭାବେ ଚା' ପିଇବାର ଇତିହାସ ୭୫୦ ବର୍ଷ ପୂର୍ବରୁ। ପୁରାତନ କାଳରେ ବୌଦ୍ଧଭିକ୍ଷୁମାନେ ଚା' କୁ ଔଷଧ ରୂପେ ବ୍ୟବହାର କରୁଥିଲେ। ଏହା ପଛରେ ଏକ ହୃଦୟସ୍ପର୍ଶୀ କାହାଣୀ ଅଛି। ୨୦୦୦ ବର୍ଷ ପୂର୍ବେ ଜଣେ ବୌଦ୍ଧଭିକ୍ଷୁ ୭ବର୍ଷର ନିଦ୍ରାକୁ ତ୍ୟାଗ କରି ଜୀବନର ସତ୍ୟକୁ ଜାଣିଲେ ଓ ଗୌତମବୁଦ୍ଧଙ୍କ ଶିକ୍ଷାଗୁଡ଼ିକ ବିଷୟରେ ବିଚାର କରିବା ପାଇଁ ନିଷ୍ପତ୍ତି ନେଲେ। ଭିକ୍ଷୁ ଯେବେ ନିଜ ତପସ୍ୟାର ୫ବର୍ଷ ପୂରଣ କରିଥିଲେ ସେତେବେଳେ ଜଙ୍ଗଲରେ ଥିବା କିଛି ପତ୍ରନେଇ ଚୋବାଇବାକୁ ଆରମ୍ଭ କଲେ। ପତ୍ରଗୁଡ଼ିକ ତାଙ୍କୁ ଜାଗ୍ରତ ରହିବା ପାଇଁ ଶକ୍ତି ଯୋଗାଇବାରେ ସକ୍ଷମ ହେଲା। ଯେତେବେଳେ ତାଙ୍କୁ ନିଦ ଆସୁଥିଲା, ଏହି ପ୍ରକ୍ରିୟାକୁ ବାରମ୍ବାର କରୁଥିଲେ। ଚା'ପତ୍ର ମାଧ୍ୟମରେ ୭ବର୍ଷର ତପସ୍ୟାକୁ ପୂରଣ କରିବା ପାଇଁ ସମର୍ଥ ହୋଇଥିଲେ। ସେତେବେଳେ ସ୍ଥାନୀୟ ଲେକମାନେ ମଧ୍ୟ ଜଙ୍ଗଲରେ ଥିବା ଚା'ପତ୍ରକୁ ଚୋବାଉଥିଲେ।

ପରବର୍ତ୍ତୀ ସମୟରେ ଭାରତରେ ଚା'ର ଉତ୍ପାଦନ ଇଷ୍ଟଇଣ୍ଡିଆ କମ୍ପାନୀ ଦ୍ୱାରା ଉତ୍ତର-ପୂର୍ବ ଭାରତୀୟ ରାଜ୍ୟଗୁଡ଼ିକରେ ଆରମ୍ଭ ହୋଇଥିଲା। ୧୮୨୩ ଓ ୧୮୩୧ ମସିହାରେ ଇଷ୍ଟଇଣ୍ଡିଆର ଜଣେ କର୍ମଚାରୀ ରବର୍ଟବ୍ରୁଶ ଏବଂ ତାଙ୍କ ଭାଇ ଚାର୍ଲସ କୋଲକାତାର ନବନିର୍ମିତ ବଟାନିକାଲ ଗାର୍ଡେନରେ କର୍ମଚାରୀମାନଙ୍କୁ ଏହାର ମଞ୍ଜି ଓ ଚାରା ପଠାଇଲେ। ପରବର୍ତ୍ତୀ ସମୟରେ ଚାର୍ଲସ ବ୍ରୁସଙ୍କୁ ଚା' ଚାରା ଉତ୍ପାଦନର ଦାୟିତ୍ୱ ଦିଆଗଲା। ଚୀନରୁ ଅଶୀ ହଜାର ଚା' ମଞ୍ଜି ଏକତ୍ର କରି ଭାରତରେ ଏହି କୃଷି ସମ୍ଭବ କି ନୁହେଁ ଜାଣିବା ପାଇଁ ପରୀକ୍ଷାମୂଳକ ଭାବରେ ବଟାନିକାଲ ଗାର୍ଡେନରେ ଚାଷ ଆରମ୍ଭ କରାଗଲା। ଆସାମରେ ମହଜୁଦ ଥିବା ପୁରୁଣା ଦେଶୀ ଚା' ଗଛକୁ ବ୍ୟବହାର କରି କଳା ଚା' ଚାଷ ଆରମ୍ଭ ହେଲା। ଚୀନର ଦୁଇ ବିଶେଷଜ୍ଞଙ୍କ ସହାୟତାରେ ଶୀଘ୍ର ଅମଳ ଓ ଉତ୍ପାଦନ ପ୍ରକ୍ରିୟା ମଧ୍ୟ ବ୍ରିଟିଶ୍ କର୍ମଚାରୀମାନେ ଶିଖିଲେ। ୧୯୦୦ ମସିହାରେ ଜଣେ ଇଂରେଜ ନିରୀକ୍ଷଣ କଲେ ଯେ, ଆସାମର ଲୋକ ଏକ କଳା ତରଳ ପଦାର୍ଥ ପିଉଛନ୍ତି, ଯେଉଁଥିପାଇଁ ସ୍ଥାନୀୟ ଜଙ୍ଗଲୀ ଗଛର ପତ୍ରକୁ ବ୍ୟବହାର କରାଯାଉଛି। ଏହିଭଳି ଭାବେ ଚା' ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପ୍ରସାରିତ ହେବାକୁ ଲାଗିଲା। କାଳକ୍ରମେ ଏହା ସାଧାରଣ ପସନ୍ଦଯୋଗ୍ୟ ପାନୀୟ ରୂପେ ପରିଗଣିତ ହେଲା। ଏବେ ଚା' ଚାଷ ମୁଖ୍ୟତଃ ଭାରତର ଆସାମ, ଦାର୍ଜିଲିଂ, ନୀଲଗିରି, ଆନ୍ନାମଲାଇ, କର୍ଣ୍ଣାଟକ, ମୁନ୍ନାର, ତ୍ରମଣକୋର, ୱାଇନାଡ଼ାରେ ଉତ୍ପାଦନ କରାଯାଉଛି। ସେହିପରି ଭାରରେ ଏବେ ମୁଖ୍ୟତଃ ତିନିକିସମର ଚା' ଦେଖିବାକୁ ମିଳେ। ଯଥା ଭାରତୀୟ ଚା', ଚାଇନା ଚା' ଏବଂ ହାଇବ୍ରିଡ ଚା'।

ଭାରତୀୟ ଚା'ରେ ଅନେକ ପ୍ରକାର ରୋଗର ଉପଶମ ହୋଇଥାଏ। ଏହା ହୃଦ୍‌ରୋଗ, କର୍କଟ ଓ ମାନସିକ ତଥା ସ୍ନାୟୁଗତ ରୋଗର ମୁକାବିଲା ପାଇଁ ଫଳପ୍ରଦ ହୋଇଥାଏ। ସ୍ୱାସ୍ଥ୍ୟବର୍ଦ୍ଧକ କ୍ୟାପ୍‌ସୁଲ ଓ ସୌନ୍ଦର୍ଯ୍ୟ ପ୍ରସାଧନ ସାମଗ୍ରୀ ମଧ୍ୟ ଚା'ରୁ ପ୍ରସ୍ତୁତ କରାଯାଇଥାଏ। ସାଧାରଣତଃ ଚା'କୁ ଖାଲି ପାଣିରେ ଫୁଟାଇ ପିଆଯାଏ। ମାତ୍ର ଭାରତୀୟମାନେ ଏଥିରେ ପରବର୍ତ୍ତୀ ସମୟରେ କ୍ଷୀର ମିଶାଇ ପିଇବା ଆରମ୍ଭ କଲେ, ଯାହା ସ୍ୱାସ୍ଥ୍ୟପ୍ରତି କ୍ଷତିକାରକ ବୋଲି ପ୍ରମାଣିତ ହେଲା। ସକାଳେ ଖାଲି ପେଟରେ କ୍ଷୀର ଚା' ପିଇବା ଦ୍ୱାରା ଶରୀର ପ୍ରତି ହାନିକାରକ ବୋଲି ଏବେ ବିଶେଷଜ୍ଞମାନେ ଚେତାଇ ଦେଇଛନ୍ତି। ଏବେ ଭରତରେ ଅଶୀ ଶତକଡ଼ା ଲୋକ ନିୟମିତ କ୍ଷୀର ଚା' ପିଅନ୍ତି। ମାସକୁ ହାରାହାରି ଏକୋଇଶ କପ୍ ଓ ବାର୍ଷିକ ପ୍ରାୟ ଦୁଇଶହ ପଚାଶ କପ୍ ଭାରତରେ ବ୍ୟବହାର ହୁଏ। ଚୀନ୍ ରାଜଧାନୀ ବେଜିଂରେ ପ୍ରାୟ ପାଞ୍ଚହଜାର ଛାତ୍ରଛାତ୍ରୀଙ୍କୁ ନେଇ ଏକ ସର୍ବେକ୍ଷଣ କରାଯାଇଥିଲା, ଯେଉଁମାନେ କ୍ଷୀର ଚା' ପ୍ରତି ଅଭ୍ୟସ୍ତ ଥିଲେ। ଅଧିକାଂଶଙ୍କ କ୍ଷେତ୍ରରେ ଡିପ୍ରେସନ, ଆତ୍ମହତ୍ୟା କରିବା ଲକ୍ଷଣ ଦେଖିବାକୁ ମିଳିଥିଲା। କ୍ଷୀର ଚା'କୁ ଯଦି ଅଧିକ ସମୟ ଧରି ଫୁଟାଯାଏ, ତାହା ବିଷ ପାଲଟେ। ତେଣୁ ରାସ୍ତାକଡ଼ରେ ଉପଲବ୍ଧ ଚା'କୁ ବର୍ଜନ କରିବା ଉଚିତ୍। ପ୍ଲାଷ୍ଟିକ୍ କପ୍ ଚା' ଶରୀର ପାଇଁ ଅତ୍ୟନ୍ତ ହାନିକାରକ ହୋଇଥାଏ। କ୍ଷୀର ଚା'ରେ ସର୍ବାଧିକ କାଫେନ୍ ଥାଏ, ଯାହା ଶରୀରରେ ରାସାୟନିକ ଅସନ୍ତୁଳନ ସୃଷ୍ଟି କରିଥାଏ। ଏଥିଯୋଗୁଁ ଥକାପଣ, ଚିଡ଼ଚିଡ଼ା ଆଦି ସ୍ୱଭାବ ବୃଦ୍ଧି ପାଏ। ଶୟନ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥାଏ। ଦେହରୁ ଜଳୀୟ ଅଂଶ କମିଯାଏ। ଉଚ୍ଚ ରକ୍ତଚାପ ସମସ୍ୟା, ଅଲସର, ମୁଣ୍ଡବ୍ୟଥା ଓ ହାଡ଼ ଦୁର୍ବଳ ଭଳି ସମସ୍ୟା ମଧ୍ୟ ଦେଖାଯାଏ।

କାନ୍ଥରୁ କ୍ୟାଲେଣ୍ଡର ବଦଳିଛି ସତ, ଘଟଣା ପ୍ରବାହକୁ ଦେଖି ସମୟର ଗତି ଅଟକିଯାଇନି କି ନିୟତିର ବିଧାନ କାର୍ଯ୍ୟ ସରିଯାଇନି। ବଦଳିବ ଯଦି ବଦଳିବା ନିଜେ ନିଜକୁ। ଆସନ୍ତୁ ନିଜକୁ ସୁଧାରିବା, ନିଜର ବଦଭ୍ୟାସକୁ ପରିତ୍ୟାଗ କରିବା, ସୁସ୍ଥ ରହିବା, ସୁସ୍ଥତାର ବାର୍ତ୍ତା ପ୍ରଦାନ କରିବା, ଜୀବନରେ ନୂତନ ନିରାମୟ ବାତାବରଣ ଭରିଦେବା, ଉଷୁମ ପାଣି ଗିଲାସରୁ ଜୀବନର ଯାତ୍ରା ଆରମ୍ଭ କରିବା।

## ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

# ଘରୋଇ ରକ୍ତ ଭଣ୍ଡାରରେ ରକ୍ତ ବେପାର

**ଭୁବନେଶ୍ୱର, ୧୪।୪(ସମିସ):** ରକ୍ତ ବିକ୍ରି ପାଇଁ ନୁହେଁ; ଜୀବନ ରକ୍ଷା ପାଇଁ। ତେଣୁ କେହି ବି ରକ୍ତକୁ ନେଇ ବ୍ୟବସାୟ କରି ପାରିବେ ନାହିଁ। ରୋଗୀଙ୍କୁ ରକ୍ତ ଦେବା ପାଇଁ ୟୁଜର୍ସ ଫି' ଅବା ପ୍ରୋସେସିଂ ଫି' ବାବଦରେ ସର୍ବାଧିକ ୧୫୫୦ ଟଙ୍କା ନେଇ ପାରିବେ ବୋଲି ଗତ ବର୍ଷ ଡିସେମ୍ବର ମାସରେ ଡ୍ରଗ୍ସ କଣ୍ଟ୍ରୋଲ ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ) ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ପତ୍ର ଲେଖି ସ୍ପଷ୍ଟ କରିଥିଲେ। କିନ୍ତୁ ଅଧିକାଂଶ ଘରୋଇ ଡାକ୍ତରଖାନା ଏହି ନିର୍ଦ୍ଦେଶକୁ ମାନିବା ପାଇଁ ଅନିଚ୍ଛୁକ। ରକ୍ତ ବଦଳ କରିବା ପରେ ମଧ୍ୟ ପ୍ରୋସେସିଂ ଫି' ବାବଦରେ ହଜାର ହଜାର ଟଙ୍କା ଆଦାୟ କରାଯାଉଥିବା ପ୍ରତିଦିନ ରୋଗୀ ସମ୍ପର୍କୀୟମାନେ ଅଭିଯୋଗ ଉଠାଉଛନ୍ତି। ଘରୋଇ ରକ୍ତ ଭଣ୍ଡାରରେ ରକ୍ତକୁ ନେଇ ବେପାର କରାଯାଉଥିବା ନେଇ ଅଭିଯୋଗ ଆସିବା ପରେ ଗତବର୍ଷ ସେପ୍ଟେମ୍ବର ମାସରେ ଡ୍ରଗ୍ସ କନ୍‌ସଲ୍‌ଟେଟିଭ୍ କମିଟିର ୬୨ତମ ବୈଠକରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଥିଲା। ଏଥିରେ ନିଷ୍ପତ୍ତି ହୋଇଥିଲା ଯେ ରକ୍ତକୁ ନେଇ କେହି ବେପାର କରିପାରିବେ ନାହିଁ। ସେଥିପାଇଁ ୟୁଜର୍ସ ଫି' ଆଦାୟ ପରିମାଣ ୨୫୦ ଟଙ୍କାରୁ ୧୫୫୦ ଟଙ୍କା ମଧ୍ୟରେ ରହିବ। ଏହା ଠାରୁ

- ପ୍ରୋସେସିଂ ଫି' ବାବଦ ହଜାର ହଜାର ଟଙ୍କା ଦାବି
- ବିରଳ ବ୍ଲଡ୍ ଗ୍ରୁପ୍ ହୋଇଥିଲେ ହାଙ୍କୁଛନ୍ତି ମନଇଛା ଟଙ୍କା
- ଡିସିଜିଆଇର ନିର୍ଦ୍ଦେଶକୁ ମାନୁ ନାହାନ୍ତି ଘରୋଇ ସଂସ୍ଥା
- ୧୫୫୦ରୁ ଅଧିକ ଆଦାୟ ନ କରିବାକୁ ରହିଛି ନିର୍ଦ୍ଦେଶ

ଅଧିକ ଟଙ୍କାଟିଏ ବି ଆଦାୟ କରାଯାଇ ପାରିବ ନାହିଁ ବୋଲି ସ୍ପଷ୍ଟ କରାଯାଇଥିଲା। ହେଲେ ଓଡ଼ିଶାରେ ଥିବା ଅଧିକାଂଶ ଘରୋଇ ବ୍ଲଡ୍ ବ୍ୟାଙ୍କ ପାଇଁ ଏହି ନିର୍ଦ୍ଦେଶ ଯେପରି ମୂଲ୍ୟହୀନ ହୋଇପଡ଼ିଛି। ଅଭିଯୋଗ ଅନୁସାରେ ଭୁବନେଶ୍ୱର ସମେତ ରାଜ୍ୟର ପ୍ରମୁଖ ସହରରେ ଥିବା ଘରୋଇ ଡାକ୍ତରଖାନାର ରକ୍ତ ଭଣ୍ଡାରରେ ମନଇଛା ପ୍ରୋସେସିଂ ଫି' ଆଦାୟ କରାଯାଉଛି। ରକ୍ତଦାତାଙ୍କୁ ନେଇ ରକ୍ତ ବଦଳ କରିବା ସତ୍ତ୍ୱେ ପ୍ରୋସେସିଂ ଫି/ୟୁଜର୍ସ ଫି' ବାବଦରେ ୟୁନିଟ୍ ପିଛା ୨୦୦୦ ଟଙ୍କାରୁ ନେଇ ୫ ହଜାର ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। ଯଦି ଜଣେ ରୋଗୀର ଦୁଇ ୟୁନିଟ୍ ରକ୍ତ ଆବଶ୍ୟକ, ତା'ହେଲେ ୧୦ ହଜାର ଟଙ୍କା ଗଣିବାକୁ ପଡୁଛି। ଆଉ ଯଦି ବିରଳ ବ୍ଲଡ୍ ଗ୍ରୁପ୍ ହୋଇଥାଏ, ତା'ହେଲେ କଥା ସରିଲା। ପାଟିରୁ ଯାହା ବାହାରିଲା ଦେବାକୁ ହେଉଛି। ଏପରିକି ଦୁର୍ଘଟଣାରେ ଗୁରୁତର ଆହତ, ପ୍ରସୂତି, ବରିଷ୍ଠ ନାଗରିକ କିମ୍ବା ଗୁରୁତର ରୋଗୀ ମଧ୍ୟ ଏହି ରକ୍ତ ଶୋଷଣରୁ ବାଦ୍ ପଡୁ ନାହାନ୍ତି। ଯେଉଁଠି ସରକାରୀ ରକ୍ତ ଭଣ୍ଡାରରେ ପ୍ରୋସେସିଂ ଫି/ୟୁଜର୍ସ ଫି ବାବଦରେ ୨୦୦/୩୦୦ ଟଙ୍କା



ଆଦାୟ ହେଉଛି ସେଠି ଘରୋଇ ରକ୍ତ ଭଣ୍ଡାର ରକ୍ତକୁ ନେଇ ବେପାର କରିବାରେ ବ୍ୟସ୍ତ। ଶତାଧିକ ଥର ରକ୍ତଦାନ କରିଥିବା ଗୋପି ପଟ୍ଟନାୟକ କହିଛନ୍ତି, ଘରୋଇ ରକ୍ତ ଭଣ୍ଡାର ସରକାରଙ୍କ ନିର୍ଦ୍ଦେଶକୁ ମାନିବାକୁ ରାଜି ନୁହନ୍ତି। ରକ୍ତ ଦେବା ପାଇଁ ରୋଗୀଙ୍କୁ ଶୋଷଣ ଆଜି ଜାରି ରହିଛି। ରୋଗୀ ଚିକିତ୍ସା ପାଇଁ ଘରୋଇ ଡାକ୍ତରଖାନା ମୋଟା ଅଙ୍କର ବିଲ୍ କରୁଛନ୍ତି। ତାହା ସତ୍ତ୍ୱେ ରକ୍ତରୁ ମଧ୍ୟ ଭଲ ରୋଜଗାର କରୁଛନ୍ତି। ଚିକିତ୍ସା ସମ୍ପର୍କିତ କାମ ପାଇଁ ଅର୍ଥ ଆଦାୟ କରାଯିବା ଅଲଗା କଥା; କିନ୍ତୁ ରକ୍ତପାଇଁ ମାତ୍ରାଧିକ ଟଙ୍କା ଆଦାୟ କରିବା ଆଦୌ ଗ୍ରହଣୀୟ ନୁହେଁ। ଗୋଟିଏ ପଟେ ରକ୍ତ ଅଭାବ ପାଇଁ ରୋଗୀ ସଂଘର୍ଷ କରୁଛନ୍ତି, ଅନ୍ୟ ପଟେ ରକ୍ତ ଦେବା ନାମରେ ରୋଗୀଙ୍କୁ ଶୋଷଣ ଜାରି ରହିଛି। ସ୍ୱାସ୍ଥ୍ୟ ବୀମାଭୁକ୍ତ ରୋଗୀ ହୁଅନ୍ତୁ ଅବା ସାଧାରଣ ରୋଗୀ, କେହି ବି ଏପରି ଶୋଷଣରୁ ବାଦ୍ ପଡୁ ନାହାନ୍ତି। ତେଣୁ ସ୍ୱାସ୍ଥ୍ୟ ବିଭାଗ ଏ ନେଇ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି।

## ସିୟୁଇଟି ପିଜି ରେଜଲ୍ଟ ପ୍ରକାଶିତ

**ଭୁବନେଶ୍ୱର, ୧୪।୪(ସମିସ):** ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ସ୍ନାତକୋତ୍ତର ଏକକ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା(ସିୟୁଇଟି-ପିଜି) ଫଳ ପ୍ରକାଶ ପାଇଛି। ପରୀକ୍ଷାର୍ଥୀମାନେ କ୍ଟ୍ରଶମଙ୍କରଗ୍ସ.ଗ୍ଟବଙ୍କବକ୍ସଗ୍ସଷ.ବମ.ସଭ ୱେବସାଇଟ୍‌ରେ ସେମାନଙ୍କ ସ୍କୋର ଦେଖିପାରିବେ। ଏହାସହ ସମସ୍ତ ୧୫୭ଟି ବିଷୟରେ ସର୍ବାଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ଟପ୍ପରଙ୍କ ତାଲିକା ମଧ୍ୟ ଜାରି କରାଯାଇଛି। ଛାତ୍ରଛାତ୍ରୀମାନେ ନିଜ ସ୍କୋର ଅନୁଯାୟୀ ଦେଶର ୧୯୦ ଟି ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର(ପିଜି) ପାଠ୍ୟକ୍ରମରେ ନାମଲେଖାଇପାରିବେ। ସୂଚନାଯୋଗ୍ୟ, ଚଳିତ ଥର ରେକର୍ଡ ସଂଖ୍ୟକ ୪, ୬୨, ୬୦୩ ଜଣ ଛାତ୍ରଛାତ୍ରୀ ୭, ୬୮, ୪୧୪ଟି ବିଷୟରେ ପରୀକ୍ଷା ଦେଇଛନ୍ତି। ମାତ୍ର ୧୨୨ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ ଅନୁପସ୍ଥିତ ରହିଛନ୍ତି। ୨୦୨୩ ପରୀକ୍ଷା ତୁଳନାରେ ଚଳିତ ବର୍ଷ ୩୫୨୦ ଜଣ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ଚଳିତ ଥର ଛାତ୍ରଙ୍କ ଅପେକ୍ଷା ୬୨, ୩୦୬ ଜଣ ଅଧିକ ଛାତ୍ରୀ ପରୀକ୍ଷା ଦେଇଛନ୍ତି। ୩, ୫୩, ୦୪୪ ଜଣ ଛାତ୍ର ପରୀକ୍ଷା ଦେଇଥିବା ବେଳେ ୪, ୧୫, ୩୫୦ ଜଣ ଛାତ୍ରୀ ଓ ୨୦ଜଣ ତୃତୀୟ ଲିଙ୍ଗୀ ପରୀକ୍ଷା ଦେଇଛନ୍ତି।



■ ଚଳଚଞ୍ଚଳ ଜାଗା ଆଖଡ଼ା

# କୁସ୍ତିବିଦ୍ୟା ଶିକ୍ଷା ଆରମ୍ଭ

**ପୁରୀ, ୧୪।୪ (ସମିସ):** ହନୁମାନ ଜୟନ୍ତୀ ଉପଲକ୍ଷେ ରବିବାର ପୁରୀ ସହରରେ ଜାଗା ଆଖଡାଗୁଡ଼ିକ ଚଳଚଞ୍ଚଳ ହୋଇପଡ଼ିଥିଲା। ଆଖଡ଼ାଗୁଡ଼ିକରେ ହନୁମାନଙ୍କ ପୂଜାର୍ଚ୍ଚନା ହୋଇଥିଲା। ଆଖଡ଼ାର ଶିକ୍ଷାର୍ଥୀମାନେ ସମରକଳା ଶିକ୍ଷା ଲାଗି ବ୍ୟବହୃତ ସରଞ୍ଜାମ ଓ ଉପକରଣଗୁଡ଼ିକର ପୂଜା କରିଥିଲେ। ଏହାପରେ କେତେକ ଆଖଡ଼ା ପରିସରରେ ସାମରିକ କଳାକୌଶଳ ପରିବେଷଣ ହୋଇଥିଲା। ଆଉ କିଛି ଆଖଡ଼ା ସାମରିକ କଳାକୌଶଳ ପ୍ରଦର୍ଶନ କରି ବିଭିନ୍ନ ସାହି ପରିକ୍ରମା କରିଥିଲେ। ଗଣେଶ ଚତୁର୍ଦ୍ଦଶୀ ଏବଂ ବସନ୍ତ ପଞ୍ଚମୀରେ ଶିଶୁମାନେ ଖଡ଼ି ଛୁଇଁ ବିଦ୍ୟା ଆରମ୍ଭ କରିଥାନ୍ତି। ସେହିଦିନ ଶିଶୁର ବିଦ୍ୟାରମ୍ଭ ସଂସ୍କାର କରାଯାଇଥାଏ। ସେହିପରି ହନୁମାନ ଜୟନ୍ତୀରେ କୁସ୍ତିବିଦ୍ୟା ଶିକ୍ଷା ଆରମ୍ଭ କରିଥାନ୍ତି। ଜଣେ କୁସ୍ତି ଗୁରୁଙ୍କ ସୂଚନା ମୁତାବକ, ପଣା ସଂକ୍ରାନ୍ତିଠାରୁ କୁସ୍ତି କସରତର ପ୍ରାଥମିକ ଶିକ୍ଷା ଦିଆଯାଏ। ଛୋଟ ପିଲାମାନେ ମହାବୀରଙ୍କ ନିକଟରେ ପୂଜାର୍ଚ୍ଚନା କରି କୁସ୍ତିଶିକ୍ଷା ଆରମ୍ଭ କରନ୍ତି। ଗୁରୁ ତାଙ୍କୁ କୁସ୍ତିର ଦାଓ-ପେଞ୍ଚ ଶିକ୍ଷା ଦିଅନ୍ତି। କୁସ୍ତି ଶିକ୍ଷା ଆରମ୍ଭ କରିବା ପୂର୍ବରୁ ପ୍ରଥମେ ପିଲାମାନେ ହନୁମାନଙ୍କଠାରେ ସିନ୍ଦୁର ଲାଗି କରନ୍ତି। ଏହାପରେ ଠାକୁର ପାଖରେ କାଛା ପୂଜା କରନ୍ତି। ପୂଜାର୍ଚ୍ଚନା ପରେ କାଛାକୁ ପରିଧାନ କରି ମହାପ୍ରଭୁଙ୍କୁ ସ୍ମରଣ କରି ଶିକ୍ଷା ଆରମ୍ଭ କରିଥାନ୍ତି।

## ଶ୍ରୀମନ୍ଦିରରେ ମହାବିଷୁବ ସଂକ୍ରାନ୍ତି

**ପୁରୀ,୧୪।୪(ସମିସ):** ଶ୍ରୀମନ୍ଦିରରେ ମହାବିଷୁବ ସଂକ୍ରାନ୍ତି ବା ମେଷ ସଂକ୍ରାନ୍ତି ମହାପ୍ରଭୁଙ୍କ ଏକ ପର୍ବଯାତ୍ରା ରୂପେ ପାଳନ କରାଯାଇଥାଏ। ରବିବାର ଶ୍ରୀମନ୍ଦିରରେ ମହାବିଷୁବ ସଂକ୍ରାନ୍ତି ନୀତି ସମ୍ପନ୍ନ ହୋଇଛି। ଦୈନନ୍ଦିନ ନୀତି ଅନୁଯାୟୀ, ଭୋର୍ ୫ଟା ୫ରେ ଦ୍ୱାରା ଫିଟାଯିବା ପରେ ମଙ୍ଗଳ ଆଳତି ଓ ଅନ୍ୟାନ୍ୟ ନୀତି ବଢ଼ିଥିଲା। ସକାଳ ଧୂପ ନୀତି ପରେ ଦକ୍ଷିଣୀ ଘରୁ ଶ୍ରୀମହାବୀର ରତ୍ନସିଂହାସନକୁ ବିଜେ କରିଥିଲେ। ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଝୁଲଣ ମଣ୍ଡପ ତଳେ ବିମାନରେ ବିଜେ ହୋଇଥିଲେ। ଘଣ୍ଟ, ଛତା, କାହାଳୀ ସହ ପୂଜାପଣ୍ଡା ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଣିଥିବା ଆଜ୍ଞାମାଳ ଚାରିଦ୍ୱାର ମହାବୀର ଏବଂ ବାରଭାଇ ମହାବୀରଙ୍କୁ ପ୍ରଦାନ କରିଥିଲେ। ଏହାପରେ ବିମାନ ବଡୁମାନେ ଶ୍ରୀହନୁମାନଙ୍କୁ ଜଗନ୍ନାଥ ବଲ୍ଲଭକୁ ନେଇଥିଲେ। ସେଠାରେ ପୂଜାପଣ୍ଡା ଶ୍ରୀଜଗନ୍ନାଥ ବଲ୍ଲଭ ସୁଗ୍ରୀବ ମହାବୀରଙ୍କୁ ମହାପ୍ରଭୁଙ୍କ ଆଜ୍ଞାମାଳ ପ୍ରଦାନ କରିଥିଲେ। ସେଠାରୁ ଘଣ୍ଟ, ଛତା, କାହାଳୀ ସହିତ ପଟୁଆରରେ ଯାଇ ପୂଜାପଣ୍ଡା ଦରିଆ ମହାବୀରଙ୍କୁ ଆଜ୍ଞାମାଳ ପ୍ରଦାନ କରିଥିଲେ। ସେଠାରୁ ଫେରିବା ପରେ ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ଶ୍ରୀହନୁମାନଙ୍କୁ ଶୀତଳ ଭୋଗ ଓ ବନ୍ଦାପନା କରାଯାଇଥିଲା। ପରେ ଶ୍ରୀହନୁମାନ ବାହୁଡ଼ା ବିଜେ କରି ଦକ୍ଷିଣୀଘରକୁ ଫେରିଥିଲେ। ଏପଟେ ଆଜ୍ଞାମାଳ ପାଇଁ ଶ୍ରୀହନୁମାନ ଯାଇସାରିବା ପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥିଲା।

## ଠକଙ୍କ ରାସ୍ତା ବନ୍ଦ କରିବ 'ଲୁକ୍ ଆଉଟ୍' ନୋଟିସ

**ଭୁବନେଶ୍ୱର, ୧୪।୪(ସମିସ):** ରାଜ୍ୟରୁ ଠକେଇ କରି ଫେରାର ହୋଇଯାଉଥିବା ଅଭିଯୁକ୍ତଙ୍କ ବିରୋଧରେ ଇଓଡବ୍ଲ୍ୟୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ସେମାନଙ୍କ ନାମରେ 'ଲୁକ୍ ଆଉଟ୍' ନୋଟିସ ଜାରି କରି ସମସ୍ତ ରାସ୍ତାକୁ ବନ୍ଦ କରି ଦେଉଛି। ଫଳରେ ଜଳପଥ ହେଉ ଅବା ସ୍ଥଳପଥ, କେଉଁ ବାଟ ଦେଇ ଦେଶ ବାହାରକୁ ଯାଇପାରିବେ ନାହିଁ। ଆଉ ବାହାର ଦେଶରୁ ମଧ୍ୟ ଅଭିଯୁକ୍ତମାନେ ଦେଶ ଭିତରକୁ ପ୍ରବେଶ କରିପାରିବେ ନାହିଁ। ଅଭିଯୁକ୍ତମାନଙ୍କ ଫଟୋ ବିମାନବନ୍ଦର ଏବଂ ବନ୍ଦରରେ ଲଟକା ଯାଉଛି। ବର୍ତ୍ତମାନ ଦେଶରୁ ଠକେଇ କରି ଫେରାର ଥିବା ୩୦ଜଣଙ୍କ ନାମରେ ଲୁଟ୍‌ଆଉଟ୍ ଜାରି କରାଯାଇଥିବା ବେଳେ ପୁଣି ଆଉ ୧୦ ଜଣ ଠକଙ୍କ ବିରୋଧରେ ଲୁକ୍‌ଆଉଟ୍ ଜାରି କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛି ଏସ୍‌ଟିଏଫ। ପୂର୍ବରୁ ପାନ୍ ଇଣ୍ଡିଆ ଅନ୍‌ଲାଇନ୍ ପୁଞ୍ଜି ସ୍କାମ୍ ମାମଲାରେ ୩ ଚୀନ୍ ନାଗରିକଙ୍କ ବିରୋଧରେ ଲୁକ୍‌ଆଉଟ୍ ଜାରି କରାଯାଇଥିଲା। ବର୍ତ୍ତମାନ ୧୦ ଜଣଙ୍କ ଠକଙ୍କ ବିରୋଧରେ ଲୁକ୍‌ଆଉଟ୍ ପାଇଁ ପକ୍ରିୟା ଆରମ୍ଭ ହୋଇଛି। ପୂର୍ବରୁ ଘୋଷଣା ହୋଇଥିବା ୩୦ଜଣଙ୍କ ମଧ୍ୟରେ ୧୦ଜଣ ଚୀନ୍ ନାଗରିକ ଥିବା ବେଳେ ଜଣେ ହଙ୍ଗେରୀ ସଦସ୍ୟ ଏବଂ ୧୯ ଜଣ ଭାରତୀୟ ଥିବା ଜଣାପଡ଼ିଛି। ସେମାନଙ୍କୁ ଇଓଡବ୍ଲ୍ୟୁ ଖୋଜୁଥିବା ବେଳେ ସେମାନଙ୍କ ପତ୍ତା ମିଳୁନି। ଲୁକ୍ ଆଉଟ ଜାରି ହୋଇଥିବା ଠକ ହେଲେ କ୍ରିଷ୍ଣ କୁମାର, ଅନୀଲ କୁମାର ଓ ଭୁରା ରାମ। ଏମାନେ ରାଜସ୍ଥାନ ଅଞ୍ଚଳର। ପୂର୍ବରୁ ଇଣ୍ଟରନ୍ୟାସନଲ ମୁଖ୍ୟ ଡେଭିଡ କେଜ୍ ନାଁରେ ମଧ୍ୟ ଲୁକଆଉଟ୍ ସର୍କୁଲାର ଜାରି କରାଯାଇଥିଲା।

■ ଅଦାଲତରେ ଆଉ ପଡ଼ି ରହିବନି ମାମଲା

# ରାଜ୍ୟରେ ପ୍ରତିଷ୍ଠା ହେବ ଏକାଧିକ କୋର୍ଟ

**ଭୁବନେଶ୍ୱର, ୧୪।୪(ସମିସ):** ଗୋଟିଏ ମାମଲାର ରାୟ ଆସିବା ପାଇଁ ୧୦ରୁ ୧୪ ବର୍ଷ ଲାଗୁଛି। ସେତେବେଳକୁ ଅଭିଯୋଗକାରୀ କୋର୍ଟ ଦୌଡ଼ି ଦୌଡ଼ି ହତାଶ ହୋଇପଡୁଛନ୍ତି। ଅନେକ ମାମଲାରେ ରାୟ ଆସିବା ପୂର୍ବରୁ ଅଭିଯୁକ୍ତର ମଧ୍ୟ ମୃତ୍ୟୁ ହୋଇଯାଉଛି। କିନ୍ତୁ ଏବେ ଆଉ ପୀଡ଼ିତଙ୍କୁ ନ୍ୟାୟ ପାଇଁ ବର୍ଷ ବର୍ଷ ଅପେକ୍ଷା କରିବାକୁ ପଡ଼ିବ ନାହିଁ। କାରଣ ପଡ଼ି ରହିଥିବା ମାମଲାଗୁଡ଼ିକର ଦ୍ରୁତ ଫଏସଲା ପାଇଁ ରାଜ୍ୟରେ ଏକାଧିକ କୋର୍ଟ ପ୍ରତିଷ୍ଠା କରାଯିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ବିଭିନ୍ନ ଅଦାଲତରେ ପଡ଼ି ରହିଥିବା ମାମଲା ସଂଖ୍ୟା ହ୍ରାସ ପାଇଁ ୨୦୧୧ ମସିହାରେ ରାଜ୍ୟ ସରକାର ସ୍ୱତନ୍ତ୍ର ମାମଲା ନୀତି ପ୍ରଣୟନ କରିଥିଲେ। ଏହାର କାର୍ଯ୍ୟକାରିତା ପାଇଁ ରାଜ୍ୟ ସ୍ତରରେ ଏକ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ଏବଂ ଜିଲ୍ଲା ସ୍ତରରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁରୂପ କମିଟିମାନ ଗଢ଼ାଯାଇଥିଲା। ଏହି କମିଟିର ବୈଠକ ବସି ମାମଲା କିଭଳି ଶୀଘ୍ର ଫଇସଲା ହେବ, ସେ ଦିଗରେ ଗୁରୁତ୍ୱ ଦିଆଯାଉଛି। ଯେଉଁଥିପାଇଁ ବର୍ତ୍ତମାନ ଏକାଧିକ ମାମଲା ଶୀଘ୍ର ଫଇସଲା ହୋଇପାରୁଛି।

ସମ୍ପ୍ରତି ରାଜ୍ୟର ବିଭିନ୍ନ ଅଦାଲତରେ ପ୍ରାୟ ୧୭ ଲକ୍ଷ ମାମଲା ବିଚାର ପ୍ରତୀକ୍ଷାରେ

- ଦ୍ରୁତ ଶୁଣାଣି ପାଇଁ ଉଚ୍ଚ କ୍ଷମତା ସମ୍ପନ୍ନ କମିଟିର ଗୁରୁତ୍ୱ
- ଆବଶ୍ୟକ ସଂଖ୍ୟକ ସରକାରୀ ପିପିଙ୍କୁ ଦିଆଯାଉଛି ନିଯୁକ୍ତି
- ବିଚାର ପ୍ରତୀକ୍ଷାରେ ରହିଛି ୧୩ ଲକ୍ଷ ଆପରାଧିକ ମାମଲା

ପଡ଼ି ରହିଛି। ମାମଲା ପରିଚାଳନା ପାଇଁ ଆବଶ୍ୟକ ପିପି(ସରକାରୀ ଓକିଲ)ଙ୍କୁ ନିଯୁକ୍ତି ଦେବା ସହ ଏକାଧିକ ନୂତନ କୋର୍ଟ ପ୍ରତିଷ୍ଠା ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି। ଫଳରେ ମାମଲାର ଦ୍ରୁତ ଶୁଶାଣି ହୋଇପାରୁଛି। ବର୍ଷକୁ ଯେତେ ମାମଲା ଫଏସଲା ହେଉଛି, ତାହା ଅପେକ୍ଷା ଢେର୍ ଅଧିକ ସଂଖ୍ୟକ ମାମଲା ରୁଜୁ ହେବାରେ ଲାଗିଛି। ସାରା ଦେଶରେ ଏବେ ୪ କୋଟି ୩୦ ଲକ୍ଷରୁ ଅଧିକ ମାମଲା ବିଚାର ପ୍ରତୀକ୍ଷାରେ ଥିବା ବେଳେ ସେଥିରୁ ୩ କୋଟିରୁ ଅଧିକ ହେଉଛି ଆପରାଧିକ ମାମଲା। ଏଗୁଡ଼ିକ ମଧ୍ୟରୁ ଅଧାରୁ ଅଧିକ ୫ ବର୍ଷର ପୁରୁଣା। ଏମିତିକି ୩୦ ବର୍ଷ ଓ ତଦୂର୍ଦ୍ଧ୍ୱ ସମୟର କିଛି ଆପରାଧିକ ମାମଲା ବି ଅଦାଲତରେ ଗଡ଼ୁଛି। ରାଜ୍ୟରେ ବିଚାରାଧୀନ ମାମଲାଗୁଡ଼ିକ ମଧ୍ୟରୁ ପ୍ରାୟ ୧୩ଲକ୍ଷ ହେଉଛି ଅପରାଧିକ ମାମଲା ଏବଂ ଏହାର ମଧ୍ୟ ୬୦ ପ୍ରତିଶତରୁ ଅଧିକ ୫ବର୍ଷରୁ ଅଧିକ ସମୟ ଧରି ଗଡ଼ୁଛି। ଦେୱାନୀ ମାମଲାଗୁଡ଼ିକରୁ ଅଧିକାଂଶ ପୁରୁଷ ପୁରୁଷ ଧରି ଛିଡୁନାହିଁ। ଫଳରେ ଜମିବାଡ଼ି ବିବାଦରୁ ଲଙ୍କାକାଣ୍ଡ ଘଟି ଅନେକ ଆପରାଧିକ ମାମଲାର ଶାଖା ମେଲିବା ସହିତ ପାରିବାରିକ ଓ ସାମାଜିକ ଜୀବନ ଦୁର୍ବିଷହ ହୋଇପଡୁଛି।

ଅନ୍ୟପକ୍ଷରେ ସାରା ଦେଶରେ ଆପରାଧିକ ମାମଲାଗୁଡ଼ିକରେ ଦଣ୍ଡବିଧାନ ହାର ୩୦ ପ୍ରତିଶତରୁ କମ୍ ରହୁଛି। କେବଳ ସେତିକି ନୁହେଁ; ବିଚାର ପ୍ରତୀକ୍ଷାରେ ଥିବା ଆପରାଧିକ ମାମଲାଗୁଡ଼ିକ ମଧ୍ୟରୁ ୮ ପ୍ରତିଶତ ବି ଫଏସଲା ହୋଇପାରୁନାହିଁ। ସମ୍ବେଦନଶୀଳ ମାମଲାରେ ଦଣ୍ଡବିଧାନ ହାର ମାତ୍ର ୧୦ ପ୍ରତିଶତ ରହିଛି। ଗୋଟିଏ ବର୍ଷରେ ମାମଲା ଫଏସଲା ହାର ୫ପ୍ରତିଶତରୁ କମ୍ ରହୁଛି। ତେବେ ଦୁର୍ନୀତି ନିବାରଣ ମାମଲାରେ ରାଜ୍ୟରେ ଦଣ୍ଡବିଧାନ ହାର ପ୍ରାୟ ୫୦ ପ୍ରତିଶତ ରହୁଛି; ଯାହାକି ଜାତୀୟ ହାରଠାରୁ ଅଧିକ।

## ମହୁଲ ଗୋଟାଇବା ବେଳେ ଦଳିଦେଲା ଦନ୍ତା

**କାମାକ୍ଷାନଗର,୧୪।୪(ସମିସ):** ଢେଙ୍କାନାଳ ବନଖଣ୍ଡର କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ କନ୍ଦରା ଫରେଷ୍ଟ ସେକ୍ସନ ଗୋବରୀ ଗ୍ରାମରେ ରବିବାର ପାହାନ୍ତାରେ ଏକ ଦନ୍ତାହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କର ଶୋଚନୀୟ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ, ମହାବିରୋଡ୍ ଥାନା



ବାମ ପଞ୍ଚାୟତ ଅନ୍ତର୍ଗତ ଗୋବରୀ ମୁଣ୍ଡାସାହିର ସୁରୁ ମୁଣ୍ଡା।(୬୧)। ଆଜି ଭୋର୍‌ରେ ସେ ମହୁଲ ଫୁଲ ଗୋଟାଇବା ପାଇଁ ଗ୍ରାମ ପାଖ ଚାଙ୍ଗୁରିଆପାଳ ଜଙ୍ଗଲ ନିକଟକୁ ଯାଇଥିଲେ। ସେଠାରେ ମହୁଲ ଫୁଲ ଗୋଟାଉଥିବା ବେଳେ ଏକ ଦନ୍ତା ସହ ତାଙ୍କର ମୁହାଁମୁହିଁ ହୋଇଥିଲା। ଦନ୍ତାଟି ତାଙ୍କୁ ଟେକି କଚାଡ଼ି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ମହାବିରୋଡ଼ ଥାନା ପୁଲିସ ଏବଂ ବନ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମୃତ ଶରୀରକୁ ଉଦ୍ଧାର କରିବା ସହିତ ତଦନ୍ତ ଆରମ୍ଭ କରିଛନ୍ତି। ଦନ୍ତା ହାତୀ ଉପଦ୍ରବ ଯୋଗୁ ସ୍ଥାନୀୟ ଅଞ୍ଚଳରେ ଲୋକେ ଆତଙ୍କିତ ଅବସ୍ଥାରେ ରହିଥିବା ଜଣାପଡ଼ିଛି।

## ଅବଶିଷ୍ଟାଂଶ...

### ମଧ୍ୟପ୍ରାଚ୍ୟ ଅସ୍ଥିର...

କରିବାକୁ ଆଗେଇ ଆସିଥିବା ବେଳେ ବ୍ରିଟେନ, ଫ୍ରାନ୍ସ ଭଳି ଅନ୍ୟ କିଛି ପାଶ୍ଚାତ୍ୟ ରାଷ୍ଟ୍ର ଇସ୍ରାଏଲକୁ ସହାୟତା ଯୋଗାଇ ଦେବେ ବୋଲି ନେତନ୍ୟାହୁ ଆଶାପ୍ରକଟ କରିଛନ୍ତି। କିନ୍ତୁ ଇସ୍ରାଏଲ ଦୁଇପଟୁ ଯୁଦ୍ଧରେ ଫସିଯାଇଥିବାରୁ ଏହି ରାଷ୍ଟ୍ର ପାଇଁ ଆଗକୁ ସ୍ଥିତି ଆହୁରି ଜଟିଳ ହୋଇପାରେ ବୋଲି କୁହାଯାଉଛି। ଗୋଟିଏ ପଟେ ଇସ୍ରାଏଲ ସେନା ଗାଜା ଯୁଦ୍ଧରେ ବ୍ୟସ୍ତ ଥିବା ବେଳେ ଏପଟେ ଇରାନକୁ ମୁକାବିଲା କରିବା ସମସ୍ୟା ବହୁଳ ହୋଇପଡ଼ିବ। ଏହାବ୍ୟତୀତ ସିରିଆ ଏବଂ ଲେବାନନ ପଟୁ ହିଜବୁଲ୍ଲା ଏବଂ ଅନ୍ୟ ଆତଙ୍କବାଦୀ ସଂଗଠନ ପକ୍ଷରୁ ମଧ୍ୟ ଇସ୍ରାଏଲ ଉପରେ ଆକ୍ରମଣ ସମ୍ଭାବନାକୁ ଏଡାଇ ଦିଆଯାଇପାରୁ ନାହିଁ। ଉଲ୍ଲେଖଯୋଗ୍ୟ ଯେ, ସିରିଆସ୍ଥିତ ଇରାନର ଏକ କୂଟନୈତିକ କାର୍ଯ୍ୟାଳୟ ଉପରେ କିଛି ଦିନ ତଳେ ଇସ୍ରାଏଲ ଏୟାର ଷ୍ଟ୍ରାଇକ୍ କରିଥିଲା ବେଳେ ଏହି ଘଟଣାରେ ଇରାନ ସେନାର ଦୁଇ ପ୍ରମୁଖ ଜେନେରାଲଙ୍କ ସହ ୧୪ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ଇରାନ ଇସ୍ରାଏଲ ବିରୋଧରେ ପ୍ରତିଶୋଧ ନେବାକୁ ପଣ କରି ଆକ୍ରମଣ ଧମ ଦେଇଥିଲା। ଏହିକ୍ରମରେ ଇରାନ ଗତକାଲି ଇସ୍ରାଏଲର ଏକ ପଣ୍ୟବାହୀ ଜାହାଜ ଏମସିଏସ୍ ଏରିଜକୁ ୟୁଏଇ ଉପକୂଳରେ କବଜା କରିଥିଲା। ଏହାକୁ ନେଇ ଉଭୟ ରାଷ୍ଟ୍ର ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଥିଲା ବେଳେ ମଧ୍ୟ ରାତ୍ରିରେ ଇରାନ ଆକ୍ରମଣ ଆରମ୍ଭ କରି ଦେଇଥିଲା।

### ୭ ଜୀବନ୍ତ...

କରିଥିଲା। ମାତ୍ର ସେତେବେଳକୁ ସମସ୍ତଙ୍କ ମୃତ୍ୟୁ ହୋଇଯାଇଥିଲା। ମୃତକଙ୍କ ମଧ୍ୟରେ ନିଲମ ଗୋୟଲ (୫୫), ଆଶୁତୋଷ ଗୋୟଲ (୩୫), ମଞ୍ଜୁ ବିନ୍ଦଲ (୫୮), ହାର୍ଦ୍ଦିକ ବିନ୍ଦଲ (୩୭), ସ୍ୱାତୀ ବିନ୍ଦଲ (୩୨), ଦୀକ୍ଷା (୭) ଏବଂ ୪ ବର୍ଷର ଶିଶୁ ସାମିଲ ଥିବା ଜଣାପଡ଼ିଛି।

### ପ୍ରତିଷ୍ଠା ହେବ...

ଲୋକମାନେ ଗୋଟିଏ ଘର ଭିତରେ ସମ୍ପୂର୍ଣ୍ଣ ବାତ୍ୟା ସମ୍ପର୍କରେ ଅନୁଭୂତି ପାଇପାରିବେ। ଏହା ସାଧାରଣ ଲୋକଙ୍କୁ ସଚେତନ କରାଇବା ସହିତ କ୍ଷେତ୍ର ସ୍ତରରେ ବାତ୍ୟା ମୁକାବିଲା ପାଇଁ ନିୟୋଜିତ ହେଉଥିବା ଅଧିକାରୀମାନଙ୍କୁ ଅଧିକ ସତର୍କତା କରାଇପାରିବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି। ଏହି କେନ୍ଦ୍ର ଦ୍ୱାରା ଲୋକଙ୍କୁ ଭିନ୍ନ ବା ରୋମାଞ୍ଚକ ଅନୁଭୂତି ମଧ୍ୟ ମିଳିପାରିବ।

ଜଳବାୟୁ ପରିବର୍ତ୍ତନ ଓ ଓଡ଼ିଶାର ଭୌଗୋଳିକ ସ୍ଥିତି ପାଇଁ ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ ଦୃଷ୍ଟିରୁ ସମ୍ବେଦନଶୀଳ ରାଜ୍ୟ ଭାବେ ଗଣାଯାଉଛି। ପ୍ରତି ବର୍ଷ ରାଜ୍ୟ ଏକାଧିକ ଥର ବନ୍ୟା ବାତ୍ୟାର ସମ୍ମୁଖୀନ ହେଉଛି। ଏହି ବିପର୍ଯ୍ୟୟଗୁଡ଼ିକର ମୁକାବିଲା କରି ଏହାର ସଠିକ୍ ପରିଚାଳନା ପାଇଁ ରାଜ୍ୟ ସରକାର ନିଜକୁ ମଜଭୂତ କରିଛନ୍ତି। ୧୯୯୯ ମହାବାତ୍ୟା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୀର୍ଘମିଆଦ ଯୋଜନା ଭାବେ 'ଓସ୍‌ଡମା' ପ୍ରତିଷ୍ଠା କରିଛନ୍ତି। ଯାହାକି ଫାଇଲିନ୍, ହୁଡ୍‌ହୁଡ୍, ଫନି, ଅମ୍ଫନ ଓ ୨୦୨୦ରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟାରେ ପ୍ରମୁଖ ଭୂମିକା ନିଭାଇଛି। ଓସ୍‌ଡମାର କାର୍ଯ୍ୟକଳାପ ଯୋଗୁଁ ଓଡ଼ିଶା ସାରା ବିଶ୍ୱରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ରୋଲ୍ ମଡେଲ୍ ସାଜିଛି। ପରବର୍ତ୍ତୀ ପଦକ୍ଷେପ ଭାବେ ରାଜ୍ୟରେ ପ୍ରତିଷ୍ଠା ହେବାକୁ ଯାଉଥିବା ଏହି ବିପର୍ଯ୍ୟୟ ଅଭିଜ୍ଞତା ଶିକ୍ଷଣ କେନ୍ଦ୍ର ଆଗାମୀ ଦିନରେ ପ୍ରାକୃତିକ ବିପର୍ଯ୍ୟୟ ଏବଂ ଏହାର ମୁକାବିଲା କ୍ଷେତ୍ରରେ ବିଶେଷ ସହାୟକ ହେବ ବୋଲି ଆଶା କରାଯାଉଛି।

### ରାଜ୍ୟ ବିଜେପି...

ବୋଲି ଉଲ୍ଲେଖ କରି ସାଂସଦ ପ୍ରାର୍ଥୀ ପ୍ରତାପ ଷଡ଼ଙ୍ଗୀ ଓ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କୁ ଘେରାଉ କରିଛନ୍ତି। ଦଳରେ ଅନେକ ପୁରୁଖା ନେତା ଥିବା ସତ୍ତ୍ୱେ ଦି' ଦିନ ତଳେ ମିଶିଥିବା ବ୍ରଜଙ୍କୁ ଟିକଟ ମିଳିବା ଘଟଣାକୁ ଦଳର ନେତାମାନେ ଗ୍ରହଣ କରିପାରୁ ନାହାନ୍ତି। ଯଦି ତାଙ୍କୁ ପରିବର୍ତ୍ତନ କରା ନ ଯାଏ ତେବେ ସାଂସଦ ପ୍ରାର୍ଥୀ ପ୍ରତାପ ଷଡ଼ଙ୍ଗୀଙ୍କୁ ମଧ୍ୟ ଅଞ୍ଚଳରେ ପୂରାଇ ଦେବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି।

ବଡ଼ମ୍ବାରେ ବିଜେପି ପ୍ରାର୍ଥୀ ପ୍ରଚଣ୍ଡ ବିରୋଧର ସମ୍ମୁଖୀନ ହୋଇଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅନୁଗତ ତଥା ନବାଗତ ସମ୍ବିତ୍ ତ୍ରିପାଠୀଙ୍କ ପ୍ରାର୍ଥିତ୍ୱ ଦଳ ପାଇଁ କଣ୍ଟା ହୋଇଛି । ଏପରିକି ଦୁଇଦିନ ତଳେ ସମ୍ବିତଙ୍କୁ ନେଇ ପ୍ରଚାରରେ ବାହାରିଥିବା ସାଂସଦ ପ୍ରାର୍ଥୀ ଭର୍ତ୍ତୃହରି ମହତାବଙ୍କୁ ମଧ୍ୟ ତୀବ୍ର ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି। ଟିକଟ ନ ପାଇ ବିଜୟ ଦଳବେହେରା ଅତ୍ୟନ୍ତ କ୍ଷୁବ୍ଧ ଓ ତାଙ୍କ ଅନୁଗତମାନେ ଅସନ୍ତୋଷର ନିଆଁରେ ଜଳୁଛନ୍ତି। ଏହା ଏପରି ଉଗ୍ରରୂପ ଧାରଣ କରିଛି ଯେ ବିଜେପି ସାଂସଦ ପ୍ରାର୍ଥୀ ଭର୍ତ୍ତୃହରିଙ୍କୁ ମଧ୍ୟ ଲଗାତାର ହଟହଟା ହେବାକୁ ପଡୁଛି। ଏପରିକି କର୍ମୀମାନେ 'ଗୋ-ବ୍ୟାକ୍ ଭର୍ତ୍ତୃହରି' ସ୍ଲୋଗାନ ଦେଇ ସିଧାସଳଖ ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ବିରୋଧ କରିଛନ୍ତି। ଗତ ନିର୍ବାଚନରେ ୧୮ ହଜାର ଭୋଟରେ ପରାଜିତ ବିଜୟଙ୍କୁ ପ୍ରାର୍ଥୀ ନ କରି ସମ୍ବିତଙ୍କୁ ପ୍ରାର୍ଥୀ କରାଯିବା ପଛରେ କି ରହସ୍ୟ ରହିଛି ଓ କେଉଁ ପ୍ରକାର 'ଡିଲ୍' ହୋଇଛି ବୋଲି କର୍ମୀ ଓ କର୍ମକର୍ତ୍ତାମାନେ ପ୍ରଶ୍ନ କରିବା ଆରମ୍ଭ କରିଛନ୍ତି ।

କେବଳ ଏହି ଅଞ୍ଚଳ ନୁହେଁ, ବଲାଙ୍ଗିରରେ ବିଜେପିର ବିଦ୍ରୋହୀ 'ଅଭିଶାପ' ସମାବେଶ କରିଛନ୍ତି। କାମାକ୍ଷାନଗରରେ ଶତ୍ରୁଘ୍ନ ଜେନାଙ୍କ ବିରୋଧରେ ଅସନ୍ତୋଷ ଗୁମୁରୁଛି । ସୋର ନିର୍ବାଚନମଣ୍ଡଳୀରେ ରାଜୁ ଦାସ, ଧର୍ମଶାଳାରେ ଜୟଦେବରେ ଅରବିନ୍ଦ ଢ଼ାଲି ବି ବିରୋଧର ସମ୍ମୁଖୀନ ହୋଇଛନ୍ତି । ଘୋଷିତ ହୋଇ ନ ଥିବା ୩୫ ଆସନରେ ପ୍ରାର୍ଥୀଙ୍କ ମନୋନୟନ ବିଜେପି ପାଇଁ ସବୁଠୁ ଅଡୁଆ ପରିସ୍ଥିତି ସୃଷ୍ଟି କରିବାକୁ ଯାଉଛି। ବରୀ, ଜଗତସିଂହପୁର, ଚିତ୍ରକୋଣ୍ଡା, ଖୋର୍ଦ୍ଧା, କଟକ ଆଦି ବିଧାନସଭା ଆସନରେ ପ୍ରାର୍ଥୀ ଘୋଷଣା ପରେ ବିଜେପିରେ ବିଦ୍ରୋହ ଆହୁରି ଭୟଙ୍କର ହେବ ବୋଲି ଆଶଙ୍କା କରାଯାଉଛି।

### ସରିଲା ଝାମ୍ପୁ...

ପାରଳାଖେମୁଣ୍ଡିରେ ରାଜ୍ୟର ସର୍ବାଧିକ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ଏଠାରେ ତାପମାତ୍ରା ୪୦.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ରାଜ୍ୟ ମଧ୍ୟକୁ ଉତ୍ତର ତଥା ଉତ୍ତର-ପଶ୍ଚିମ ଏବଂ ପଶ୍ଚିମ ଦିଗରୁ ଶୁଷ୍କ ପବନର ପ୍ରବାହ ଧୀରେ ଧୀରେ ବୃଦ୍ଧି ପାଉଛି। ଏଥିପାଇଁ ରାଜ୍ୟରେ ଦିନ ତାପମାତ୍ରାରେ ଧୀରେ ଧୀରେ ବୃଦ୍ଧି ଘଟୁଛି। ଏହି ପବନର ପ୍ରଭାବ ଆଗାମୀ ଦିନରେ ଆହୁରି ବୃଦ୍ଧି ହେବାର ସମ୍ଭାବନା ଥିବାରୁ ଆଗାମୀ ୪ରୁ ୫ଦିନ ମଧ୍ୟରେ ରାଜ୍ୟରେ ୪ରୁ ୬ ଡିଗ୍ରୀ ଯାଏଁ ତାପମାତ୍ରା ବୃଦ୍ଧି ସହ କିଛି ଅଂଚଳରେ ଗ୍ରୀଷ୍ମ ପ୍ରବାହ ପରିସ୍ଥିତି ଉପୁଜିବାର ସମ୍ଭାବନା ରହିଛି। ଆସନ୍ତାକାଲି କଟକ, ନୟାଗଡ଼, ଢେଙ୍କାନାଳ, ଭଦ୍ରକ ଓ ଯାଜପୁରରେ ଗ୍ରୀଷ୍ମ ଲହରୀ ଅନୁଭୂତ ହେବା ଆଶଙ୍କା କରି ଏହି ଜିଲ୍ଲାଗୁଡ଼ିକ ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କତା ପୂର୍ବକ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ମଙ୍ଗଳବାରଠାରୁ ଖରାର ପ୍ରକୋପ ଆହୁରି ବଢ଼ିବ ସହିତ ଅଧିକ ଜିଲ୍ଲାରେ ଗ୍ରୀଷ୍ମ ଲହରୀ ସ୍ଥିତି ଉତ୍ପନ୍ନ ହେବ ବୋଲି କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ୧୬ ତାରିଖରେ କଟକ, ଖୋର୍ଦ୍ଧା, ନୟାଗଡ଼, ବୌଦ୍ଧ, ଢେଙ୍କାନାଳ, ଅନୁଗୋଳ, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର ଓ କନ୍ଧମାଳରେ ଗ୍ରୀଷ୍ମ ପ୍ରବାହ ଦେଖିବାକୁ ମିଳିବ ବୋଲି କେନ୍ଦ୍ର କହିଛି।

### ୭୫ ବିଧାନସଭା...

ଘୋଷିତ ତଳସରା ବିଧାୟକ ପ୍ରାର୍ଥୀ ପ୍ରବୋଧ ତିର୍କୀଙ୍କର ଟିକଟ କାଟି ଦିଆଯାଇଛି। ତାଙ୍କ ବଦଳରେ ଦେବେନ୍ଦ୍ର ଭିତିରିଆଙ୍କୁ ଦଳ ପ୍ରାର୍ଥୀ କରିଛି। ଗତ ୨ ତାରିଖରେ ପ୍ରଥମ ପର୍ଯ୍ୟାୟରେ ଏହି ଆସନ ପାଇଁ ପ୍ରବୋଧଙ୍କ ନାଁ ଘୋଷଣା ହେବା ପରେ ସେ ଏଠାରେ ପ୍ରଚାର ଆରମ୍ଭ କରିଥିଲେ। ମାତ୍ର ଦ୍ୱିତୀୟ ପର୍ଯ୍ୟାୟ ଟିକଟ ଘୋଷଣାରେ ତାଙ୍କ ନାଁକୁ କାଟି ଦିଆଯାଇଛି । ସେହିପରି ବାଲିଗୁଡ଼ାରେ ସୁରଦା ପ୍ରଧାନଙ୍କ ସ୍ଥାନରେ ଉପେନ୍ଦ୍ରଙ୍କୁ ଟିକେଟ ମିଳିଛି। କବିସୂର୍ଯ୍ୟନଗରରେ ଚିରଞ୍ଜୀବି ବିଷୋୟୀଙ୍କ ସ୍ଥାନରେ ବିପିନଙ୍କୁ ଦଳ ପ୍ରାର୍ଥୀ କରିଛି। ଏପ୍ରିଲ ୨ରେ ଦଳ ୪୯ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରିବା ବେଳେ ବିପିନ, ପ୍ରବୋଧ ଓ ସୁରଦାଙ୍କୁ ଟିକେଟ ଦେଇଥିଲା।

ଶନିବାର ଦଳ ପକ୍ଷରୁ ୯ଟି ଲୋକସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ଜାରି କରାଯାଇଥିଲା। ଏହାକୁ ମିଶାଇ ଦଳ ମୋଟ୍ ୧୭ ଟି ଲୋକସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ସେହିପରି ପ୍ରଥମ ପର୍ଯ୍ୟାୟରେ ଦଳ ୪୯ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ପତ୍ର ଘୋଷଣା କରିବା ସହ ୨ ଟି ଆସନ ଇଣ୍ଡିଆ ମେଣ୍ଟ ସହଯୋଗୀଙ୍କ ପାଇଁ ଛାଡ଼ିଥିଲା। ତେବେ ପୂର୍ବ ଘୋଷିତ ଆସନରୁ ୩ ଜଣଙ୍କ ଟିକଟ କଟିଥିବା ବେଳେ ଏବେ ପୁଣି ୭୫ଟି ବିଧାନସଭା ଆସନରେ ଦଳ ପାଇଁ ପ୍ରାର୍ଥୀ ଘୋଷଣା ହୋଇଛି।

SALE
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.
Ph.: 9437015112

### ଘଟଗାଁ ପୀଠରେ ପଣାସଂକ୍ରାନ୍ତି

# ସୁନାବେଶରେ ଦର୍ଶନ ଦେଲେ ମା'ତାରିଣୀ

କେନ୍ଦୁଝର/ଘଟଗାଁ,୧୪।୪(ସମିସ)





କେନ୍ଦୁଝରର ଆରାଧ୍ୟ ଦେବୀ ଘଟଗାଁ ମା' ତାରିଣୀ ପୀଠରେ ପଣାସଂକ୍ରାନ୍ତି ଅବସରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ତାରିଣୀଙ୍କର ୮୮ତମ ଚଇତି ପର୍ବ ଗତ ମଙ୍ଗଳବାରଠାରୁ ଯଥାବିଧି ଆରମ୍ଭ ହୋଇଛି। ଏହା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବେଳେ ରବିବାର ୬ଷ୍ଠ ଦିନରେ ପଣା ସଂକ୍ରାନ୍ତି ପାଳନ କରାଯାଇଛି। ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହଜାର ହଜାର ଭକ୍ତ ମା'ଙ୍କୁ ସୁନାବେଶରେ ଦର୍ଶନ କରି ଆଶିଷ ଭିକ୍ଷା କରିଛନ୍ତି।

ରବିବାର ସ୍ୱତନ୍ତ୍ର ପୂଜା, ହୋମଯଜ୍ଞ, ଚଣ୍ଡୀପାଠ, ଭାଗବତ ପାଠ, ସାଂସ୍କୃତିକ କାର୍ଯ୍ୟକ୍ରମ, ବାଦିପଲା, ପ୍ରବଚନ ଆଦି ଅନୁଷ୍ଠିତ ହୋଇଛି। ଏହି ପବିତ୍ର ଦିନଟିରେ ମା'ଙ୍କୁ ଦର୍ଶନ କଲେ ସମସ୍ତ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ଅଛି। ତେଣୁ ଏହି ଦିନରେ ମା'ଙ୍କ ଦର୍ଶନ ଲାଗି ଜିଲ୍ଲା, ରାଜ୍ୟ, ରାଜ୍ୟ ବାହାରରୁ ଦୂରଦୂରାନ୍ତରୁ ଭକ୍ତ ମାନଙ୍କର ସୁଅ ଘଟଗାଁ ମା'ତାରିଣୀଙ୍କ ପୀଠକୁ ଛୁଟିଥାଏ। ବହୁ ସଂଖ୍ୟାରେ ଭକ୍ତଙ୍କ ଶୃଙ୍ଖଳା ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଭକ୍ତଙ୍କୁ ସୁଗମ ଦର୍ଶନ ନିମନ୍ତେ ଧାଡି ବ୍ୟବସ୍ଥା, ମହିଳାଙ୍କ ନିମନ୍ତେ ସ୍ୱତନ୍ତ୍ର ଧାଡି, ଭିନ୍ନକ୍ଷମଙ୍କ ନିମନ୍ତେ ଧାଡି ବ୍ୟବସ୍ଥା, ବରିଷ୍ଠ ନାଗରିକଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା, କରାଯାଇଥିଲା। ଗାଡିମୋଟର ଗୁଡିକୁ ଠିକରେ ରଖିବା ନିମନ୍ତେ ବ୍ୟାପକ ପାର୍କିଂ ବ୍ୟବସ୍ଥା, ମନ୍ଦିର ଭିତରେ ଶାନ୍ତିଶୃଙ୍ଖଳା ଦର୍ଶନ ନିମନ୍ତେ ବ୍ୟାପକ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା, ସମେତ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏଥି ସହିତ ଚଇତି ପର୍ବ ଅବସରରେ ଘଟଗାଁର ବିଭିନ୍ନ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ସହଯୋଗରେ ମଗଣାରେ ୭ଦିନ ଧରି ଅନ୍ନପ୍ରସାଦ ବଣ୍ଟନ କରାଯାଉଛି।

## ମା 'ନାଗପାଟ' ପୀଠରେ ପଣାଯାତ୍ରା



**ତେଲକୋଇ, ୧୪।୪ (ସମିସ):** ପବିତ୍ର ପଣାସଂକ୍ରାନ୍ତି ଉପଲକ୍ଷେ ତେଲକୋଇ ବ୍ଲକ ହାଲପୁଡ଼ି ଗ୍ରାମ ମା'ନାଗପାଟ ପୀଠରେ ପଣାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମା'ନାଗପାଟ ପୀଠର ଦେହୁରୀ ଯଥାରୀତି ପୂଜାର୍ଚ୍ଚନା କରିବା ସହିତ ଏକ ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରିବା ସହିତ ମା'ଙ୍କ ପାଖରେ ଲାଗି ହୋଇଥିବା ପଣା ପାନ କରିଥିଲେ। ଗ୍ରାମର ମା' ନାଗପାଟ ଯୁବକ ସଂଘ ପକ୍ଷରୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦିଆ ଯାଇଥିଲା। ଏହା ସହିତ ତେଲକୋଇ ସାଇବିହାର ନିକଟସ୍ଥ ମା' ତାରିଣୀଙ୍କ ପୀଠରେ ମଧ୍ୟ ପଣା ଯାତ୍ରା ଅନୁଷ୍ଠିତ ହୋଇଯାଇଛି।

## କେଶଦୁରାପାଳ ଗ୍ରାମର କଣ୍ଟାଫୋଡ଼ା ଯାତ୍ରା

**ଆନନ୍ଦପୁର/ଘସିପୁରା,୧୪।୪(ସମିସ):** ଆଧୁନିକ ଯୁଗରେ ବିଜ୍ଞାନର ଅଗ୍ରଗତି ଘଟିଥିଲେ ମଧ୍ୟ ଏବିବି ଅନେକ ସ୍ଥାନରେ ଲୋକେ ଆସ୍ଥା ବିଶ୍ୱାସକୁ ଉଜ୍ଜୀବିତ କରି ରଖିଛନ୍ତି। ଆମ ସଂସ୍କୃତି ଏବଂ ଆମ ପରମ୍ପରାରେ ଦିଅଁ ଦେବତାଙ୍କ ପ୍ରତି ଲୋକଙ୍କ ପ୍ରଗାଢ ବିଶ୍ୱାସ ଏବଂ ତାର ପୂଜନ ଏବେ ମଧ୍ୟ ଦେଖିବାକୁ ମିଳୁଛି। ଏଇଭଳି ଆସ୍ଥା ବିଶ୍ୱାସକୁ ନେଇ କଣ୍ଟାଫୋଡା ଯାତ୍ରା କାହିଁ କେଉଁ ଆଦିମ କାଳରୁ ମହା ବିଷୁବ ପଣାସଂକ୍ରାନ୍ତି ଅବସରରେ ପାଳନ ହୋଇଆସୁଛି। କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ କେଶଦୁରାପାଳ ଗ୍ରାମର କଣ୍ଟାଫୋଡା ଯାତ୍ରା ଏକ ନିଆରା ଅନୁଭୂତି। କେଶଦୁରାପାଳର ଗ୍ରାମଦେବତୀ ମା'ମଙ୍ଗଳାଙ୍କ ପୀଠରେ ଏହି କଣ୍ଟାଫୋଡା ଯାତ୍ରା ପାଳିତ ହୋଇଆସୁଛି। ସଂକ୍ରାନ୍ତି ପୂର୍ବଦିନ ଗ୍ରାମଦେବତୀଙ୍କ ନିକଟରେ ବିଞ୍ଝୁଣି ଓଷା ପାଳିତ ହୋଇଥାଏ। ସଂକ୍ରାନ୍ତିରେ ଶ୍ରଦ୍ଧାଳୁମାନେ ଉପବାସ ବ୍ରତ ରଖି ନିଜ ପରିବାରର ତଥା ଅଞ୍ଚଳର ମଙ୍ଗଳ କାମନା କରି ଏହି ଓଷା ପାଳନ କରିଥାନ୍ତି। ସକାଳୁ ମା'ଙ୍କୁ ଦେହୁରୀ ପୂଜାର୍ଚ୍ଚନା କରିବା ପରେ ଶ୍ରଦ୍ଧାଳୁମାନେ ଦର୍ଶନ କରି ଭୋଗ ଲଗାଇଥାନ୍ତି। ମା'କାଳିସୀ ରୂପରେ ଆବିର୍ଭାବ ହୋଇ ଭକ୍ତମାନଙ୍କ ସମସ୍ୟାର ସମାଧାନ ବାଟ କହିଥାନ୍ତି। ଏହି ଓଷାର ମୁଖ୍ୟ ଆକର୍ଷଣ ହେଲା କଣ୍ଟାଫୋଡା କାର୍ଯ୍ୟକ୍ରମ। ବିଭିନ୍ନ ବେଶରେ ସଜ୍ଜିତ ହୋଇ ପାଟୁଆମାନେ ଦିନବେଳା ନିଜ ଜିଭରେ ଓ ରାତିରେ ପିଠିରେ କଣ୍ଟା ଫୋଡି ଗ୍ରାମ ପରିକ୍ରମା କରିଥାନ୍ତି। ଏହା ସଭ୍ୟ ସମାଜ ପାଇଁ ଗ୍ରହଣୀୟ ହୋଇ ନଥିଲେ ମଧ୍ୟ ଲୋକଙ୍କ ଆସ୍ଥା ଓ ବିଶ୍ୱାସ ଏଥିରେ ଭରି ରହିଥିବାରୁ ଅନେକ ଶ୍ରଦ୍ଧାଳୁ ନିଜର ଜିଭ ଏବଂ ପିଠିରେ କଣ୍ଟା ଫୋଡି ମା'ଙ୍କ ଶ୍ରଦ୍ଧା ସୁମନ ଅର୍ପଣ କରିଥାନ୍ତି।



## ତାରିଣୀ ମନ୍ଦିରରେ କଳସ ଶୋଭାଯାତ୍ରା




**ବେଲବାହାଲି,୧୪।୪(ସମିସ):** ଆନନ୍ଦପୁର ବ୍ଲକ ବେଲବାହାଲି ଗ୍ରାମର ତାରିଣୀ ମନ୍ଦିରରେ ଚଳିତବର୍ଷ ମହା ବିଷୁବ ପଣାସଂକ୍ରାନ୍ତି ଉପଲକ୍ଷେ ଶତାଧିକ ପୁରୁଷ ଓ ମହିଳା ଭକ୍ତମାନେ କୁସେଇ ନଦୀରୁ କଳସ ବୁଡାଇ ଗ୍ରାମ ପରିକ୍ରମା କରିଛନ୍ତି। ଚଳିତବର୍ଷ ଯଥାବିଧି ଅନୁଯାଇ ବ୍ରାହ୍ମଣ ବିଦ୍ୟାଧର ପଣ୍ଡା ଓ ଦେହୁରୀ ନରହରି ଦେହୁରୀ, ସିରିଆ ଦେହୁରୀଙ୍କ ରିତୀକାନ୍ତି ଅନୁସାରେ ଅଞ୍ଚଳବାସୀଙ୍କ ଉଦେଶ୍ୟରେ ପୂଜାର୍ଚ୍ଚନା କରିଛନ୍ତି। ସନ୍ଧ୍ୟାରେ ପାଟୁଆମାନେ ମନ୍ଦିର ନିକଟରେ ପିଠିଫୋଡି ମାନସିକ ପୂରଣ ପାଇଁ ବ୍ରତ ପାଳନ କରିଛନ୍ତି। କମିଟିର ସଭାପତି ପ୍ରଫୁଲ ପୁଷ୍ଟି, ସମ୍ପାଦକ ସୁକଦେବ ସାହୁ ଏବଂ ସଦସ୍ୟ ସନାତନ ସାହୁ, ବିଧୁଭୂଷଣ ସାହୁ, ଭାଗିରଥି ଜେନା, ବୃନ୍ଦାବନ ସାହୁ ଓ ମନ୍ଦିର ସେବାୟତ କୋଦଣ୍ଡ ଜେନା, ଇନ୍ଦ୍ରମଣି ସାହୁ, ପଦ୍ମଲୋଚନ ସାହୁ, ଗୋବର୍ଦ୍ଧନ ଦାସ, ସୁଦାମ ସାହୁ, ଭାଗୀରଥି ଜେନା, କାର୍ତ୍ତିକ ସାହୁ, ଶରତ ଚନ୍ଦ୍ର ସାହୁ, ଧୀର ସାହୁ, ଅକ୍ଷୟ ସାହୁ, ଅରୁଣ ସାହୁ, ସନ୍ତୋଷ ସାହୁ, ଚକ୍ରଧର ସାହୁ, କାର୍ତ୍ତିକ ସାହୁ ଏବଂ ଅନ୍ୟମାନେ ସହଯୋଗ କରିଥିଲେ।

## ମଙ୍ଗଳା ସେବା ସଙ୍ଗଠନ ପକ୍ଷରୁ ପଣାବଣ୍ଟନ

**ଆନନ୍ଦପୁର,୧୪।୪(ସମିସ):** କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ମା'ମଙ୍ଗଳା ସେବା ସଙ୍ଗଠନ ପକ୍ଷରୁ ଶାଳପଡା ବାଇପାସ୍ ନିକଟରେ ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି ଉପଲକ୍ଷେ କେନ୍ଦୁଝର ଜିଲ୍ଲାର ମା' ଆରାଧ୍ୟ ଦେବୀ ମା' ତାରିଣୀଙ୍କ ପାଖକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିବା ଦେଖିବାକୁ ମିଳେ। ପ୍ରଚଣ୍ଡ ଖରା ଏବଂ ଗରମକୁ ଲକ୍ଷ୍ୟକରି ମା' ମଙ୍ଗଳା ସେବା ସଙ୍ଗଠନର ପକ୍ଷରୁ ଥଣ୍ଡା ପାନୀୟ ଜଳ ସାଙ୍ଗକୁ ପଣା ବଣ୍ଟନର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଘସିପୁରା ଥାନା ଅଧିକାରୀ ସୁନିଲ କୁମାର କର ଯୋଗଦେଇ ଉଦଘାଟନ କରିଥିଲେ। ସଙ୍ଗଠନର ପ୍ରତିଷ୍ଠାତା ହରିହର ଓଝାଙ୍କ ନିର୍ଦ୍ଦେଶ କ୍ରମେ ସଙ୍ଗଠନର ସମସ୍ତ ସଦସ୍ୟ ଓ ସଦସ୍ୟା ମାନେ ଏହି କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳାରେ ପରିଚାଳନା କରିଥିଲେ।



## ପତିରିଆଶୁଣିଙ୍କ ବାର୍ଷିକ ଉତ୍ସବ



**ହାଟଡ଼ିହୀ,୧୪(ସମିସ):** ପବିତ୍ର ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ଆଜି ବିଭିନ୍ନ ସ୍ଥାନରେ ପଣାସଂକ୍ରାନ୍ତି ପର୍ବ ପାଳିତ ହେଉଥିଲା ବେଳେ ହାଟଡ଼ିହୀ ବ୍ଲକ୍ ବିଦ୍ୟାଧରପୁର ଠାରେ ମା' ପତିରିଆଶୁଣିଙ୍କ ବାର୍ଷିକ ଉତ୍ସବଟି ଏକ ନିଆରା ଢଙ୍ଗରେ ପାଳିତ ହୋଇଯାଇଛି। ଗ୍ରାମର ଭଗବାନ ବିଶ୍ୱାଳଙ୍କ ଦ୍ୱାରା ଆୟୋଜିତ ଏହି ପୂଜାର୍ଚ୍ଚନା ଉତ୍ସବଟି ଆୟୋଜିତ ହୋଇଥିଲା ବେଳେ ଏହାକୁ ତାଙ୍କର ବଡ଼ପୁଅ ସୁପୁତ୍ର ସମ୍ବିତ ବିଶ୍ୱାଳ, ବୋହୂ ମୋନାଲିସା ବିଶ୍ୱାଳ ଓ ସାନପୁଅ ଅସିତ୍ କୁମାର ବିଶ୍ୱାଳ ବଡ଼ ଧୁମଧାମରେ ପାଳିନ କରିଛନ୍ତି। ମା'ଙ୍କ ଠାରେ ଯଥା ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ମାଧ୍ୟମରେ ହୋମଯଜ୍ଞ ଏବଂ ଚଣ୍ଡିପାଠ କରାଯାଇଥିଲା। ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ଉଦ୍ଦେଶ୍ୟରେ ସ୍ଥାନୀୟ ଅଞ୍ଚଳର ସୁନାମଧନ୍ୟ ପାଲାଗାୟିକା କୁମୁଦିନୀ ପଣ୍ଡାଙ୍କ ଦ୍ୱାରା ଦିନବେଳା ପାଲା ପରିବେଷଣ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ପାଲାପ୍ରେମୀମାନେ ଖରାକୁ ଖାତିର ନକରି ଦୀର୍ଘ ୪ଘଣ୍ଟାକାଳ ପାଲା ପରିବେଷଣକୁ ଉପଭୋଗ କରିଥିଲେ। ସନ୍ଧ୍ୟା ସମୟରେ ଗ୍ରାମବାସୀଙ୍କ ସହଯୋଗରେ ଭଜନକୀର୍ତ୍ତନ ଦ୍ୱାରା ସ୍ଥାନଟି ପ୍ରକମ୍ପିତ ହୋଇଥିଲା। ଆବହମାନ କାଳରୁ ମା' ପତିରିଆଶୁଣି ପୂଜା ପାଇ ଆସୁଥିଲା ବେଳେ ଆଜକୁ ୧୪ବର୍ଷ ଧରି ବିଶ୍ୱାଳ ପରିବାର ପକ୍ଷରୁ ଏହାର ବାର୍ଷିକ ଉତ୍ସବ ପାଳନ କରାଯାଉଛି ଏବଂ ଏଥିରେ ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରୁଥିବା ଦେଖାଯାଇଛି।

## ହରଚଣ୍ଡୀଙ୍କ ପୀଠରେ ଚଣ୍ଡୀପାଠ



**ରାମଚନ୍ଦ୍ରପୁର,୧୪।୪(ସମିସ):** ପବିତ୍ର ମହାବିଷୁବ ପଣା ସଂକ୍ରାନ୍ତି ଅବସରରେ ଘସିପୁରା ବ୍ଲକ ଅଳତି ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ହରଚଣ୍ଡୀଙ୍କ ପୀଠରେ ବିଶେଷ ପୂଜାର୍ଚ୍ଚନା ସହ ଚଣ୍ଡୀପାଠ ହୋମଯଜ୍ଞ କରାଯାଇଛି। ଆଜି ପ୍ରାତଃରୁ ଦେହୁରୀ ସେବକ ମା'ଙ୍କୁ ମହାସ୍ନାନ କରାଇବା ସହ ଗୁପ୍ତ ପୂଜା ପରେ ସର୍ବସାଧାରଣ ଦର୍ଶନ ପାଇଁ ମନ୍ଦିର ଖୋଲାଯାଇଥିଲା। ଘଣ୍ଟ ଢୋଲ ସଂକୀର୍ତ୍ତନ ସହ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଗ୍ରାମ ପୁଷ୍କରିଣୀରୁ ମୁଖ୍ୟ କଳସ ପୂଜନ ପରେ ମା'ଙ୍କୁ ପବିତ୍ର ଜଳରେ ସ୍ନାନ କରାଯାଇ ନୂତନ ବସ୍ତ୍ର ପରିଧାନ ସହ ସୁନା ବେଶରେ ସଜ୍ଜିତ କରାଯାଇଥିଲା। ପରେ ଆଚାର୍ଯ୍ୟ ବ୍ରାହ୍ମଣ ଗୋବିନ୍ଦଚନ୍ଦ୍ର ଚନ୍ଦ୍ର ପଣ୍ଡା ଏବଂ ଜୟନ୍ତ ପାଣିଗ୍ରାହୀ ମା'ଙ୍କ ନିକଟରେ ଷୋଡ଼ଶ ଉପଚାର ପୂଜା ସହ ହୋମଯଜ୍ଞ ଏବଂ ଚଣ୍ଡୀପାଠ କରିଥିଲେ। ମୁଖ୍ୟ କର୍ତ୍ତା ଭାବେ ଶ୍ରଦ୍ଧାଳୁ ରତିକାନ୍ତ ବରାଳ ନିଷ୍ଠାର ସହ ବ୍ରତ ରଖିଥିଲେ। ପୂଜା ପରିଚାଳନାରେ ପ୍ରଭାତକୁମାର ବରାଳ, ହରେକୃଷ୍ଣ ମହାରଣା, ଲମ୍ବୋଦର ମହରଣା, ରବି ପାଣିଗ୍ରାହୀ, ଶଶୀକାନ୍ତ ଭୂୟାଁ, ରମାକାନ୍ତ ଦାସ, ଗୋପାଳ ଚନ୍ଦ୍ର ରାଉତ, ଶରତ ସାମଲ, ନୃସିଂହ ବରାଳ, ଶରତ ଓଝା ସମେତ ଗ୍ରାମର ଅନେକ ଶ୍ରଦ୍ଧାଳୁ ସକ୍ରିୟ ସହଯୋଗ କରିଥିଲେ। ୨୭ ଅପ୍ରେଲ ଠାରୁ ମୀନାବଜାର ଏବଂ ତିନି ଦିନ ଧରି ଅପେରା କଳିଙ୍ଗକନ୍ୟା ଯାତ୍ରା ପରିବେଷଣ କରିବ ବୋଲି ହରଚଣ୍ଡୀ ପୂଜା କମିଟି ସୂତ୍ରରୁ ସୂଚନା ଦିଆଯାଇଛି।

# ପଣାପାଣିରେ ପାଳିତ ହେଲା ମହାବିଷୁବ ସଂକ୍ରାନ୍ତି





**ଆନନ୍ଦପୁର,୧୪।୪(ସମିସ):** ଆଜି ପବିତ୍ର ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ପୀଠରେ ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଛି। ଓଡିଆ ନୂଆବର୍ଷ ଓ ପଣା ସଂକ୍ରାନ୍ତି ଅବସରରେ ମଛାଳୋ ମା' ତାରିଣୀ ପୀଠରେ ମହାବିଷୁବ ସଂକ୍ରାନ୍ତି ଆନନ୍ଦ ଉଲାସରେ ପାଳିତ ହୋଇଥିଲା। ବିଶ୍ୱତାରିଣୀ କିମିଟି ସଭାପତି ବିନୋଦ ଜେନା, ସମ୍ପାଦକ ଅଜୟ ଜେନା, ପଙ୍କଜ ଜେନାଙ୍କ ତତ୍ତ୍ୱାବଧାନରେ ଶ୍ରଦ୍ଧାଳୁ ଓ ବ୍ରତଧାରୀମାନଙ୍କୁ ଗୁଡ଼ ପଣା, ଟଙ୍କ ତୋରାଣୀ, ଥଣ୍ଡାପାଣି ଓ ମା'ଙ୍କ ପ୍ରସାଦ ବିତରଣ କରାଯାଇଥିଲା। ରିଙ୍ଗରୋଡ ବ୍ରାହ୍ମଣୀଦେବୀ ଗୋଲେଇ ନିକଟରେ ଥିବା ମୁକ୍ତିତୀର୍ଥ ଆନନ୍ଦଧାମ ପରିସରରେ ଶ୍ରୀ ପଞ୍ଚମୁଖୀ ସିଦ୍ଧ ହନୁମାନଙ୍କ ଜନ୍ମୋତ୍ସବ ଓ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦଧାମର ମଠାଧୀଶ ଆନନ୍ଦଦାଶ ମହାରଜ, ମନ୍ଦିର ପରିଚାଳନା କମିଟିର ସଭାପତି ଦେବରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ପଣ୍ଡିତମାନେ ଯଜ୍ଞ ମଣ୍ଡପରେ ସମାଜର କଲ୍ୟାଣ ପାଇଁ ଯଜ୍ଞକୁଣ୍ଡରେ ଘୃତାହୃତି ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ପାଦକ ଅଜୟ କୁମାର ହୋତା, ବିଶ୍ୱନାଥ ରାଉତ, ଟୁଟୁ ମଙ୍ଗଳ, ରବିନ୍ଦ୍ର ବାରିକ, ଅକ୍ଷୟ ସାମଲ, ପ୍ରଦୀପ ମିଶ୍ର, ଚଗୁଲୁ ସାହୁ ରବିନ୍ଦ୍ର ପାତ୍ର, ଦୀପୁ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ମା'ବ୍ରାହ୍ମଣୀ ଦେବୀଙ୍କ ପୀଠରେ ପରିଚାଳନା କମିଟି ସଭାପତି ଆଇନଜୀବୀ ସୁରଥ ବେହେରାଙ୍କ ତତ୍ତ୍ୱାବଧାନରେ ବିଷୁବ ସଂକ୍ରାନ୍ତି ପୂଜାକର୍ମ ଓ ପଣାବଣ୍ଟନ କରାଯାଇଥିଲା। ଆନନ୍ଦପୁର ଜେଲ ନିକଟସ୍ଥ ଶ୍ରୀହନୁମାନଜିଉଙ୍କ ମନ୍ଦିରରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିବା ସହିତ ହନୁମାନ ଚାଳିଶା ପାଠ କରିଥିଲେ। ଆନନ୍ଦପୁର ବ୍ଲକର କୋଡପଡା ଶ୍ରୀ ଶ୍ରୀ ମହାବୀର ହନୁମାନଙ୍କ ୧୫ତମ ଜନ୍ମଉତ୍ସବ ଆନନ୍ଦ ଉଲାସରେ ପାଳିତ ହୋଇଛି। ସେହିପରି ଖପରାଖାଇର ନାଏକ ସାହିରେ ଭାଇବଜରଙ୍ଗୀ କ୍ଲବ ପକ୍ଷରୁ ଶ୍ରୀସଙ୍କଟମୋଚନ ହନୁମାନଜୀଉଙ୍କ ପୂଜା ଉତ୍ସବ ଯଥାବିଧି ପାଳିତ ହୋଇଛି। କ୍ଲବ ସଦସ୍ୟମାନଙ୍କ ସହଯୋଗରେ ଦିନତମାମ ପଣା ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମକୁ କ୍ଲବ ସଭାପତି କାଳିଆ ନାଇକ ପରିଚାଳନା କରିଥିଲେ। ଘସିପୁରାର ନୂଆଗଡିଆ ସାହିରେ ଶ୍ରୀବଜରଙ୍ଗବଲିଙ୍କ ପୂଜା ଉତ୍ସବ ଭାବ ଓ ଭକ୍ତିମୟ ପରିବେଶରେ ପାଳିତ ହୋଇଥିଲା। ପରେ ପଣା ବଣ୍ଟନ କାର୍ଯ୍ୟକ୍ରମକୁ ଚତୁର୍ଭୁଜ ସାହୁ, ରବିନ୍ଦ୍ର ସାହୁ, ବଇର ସାହୁ, ରଘୁନାଥ ସାହୁ, ଦେବୀପ୍ରସାଦ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ପୁଲିସ କଲୋନୀ ଠାରେ ଶ୍ରୀହନୁମାନଜିଉଙ୍କ ପୂଜା ଉତ୍ସବ ମହାଆଡମ୍ବରରେ ପାଳିତ ହୋଇଛି। କାର୍ଯ୍ୟକ୍ରମକୁ ଗୋଲକ ଜେନା, ଦଶରଥ ସାହୁ, ବ୍ରହ୍ମାନନ୍ଦ ସାହୁ, ଦମୋଦର ସାହୁ, ସୁଦାମ ସାହୁ, ଶହଦେବ ସାହୁ, ସଂଗ୍ରାମ ପରିଡା, ଅଜୟ ସାହୁ, ଶଙ୍କର୍ଷଣ ବାରିକ, ରମାମଣି ସାହୁ ଓ ଅଖଜି ସାହୁ ପ୍ରମୁଖ ପରିଚାଳନା କରିଥିଲେ।

**ଆନନ୍ଦପୁର:** ଆନନ୍ଦପୁର କଲେଜ ନିକଟରେ ଥିବା ମା' ସାନ୍ତାଣୀ ପୀଠ, ବ୍ରିଜଛକ ଠାରେ ଥିବା ତାରିଣୀ ପୀଠ, ବଳଭଦ୍ରପୁର ଠାରେ ପାତାଳେଶ୍ୱରୀ ପୀଠ, ପାଟରାସାହି ଠାରେ ଥିବା ମା' ବ୍ରାହ୍ମଣୀ ଦେବୀ ପୀଠ, ଶିଆଡିମାଳୀଆର ମା' ଧନେଇ ପୀଠ ସହିତ ପ୍ରତ୍ୟକ ଦେବୀ ପୀଠରେ ପୂଜାର୍ଚ୍ଚନା କାର୍ଯ୍ୟ ଯଥାରୀତି ସମାପନ କରାଯାଇଥିଲା। ଏତଦବ୍ୟତୀତ ରିଙ୍ଗରୋଡ ବୈତରଣୀ କୂଳ ମୁକ୍ତିତୀର୍ଥ ଆନନ୍ଦ ଧାମର ପଞ୍ଚମୁଖୀ ସିଦ୍ଧ ହନୁମାନ ମନ୍ଦିରରରେ ଯଥାରୀତିନୀତିରେ ପୂଜାର୍ଚ୍ଚନା ଓ ଯଜ୍ଞା କାର୍ଯ୍ୟ ଅନୁଷ୍ଠିତ ହୋଇଥିବାବେଳେ ମୁକ୍ତିତୀର୍ଥ ଆନନ୍ଦ ଧାମରେ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ଓ ପଣା ବିତରଣ କରାଯାଇଥିଲା। ଆନନ୍ଦପୁର ଉପକାରାଗାର ହନୁମାନ ମନ୍ଦିରରେ ଉପକାରାଗାର କର୍ମ.ରୀଙ୍କ ଦ୍ୱାରା ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ, ଅଭଡା, ପଣା ବିତରଣ କରାଯାଇଥିଲା। ସେହିପରି କଞ୍ଚଛକ, ଫକୀରପୁର କାଳୀବଜାରରେ ଥିବା ହନୁମାନ ମହାପ୍ରଭୁଙ୍କ ନିକଟରେ ଜୟନ୍ତୀ ଉତ୍ସବ, ଫକୀରପୁର ରାମମନ୍ଦିର ପରିସରରେ ଯଜ୍ଞାଦି କାର୍ଯ୍ୟ ପାଳନ କରାଯିବା ସହିତ ପୂଜା ରୀତି ନୀତି ଯଥାବିଧି ସମ୍ପର୍ଣ୍ଣ କରାଯାଇଥିଲା। ସେହିପରି ଜନାର୍ଦ୍ଦନପୁର ତାରିଣୀ ପୀଠାରେ ପୂଜାକାର୍ଯ୍ୟ ଧୁମ୍‌ଧାମ୍‌ରେ ପାଳନ କରାଯାଇଥିଲା। ଗାଁ ଠାରୁ ଆରମ୍ଭ କରି ସହର ବଜାର ପର୍ଯ୍ୟନ୍ତ ଦେବୀ ପୀଠ ଏବଂ ହନୁମାନ ମନ୍ଦିର ନିକଟରେ ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ପୂଜା କାର୍ଯ୍ୟ ବେଶ ଆଡମ୍ବର ସହକାରେ ସମ୍ପାଦନ କରାଯାଇଛି। ରାସ୍ତାର ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ରାସ୍ତାରେ ଯାତାୟତ କରୁଥିବା ଯାତ୍ରୀମାନଙ୍କୁ ଦହି ସରବତ, ଲେମ୍ବୁ ପାଣି ଆଦି ବଣ୍ଟନ କରାଯାଇଥିଲା।

**ଚମ୍ପୁଆ:** ସ୍ଥାନୀୟ ଅଗ୍ରଣୀ ଚମ୍ପୁଆ କ୍ଲବ ପକ୍ଷରୁ ଏନ୍‌ଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସହରର ଗାନ୍ଧୀ ଛକ ଠାରେ ପଥଚାରୀମାନଙ୍କୁ ପଣା ବଣ୍ଟନ କରାଯାଇଥିଲା। ଏଠାରେ ମହାଆଡମ୍ବରରେ ଓଡିଆ ନବବର୍ଷ ଓ ମହା ବିଷୁବ ସଂକ୍ରାନ୍ତି ପାଳନ କରାଯିବା ସହ ରାସ୍ତାରେ ଯାତାୟାତ କରୁଥିବା ଶହଶହ ଶ୍ରଦ୍ଧାଳୁ, ବାଟୋଇ ଏବଂ ୨୦ ନଂ. ଜାତୀୟ ରାଜପଥ ଦେଇ ଯାତାୟତ କରୁଥିବା ଟ୍ରକ୍ ଡ୍ରାଇଭର ଓ ହେଲପରମାନଙ୍କୁ ବିଭିନ୍ନ ପ୍ରକାରର ପଣା ପ୍ରସ୍ତୁତ କରାଯାଇ ବଣ୍ଟନ କରାଯାଇଥିଲା। ଏହି ବିଶେଷ କାର୍ଯ୍ୟକ୍ରମରେ ସୁବାସ ରାମ, ସଞ୍ଜୟ ପ୍ରଧାନ, ଗଜେନ୍ଦ୍ର ପାଣି, ବାପି ମିଶ୍ର, ଅଶୋକ ଦାସ, ଦିନେଶ ମହାନ୍ତ, ମାନସ ସାହୁ, ନୟନ ପାଢ଼ୀ ଓ ଅନ୍ୟମାନେ ସହଯୋଗ କରିଥିଲେ।

**ହାଟଡିହୀ:** ଅଞ୍ଚଳରେ ହନୁମାନ ଜୟନ୍ତୀ ଏବଂ ପଣାସଂକ୍ରାନ୍ତି ଉତ୍ସବ ବଡ଼ ଧୁମଧାମରେ ପାଳନ ହୋଇଛି। ରବିବାର ଭୋର୍ ସମୟରେ ତେଲୁକାହାଟ ସ୍ଥିତ ଆଦିମାତା ମା' ମଙ୍ଗଳାଙ୍କ ନିକଟରେ ଦାସୀମାନେ ନିଜ ଶରୀରର ପେଟ, ପିଠି, ଜିଭ, ଅଣ୍ଟା ଓ ବାହୁ ଆଦି ସ୍ଥାନରେ କଣ୍ଟାଫୋଡ଼ି ନିଆଁରେ ଚାଲିବା ଠାରୁ ଆରମ୍ଭ କରି କଣ୍ଟାରେ ଗଡ଼ିଥିଲେ। ହନୁମାନ ମନ୍ଦିରରେ କଳସ ସ୍ଥାପନ କରି ହନୁମାନ ଚାଳିଶା ପାଠ କରାଯାଇ ହୋମଯଜ୍ଞ ହୋଇଥିଲା। ବ୍ରତଧାରୀ ଭକ୍ତମାନେ ମହାବୀରଙ୍କ ପୂଜାର୍ଚ୍ଚନା କରି ପୁଷ୍ପାଞ୍ଜଳି ଦେଇ ଠାକୁରଙ୍କ ଚରଣାମୃତ ପାନ କରିଥିଲେ। ରବିବାର ପ୍ରାତଃ ସମୟରେ ଛେନାପଦି ସ୍ଥିତ ମା' ବିଶ୍ୱତାରିଣୀଙ୍କ ଠାରେ କଳସ ସ୍ଥାପନ କରାଯାଇ ଯଥା ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ହୋଇଥିଲା। ହାଟଡ଼ିହୀ ଗ୍ରାମର ଯୁବଗୋଷ୍ଠୀଙ୍କ ଉଦ୍ୟମ ଏବଂ ଅନୁଷ୍ଠାନର ଆୟୋଜକ ଚିତ୍ତରଞ୍ଜନ ପହି ଓ ନିତ୍ୟାନନ୍ଦ ପହିଙ୍କ ସଂଯୋଜନାରେ ମହାବୀରଙ୍କ ପୂଜାର୍ଚ୍ଚନା କାର୍ଯ୍ୟ ମହାସମାରୋହରେ ପାଳିତ ହୋଇଯାଇଛି। ମରେଇଗାଁ ସ୍ଥିତ ହନୁମାନ ମନ୍ଦିରରେ ଆବାହକ କାହ୍ନୁଚରଣ ଜେନା ଓ ସ୍ୱର୍ଣ୍ଣପ୍ରଭା ଜେନା ସଂକଳ୍ପ କାର୍ଯ୍ୟ ତୁଲାଇଥିଲେ। ଗ୍ରାମ ଯୁବଗୋଷ୍ଠୀଙ୍କୁ ନେଇ କାହ୍ନୁଙ୍କ ପୂର୍ଣ୍ଣ ତତ୍ତ୍ୱାବଧାନରେ ପୂଜାକାର୍ଯ୍ୟଟି ସୁରୁଖୁରୁରେ ହୋଇଥିଲା। ହଦଗଡ଼ ସ୍ଥିତ ସ୍ଥାନୀୟ ବାସିନ୍ଦାଙ୍କ ଉଦ୍ୟମରେ ମା' ରାଇମୁଣ୍ଡିଙ୍କ ବାର୍ଷିକ ଉତ୍ସବଟି ପାଳିତ ହୋଇଯାଇଛି। ବିଦ୍ୟାଧରପୁର ଗ୍ରାମର ଭଗବାନ ବିଶ୍ୱାଳଙ୍କ ସଂଯୋଜନାରେ ତାଙ୍କର ୨ପୁତ୍ର ସମ୍ବିତ ଓ ଅସିତଙ୍କ ଆୟୋଜନାରେ ମା' ପତିରିଆଶୁଣିଙ୍କ ବାର୍ଷିକ ଉତ୍ସବଟି ଏକ ନିଆରା ଢ଼ଙ୍ଗରେ ପାଳନ ହୋଇଛି। ବଞ୍ଚୋ ଠାରେ ମା' ବାରାହୀ, ଆବୁଲପୁରାରେ ମା' ମଙ୍ଗଳା ଓ କୁଣ୍ଡୁଳେଇ, ହାଟଡ଼ିହୀରେ ମା' ଜାଗୁଳେଇ ଓ ଗହମାଇଙ୍କ ପୂଜାର୍ଚ୍ଚନା ହୋଇଥିଲା। ଏହି ପାରମ୍ପରିକ ପୂଜା ଉତ୍ସବଟି ପାଇଁ ଆଜି ସମଗ୍ର ହାଟଡ଼ିହୀ ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି।

**ସୋସୋ:** ହାଟଡିହି ବ୍ଲକ ଛେନାପଦି ଛକରେ ଥିବା ମା' ବିଶ୍ୱ ତାରିଣୀ ମନ୍ଦିରରେ ଚଇତି ପର୍ବ ପାଳିତ ହେବା ସହିତ ବିଶ୍ୱଶାନ୍ତି ଗୀତା ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଚଇତି ପର୍ବରେ ମା'ଙ୍କ ସୁନାବେଶ କରାଯାଇଥିଲା। ରବିବାର ସକାଳୁ ଷୋଡଶ ଉପଚାର ମଙ୍ଗଳ ଆଳତି ଓ ପହିଲି ଭୋଗ କରାଯାଇଥିଲା। ମଧ୍ୟାହ୍ନରେ ମା'ଙ୍କ ନିକଟରେ ପଣାଲାଗି କରାଯାଇଥିଲା। ଶ୍ରଦ୍ଧାଳୁମାନେ ମାନସିକ ପୂରଣ ପାଇଁ ପୀଠରେ ମାଟିଘୋଡା ସ୍ଥାପନ କରିଥିଲେ। ହଳଧର ଦେହୁରୀ, ନାଣ୍ଟୁ ଦେହୁରୀ, ଚଢେଇ ଦେହୁରୀଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ପଣ୍ଡିତ ବାବୁଲା ଆଚାର୍ଯ୍ୟ, ଦାଶରଥି ଦେବତାଙ୍କ ଦ୍ୱାରା ହୋମଯଜ୍ଞ କରାଯାଇଥିଲା। ମହେଶ୍ୱର ସା, ସରୋଜ କୁମାର ଚକ୍ର, ସୁଧାକର ଓଝା, ସଞ୍ଜୟ ପତି, ଶୁକଦେବ ନାୟକ, ଯୀଶୁ ସା, ଶିବ ସୁଦର ବେହେରା କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ମନ୍ଦିର ପରିଚାଳନା କମିଟି ପକ୍ଷରୁ କୃଷ୍ଣଚନ୍ଦ୍ର ଜେନା, ପଞ୍ଚାନନ ବେହେରା, କିଶୋର ଆଚାର୍ଯ୍ୟ, ଦେବେନ୍ଦ୍ର କୁମାର ଜେନା, ହିମାଂଶୁ ନାୟକ, ଅମିୟ ନାୟକ, ପଙ୍କଜ ଗୁପ୍ତା, ସୁବାସ ଚନ୍ଦ୍ର ଓଝା, ତ୍ରିଲୋଚନ ସା, ଦେବେନ୍ଦ୍ର ସା, ସନ୍ନ୍ୟାସୀ ସା, ଚକ୍ରଧର ସାହୁ, ଅଜୟ ଲେଙ୍କା, ବିନୟ ନାୟକ, ଡାନି ସାମ, ସତୀସ ଯାଦବ, ଲିପୁ ଦଳେଇ, ଦୁର୍ଯ୍ୟୋଧନ ସାହୁ, ବିଜନ ଜେନା, ନିରୁପମା ମିଶ୍ର, ରବୀନ୍ଦ୍ର ବେହେରା, ହଳଧର ଜେନା, ସୁଧୀର ବିଶ୍ୱାଳ, ରତ୍ନାକର ସାହୁ କାର୍ଯ୍ୟକ୍ରମରେ ସହଯୋଗ ଓ ପରିଚାଳନା କରିଥିଲେ। ହଜାର ହଜାର ଭକ୍ତଙ୍କର ସମାଗମ ହୋଇଥିଲା। ଦେବାଶିଷ ଓଝା , ରିକି ବିଶ୍ୱାଳ , ଭିକି ବିଶ୍ୱାଳ ଆଦି ଯୁବକମାନେ ପଣା ପ୍ରଦାନ କରିଥିଲେ।





## ରାଇରଙ୍ଗପୁରରେ ବିଜେଡିର ପ୍ରଚାର ଜୋରଦାର

# ସୁଦାମ ଓ ରାଇସେନଙ୍କୁ ବିପୁଳ ଜନସମର୍ଥନ

ରାଇରଙ୍ଗପୁର, ୧୪।୪(ସମିସ): ଆଜି ରାଇରଙ୍ଗପୁରରେ ନିର୍ବାଚନ ପ୍ରଚାର ସମୟରେ ବିଜେଡିର ଲୋକସଭା ପ୍ରାର୍ଥୀ ସୁଦାମ ମାରାଣ୍ଡି ଏବଂ ବିଧାନସଭା ପ୍ରାର୍ଥୀ ରାଇସେନ ମୁର୍ମୁଙ୍କୁ ବିପୁଳ ଜନସମର୍ଥନ ମିଳିଛି। ଉଭୟ ସେମାନଙ୍କ ପ୍ରଚାରକୁ ଜୋରଦାର କରିଛନ୍ତି। ଉଭୟଙ୍କ ନିର୍ମଳ ଭାବମୂର୍ତ୍ତି, ମେଳାପୀ, ସେବା ମନୋଭାବ, ସୁନ୍ଦର ବ୍ୟକ୍ତିତ୍ୱ ଯୋଗୁଁ ଗାଁଠୁ ସହର ପର୍ଯ୍ୟନ୍ତ ତାଙ୍କ ଲୋକପ୍ରିୟତା ବଢ଼ି ଚାଲିଛି। ତେବେ ରାଜନୀତିରେ ନୂତନ ଭାବେ ପ୍ରବେଶ କରିଥିବା ସତ୍ତ୍ୱେ ଗ୍ରାମାଞ୍ଚଳ ଆଦିବାସୀଙ୍କ ପାଇଁ ରାଇସେନ ପ୍ରିୟ ହୋଇପାରିଛନ୍ତି। ତାଙ୍କ ସହିତ ପ୍ରଚାର ଅଭିଯାନରେ ବିଜେଡି ସାଂସଦ ପ୍ରାର୍ଥୀ ସୁଦାମ ମାର୍ଣ୍ଡି ସନ୍ଧ୍ୟା ସମୟରେ ରାଇରଙ୍ଗପୁର ପୌରାଞ୍ଚଳର ୱାର୍ଡ ସଂଖ୍ୟା ୭ ଗଡ଼ଠାରେ ବିଜେଡି ନେତା ଓ କର୍ମୀମାନଙ୍କ ସହ ଆସି ପହଞ୍ଚିଥିଲେ। ଏହି ସୂଚନା ପାଇବା ପରେ ଲୋକଙ୍କ ପ୍ରବଳ ଭିଡ଼ ଜମିଥିଲା। ବିଭିନ୍ନ ସ୍ଥାନରେ ଲୋକେ ସ୍ୱତଃପ୍ରବୃତ୍ତଭାବେ ସୁଦାମ ଓ ରାଇସେନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିଜେଡି ଜିନ୍ଦାବାଦ, ନବୀନ ପଟ୍ଟନାୟକ ଜିନ୍ଦାବାଦ ଧ୍ୱନୀରେ ସମଗ୍ର ୱାର୍ଡ ପ୍ରକମ୍ପିତ ହୋଇଥିଲା। ସୁଦାମ ମାର୍ଣ୍ଡି ଓ ରାଇସେନ ମୁର୍ମୁ ସମସ୍ତ ୱାର୍ଡରେ ପହଞ୍ଚି ପ୍ରତ୍ୟେକ ଘରେ ପହଞ୍ଚି ବିଜେଡିକୁ ବିପୁଳ ଭୋଟରେ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ପରିଷଦ ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ, ଉପାଧ୍ୟକ୍ଷା ମମିତା ଚୌଧୁରୀ, ପୂର୍ବତନ ବିଧାୟକ ସାଇବା ସୁଶୀଲ ହାଁସଦା, ଦୀପ୍ତିମାନ ବଳ, ଜିଲ୍ଲା ସଭାନେତ୍ରୀ ତନୁଜା ମହାନ୍ତ, ପାର୍ଥ ସାରଥୀ କବି, ପୂର୍ଣ୍ଣିମା ମହାନ୍ତ ସମେତ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।



# ବାବା ସାହେବଙ୍କ ୧୩୩ତମ ଜୟନ୍ତୀ ପାଳିତ



ବାରିପଦା, ୧୪।୪(ସମିସ): ଆମ୍ବେଦକର ସୋସାଇଟି ତରଫରୁ ୧୫ ନଂ ୱାର୍ଡ ଦାରଗାଡାହିରେ ସମ୍ବିଧାନ ପ୍ରଣେତା ଭାରତରତ୍ନ ଡକ୍ଟର ବି.ଆର ଆମ୍ବେଦକରଙ୍କ ୧୩୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ଆମ୍ବେଦକର ସୋସାଇଟିର ସାଧାରଣ ସମ୍ପାଦକ ଅଧ୍ୟାପକ ଗୋପବନ୍ଧୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାବା ସାହେବଙ୍କୁ ଜଣେ ମହାନ ସ୍ୱାଧୀନତା ସଂଗ୍ରାମୀ, ପ୍ରବୀଣ ରାଜନୀତିଜ୍ଞ, ସମାଜ ସଂସ୍କାରକ ଓ ନବଭାରତର ସ୍ଥାପତକାର ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ନ୍ୟାୟ, ସମତା, ମମତା ଓ ବ୍ୟକ୍ତି ସ୍ୱତନ୍ତ୍ରତା ଉପରେ ତାଙ୍କ ପ୍ରଣୀତ ସମ୍ବିଧାନ ପ୍ରତିଷ୍ଠିତ। ତେଣୁ ଏପରି ଏକ ମହାନ ସମ୍ବିଧାନର ସୁରକ୍ଷା ଓ ସଠିକ କାର୍ଯ୍ୟକାରୀତା ଅତ୍ୟନ୍ତ ଜରୁରୀ। ତାଙ୍କ ସ୍ୱପ୍ନ ଅଧୁରା ରହିଛି। ଏହାକୁ ପୂର୍ଣ୍ଣ କରିବା ପାଇଁ ଆଜିର ଦିନରେ ସମସ୍ତେ ସଂକଳ୍ପ ନେବା ଜରୁରୀ ବୋଲି ବୋଲି ମତପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୌ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ, କାଉନସିଲ ନିରୁପମା ମହାନ୍ତି, ସୋସାଇଟି ସମ୍ପାଦକ ମହେଶ୍ୱର ସେଠୀ, ପଟ୍ଟାବିହୀନ ଟ୍ରଷ୍ଟର ସଭାପତି ନନ୍ଦ ମହାପାତ୍ର, ଓବିସି ମଞ୍ଚର ଜିଲ୍ଲା ସଭାପତି ଅବନୀ ମହାନ୍ତ, ଭାଦୁରାମ ହାଁସଦା, ମୋହନ ମୁର୍ମୁ, ଶଶାଙ୍କଶେଖର ତେଲେଙ୍ଗା ଓ ଅଧ୍ୟାପକ ଦୋଳଗୋବିନ୍ଦ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ରସମତଳା ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ପ୍ରସ୍ତୁତି



କରଞ୍ଜିଆ, ୧୪।୪(ସମିସ): ରସମତଳା ସରକାରୀ ଉଚ୍ଚର ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ପ୍ରଧାନ ଶିକ୍ଷକ ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଅଗ୍ରପୂଜ୍ୟ ଗଜାନନଙ୍କ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ବୈଠକରେ ପୁରାତନ ଛାତ୍ରମାନଙ୍କ ମଧ୍ୟରୁ ବିଭିନ୍ନ ବ୍ୟାଚର ମୁଖ୍ୟଙ୍କୁ ଚୟନ କରାଯାଇଥିଲା। ଅନ୍ୟାନ୍ୟ ପୂର୍ବ ଛାତ୍ରଛାତ୍ରୀଙ୍କୁ ଯୋଗାଯୋଗ କରିବା ନିମନ୍ତେ ଦାୟିତ୍ୱ ଅର୍ପଣ କରାଗଲା। ବିଦ୍ୟାଳୟର ମଞ୍ଚ ନିର୍ମାଣ, ଖେଳ ପଡ଼ିଆ ଆବଦ୍ଧକରଣ ତଥା ସୁବର୍ଣ୍ଣ ଜୟନ୍ତୀ କମିଟି ଗଠନ ପରି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇଥିଲା। ଆସନ୍ତା ୨୭ ତାରିଖ ସକାଳ ୯ଟାରେ ଏକ ବୈଠକ ଅନୁଷ୍ଠିତ ହୋଇ କମିଟି ଗଠନ କରାଯିବାର ନିଷ୍ପତ୍ତି ଗ୍ରହଣ କରାଗଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ୪୦ ଜଣ ପୂର୍ବ ଛାତ୍ରଛାତ୍ରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ସମୀର କୁମାର ପଟେଲ ଶାନ୍ତି ପାଠ ଓ ବରିଷ୍ଠ ଶିକ୍ଷକ ଚନ୍ଦନ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପଣା ସଂକ୍ରାନ୍ତିରେ ଗଳ୍ପପାଠ ଆସର



ବାରିପଦା, ୧୪।୪(ସମିସ): ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ମୟୂରଭଞ୍ଜ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଏକ ଗଳ୍ପପାଠ ଆସର ମହର୍ଷି ପବ୍ଲିକ ସ୍କୁଲ ସଭାଗୃହରେ ଆୟୋଜିତ ହୋଇଯାଇଛି। ପରିଷଦର ସଭାପତି ପଦ୍ମନାଭ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମହର୍ଷି ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଅଶୋକ କୁମାର କର ମୁଖ୍ୟଅତିଥି ଭାବରେ ଯୋଗଦେଇ ଅବକ୍ଷୟମୁଖୀ ସମାଜକୁ ଆମ ସଂସ୍କୃତିର ବହୁଳ ବ୍ୟବହାର ରକ୍ଷା କରିପାରିବ ବୋଲି ମତବ୍ୟକ୍ତ କରିଥିଲେ। କବୟିତ୍ରୀ କାବେରୀ ମିଶ୍ର ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିବା ବେଳେ ସମ୍ପାଦକ ମନୋଜ ଦଳବେହେରା ପରିଷଦର ବାର୍ଷିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାରମ୍ଭରେ ଯୁଗ୍ମ ସମ୍ପାଦକ ଶିଉଲାଲ ମହାନ୍ତ ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ କରିଥିବା ବେଳେ ଯୁଗ୍ମ ସମ୍ପାଦକ ଅଜିତ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ଗାଳ୍ପିକା ସୁଧାମୟୀ ଦାସ ତଥା ବାସନ୍ତୀଲତା ମହାପାତ୍ର ମିଳିତ ସଂଯୋଜନାରେ ଅନୁଷ୍ଠିତ ଗଳ୍ପ ପାଠ ଆସରରେ ଇଂ ସତୀଶଚନ୍ଦ୍ର ବେହେରା, ଅଜୟ କୁମାର ପାଳ, ଅଜିତ କୁମାର କବାଟ, ନରସିଂହ ବାରିକ, ନିରୁପମା ମହାନ୍ତ, ହିମାଂଶୁ ଶେଖର ଦାସ, ଜୟନ୍ତ କୁମାର ଦ୍ୱାରୀ, ଦୋଳ ଗୋବିନ୍ଦ ମହାନ୍ତ, ସମରେନ୍ଦ୍ର ବଶା, କବି ବିଷ୍ଣୁ ଶତପଥୀ, ପ୍ରଦୀପ କୁମାର ଦାସ, କୈବଲ୍ୟ ପ୍ରସାଦ ମହାପାତ୍ର ପ୍ରମୁଖ ସ୍ୱରଚିତ ଗଳ୍ପ ପାଠ କରିଥିଲେ।

# ବିଭିନ୍ନ ସ୍ଥାନରେ ପଣା ସଂକ୍ରାନ୍ତି

ମୋରଡ଼ା, ୧୪।୪(ସମିସ): ମୋରଡା ବ୍ଲକର ବିଭିନ୍ନ ସ୍ଥାନରେ ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଛି। ସକାଳୁ ମନ୍ଦିରରେ ଭକ୍ତଙ୍କ ଭିଡ ଲାଗିରହିଥିଲା। ତେବେ ଓଡ଼ିଆ ପରମ୍ପରାନୁଯାୟୀ ଏହି ଦିନଠାରୁ ନୂତନ ବର୍ଷ ଆରମ୍ଭ ହୋଇଥାଏ। ଏହାଛଡ଼ା ଏହି ଦିନକୁ ହନୁମାନ ଜୟନ୍ତୀ, ମହାବିଷୁବ ସଂକ୍ରାନ୍ତି ଭାବେ ମଧ୍ୟ ପାଳନ କରାଯାଇଥାଏ।



ଚିତ୍ରଡାରେ ଥିବା ବାବା ଚିତ୍ରେଶ୍ୱର ମହାଦେବ ମନ୍ଦିରରେ ଓଡ଼ିଆ ସଂସ୍କୃତି ଓ କାଳଗଣନାରେ ଗୋଟିଏ ବର୍ଷ ବୈଶାଖରୁ ଆରମ୍ଭ ହୋଇ ଚୈତ୍ରରେ ସମାପ୍ତ ହୋଇଥାଏ। ଦୋଳପୂର୍ଣ୍ଣିମାରେ ଦୋଳଗୋବିନ୍ଦଙ୍କ ନିକଟରେ ସମର୍ପଣ ହୋଇଥିବା ପାଞ୍ଜି ପଣାସଂକ୍ରାନ୍ତିରୁ ପ୍ରଚଳନ ହୋଇଥାଏ। ପୁରାଣ ଅନୁଯାୟୀ, ମହାବିଷୁବ ସଂକ୍ରାନ୍ତି ବେଶ ଗୁରୁତ୍ୱପୂର୍ଣ୍ଣ। ଏହିଦିନ ଜଳବାୟୁରେ ଏକ ପରିବର୍ତ୍ତନ ହୋଇଥାଏ। ସୂର୍ଯ୍ୟଙ୍କ ପ୍ରବଳ ତାପମାତ୍ରା ଯୋଗୁ ପ୍ରଭୁ ବିଷ୍ଣୁଙ୍କ ପ୍ରିୟ ତୁଳସୀ ମୂଳରେ ପଣା ଅର୍ପଣ କରାଯାଇଥାଏ। ତେବେ ଘରେ ଏଥିପାଇଁ ଛତୁଆ, କଦଳୀ, ନଡ଼ିଆ, ଛେନା, ଆମ୍ବ ଆଦିରେ ସ୍ୱତନ୍ତ୍ର ପଣା ପ୍ରସ୍ତୁତ କରାଯାଇଥାଏ। ଆଜିର ଦିନରେ ଓଡ଼ିଆଣୀମାନେ ତୁଳସୀ ଚଉରା ଉପରେ ଏକ ଛାମୁଣ୍ଡିଆ କରି ଏକ ପାଣିଭର୍ତ୍ତି ଛୋଟ ଠେକି ରଖିଛନ୍ତି। ଏହା ତଳେ ଏକ ଛୋଟ ଛିଦ୍ର କରିଛନ୍ତି ଯେଉଁ ଛିଦ୍ର ଦେଇ ପାଣି ତୁଳସୀ ଗଛରେ ପଡ଼ିଥାଏ। ତେବେ ଆଜିର ଦିନ ମୋରଡ଼ା ବ୍ଲକର ଚିତ୍ରଡା ବାବା ଚିତ୍ରେଶ୍ୱର ସ୍ୱଚ୍ଛ ସେବା ସଙ୍ଗଠନ ତରଫରୁ ସୁଦାମା ବେହେରା, ସନ୍ତୋଷ ବଡ଼ମାଝୀ, ଡାକ୍ତର ସେଠୀ ଓ ଅନ୍ୟ କର୍ମକର୍ତ୍ତା ଏହି ଦିନକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି। ସେହିପରି ହଳଦୀପାଳର କ୍ଷେତ୍ରପାଳଙ୍କ ପୀଠରେ ଗ୍ରାମଶାନ୍ତି ପାଇଁ ଅଷ୍ଟପ୍ରହରୀ ନାମଯଜ୍ଞ ସହିତ ଅନ୍ନଛତ୍ରର ବ୍ୟବସ୍ଥା କରାଯାଇଛି।

# କରଞ୍ଜିଆରେ ଓଡ଼ିଆ ନବବର୍ଷ ପାଳିତ

କରଞ୍ଜିଆ, ୧୪।୪(ସମିସ): କରଞ୍ଜିଆରେ ଚେତନା (ରାଷ୍ଟ୍ର ଚିନ୍ତନ ଓ ଜାଗରଣ ସଂଗଠନ) ଓ ଓଡ଼ିଆ ଭାଷା ବିକାଶ ପରିଷଦ ତରଫରୁ ଓଡ଼ିଆ ନବବର୍ଷ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଚିତ୍ରଶିଳ୍ପୀ ଦୁଃଶାସନ ମହାନ୍ତ ସଭାପତିତ୍ୱ କରିଥିଲେ। ବରିଷ୍ଠ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଅଧ୍ୟକ୍ଷ ସର୍ବେଶ୍ୱର ମିଶ୍ର ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଦୂରଭାଷର ବିଭାଗର ଅଧିକାରୀ ଦିପ୍ତୀରଞ୍ଜନ ପରିଡ଼ା, ଆଇନଜୀବି ସଞ୍ଜୟ କୁମାର ସାହୁ, ଗୌରାଙ୍ଗ ଚନ୍ଦ୍ର ବାରିକ୍, ପ୍ରଦୀପ କୁମାର ବେହେରା, ମାନବବାଦୀ ଶ୍ରୀ ସଚ୍ଚିଦାନନ୍ଦ ମାନବ, ଆଦିବାସୀ ନେତା ସୁବସଚନ୍ଦ୍ର ହେମ୍ବ୍ରମ୍, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲକ୍ଷଣ ମହାନ୍ତ, ବ୍ରଜକିଶୋର ପଣ୍ଡା, ଅଧ୍ୟାପକ ଜନ୍ମେଜୟ ଶତପଥୀ, ବସନ୍ତ ରଣା, ପରିମଳ ବେହେରା, ଜୟହରି ପାତ୍ର ଓ ଓଡ଼ିଆ ଭାଷା ସାହିତ୍ୟର ବିଶିଷ୍ଟ ଗବେଷକ ଭରତ ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦାନ କରି ଓଡ଼ିଆ ନବବର୍ଷର ମହତ୍ତ୍ୱ ଉପରେ ଆଲୋକପାତ କରି ଓଡ଼ିଆର ମର୍ଯ୍ୟାଦା ରଖିବାକୁ ଆହ୍ୱାନ ଦେଇଥିଲେ। ଆଜିକାର ଦିନରୁ ପାଞ୍ଜି ଗଣନା ଆରମ୍ଭ କରାଯାଇଥାଏ। ତେବେ ଓଡ଼ିଆ ଭାଷାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବାକୁ ଅତିଥିମାନେ ମାର୍ଗଦର୍ଶନ କରିଥଲେ। ଶେଷରେ ଶ୍ରୀ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।



# ଜାମଦାରେ ଭୋଟର ସଚେତନତା କାର୍ଯ୍ୟକ୍ରମ

ରାଇରଙ୍ଗପୁର, ୧୪।୪(ସମିସ): ଜାମଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ତହସିଲଦାର, ଅତିରିକ୍ତ ତହସିଲଦାର, ଜାମଦା ବିଡ଼ିଓଙ୍କ ଉପସ୍ଥିତିରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଧାରଣ ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ କରିବା ନିମନ୍ତେ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ବ୍ଲକ ଅଞ୍ଚଳରେ ଅଧିକରୁ ଅଧିକ ମତଦାତା ଯେଭଳି ମତଦାନ କରିବେ ଏଥିନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଯୁବ ମତଦାତାଙ୍କୁ ବିଏଲଓ ସଚେତନ କରିବା ଉପରେ ଗୁରୁତ୍ୱ ଦେବେ। ଏହାଦ୍ୱାରା ଅନ୍ୟମାନେ ମଧ୍ୟ ଉତ୍ସାହିତ ହୋଇପାରିବେ। ସେହିଭଳି ରଙ୍ଗୋଲି, ଚିଠିପତ୍ର, ନିର୍ବାଚନର ପର୍ବ ଆମଦେଶର ଗର୍ବ' ଉପରେ ବିଭିନ୍ନ ପ୍ରତିଯୋଗିତା, ଭିଡିଓ ଓ ରେଡ଼ିଓ ବାର୍ତ୍ତା, ହୋର୍ଡିଂ, ୱାଲ ପେଣ୍ଟିଂ, ମାରାଥନ ଆଦି ଜରିଆରେ ସଚେତନତା ସୃଷ୍ଟି କରାଯିବ ବୋଲି ସୂଚନା ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମାଧ୍ୟମରେ ସ୍କୁଲରୁ ନିଶ୍ଚୟ ମତଦାନ କରିବାକୁ ଅଭିଭାବକଙ୍କ ଉଦ୍ଦେଶ୍ୟରେ ପୋଷ୍ଟକାର୍ଡ ମାଧ୍ୟମରେ ଚିଠି ଲେଖିବେ ବୋଲି ବାର୍ତ୍ତା ଦେଇଥିଲେ। କାର୍ଯ୍ୟାଳୟକୁ ଆସୁଥିବା ପୋଷ୍ଟ କାର୍ଡ, ଲଫାପା, ପାର୍ସଲ ଉପରେ ଚୁନାଓ କା ପର୍ବ, ଦେଶ କା ଗର୍ବ ଷ୍ଟାମ୍ପ ଲାଗୁଥିବା ସୂଚନା ହସ୍ତଗତ ହୋଇଛି। ଏହି କାର୍ଯ୍ୟକ୍ରମରେ ସିଆରସିସି, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ କର୍ମଚାରୀ ସଂଘ ଓ ଇନ୍‌ଟାକ୍ ମୟୂରଭଞ୍ଜ ଚାପ୍ଟରର ବୈଠକ

ବାରିପଦା, ୧୪।୪(ସମିସ): ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଓ ଇନଟାକ ମୟୂରଭଞ୍ଜ ଚାପଟାର ମିଳିତ ଆନୁକୂଲ୍ୟରେ ରବିବାର ପଣାସଂକ୍ରାନ୍ତି ଉପଲକ୍ଷେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ସଭାପତି ରାସେଶ୍ୱର ସାହୁ ପଣାସଂକ୍ରାନ୍ତି ତଥା ଓଡିଆ ନବବର୍ଷ ବିଷୟରେ ସମ୍ୟକ ଧାରଣା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇନଟାକ୍ ତରଫରୁ ମେଜର ରବୀନ୍ଦ୍ରନାଥ ପରିଡ଼ା, ଇନଟାକ ହେରିଟେଜ ତରଫରୁ ଇଂ. ଅନିରୁଦ୍ଧ ପୃଷ୍ଟି, ସଂଘର ଉପଦେଷ୍ଟା ଡା. ପ୍ରମଥନାଥ ଭୂୟାଁ, ସଭ୍ୟା ଡ. ସ୍ନେହଲତା ବସା ପ୍ରମୁଖ ଏହି ଦିବସ ସମ୍ପର୍କରେ ବୁଝାଇଥିଲେ। ଗୃହରେ ଉପସ୍ଥିତ ଥିବା ୫୦ରୁ ଊର୍ଦ୍ଧ୍ୱ ସଭ୍ୟସଭ୍ୟା କରତାଳି ମାଧ୍ୟମରେ ସେମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ସମ୍ପାଦକ ବିଜୟ କୁମାର ମହାପାତ୍ର ଓ ସହସମ୍ପାଦକ ପ୍ରଦୀପ କୁମାର ପାଣି ସମସ୍ତ ସଭ୍ୟ/ସଭ୍ୟାଙ୍କୁ ବେଲ ଓ ଛେନାର ପଣା ଦ୍ୱାରା ଆପ୍ୟାୟିତ କରାଯାଇଥିଲା।

# ଅଗ୍ନିଶମ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



କରଞ୍ଜିଆ, ୧୪।୪(ସମିସ): ଅଗ୍ନିଶମ ବିଭାଗ ପକ୍ଷରୁ ରବିବାରଠାରୁ ସେବା ସପ୍ତାହ ଆରମ୍ଭ ହୋଇଛି। ଏହି ସପ୍ତାହ ୨୦ପର୍ଯ୍ୟନ୍ତ ଚାଲିବ। ତେବେ ଓଡ଼ିଶାରେ ଏହାକୁ ଏକ ସ୍ୱତନ୍ତ୍ର ଢଙ୍ଗରେ ପାଳନ କରାଯାଇଥାଏ। ସେହି ଅନୁସାରେ କରଞ୍ଜିଆ ଅଗଗ୍ନିଶମ ବିଭାଗ ପକ୍ଷରୁ ଆଜି ଏକ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଗ୍ନିଶମ ଅଧିକାରୀ ଦୀପକ ଜେନାଙ୍କ ନେତୃତ୍ୱରେ ସହର ପରିକ୍ରମା କରାଯାଇ ସଚେତନତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜେନ୍ଦ୍ର ନାଥ ମାରାଣ୍ଡି, ଡ୍ରାଇଭର ହାବିଲଦାର ପ୍ରଦୀପ୍ତ କୁମାର ସାହୁ, ଆଗ୍ନିକ ବସନ୍ତ ମୁଣ୍ଡା, ପ୍ରେମଚାନ୍ଦ ମୁଣ୍ଡା, ଉଗ୍ରସେନ ନାଏକ, ସୁନରମ ସୋୟ, ରାଜୀବ ନାଏକ ଓ ଦୀଗୁ ସୋରେନ୍ ପ୍ରମୁଖ ସହଯୋଗ କରିଥିଲେ।

# ବରିଷ୍ଠ ନୃତ୍ୟ ନିର୍ଦ୍ଦେଶକଙ୍କ ପରଲୋକ



ବହଳଦା, ୧୪।୪(ସମିସ): ବହଳଦା ଅଞ୍ଚଳର ବିଶିଷ୍ଟ ନୃତ୍ୟ ନିର୍ଦ୍ଦେଶକ ତଥା ସଂକୀର୍ତ୍ତନ ଗାୟକ ନବୀନ ଦାସଙ୍କ ଜାମଦା ବ୍ଲକ ଗୋହିରାସ୍ଥିତ ନିଜ ବାସଭବନରେ ପରଲୋକ ହେଇଯାଉଛି। ମୃତ୍ୟୁବେଳକୁ ତାଙ୍କୁ ୯୫ ବର୍ଷ ହୋଇଥିଲା। ଦୀର୍ଘଦିନ ହେଲା ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ସେ 'ଚେନା ଚେନା ମେଘ ତଳେ ବୁଡିଯାଏ ସୁରୁଜ' ଓ 'ମୁରଲୀ ଶରଣ ଗଲି' ଗୀତରେ ସେ ନର୍ଦ୍ଦେଶନା ଦେଇଥିଲେ। ତାଙ୍କ ବିୟୋଗରେ ବହଳଦା, ଜାମଦା ବ୍ଲକର ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିବା ସହିତ ଶେଷଦର୍ଶନ କରିଥିଲେ।

# ବଳାଙ୍ଗୀ ମହୋତ୍ସବ ପାଇଁ ବାଇକ୍ ରାଲି

ବାରିପଦା, ୧୪।୪(ସମିସ): ମୟୂରଭଞ୍ଜ ଜିଲ୍ଲାରେ ଓଡ଼ିଆ ଭାଷା ସାହିତ୍ୟ, କଳା ସଂସ୍କୃତି ଏବଂ ପର୍ଯ୍ୟଟନର ସୁରକ୍ଷା ଏବଂ ବିକାଶ ନିମନ୍ତେ ଗତ ୨୦୦୩ରୁ ବାରିପଦାର ବାବା ବୁଢା ରାଉଳ ମଠ ନିକଟ ବୁଢାବଳଙ୍ଗ, ଚିପଟ ଏବଂ ଇଟାଯୋଡ଼ି ନଦୀର ତ୍ରିବେଣୀ ସଙ୍ଗମ ପୀଠରେ ଜିଲ୍ଲାର ମହାନ ଗଣପର୍ବ ବାଲିମେଳା ବଳାଙ୍ଗୀ ମହୋତ୍ସବ ପାଳିତ ହୋଇଆସୁଛି। ଚଳିତବର୍ଷ ୨୨ତମ ରାଜ୍ୟସ୍ତରୀୟ ବଳାଙ୍ଗୀ ମହୋତ୍ସବ-୨୦୨୪ ମହାବିଷୁବ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ପାଳନ ଉପଲକ୍ଷେ ଏପ୍ରିଲ ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଶନିବାର ସନ୍ଧ୍ୟାରେ ସାଂସ୍କୃତିକ ଜାଗରଣ ନିମନ୍ତେ ବଳାଙ୍ଗୀ ସେନା ପକ୍ଷରୁ ବାରିପଦା ଜଗନ୍ନାଥ ମନ୍ଦିର ନିକଟରୁ ଏକ ବାଇକ ଶୋଭାଯାତ୍ରା ବାହାରି ବାରିପଦା ସହର ପରିକ୍ରମା କରିଥିଲା। ସେହିପରି ୧୪ ତାରିଖ ସନ୍ଧ୍ୟାରେ ମହୋତ୍ସବ ଉଦଘାଟିତ ହେବା ସହ ଶ୍ରୀ ଶ୍ରୀ ଅନନ୍ତ ନାରାୟଣଙ୍କ ପୂଜା ଯଜ୍ଞ, ଓଡ଼ିଆ ନବବର୍ଷ ପାଳନ, ବିଭିନ୍ନ ବର୍ଗର କଳାକାରଙ୍କ ନୃତ୍ୟ ପ୍ରତିଯୋଗିତା ଏବଂ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ସାଂସ୍କୃତିକ ଦଳ ଯୋଗଦେଇ କଳା କୌଶଳ ପ୍ରଦର୍ଶନ କରିବେ। ମୟୂରଭଞ୍ଜର ଜୀବନ ଧାରା କୁହାଯାଉଥିବା ବୁଢାବଳଙ୍ଗ ନଦୀ ବାଲି ଉପରେ ମହାବିଷୁବ ପଣା ସଂକ୍ରାନ୍ତି ଠାରୁ ୫ଦିନ ଧରି ଚାଲିବାକୁ ଥିବା ଏହି ଗଣମହୋତ୍ସବରେ ବହୁ ସଂଖ୍ୟାରେ ଯୋଗ ଦେବାକୁ ମହୋତ୍ସବ କମିଟି ତରଫରୁ ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।



## ଶିମିଳିପାଳ ଇଂରାଜୀ ମାଧ୍ୟମ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

# ସମାଜକୁ ସର୍ବଦା ଆଲୋକ ଦିଏ ଶିକ୍ଷା

କରଞ୍ଜିଆ, ୧୪।୪(ସମିସ): ଶିମିଳିପାଳ ଇଂରାଜୀ ମାଧ୍ୟମ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଛି। ଶିମିଳିପାଳ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ ଚେୟାରମ୍ୟାନ ଦଶରଥ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କରଞ୍ଜିଆ ମହାବିଦ୍ୟାଳୟ ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତ, ମୁଖ୍ୟବକ୍ତା ଭାବେ ରଘୁନାଥ ଡିଗ୍ରୀ ମହାବିଦ୍ୟାଳୟ କାଦଡିହା ଅଧ୍ୟକ୍ଷ ଡ଼ ଭାଗବତ ଲେଙ୍କା, ସମ୍ମାନିତ ଅତିଥି ଭାବେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଭଦ୍ରା ମହାନ୍ତ, ଅବସରପ୍ରାପ୍ତ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଦଶରଥ ମହାନ୍ତ, ଶିକ୍ଷା ପରାମର୍ଶଦାତା ଅଧ୍ୟାପକ ଜନ୍ମେଜୟ ଶତପଥୀ ମଞ୍ଚାସୀନ ଥିଲେ। ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ବେହେରା ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥି। ମୁଖ୍ୟଅତିଥି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅବସ୍ଥିତ ଏହି ବିଦ୍ୟାଳୟର ଏତାଦୃଶ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଛାତ୍ରଛାତ୍ରୀ ଶୃଙ୍ଖଳିତ ଭାବେ ଶିକ୍ଷା ଗ୍ରହଣ କରିବା ସହ ବ୍ୟବହାରିକ ଜ୍ଞାନ ଓ ଗୁରୁଜନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କଲେ ସଫଳ ବିଦ୍ୟାର୍ଥୀ ହୋଇ ସମାଜ ଓ ଦେଶର ସେବାବ୍ରତି ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଅଭିଭାଷଣରେ କହିଲେ ଯେ, ଶିକ୍ଷା ଏକ ଅଲିଭା ଦୀପ; ଯାହା କେବେ ନିର୍ବାପିତ ହୁଏନାହିଁ। ମାତ୍ର ସମାଜରେ ସର୍ବଦା ଆଲୋକ ପ୍ରଦାନ କରିଥାଏ। ସେହି ଆଲୋକ ଦ୍ୱାରା ଆଗାମୀ କାଲିର ଭବିଷ୍ୟତ ମାନେ ସମାଜକୁ ଆଲୋକିତ କରିଥାନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥିଗଣ କହିଥିଲେ ଯେ, ବିଦ୍ୟାଳୟସ୍ତରରେ ଶିକ୍ଷଣ ସହିତ ସହ-ଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ ଏବଂ ଉତ୍ସାହ ବର୍ଦ୍ଧିତ କରିବା ପାଇଁ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବା ଦିଗରେ ଗୁରୁତ୍ୱ ଦେଇଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷ ଦଶରଥ ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ପ୍ରିୟମ୍ବଦା ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।




## ମଣ୍ଡି ଲୋକସଭା ଆସନ

# କଙ୍ଗନାଙ୍କୁ ନେଇ ଥମୁନି ବିବାଦ

ହିମାଚଳ ପ୍ରଦେଶର ମଣ୍ଡି ଲୋକସଭା ଆସନରେ ବିଜେପିର ପ୍ରାର୍ଥୀ ହୋଇଛନ୍ତି ବଲିଉଡ୍ ତାରକା କଙ୍ଗନା ରାନାୱତ୍। କିନ୍ତୁ ଏହି ଆସନ ପାଇଁ ତାଙ୍କର ନାମ ଘୋଷଣା ହେବା ପରେ କଙ୍ଗନାଙ୍କୁ ନେଇ ବିବାଦ ତମିବାର ନାଁ ଧରୁ ନାହିଁ। ବହୁ ବିରୋଧୀ ଦଳ କେବଳ କଙ୍ଗନା ପ୍ରତି ନୁହନ୍ତି, ବରଂ ବିଜେପି ତାଙ୍କୁ ପ୍ରାର୍ଥୀ କରିଥିବାରୁ ଏହି ଦଳକୁ ମଧ୍ୟ ଆକ୍ଷେପ କରିବାରେ ଲାଗିଛନ୍ତି। କିଛି ଦିନ ତଳେ କଂଗ୍ରେସ ନେତ୍ରୀ ସୁପ୍ରିୟା ଶ୍ରୀନେତ କଙ୍ଗନାଙ୍କ ବିରୋଧରେ ଅପମାନସୂଚକ ମନ୍ତବ୍ୟ ଦେବା ସହିତ ବିଭିନ୍ନ ମହଲରେ ଚର୍ଚ୍ଚିତ ହୋଇଥିଲେ। ସୁପ୍ରିୟାଙ୍କ ଏହି ମନ୍ତବ୍ୟକୁ ନେଇ ସେ ନିର୍ବାଚନ କମିସନଙ୍କ ଆକ୍ରୋଶର ମଧ୍ୟ ଶିକାର ହୋଇଥିଲେ। ଏହି ଘଟଣା ଲୋକଙ୍କ ମନରୁ ଯାଇ ନଥିବା ବେଳେ ବିହାରର ନେତା ରୁଦ୍ରପ୍ରତାପ କୁଶୱାହ କଙ୍ଗନାଙ୍କ ପ୍ରତି ପୁଣି ଅଶ୍ଳୀଳ ମନ୍ତବ୍ୟ ଜାରି କରିଛନ୍ତି। ସେ ମଣ୍ଡି ଆସନକୁ ନେଇ ଗଣମାଧ୍ୟମ ନିକଟରେ

**ପୁଣି ଅପମାନସୂଚକ ମନ୍ତବ୍ୟ ରଖିଲେ ରୁଦ୍ର ପ୍ରତାପ**



କଙ୍ଗନାଙ୍କ ବିରୋଧରେ ଅତ୍ୟନ୍ତ ଅପମାନସୂଚକ ମନ୍ତବ୍ୟ ଦେଇଛନ୍ତି। ସବୁ ବେଳେ ବିତର୍କ ଘେରରେ ରହିଆସିଥିବା ଏହି ନେତା ଜଣକ କଙ୍ଗନାଙ୍କୁ ଜଣେ ବାରାଙ୍ଗନା ବୋଲି କହିଥିଲା ବେଳେ ବିଜେପି ସଂସଦ ଭଳି ଏକ ପବିତ୍ର ଗୃହକୁ ଅପବିତ୍ର କରିବାକୁ ଚାହୁଁଛି ବୋଲି କହିଛନ୍ତି। କଙ୍ଗନାଙ୍କ ଭଳି ଜଣେ ବଲିଉଡ୍ ଅଭିନେତ୍ରୀଙ୍କୁ ବିଜେପି ପ୍ରାର୍ଥୀ କରି ଦେଶର ଦଳିତ ଏବଂ ପଛୁଆବର୍ଗଙ୍କୁ ବୋକା ବନେଇବାକୁ ବସିଛି। ବିଜେପି ମହିଳାମାନଙ୍କୁ ଗୁରୁତ୍ୱ ଦେଉଛି ବୋଲି କହିଆସୁଛି। କିନ୍ତୁ ଭୋଟ ଚକ୍କରରେ ଏହି ଦଳ ସବୁ କିଛି କରିବାକୁ ପ୍ରସ୍ତୁତ ରହିଛି। ଆଗକୁ ସନି ଲିଓନଙ୍କ ଭଳି ଚରିତ୍ରଙ୍କୁ ମହିଳା ମନ୍ତ୍ରାଳୟ ଦେବାକୁ ସେ ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀଙ୍କୁ ଅନୁରୋଧ କରିବେ ବୋଲି ରୁଦ୍ରପ୍ରତାପ କହିଛନ୍ତି। ଗଣମାଧ୍ୟମ ସାମ୍ନାରେ ସେ କଙ୍ଗନାଙ୍କ ବିରୋଧରେ ଏଭଳି କଥା କେମିତି କହିପାରୁଛନ୍ତି ବୋଲି ପ୍ରଶ୍ନରେ ରୁଦ୍ରପ୍ରତାପ କହିଛନ୍ତି ଯେ, କଙ୍ଗନା ଯେଭଳି ବେଶ ପୋଷାକରେ ବଲିଉଡ୍ ଚଳଚିତ୍ରରେ ଅଭିନୟ କରିଛନ୍ତି, ସେଥିପାଇଁ ସେ ଜନପ୍ରତିନିଧି ଭାବେ ସଂସଦରେ ସ୍ଥାନ ପାଇବା ଆଦୌ ସମୀଚିନ ନୁହେଁ। ତାଙ୍କର ଏଭଳି ବୟାନକୁ ନେଇ ଯଦି ଆଗକୁ ତାଙ୍କ ବିରୋଧରେ ମାମଲା ଦାଏର କରାଯାଏ ତେବେ ଏହାକୁ ସାମ୍ନା କରିବାକୁ ସେ ପ୍ରସ୍ତୁତ ରହିଛନ୍ତି ବୋଲି କହିଛନ୍ତି।

## ଆମେଥି-ରାୟବରେଲି ଓ ଗାନ୍ଧୀ ପରିବାରର ଭବିଷ୍ୟତ

# ୨୦୨୪: ରାହୁଲଙ୍କ ପାଇଁ ବଡ଼ ଆହ୍ୱାନ

ଦେଶର ସର୍ବପୁରାତନ ରାଜନୈତିକ ଦଳ କଂଗ୍ରେସର ଭବିଷ୍ୟତକୁ ନେଇ ଏବେ ସବୁ ମହଲରେ ପ୍ରଶ୍ନ ଉଠିଛି। ୨୦୧୪ ନିର୍ବାଚନ ପରେ ଦଳୀୟ ସ୍ଥିତି ଏବଂ ନେତୃତ୍ୱକୁ ନେଇ ଯେଭଳି ସମସ୍ୟା ଦେଖାଯାଇ ଆସିଛି ତାହା ୨୦୨୪ ନିର୍ବାଚନରେ ଆହୁରି ଶୋଚନୀୟ ହୋଇପଡ଼ିଛି। ୨୦୧୪ ଲୋକସଭା ନିର୍ବାଚନରେ ଦଳକୁ ମାତ୍ର ୪୪ଟି ଆସନ ମିଳିଥିଲା ବେଳେ ୨୦୧୯ରେ ମଧ୍ୟ କଂଗ୍ରେସ ମାତ୍ର ୫୨ଟି ଆସନରେ ବିଜୟୀ ହୋଇଥିଲା। ଯାହାକି ସଂସଦରେ ବିପକ୍ଷ ନେତା ପାଇଁ ଆବଶ୍ୟକ ସଦସ୍ୟ ସଂଖ୍ୟା ଠାରୁ ପ୍ରାୟ ୧୦ ପ୍ରତିଶତ କମ୍ ରହିଥିଲା।

*୨୦୧୪ ନିର୍ବାଚନ ପରେ ଦଳୀୟ ସ୍ଥିତି ଏବଂ ନେତୃତ୍ୱକୁ ନେଇ ଯେଭଳି ସମସ୍ୟା ଦେଖାଯାଇ ଆସିଛି ତାହା ୨୦୨୪ ନିର୍ବାଚନରେ ଆହୁରି ଶୋଚନୀୟ ହୋଇପଡ଼ିଛି। ୨୦୧୪ ଲୋକସଭା ନିର୍ବାଚନରେ ଦଳକୁ ମାତ୍ର ୪୪ଟି ଆସନ ମିଳିଥିଲା ବେଳେ ୨୦୧୯ରେ ମଧ୍ୟ କଂଗ୍ରେସ ମାତ୍ର ୫୨ଟି ଆସନରେ ବିଜୟୀ ହୋଇଥିଲା। ଯାହାକି ସଂସଦରେ ବିପକ୍ଷ ନେତା ପାଇଁ ଆବଶ୍ୟକ ସଦସ୍ୟ ସଂଖ୍ୟା ଠାରୁ ପ୍ରାୟ ୧୦ ପ୍ରତିଶତ କମ୍ ରହିଥିଲା।*



ପରବର୍ତ୍ତୀ ସମୟରେ ଦଳୀୟ ନେତୃତ୍ୱକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିବା ସହିତ ସାଂଗଠନିକ ସ୍ତରରେ ପରିବର୍ତ୍ତନ ଆଣିବାକୁ ଦଳ ପକ୍ଷରୁ ବହୁ ଉଦ୍ୟମ କରାଯାଇଥିଲା। ୨୦୨୪ ଲୋକସଭା ନିର୍ବାଚନରେ ଦଳ ନିଜର ସାଂଗଠନିକ ଦକ୍ଷତା ପ୍ରଦର୍ଶନ କରି ପୂର୍ବ ସ୍ଥିତିରେ ଉନ୍ନତି ଆଣିବାକୁ ଅଣ୍ଟା ଭିଡ଼ି ଦେଇଥିଲା। କିନ୍ତୁ ଏହି ନିର୍ବାଚନରେ ଦଳୀୟ ସ୍ଥିତିରେ ଉନ୍ନତି ଆସିବା ପରିବର୍ତ୍ତେ କଂଗ୍ରେସ ୨୦୧୪ ସ୍ଥିତି ବଜାୟ ରଖିପାରିବ କି ନାହିଁ ତାହାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଚାଲିଛି। ସବୁଠୁ ବଡ଼ କଥା ହେଲା କଂଗ୍ରେସ ଦଳର ମଙ୍ଗୁଆଳ ଭାବେ ଗାନ୍ଧୀ ପରିବାର ଉତ୍ତରପ୍ରଦେଶ ଭଳି ଯେଉଁ ରାଜ୍ୟରେ ନିଜର ରାଜନୈତିକ ଦବଦବା ଜାହିର କରିଆସିଥିଲେ ସେହି ରାଜ୍ୟରେ ଏହି ପରିବାରର ପ୍ରଭାବ ଏବେ ଶୂନ୍ୟ ହୋଇପଡ଼ିଛି। ଉତ୍ତରପ୍ରଦେଶର ଦୁଇ ଲୋକସଭା ଆସନ ରାଏବରେଲି ଏବଂ ଆମେଥି ଗାନ୍ଧୀ ପରିବାରର ରାଜନୀତି ପାଇଁ ସବୁ ବେଳେ ମହତ୍ତ୍ୱପୂର୍ଣ୍ଣ ରହି ଆସିଛି। ଦେଶରେ ୧୯୫୧ରେ ପ୍ରଥମ ନିର୍ବାଚନ ହୋଇଥିଲା ବେଳେ ରାଏବରେଲି ଆସନରେ ପ୍ରଥମକରି ବିଜୟୀ ହୋଇଥିଲେ ଫିରୋଜ ଗାନ୍ଧୀ। ଏହାପରେ ୧୯୬୭ ରୁ୧୯୭୭ ପର୍ଯ୍ୟନ୍ତ ଇନ୍ଦିରା ଗାନ୍ଧୀ ଦୁଇଟି ନିର୍ବାଚନରେ ବିଜୟୀ ହୋଇଥିଲେ। ୧୯୮୦ରୁ ୧୯୮୪ ଅରୁଣ ନେହୁରୁ ଏଠାରୁ ସାଂସଦ ରହିଥିଲେ। ଏହାପରେ ୨୦୦୪ରୁ ୨୦୧୯ ପର୍ଯ୍ୟନ୍ତ କ୍ରମାଗତ ଭାବେ ସୋନିଆ ଗାନ୍ଧୀ ଏହି ଆସନରୁ ବିଜୟୀ ହୋଇ ଆସିଥିଲେ। ସେହିପରି ଆମେଥିରେ ୧୯୬୭ରୁ କଂଗ୍ରେସ ଏହାର ଆଧିପତ୍ୟ ଜାହିର କରିଆସିଛି। ୧୯୮୦ରେ ସଞ୍ଜୟ ଗାନ୍ଧୀ ଏହି ଆସନରୁ ବିଜୟୀ ହୋଇଥିଲା ବେଳେ ୧୯୮୪ ରୁ୧୯୮୯ ରାଜୀବ ଗାନ୍ଧୀ,୧୯୯୯ରେ ସୋନିଆ ଗାନ୍ଧୀ ଏଠାରୁ ନିର୍ବାଚନ ଲଢି ବିଜୟୀ ହୋଇଥିଲେ। ପରେ ପରେ ୨୦୦୪,୨୦୦୯ ଏବଂ ୨୦୧୪ ଲୋକସଭା ନିର୍ବାଚନରେ ରାହୁଲ ଗାନ୍ଧୀ ଏହି ଆସନରୁ କ୍ରମାଗତ ଭାବେ ବିଜୟୀ ହୋଇଥିଲେ। କିନ୍ତୁ ୨୦୨୪ ନିର୍ବାଚନରେ ଏହି ଦୁଇ ଆସନକୁ ନେଇ ବ୍ୟତିକ୍ରମ ଦେଖାଯାଇଛି। ସ୍ଥିତି ଏଭଳି ହୋଇଛି ଯେ, କଂଗ୍ରେସ ଏହି ଦୁଇ ଆସନ ପାଇଁ ବର୍ତ୍ତମାନ ସୁଦ୍ଧା ପ୍ରାର୍ଥୀ ଘୋଷଣା କରିବାକୁ ସକ୍ଷମ ହୋଇପାରି ନାହିଁ। ପ୍ରଥମତଃ ସୋନିଆ ଗାନ୍ଧୀ ପ୍ରତ୍ୟକ୍ଷ ନିର୍ବାଚନୀ ରାଜନୀତିରୁ ବିଦାୟ ଘୋଷଣା କରିଛନ୍ତି। ସେ ରାଜସ୍ଥାନରୁ ରାଜ୍ୟସଭା ସଦସ୍ୟ ଭାବେ ନିର୍ବାଚିତ ହେବା ପରେ ଲୋକସଭା ନିର୍ବାଚନ ଲଢିବା ସମ୍ଭାବନା ଶେଷ ହୋଇଛି। ପୂର୍ବରୁ ଏହି ଆସନକୁ ଗୁରୁତ୍ୱ ଦେଉ ନଥିବା ବିଜେପି ୨୦୨୪ରେ ଜଣେ ପ୍ରତିଷ୍ଠିତ ନେତାଙ୍କୁ ଛିଡା କରିବାକୁ ଚର୍ଚ୍ଚା ଆରମ୍ଭ ହେବା ପରେ ସୋନିଆ ସବୁ ଆଶଙ୍କାକୁ ଏଡାଇ ପ୍ରତ୍ୟକ୍ଷ ନିର୍ବାଚନୀ ରାଜନୀତିକୁ ବିଦାୟ ଦେଇଛନ୍ତି ବୋଲି କୁହାଯାଉଛି। ସୋନିଆଙ୍କ ସ୍ଥାନରେ ରାଏବରେଲିରେ ପ୍ରିୟଙ୍କା ଗାନ୍ଧୀ ଲଢିବା ନେଇ ଚର୍ଚ୍ଚା ହେଉଥିଲେ ହେଁ ପାରିବାରିକ ଦ୍ୱନ୍ଦ୍ୱକୁ ନେଇ ଏବେ ସୁଦ୍ଧା ପ୍ରିୟଙ୍କାଙ୍କ ନାମ ଘୋଷଣା କରାଯାଇ ନାହିଁ। ଯାହାକୁ ନେଇ ପ୍ରିୟଙ୍କାଙ୍କ ମନରେ ବିଦ୍ୱେଷ ସୃଷ୍ଟି ହୋଇଥିବା କୁହାଯାଉଛି। ଏହାବ୍ୟତୀତ କଂଗ୍ରେସ ଦଳରେ ଉତ୍ତରାଧିକାରୀ ସୂତ୍ରରେ ଗାନ୍ଧୀ ପରିବାରର ରହି ଆସିଥିବା ଦବଦବାକୁ ନେଇ ପ୍ରିୟଙ୍କାଙ୍କ ସ୍ଥିତି ମଧ୍ୟ ନ୍ୟୁନ ହେବାରେ ଲାଗିଛି। ସ୍ଥିତି ଏଭଳି ହୋଇଛି ଯେ, ସାଧାରଣ ସମ୍ପାଦକ କେ ସି ଭେନୁଗୋପାଳଙ୍କ ପଦ ମର୍ଯ୍ୟାଦା ଠାରୁ ବି ପ୍ରିୟଙ୍କାଙ୍କ ସ୍ଥାନ କମ୍ ରହିଛି। ରାଏବରେଲିରୁ ସେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଚାହୁଁଥିଲେ ବି ଏଥିପାଇଁ ଦଳର ସମର୍ଥନ ନଥିବା କୁହାଯାଉଛି। ରାଏବରେଲି ତୁଳନାରେ ଆମେଥି ଆସନ ପାଇଁ କଂଗ୍ରେସର ସ୍ଥିତି ଆହୁରି ଖରାପ ରହିଛି। ରାହୁଲ ଗାନ୍ଧୀ ୨୦୧୯ରେ ଏଠାରୁ ପରାଜିତ ହେବା ପରେ କେରଳର ୱାଏନାଡ ଆସନ ବଜାୟ ରଖିଛନ୍ତି ସତ; କିନ୍ତୁ ଏହାପରେ ଥରୁଟିଏ ବି ଆମେଥି ଗସ୍ତ କରିନାହାନ୍ତି। ୨୦୨୪ରେ ୱାଏନାଡ ଆସନ ପାଇଁ ରାହୁଲ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। କିନ୍ତୁ ଏଥର ଏହି ଆସନରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଥିବାରୁ ରାହୁଲଙ୍କ ପାଇଁ ସମସ୍ୟା ଦେଖାଯାଇଛି। ଏଠାରେ ଇଣ୍ଡିଆ ମେଣ୍ଟର ଅନ୍ୟତମ ସଦସ୍ୟ ସିପିଆଇ କଂଗ୍ରେସ ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଓହ୍ଲାଇଛି। ସିପିଆଇ ସାଧାରଣ ସମ୍ପାଦକ ଡି ରାଜା ନିଜ ପତ୍ନୀ ଆନ୍ନି ରାଜାଙ୍କୁ ଏଠାରେ ପ୍ରାର୍ଥୀ କରିଥିବାରୁ ଏହି ଆସନରେ ୟୁଡିଏଫ ଏବଂ ଏଲଡିଏଫ ମେଣ୍ଟ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଛି। ଏହାକୁ ଦୃଷ୍ଟିରେ ରଖି ରାହୁଲ ଆମେଥିରୁ ମଧ୍ୟ ପ୍ରାର୍ଥିପତ୍ର ଦାଖଲ କରିପାରନ୍ତି ବୋଲି କୁହାଯାଉଛି। ୱାଏନାଡରେ ଆସନ୍ତା ୨୬ ତାରିଖରେ ମତଦାନ ଶେଷ ହେବା ପରେ ରାହୁଲ ଏ ସମ୍ପର୍କରେ କୌଣସି ନିଷ୍ପତ୍ତି ନେଇପାରନ୍ତି ବୋଲି କୁହାଯାଉଛି। ତେବେ କଂଗ୍ରେସର ଗଡ଼ କୁହାଯାଉଥିବା ଏହି ଦୁଇ ଆସନରେ ଦଳର ଫଳାଫଳ ରାହୁଲ ଗାନ୍ଧୀଙ୍କ ନେତୃତ୍ୱକୁ ନେଇ ବଡ଼ ପ୍ରଶ୍ନ ଛିଡା କରିବ ବୋଲି ରାଜନୀତିକ ବିଶାରଦମାନେ ମତ ଦେଉଛନ୍ତି। ଏହା କେବଳ କଂଗ୍ରେସ ନୁହେଁ, ବରଂ ରାହୁଲଙ୍କ ନେତୃତ୍ୱକୁ ନେଇ ଗାନ୍ଧୀ ପରିବାରରେ ମଧ୍ୟ ପ୍ରଶ୍ନ ଉଠିପାରେ ବୋଲି କୁହାଯାଉଛି। ରାହୁଲଙ୍କ ଦୁର୍ବଳ ପ୍ରଦର୍ଶନକୁ ନେଇ ପ୍ରିୟଙ୍କା ଗୋଷ୍ଠୀ ସକ୍ରିୟ ହେବା ସହ ଦଳୀୟ ନେତୃତ୍ୱ ହାତେଇବେ ଏବଂ ରାହୁଲ ନୈପଥଗାମୀ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। କାରଣ ୨୦୨୪ ଜୁନ୍ ୪ ଫଳାଫଳ ରାହୁଲଙ୍କ ପାଇଁ ସବୁଠୁ ବଡ଼ ଆହ୍ୱାନ ହେବ। ଏହାପରେ ସେ ସକ୍ରିୟ ନିର୍ବାଚନୀ ରାଜନୀତିରେ ରହିବେ ନା ଛାଡିବେ ତାହା ନିଷ୍ପତ୍ତି ନେବାକୁ ତାଙ୍କୁ ବାଧ୍ୟ କରିବ। ସେପଟେ ସଞ୍ଜୟ ଗାନ୍ଧୀଙ୍କ ପରିବାର ସଦସ୍ୟଙ୍କ ରାଜନୀତି ମଧ୍ୟ ଏକପ୍ରକାର ଶେଷ ହେବାକୁ ବସିଛି। ୨୦୨୪ ନିର୍ବାଚନ ପାଇଁ ବିଜେପି ବରୁଣ ଗାନ୍ଧୀଙ୍କୁ ଟିକଟ ଦେଇ ନଥିଲା ବେଳେ ମେନକା ଗାନ୍ଧୀଙ୍କ ଏହା ଶେଷ ନିର୍ବାଚନୀ ଲଢେଇ ବୋଲି କୁହାଯାଉଛି। ତେଣୁ ଏହି ନିର୍ବାଚନ ଫଳାଫଳ ହିଁ ଗାନ୍ଧୀ ପରିବାରର ଭବିଷ୍ୟତ ସହ କଂଗ୍ରେସର ଭବିଷ୍ୟତ ମଧ୍ୟ ନିର୍ଦ୍ଧାରଣ କରିବ ବୋଲି ରାଜନୀତିକ ପଣ୍ଡିତମାନେ ଆକଳନ କରିଛନ୍ତି।




■ ୧୬ତମ ପ୍ରାର୍ଥୀ ତାଲିକା ଜାରିକଲା କଂଗ୍ରେସ

# ଉତ୍ତର-ପୂର୍ବ ଦିଲ୍ଲୀର କହ୍ନେୟା-ମନୋଜ ମୁକାବିଲା


କଂଗ୍ରେସ ଲୋକସଭା ନିର୍ବାଚନ ପାଇଁ ରବିବାର ନୂଆ ପ୍ରାର୍ଥୀ ତାଲିକା ଜାରି କରିଛି। ଏହି ୧୬ତମ ପ୍ରାର୍ଥୀ ତାଲିକାରେ ଦିଲ୍ଲୀ, ପଞ୍ଜାବ ଏବଂ ଉତ୍ତରପ୍ରଦେଶର ୧୦ ନାମ ରହିଛି। ଉତ୍ତରପୂର୍ବ ଦିଲ୍ଲୀ ପାଇଁ କଂଗ୍ରେସ କହ୍ନେୟା କୁମାରଙ୍କୁ ପ୍ରାର୍ଥୀ କରିଛି। ସେ ବିଜେପି ପ୍ରାର୍ଥୀ ମନୋଜ ତିୱାରୀଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ। ସେହିପରି ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ଚରଣଜିତ ସିଂହ ଚନ୍ନିଙ୍କୁ ଜଳନ୍ଧରରୁ ଟିକଟ ଦିଆଯାଇଛି। ଏହାକୁ ମିଶାଇ କଂଗ୍ରେସ ଏ ପର୍ଯ୍ୟନ୍ତ ୨୭୨ ପ୍ରାର୍ଥୀଙ୍କ ନାମ ଘୋଷଣା କଲାଣି। ଏହା ପୂର୍ବରୁ କଂଗ୍ରେସ ମନୀଷ ତିୱାରୀଙ୍କ ଲୋକସଭା ଆସନ ବଦଳାଇ ଦେଇଥିଲା। ୨୦୧୯ରେ ସେ ପଞ୍ଜାବର ଆନନ୍ଦପୁର ସାହିବରୁ ଲୋକସଭା ନିର୍ବାଚନ ଜିତି ସଂସଦକୁ ଯାଇଥିଲେ। କିନ୍ତୁ ଦଳ ତାଙ୍କୁ ଏଥର ଚଣ୍ଡିଗଡ଼ ଆସନରୁ ନିର୍ବାଚନ ଲଢ଼ିବାକୁ ଟିକେଟ ଦେଇଛି। ଏଠାରେ ତାଙ୍କର ଲଢ଼େଇ ବିଜେପିର ସଞ୍ଜୟ ଟଣ୍ଡନଙ୍କ ସହ ହେବ। ୨୦୧୯ରେ ବିଜେପି ଏଠାରେ ଅଭିନେତ୍ରୀ କିରଣ ଖେରଙ୍କୁ ଟିକଟ ଦେଇଥିଲା। ସେ ମଧ୍ୟ ବିଜୟୀ ହୋଇଥିଲେ। କିନ୍ତୁ ଦଳ ଚଳିତ ଥର କିରଣଙ୍କ ସ୍ଥାନରେ ସଞ୍ଜୟଙ୍କୁ ଟିକଟ ଦେଇଛି। ସେହିପରି ହିମାଚଳ ପ୍ରଦେଶ ମଣ୍ଡି ଆସନ ପାଇଁ ମଧ୍ୟ କଂଗ୍ରେସ ଆଜି ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି। ଏଠାରେ ବିଧାୟକ ବିକ୍ରମାଦିତ୍ୟ ସିଂହ କଂଗ୍ରେସ ଟିକେଟ ପାଇଛନ୍ତି। ତାଙ୍କର ଲଢ଼େଇ ବିଜେପିର କଙ୍ଗନା ରାଣାୱତଙ୍କ ସହ ହେବ। ୨୦୧୯ରେ ଏଠାରେ ବିକ୍ରମାଦିତ୍ୟ (୩୫)ଙ୍କ ମା' ତଥା ହିମାଚଳ କଂଗ୍ରେସର ମୁଖ୍ୟ ପ୍ରତିଭା ସିଂହ ବିଜୟୀ ହୋଇଥିଲେ।



# 'ଇଣ୍ଡି' ମେଣ୍ଟର ଲୋକ 'ସନାତନ'କୁ ଶେଷ କରିବାକୁ ଚାହୁଁଛନ୍ତି: ମୋଦୀ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର କର୍ଣ୍ଣାଟକ ମହୀଶୁରରେ ନିର୍ବାଚନ ପ୍ରଚାର କରିଛନ୍ତି। ସେ ଏଠାରେ ବିରୋଧୀ ମେଣ୍ଟ 'ଇଣ୍ଡି'କୁ ତୀବ୍ର ସମାଲୋଚନା କରିଛନ୍ତି। ଏହି ମେଣ୍ଟ ସନାତନ ଧର୍ମକୁ ନିପାତ କରିବାକୁ ଚାହୁଁଛି। ହିନ୍ଦୁ ଧର୍ମର ଶକ୍ତିକୁ ଧ୍ୱଂସ କରିବାକୁ ଚାହୁଁଛନ୍ତି। ମାତ୍ର ମୋଦୀ ଥିବା ପର୍ଯ୍ୟନ୍ତ ଏହା ସମ୍ଭବ ହେବ ନାହିଁ। କିଛି ମାସ ତଳେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନଙ୍କ ପୁଅ ଉଦୟନିଧି ଷ୍ଟାଲିନ ସନାତନ ଧର୍ମ ବିରୋଧୀ ମନ୍ତବ୍ୟ ଦେଇଥିଲେ। ସେ ସନାତନକୁ ଡେଙ୍ଗୁ, ମ୍ୟାଲେରିଆ ଏବଂ କରୋନା କହିଥିଲେ। ଏହାକୁ ବିରୋଧ ନୁହେଁ, ଶେଷ କରିବାକୁ ଚାହୁଁଥିବା ଉଲ୍ଲେଖ କରିଥିଲେ। ମୋଦୀ ଏହି ପ୍ରସଙ୍ଗରେ ଇଣ୍ଡି ମେଣ୍ଟକୁ ନିଶାଣ କରିଛନ୍ତି। ସୂଚନାଯୋଗ୍ୟ ଯେ ଉଦୟନିଧିଙ୍କ ମାମଲା ସର୍ବୋଚ୍ଚ ଅଦାଲତରେ ପହଞ୍ଚିଛି। ଏହି ମାମଲାରେ କୋର୍ଟ ତାଙ୍କୁ ସମାଲୋଚନା କରିଛନ୍ତି। ଉଚ୍ଚ ପଦରେ ଥାଇ ଏପରି ମନ୍ତବ୍ୟ ଦେବାକୁ ନେଇ ନାପସନ୍ଦ କରିଛନ୍ତି।



# ବଦଳୁଛି ରାଜନୈତିକ ପାଣିପାଗ

## ଦଳବଦଳ ଆଇନର ଦୁର୍ବଳତା

ଏହି ଆଇନରେ କୌଣସି ଦଳରେ ବିଲୟ ହେବାକୁ ନେଇ ସମସ୍ୟା ରହିଛି। ଦଶମ ଅନୁଚ୍ଛେଦର ନିୟମ ୪ରେ ବିଲୟ ସମ୍ବନ୍ଧିତ ମାମଲାରେ ସଦସ୍ୟଙ୍କୁ ଅଯୋଗ୍ୟ ଘୋଷଣା କରିବାର ସାମାନ୍ୟ ଆଶ୍ୱସ୍ତି ଦିଆଯାଇଛି। ମାତ୍ର ଏଥିରେ ଅନେକ ଦୁର୍ବଳତା ରହିଛି। ନିୟମ ଅନୁଯାୟୀ, ଯଦି କୌଣସି ରାଜନୈତିକ ଦଳ ଅନ୍ୟ ଦଳରେ ବିଲୟ ହୋଇଯାଏ ତେବେ ସଦସ୍ୟଙ୍କୁ ଅଯୋଗ୍ୟ ଘୋଷଣା କରିବାରେ ସୁରକ୍ଷା ଦିଆଯାଇପାରିବ। ତେବେ ଏଥିପାଇଁ ସମ୍ବନ୍ଧିତ ରାଜନୈତିକ ଦଳର ଅତିକମ୍‌ରେ ଦୁଇ ତୃତୀୟାଂଶ ବିଧାୟକଙ୍କ ସହମତି ଆବଶ୍ୟକ। ଏଠାରେ ଦଳବଦଳ ପଛର କାରଣ ପରିବର୍ତ୍ତେ ସଦସ୍ୟ ସଂଖ୍ୟାକୁ ନେଇ ନିଷ୍ପତ୍ତି ନିଆଯାଇଥାଏ। ସାଧାରଣତଃ ସଦସ୍ୟ ଉଚ୍ଚ ପଦବୀ ଆଶାରେ କିମ୍ବା ମନ୍ତ୍ରୀ ହେବା ପାଇଁ ଅନ୍ୟ ଦଳରେ ସାମିଲ ହୋଇଥାନ୍ତି। ଏଥିପାଇଁ ଦୁଇ ତୃତୀୟାଂଶ ସଦସ୍ୟ ବିଲୟ ଉପରେ ସହମତି ଦେଇଥାନ୍ତି। ନିକଟରେ ଭାରତୀୟ ରାଜନୀତିରେ ଏଭଳି ଘଟଣା ଦେଖିବାକୁ ମିଳିଥିଲା। ଶିବସେନାର ସିନ୍ଦେ ଗୋଷ୍ଠୀ ଏବଂ ଏନ୍‌ସିପିର ପାୱାର ଗୋଷ୍ଠୀ ନିଜ ମୂଳ ଦଳରୁ ଅଲଗା ହୋଇ ବିଜେପି ସହ ସରକାର ଗଠନ କରିଥିଲେ। ଏହି ମାମଲାରେ ବାଚସ୍ପତି ଦୁଇ ଗୋଷ୍ଠୀ ସପକ୍ଷରେ ରାୟ ଦେଇଥିଲେ।

ଦଳବଦଳ ଆଇନର ଆଉ ଏକ ବଡ଼ ଦୁର୍ବଳତା ହେଲା ଏଥିରେ ରାଜନୈତିକ ଦଳର ସଦସ୍ୟଙ୍କୁ ବାହାର କରିବା ସ୍ଥିତିର ମୁକାବିଲା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଦଳୀୟ ସମ୍ବିଧାନ ଅନୁଯାୟୀ ରାଜନୈତିକ ଦଳଗୁଡିକ ସଦସ୍ୟଙ୍କୁ ବାହାର କରିପାରିବେ। କିନ୍ତୁ ବହିଷ୍କୃତ ସଦସ୍ୟଙ୍କୁ ଦଳୀୟ ସମ୍ବିଧାନ ଅଧିନରେ କୌଣସି ଅଧିକାର ମିଳି ନ ଥାଏ। ସେହିପରି ଏହି ଆଇନରେ ବାଚସ୍ପତିଙ୍କୁ ଅଖଣ୍ଡ କ୍ଷମତା ଦିଆଯାଇଛି। ଦଶମ ଅନୁଚ୍ଛେଦର ନିୟମ ୬ରେ ଏ ସଂକ୍ରାନ୍ତରେ ବର୍ଣ୍ଣନା କରାଯାଇଛି। ଚିନ୍ତାର ବିଷୟ ଏହି କି ଯେ କ୍ଷମତାସୀନ ଦଳ ବାଚସ୍ପତି କିମ୍ବା ଅଧ୍ୟକ୍ଷଙ୍କୁ ନିଯୁକ୍ତି କରିଥାଏ। ବାଚସ୍ପତି ସେହି ଦଳର ସଦସ୍ୟ ହୋଇଥାନ୍ତି। ଏଭଳି ସ୍ଥିତିରେ ବାଚସ୍ପତି ନିରପେକ୍ଷ ରାୟ ଦେବେ ଆଶା କରିବା ବୃଥା। ଆଇନ ଅନୁଯାୟୀ ଦଳବଦଳ କ୍ଷେତ୍ରରେ ବାଚସ୍ପତି ଅନ୍ତିମ ନିଷ୍ପତ୍ତି ନେଇଥାନ୍ତି। କିନ୍ତୁ ଅଧ୍ୟକ୍ଷ ନିଷ୍ପତ୍ତି ନେବାରେ କେତେ ସମୟ ଲଗାଇବେ ସେ ବିଷୟରେ କୌଣସି ସମୟସୀମା ଧାର୍ଯ୍ୟ କରାଯାଇ ନାହିଁ। ଏହି ମାମଲାରେ ଦଳ କୋର୍ଟଙ୍କ ଦ୍ୱାରସ୍ଥ ହୋଇପାରେ। ମାତ୍ର ଏହା ପୂର୍ବରୁ ଅଧ୍ୟକ୍ଷଙ୍କ ନିଷ୍ପତ୍ତି ଆସିଥିବା ଆବଶ୍ୟକ। ମହାରାଷ୍ଟ୍ରରେ ଠିକ୍ ଏହି ଘଟଣା ଘଟିଥିଲା। ସିନ୍ଦେ ଗୋଷ୍ଠୀ ଉପରେ ନିଷ୍ପତ୍ତି ଶୁଣାଇବା ପାଇଁ ବାଚସ୍ପତି ବାରମ୍ବାର ସମୟ ଗଡ଼ାଇ ଚାଲିଥିଲେ। ଏହାକୁ ସୁପ୍ରିମକୋର୍ଟ ଅନେକ ଥର ତାଙ୍କୁ ଚେତାବନୀ ଦେଇଥିଲେ। ଏହା ସତ୍ତ୍ୱେ ବାଚସ୍ପତି ନିଜ ଇଚ୍ଛା ଅନୁଯାୟୀ ମାମଲାର ବିଚାର କରିଥିଲେ।

ନିର୍ବାଚନରେ ସୁଧାରକୁ ନେଇ ଦିନେଶ ଗୋସ୍ୱାମୀ ଏବଂ ନିର୍ବାଚନ କମିଶନ କିଛି ସୁପାରିସ କରିଛନ୍ତି। ଏଥିରେ ଦଶମ ଅନୁଚ୍ଛେଦରେ ଅଯୋଗ୍ୟ ମାମଲାରେ ନିଷ୍ପତ୍ତି ନେବାର କ୍ଷମତା ରାଷ୍ଟ୍ରପତି କିମ୍ବା ରାଜ୍ୟପାଳଙ୍କୁ ଦେବାକୁ କହିଛନ୍ତି। ସେ ଏହି ମାମଲାରେ ନିର୍ବାଚନ କମିଶନଙ୍କ ସୁପାରିସରେ କାମ କରିବେ। ତେବେ ଏ ପର୍ଯ୍ୟନ୍ତ ଏହି ସୁପାରିସ କାର୍ଯ୍ୟକାରୀ କରାଯାଇ ନାହିଁ।



### ଚର୍ଚ୍ଚାରେ ଦଳବଦଳ ଆଇନ

ନେତାଙ୍କ ଦଳବଦଳ ଉପରେ ଲଗାମ ଲଗାଇବା ପାଇଁ ୧୯୮୫ରେ ପ୍ରଥମ ଥର ପାଇଁ 'ଦଳ ବଦଳ ଆଇନ' ପାରିତ କରାଯାଇଥିଲା। ଏଥିପାଇଁ ସମ୍ବିଧାନରେ ୫୨ ତମ ସଂଶୋଧନ କରାଯାଇଥିଲା। ଦଶମ ଅନୁଚ୍ଛେଦରେ ସଂଶୋଧନ କରି ଏହାକୁ ସମ୍ବିଧାନରେ ଯୋଡ଼ା ଯାଇଥିଲା। ଏହି ଆଇନ ଅଧିନରେ କୌଣସି ଜନପ୍ରତିନିଧିଙ୍କୁ ଅଯୋଗ୍ୟ ଘୋଷଣା କରାଯାଇପାରିବ ଯଦି ସେ ନିଜ ଇଚ୍ଛାରେ କୌଣସି ରାଜନୈତିକ ଦଳରୁ ଇସ୍ତଫା ଦେଇଥିବେ। କୌଣସି ସ୍ୱାଧୀନ ସଦସ୍ୟ ରାଜନୈତିକ ଦଳରେ ସାମିଲ ହେଲେ, କୌଣସି ସଦସ୍ୟ ଦଳ ବିରୋଧରେ ଭୋଟ କଲେ, ନିଜଆଡୁ ମତଦାନରୁ ବିରତ ରହିଲେ, କୌଣସି ରାଜନୈତିକ ଦଳରେ ସାମିଲ ହେଲେ ନିର୍ବାଚିତ ପ୍ରତିନିଧିଙ୍କୁ ଅଯୋଗ୍ୟ ଘୋଷଣା କରାଯାଇପାରିବ।

### କିଏ କରିପାରିବେ ଅଯୋଗ୍ୟ ଘୋଷଣା

ଆଇନ ଅନୁଯାୟୀ ଗୃହର ଅଧ୍ୟକ୍ଷଙ୍କ ପାଖରେ କୌଣସି ସଦସ୍ୟଙ୍କୁ ଅଯୋଗ୍ୟ ଘୋଷଣା କରିବାର କ୍ଷମତା ରହିଛି। ସେ ସ୍ୱାଧୀନ ଭାବେ ଏ ସମ୍ବନ୍ଧରେ ନିଷ୍ପତ୍ତି ନେଇପାରିବେ। ଯଦି ସଦନର ଅଧ୍ୟକ୍ଷଙ୍କୁ ଦଳ ସମ୍ବନ୍ଧିତ କୌଣସି ଅଭିଯୋଗ ମିଳେ ତେବେ ଗୃହ ଦ୍ୱାରା ମନୋନୀତ ଅନ୍ୟ କୌଣସି ସଦସ୍ୟ ଏ ସମ୍ବନ୍ଧରେ ନିର୍ଣ୍ଣୟ ନେଇପାରିବେ।



# ଏକାକୀତ୍ୱ ଦୂର କରିବ ଏଆଇ କଣ୍ଢେଇ

ଦିନକୁ ଦିନ ଲୋକଙ୍କ ପାଇଁ ଏକଲାପଣ ପ୍ରମୁଖ ସମସ୍ୟା ଭାବେ ମୁଣ୍ଡ ଟେକୁଛି। ଏଥିରୁ ମୁକୁଳିବା ପାଇଁ ସାମାଜିକ ମିଳାମିଶା ଉପରେ ଗୁରୁତ୍ୱ ଦିଆଯାଉଛି। ତେବେ ପରିଣତ ବୟସର ଲୋକଙ୍କ ପାଇଁ ଏକାକୀତ୍ୱ ବଡ଼ ସମସ୍ୟା ପାଲଟିଥାଏ। କାରଣ ଏହି ବୟସରେ ସେମାନେ ନିଜ ଲୋକଙ୍କୁ ପାଖରେ ନ ପାଇ ନିଜ ମନ କଥା ନ କହି ଅବସାଦ ଓ ଚିନ୍ତାରେ ରହିଥାନ୍ତି। ଏହି ଏକାକୀତ୍ୱକୁ ଦୂର କରିବା କାମ ଏଣିକି ଏଆଇ କଣ୍ଢେଇ କରିବ। ଏକଲାପଣରେ ଜୀବନ ଜିଉଁଥିବା ବୟସ୍କ ତଥା ଡିମେନ୍‌ସିଆରେ ପୀଡ଼ିତ ରୋଗୀଙ୍କୁ ସାହାଯ୍ୟ କରିବା ପାଇଁ ଦକ୍ଷିଣ କୋରିଆର କମ୍ପାନି Hyodol କୃତ୍ରିମ ବୁଦ୍ଧିମତ୍ତାକୁ ଉପଯୋଗ କରିବାର ନିଆରା ଉପାୟ ବାହାର କରିଛି। ଏହା ଏଭଳି ଏକ ରୋବଟ୍ ତିଆରି କରିଛି, ଯାହାକି ବୟସ୍କଙ୍କ ଏକାକୀତ୍ୱକୁ ଦୂର କରିବ। ଏହି କମ୍ପାନି ଏଭଳି ଏକ ରୋବଟ୍ ବିକଶିତ କରିଛି, ଯାହା ବୟସ୍କ ଲୋକଙ୍କ ଦେଖାଶୁଣା କରିବା ସହ ସେମାନଙ୍କ ମନକଥା ବୁଝିବ। ଏହି ଏଆଇ କଣ୍ଢେଇର ଦାମ୍ ହେଉଛି ୧.୫ ଲକ୍ଷ ଟଙ୍କା। ତେବେ ଏହି ରୋବଟ୍ ଦେଖିବାକୁ ସଫ୍ଟ ଟଏ ଭଳି। ଏହା କଥାବାର୍ତ୍ତା କରିବାକୁ ସକ୍ଷମ। କେତେବେଳେ ଜଣେ ଔଷଧ ଖାଇବ, ସେକଥା ମଧ୍ୟ ମନେ ପକାଇବା କାର୍ଯ୍ୟ ଏହା କରିଥାଏ। କେବଳ ସେତିକି ନୁହେଁ, କଣ୍ଢେଇଟି ସେମାନଙ୍କ ସହ କଥାବାର୍ତ୍ତା କରିବା ସହ ସେମାନଙ୍କ ପାଇଁ ଗୀତ ମଧ୍ୟ ଗାଇପାରିବ। ଏହାସହ ବୟସ୍କଙ୍କ ଆବଶ୍ୟକତା ଅନୁସାରେ ସେମାନଙ୍କ ଦେଖାଶୁଣା କରିବାକୁ ଏହା ସକ୍ଷମ ବୋଲି ଏହି କମ୍ପାନି କହିଛି। କହିବାକୁ ଗଲେ ଏହା ବୃଦ୍ଧଲୋକଙ୍କୁ ଖୁସି ତଥା ସୁସ୍ଥ ଜୀବନ ଜିଇଁବା ଦିଗରେ କାର୍ଯ୍ୟ କରିବ। ଅବଶ୍ୟ ଏଥିରେ ବିଶେଷ ପ୍ରକାର ଏଆଇ ଇମୋସନାଲ ସିଷ୍ଟମ୍‌କୁ ଉପଯୋଗ କରାଯାଇଥିବାରୁ ଏହା ବୟସ୍କଙ୍କୁ କେହି ନିଜ ଲୋକ ସେମାନଙ୍କ ସହ କଥା ହେବାର ଅନୁଭବ ପ୍ରଦାନ କରେ। ସେହିପରି ଏହି କଣ୍ଢେଇ ସହିତ ସ୍ୱତନ୍ତ୍ର ପ୍ରକାର ଆପ୍ ଓ ୱେବ୍ ପ୍ଲାଟ୍‌ଫର୍ମ ଆସିଥାଏ। ଆପ୍ ମାଧ୍ୟମରେ ଦେଖାଶୁଣା କରୁଥିବା ଲୋକ ଦୂରରୁ ଥାଇ ମଧ୍ୟ କଣ୍ଢେଇ ମାଧ୍ୟମରେ ବୟସ୍କ ଲୋକଙ୍କ ଉପରେ ନଜର ରଖିପାରିବେ। ଅନ୍ୟପଟେ ଏଠାକାର ସରକାର ବୟସ୍କ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ସାତ ହଜାର ଏଭଳି କଣ୍ଢେଇର ବ୍ୟବହାର କରିବା ଲକ୍ଷ୍ୟ ରଖିଛନ୍ତି। କାରଣ ଦକ୍ଷିଣ କୋରିଆରେ ବୟସ୍କ ଲୋକଙ୍କ ପାଇଁ ଏକଲାପଣ ଏକ ବଡ଼ ସମସ୍ୟା ପାଲଟିଛି।

# କୋଲକାତାରେ ‘ଭୁଲ୍‌ଭୁଲୈୟା-୩’ର ସୁଟିଂ



ବଲିଉଡ୍ ଅଭିନେତା କାର୍ତ୍ତିକ୍ ଆର୍ଯ୍ୟନ୍ ‘ଭୁଲ୍‌ଭୁଲୈୟା-୩’ର ସୁଟିଂ ଆରମ୍ଭ କରିଛନ୍ତି। କୋଲକାତାର ହାୱଡ଼ା ବ୍ରିଜ୍‌ରେ ସେ ଫିଲ୍ମର ଏକ ସିନ୍ ସୁଟ୍ କରିଛନ୍ତି। ତେବେ କାର୍ତ୍ତିକ୍‌ଙ୍କୁ ଦେଖିବା ପାଇଁ ସୁଟିଂ ସେଟ୍‌ରେ ବେଶ୍ ଭିଡ଼ ଜମିଥିଲା। ବ୍ରିଜ୍ ଉପରେ କାର୍ତ୍ତିକ୍ ବାଇକ୍ ଚଳାଇଥିଲେ। ଏହାବାଦ୍ ସେ କୋଲକାତାର ଅନ୍ୟ କେତୋଟି ସ୍ଥାନରେ ମଧ୍ୟ ସୁଟିଂ କରିଥିଲେ। କାର୍ତ୍ତିକ୍ ଏହାର ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଛନ୍ତି। ଏଥିରେ ସେ ରୁହବାବା ଗେଟ୍‌ଅପ୍‌ରେ ଦେଖାଯାଇଛନ୍ତି। ସୁଟିଂ ପରେ କାର୍ତ୍ତିକ୍ ଏକ ରେସ୍ତୋରାଁକୁ ଯାଇଥିଲେ। କାର୍ତ୍ତିକ୍‌ଙ୍କର କୋଲକାତା ସୁଟିଂ ସମୟର ଭିଡିଓଗୁଡ଼ିକ ଏବେ ସାମାଜିକ ଗଣମାଧ୍ୟମରେ ମଧ୍ୟ ବେଶ୍ ଭାଇରାଲ୍ ହେବାରେ ଲାଗିଛି। ‘ଭୁଲଭୁଲୈୟା-୩’ରେ କାର୍ତ୍ତିକ୍‌ଙ୍କ ବିପକ୍ଷରେ ଅଭିନେତ୍ରୀ ତୃପ୍ତି ଦିମ୍ରି ଅଭିନୟ କରୁଛନ୍ତି। ଫିଲ୍ମର ପ୍ରଥମ ପାର୍ଟରେ ‘ମଞ୍ଜୁଲିକା’ ଭୂମିକାରେ ଦେଖାଯାଇଥିବା ବିଦ୍ୟା ବାଲାନ୍ ମଧ୍ୟ ଏହାର ତୃତୀୟ ପାର୍ଟରେ ଦେଖାଯିବେ। ଏପରିକି ମାଧୁରୀ ଦୀକ୍ଷିତ ମଧ୍ୟ ଏହି ଫିଲ୍ମରେ ନଜର ଆସି ପାରନ୍ତି ବୋଲି ଚର୍ଚ୍ଚା ହେଉଛି।

## ଆଜିର ଇତିହାସ

- ୧୪୬୯- ଶିଖ୍ ଧର୍ମର ସଂସ୍ଥାପକ ଗୁରୁ ନାନକଙ୍କ ଜନ୍ମ।
- ୧୮୧୭- ଆମେରିକାରେ ମୂକବଧିରଙ୍କ ପାଇଁ ପ୍ରଥମ ସ୍କୁଲ ଖୋଲାଗଲା।
- ୧୯୨୩- ମଧୁମେହ ରୋଗୀଙ୍କ ପାଇଁ ଇନ୍‌ସୁଲିନ୍ ବଜାରରେ ଉପଲବ୍ଧ ହେଲା।
- ୧୯୪୮ - ହିମାଚଳ ପ୍ରଦେଶ ରାଜ୍ୟର ଗଠନ ହୋଇଥିଲା।
- ୨୦୧୨- ପାକିସ୍ତାନର ଏକ ଜେଲ୍ ଉପରେ ଆକ୍ରମଣ ପରେ ୪୦୦ ଆତଙ୍କବାଦୀ ଫେରାର୍ ହୋଇଗଲେ।
- ୨୦୧୩- ଇରାକ୍‌ରେ ଏକ ବୋମା ବିସ୍ଫୋରଣରେ ୩୫ ଜଣ ଲୋକଙ୍କର ମୃତ୍ୟୁ ହୋଇଥିଲା।

# ଚମତ୍କାର ଚିଡ଼ିଆଖାନା

କେବଳ ଶିଶୁ ନୁହଁନ୍ତି ବରଂ ବୟସ୍କ ଓ ବୃଦ୍ଧମାନେ ମଧ୍ୟ ଚିଡ଼ିଆଖାନା ବୁଲିବାକୁ ଭଲପାଆନ୍ତି। ଚିଡ଼ିଆଖାନାରେ ମହାବଳ ବାଘଠାରୁ ଆରମ୍ଭ କରି ସିଂହ, ହରିଣ, ଠେକୁଆ, ମୟୂର ଆଦି ଜୀବଜନ୍ତୁଙ୍କୁ ଦେଖି ଲୋକେ ଖୁସି ହୁଅନ୍ତି। ଜୀବଜନ୍ତୁମାନେ ଏଠାରେ ଖେଳକୁଦ କରୁଥାନ୍ତି। ଲୋକେ ଏମାନଙ୍କୁ ଖାଲି ଆଖିରେ ଦେଖନ୍ତି। କିନ୍ତୁ ଏପରି ଏକ ଚିଡ଼ିଆଖାନା ଅଛି ଯେଉଁଥିରେ ଆପଣଙ୍କୁ ଜୀବଜନ୍ତୁଙ୍କୁ ଦେଖିବା ପାଇଁ ମାଇକ୍ରୋସ୍କୋପ୍‌ର ସାହାଯ୍ୟ ନେବାକୁ ହେବ। ଏହା ବ୍ରିଟିଶ୍ କଳାକାର ଡେଭିଡ୍ ଲିଣ୍ଡନଙ୍କ ମାଇକ୍ରୋ ଚିଡ଼ିଆଖାନା କଳାକୃତି। ଏହା ଏବେ ବିଶ୍ୱର ମିନି ଚିଡ଼ିଆଖାନା ଭାବେ ପ୍ରସିଦ୍ଧି ଅର୍ଜନ କରିଛି। ଏହାପୂର୍ବରୁ ମଧ୍ୟ କ୍ଷୁଦ୍ରରୁ ଅତି କ୍ଷୁଦ୍ର ଜିନିଷ ତିଆରି କରି ଡେଭିଡ୍ ମାଇକ୍ରୋସ୍କୋପିକ୍ କଳାକାର ଭାବେ ନିଜର ପରିଚୟ ସୃଷ୍ଟି କରିଛନ୍ତି। ଡେଭିଡ୍ ମୁଖ୍ୟତଃ ଏହି ଜୀବଜନ୍ତୁଗୁଡ଼ିକୁ ପିନ୍‌ର ମୁଣ୍ଡରେ ଓ ଛୁଞ୍ଚିର କଣାରେ ତିଆରି କରିଛନ୍ତି। ସେ ନିର୍ମାଣ କରିଥିବା ସବୁଠୁ ଛୋଟ ଜୀବଟି ହେଉଛି ପେଙ୍ଗୁଇନ୍। ଏହା ପିନ୍‌ର ମୁଣ୍ଡରେ ନିର୍ମାଣ କରାଯାଇଛି। ଏହାର ଆକାର ୦.୨୫ ସେଣ୍ଟିମିଟର। ଛୁଞ୍ଚିର କଣାରେ ଡେଭିଡ୍ ନୀଳ ତିମିକୁ କରିଛନ୍ତି। ସେହିଭଳି ୧.୨ ମିଲିମିଟରର ଏକ ଆଫ୍ରିକୀୟ ହାତୀକୁ ନିର୍ମାଣ କରିଛନ୍ତି। ଲାଲ୍ ଆଖିଯୁକ୍ତ ୦.୫ ମିଲିମିଟର ଏକ ବେଙ୍ଗ ସେ ନିର୍ମାଣ କରିଛନ୍ତି। ଛୁଞ୍ଚିର କଣାରେ ସେ ଏକ ଜିରାଫ ମଧ୍ୟ ନିର୍ମାଣ କରିଛନ୍ତି। ତେବେ ସେ ଏହି କଳାକୃତିଗୁଡ଼ିକ ଅଧରାତ୍ରୀରେ ହିଁ ନିର୍ମାଣ କରୁଥିଲେ। ଦିନର କୋଳାହଳ ମଧ୍ୟରେ ସେ ଏଥିରେ ଧ୍ୟାନ ଦେଇ ପାରୁ ନ ଥିଲେ। କୌଣସି ଗୋଟିଏ କଳାକୃତି ଶେଷ ହେଲା ପରେ ସେ ବହୁତ ଉତ୍ସାହିତ ହୋଇ ଯାଉଥିଲେ ବୋଲି ଡେଭିଡ୍ କହିଛନ୍ତି। ସେ ଏହାକୁ ଏକ ପ୍ରଦର୍ଶନୀରେ ପ୍ରଦର୍ଶନ କରିଛନ୍ତି।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ମିଳିବ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

# ଶ୍ରୀରାମନବମୀ

**ପ୍ରଭୁ ଶ୍ରୀରାମ ହେଉଛନ୍ତି ମର୍ଯ୍ୟାଦା ପୁରୁଷୋତ୍ତମ। ସେ ହେଉଛନ୍ତି ହିନ୍ଦୁଙ୍କ ଆସ୍ଥାର ପ୍ରତୀକ। ସବୁ ସମୟରେ ଭଗବାନ ରାମଙ୍କ ମହନୀୟ ଚରିତ୍ରରୁ ଅନେକ କିଛି ଶିଖିବାକୁ ମିଳେ। ଚୈତ୍ର ଶୁକ୍ଳ ନବମୀ ଅର୍ଥାତ୍ ରାମନବମୀ ଶ୍ରୀରାମଙ୍କ ଜନ୍ମୋତ୍ସବ ଭାବେ ପାଳନ କରାଯାଏ। ତା’ସହ ଚୈତ୍ର ନବରାତ୍ରୀର ଶେଷ ଦିନ ଭାବେ ଏହାକୁ ପାଳନ ବି କରାଯାଏ।**

ଭଗବାନ ଶ୍ରୀରାମ ଅଯୋଧ୍ୟାର ରାଜା ଦଶରଥ ଏବଂ ରାଣୀ କୌଶଲ୍ୟାଙ୍କ ସୁପୁତ୍ର। ହିନ୍ଦୁ ଧର୍ମ ଅନୁସାରେ, ଭଗବାନ ରାମ ବିଷ୍ଣୁଙ୍କ ସପ୍ତମ ଅବତାର। ତ୍ରେତୟା ଯୁଗରେ ଅସୁରମାନଙ୍କ ଉତ୍ପାତ ବଢ଼ି ଯାଇଥିଲା। ସେମାନେ ମୁନି-ଋଷିଙ୍କ ଯଜ୍ଞ ଭଙ୍ଗ କରିବାକୁ ଚାହୁଁଥିଲେ। ଅସୁରମାନଙ୍କ ବିନାଶ ପାଇଁ ଭଗବାନ ବିଷ୍ଣୁ ଶ୍ରୀରାମ ଅବତାରରେ ଅବତରିଲେ।

ଅନ୍ୟପକ୍ଷରେ ଶ୍ରୀରାମଙ୍କ ଜନ୍ମୋତ୍ସବର ଉତ୍ସାହ ପୂରା ଭାରତରେ ଦେଖିବାକୁ ମିଳିଥାଏ। ରାମନବମୀ ଦିନ ଶ୍ରୀରାମଙ୍କ ବିଶେଷ ପୂଜାର୍ଚ୍ଚନା କରାଯାଏ।

ବିଶେଷକରି ଏହି ଅବସରରେ ଶ୍ରୀରାମଙ୍କ ଉପାସନା ତଥା ବ୍ରତ ରଖିବା ଦ୍ୱାରା ଜୀବନରେ ସୁଖସମୃଦ୍ଧି ପ୍ରାପ୍ତ ହୁଏ। ଶ୍ରୀରାମଙ୍କ ସମେତ ଦେବୀ ସୀତା, ଲକ୍ଷ୍ମଣ ଏବଂ ହନୁମାନଙ୍କ ପୂଜା କରାଯାଏ। ଏହିଦିନ ରାମଚରିତ, ରାମ ସ୍ତୋତ୍ର, ରାମାୟଣ ପାଠ କରିବାକୁ ଶୁଭ ବୋଲି ବିବେଚନା କରାଯାଏ।

ସେହିପରି ପବିତ୍ର ରାମନବମୀରେ ଶ୍ରୀମନ୍ଦିରରେ ଶ୍ରୀରାମଙ୍କ ଜନ୍ମନୀତି ଅନୁଷ୍ଠିତ ହୋଇଥାଏ। ଏହି ଅବସରରେ ରାମଜନ୍ମଭୂମି ଅଯୋଧ୍ୟାକୁ ସ୍ୱତନ୍ତ୍ର ଭାବେ ସଜାଯାଏ।



# ଚୈତ୍ର ନବରାତ୍ରି: ଏ’ସବୁ କିଣନ୍ତୁ ନାହିଁ

**ଏପ୍ରିଲ ୯ ତାରିଖରୁ ଆରମ୍ଭ ହୋଇଥିବା ଚୈତ୍ର ନବରାତ୍ରି ଏଇ ୧୭ ତାରିଖରେ ଶେଷ ହେବ। ହିନ୍ଦୁ ଧର୍ମରେ ଏହି ପର୍ବକୁ ଖୁବ୍ ପବିତ୍ର ବୋଲି ବିବେଚନା କରାଯାଏ। ମା’ଦୁର୍ଗାଙ୍କୁ ପ୍ରସନ୍ନ କରିବା ପାଇଁ ଲୋକେ ଉପବାସ ରଖନ୍ତି। ଅନ୍ୟପକ୍ଷରେ ଏହି ନବରାତ୍ରିରେ କିଛି ବିଶେଷ ଜିନିଷ କିଣିବାକୁ ଶାସ୍ତ୍ରରେ ବାରଣ କରାଯାଇଛି। କ’ଣ ସବୁ ଏହି ଜିନିଷ, ଜାଣିବା ସେ ସମ୍ପର୍କରେ।**

- ଚୈତ୍ର ନବରାତ୍ରିରେ ଚାଉଳ କିଣିବା ମନା। ଏହି ପର୍ବ ପୂର୍ବରୁ ନଚେତ ପରେ ଏହାକୁ କିଣିପାରିବେ। ତେବେ ନବରାତ୍ରିରେ ଚାଉଳ କିଣିବା ଦ୍ୱାରା ନବରାତ୍ରିରେ ମିଳୁଥିବା ପୁଣ୍ୟ କ୍ଷୟ ଘଟେ।
- କୌଣସି ପ୍ରକାର ବୈଦ୍ୟୁତିକ ଉପକରଣ ଏହି ପର୍ବରେ କିଣିବା ଅଶୁଭ। ଏଭଳି କରିବା ଦ୍ୱାରା କୁଣ୍ଡଳିରେ ଗ୍ରହ ଦୋଷ ଲାଗିଥାଏ। ତା’ସହ ସେହି ଜିନିଷର ଖରାପ ଓ ନଷ୍ଟ ହେବାର ସମ୍ଭାବନା ଅଧିକ ଥାଏ।
- ନବରାତ୍ରି ଚାଲିଥିବା ପର୍ଯ୍ୟନ୍ତ ଲୁହା ଜିନିଷ କିଣିବା ଶାସ୍ତ୍ରରେ ବିଧି ସମ୍ମତ ନୁହେଁ। ଏଥିରୁ ଘରେ ଧନ-ସମ୍ପତ୍ତି ହାନି ଘଟେ।
- ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଚୈତ୍ର ନବରାତ୍ରିରେ କଳା ରଙ୍ଗ କପଡ଼ା କିଣିବା ମନା। ଏହା ଦ୍ୱାରା ନକାରାତ୍ମକ ଶକ୍ତି ଆକର୍ଷିତ ହୋଇଥାନ୍ତି।



## ସ୍ୱସ୍ତି




# ଅଣଲେଉଟା ରୁକୁଣା ରଥ

**ଚୈତ୍ର ଶୁକ୍ଳ ଅଷ୍ଟମୀ ‘ଅଶୋକାଷ୍ଟମୀ’ ଭାବେ ନାମିତ। ଏହିଦିନ ଲିଙ୍ଗରାଜ ମହାପ୍ରଭୁଙ୍କ ରୁକୁଣା ରଥଯାତ୍ରା ଅନୁଷ୍ଠିତ ହୁଏ। କୁହାଯାଏ, ରୁକୁଣା ରଥ ଅଣଲେଉଟା। ତେବେ ଏହାକୁ କାହିଁକି ଅଣଲେଉଟା କୁହାଯାଏ, ତାହାକୁ ନେଇ ଏହି ବିଶେଷ ଉପସ୍ଥାପନା।**

ପ୍ରତିବର୍ଷ ମହାପ୍ରଭୁ ଲିଙ୍ଗରାଜ ଦୋଳଗୋବିନ୍ଦ (ବାସୁଦେବ) ଏବଂ ଭଉଣୀ ରୁକୁଣା ବା ରୁକ୍ମିଣୀଙ୍କ ସହ ରୁକୁଣା ରଥରେ ବିଜେ ହୋଇ ମାଉସୀ ଘର (ରାମେଶ୍ୱର ମନ୍ଦିର) ଯାଆନ୍ତି। ମହାପ୍ରଭୁ ଲିଙ୍ଗରାଜ ୬ ଦିନ ପାଇଁ ମନ୍ଦିର ଓ ପତ୍ନୀ ପାର୍ବତୀଙ୍କୁ ଛାଡ଼ି ମାଉସୀ ଘର ଯାଉଥିବାରୁ ସେ ମାନ କରନ୍ତି। ଏପରିକି କ୍ରୋଧରେ ରଥ ଭାଙ୍ଗନ୍ତି। ପ୍ରଭୁ ଲିଙ୍ଗରାଜ ମଧ୍ୟ ମାତା ପାର୍ବତୀଙ୍କ ମାନଭଞ୍ଜନ କରିଥାନ୍ତି। ଅନ୍ୟପକ୍ଷରେ ରାମେଶ୍ୱର ମାଉସୀ ଘରେ ହରିହର ଭେଟ ହୁଏ।

ରୁକୁଣା ରଥଯାତ୍ରାକୁ ନେଇ ଶାସ୍ତ୍ରପୁରାଣରେ ବହୁ କଥା ବର୍ଣ୍ଣନା ରହିଛି। ତ୍ରିପୁର ବିଜୟୀ ତ୍ରିପୁରାସୁରର ଅତ୍ୟାଚାରରେ ଦେବଲୋକ ଓ ମର୍ତ୍ତ୍ୟଲୋକ ଅତିଷ୍ଠ ହୋଇ ପଡ଼ିଥିଲା। ସେଇଠୁ ସେମାନେ ମହାଦେବଙ୍କ ଶରଣାପନ୍ନ ହୋଇ ତ୍ରିପୁରାସୁରକୁ ବଧ କରିବା ପାଇଁ ପ୍ରାର୍ଥନା କରିଥିଲେ। ଦେବଗଣଙ୍କ ଅନୁରୋଧ ରକ୍ଷା କରି ଶିବ ଯୁଦ୍ଧ ପାଇଁ ପ୍ରସ୍ତୁତ ହୁଅନ୍ତି। ଏଥିରେ ତାଙ୍କୁ ତାଙ୍କ ଭଉଣୀ ରୁକୁଣା ସହଯୋଗ କରନ୍ତି। ବିଶ୍ୱକର୍ମା ଯୁଦ୍ଧ ପାଇଁ ସ୍ୱତନ୍ତ୍ର ରଥ ତିଆରି କରନ୍ତି। ଏହି ରଥରେ ବିଜେ ହୋଇ ଭାଇଭଉଣୀ ଯୁଦ୍ଧ କ୍ଷେତ୍ରକୁ ଯାଇ ତ୍ରିପୁରାସୁରକୁ ନିପାତ କରିଥିଲେ। ସେବେଠୁ ଉକ୍ତ ରଥକୁ ‘ରୁକୁଣା ରଥ’ କୁହାଯାଏ।

ତେବେ ଏହି ରଥର ବିଶେଷ କଥା ହେଉଛି, ଏହା ଲେଉଟି ନ ଥାଏ। ଅର୍ଥାତ୍ ଏହି ରଥ କୌଣସି ମୋଡ଼ ନେଇ ପଛକୁ ଫେରି ନ ଥାଏ। ତେବେ ଏହା ଯେମିତି ରାମେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାଏ, ଠିକ୍ ସେମିତି ପଛକୁ ଫେରିଥାଏ। ରଥର ପଛପଟ ଦ୍ୱାର ଖୋଲାଯାଇ ଘୋଡ଼ା ମାନଙ୍କୁ ଯୋଚାଯାଏ। ରୁକୁଣା ରଥର ଉଚ୍ଚତା ୩୫ ଫୁଟ୍ ଏବଂ ଓସାର ୨୦ ଫୁଟ୍। ରଥର ପାର୍ଶ୍ୱଦେବତା ହେଲେ ସୂର୍ଯ୍ୟ, ବରୁଣ, ଅଗ୍ନି, ଇନ୍ଦ୍ର, ଦୁର୍ଗା, ଶିବ, ଯମ ଏବଂ କାର୍ତ୍ତିକେୟ। ରଥର ସାରଥି ବ୍ରହ୍ମା। ଏଥିରେ ଚାରୋଟି ଚକରେ ଦୁଇଟି ଅଖ ଲାଗିଥାଏ। ରଥକୁ ନୀଳ, ହଳଦିଆ, ନାଲି ଓ ଧଳା ରଙ୍ଗ କପଡ଼ାରେ ଆଚ୍ଛାଦିତ କରାଯାଇଥାଏ। ରଥର ଉପର ପାର୍ଶ୍ୱରେ କଳସ, ଓଲଟଶୁଆ ଓ ଧ୍ୱଜା ଲାଗିଥାଏ। ଚାରୋଟି ଅଶ୍ୱ ଏକପ୍ରକାର ରଙ୍ଗରେ ରଙ୍ଗାୟିତ ହୋଇଥାନ୍ତି।



## ଗୀତାବାଣୀ

ଯୋଗସନ୍ନ୍ୟସ୍ତକର୍ମାଣଂ ଜ୍ଞାନସଞ୍ଛିନ୍ନସଂଶୟମ୍।
ଆତ୍ମବନ୍ତଂ ନ କର୍ମାଣି ନିବଧ୍ନନ୍ତି ଧନଞ୍ଜୟ॥୪୧॥

ହେ ଧନଞ୍ଜୟ! ଯୋଗ (ସମତା) ଦ୍ୱାରା ଯାହାର ସମସ୍ତ କର୍ମରୁ ସମ୍ପର୍କ ବିଚ୍ଛିନ୍ନ ହୋଇଯାଇଛି ଏବଂ ବିବେକ ଜ୍ଞାନ ଦ୍ୱାରା ସମସ୍ତ ସଂଶୟ ନାଶ ହୋଇଯାଇଛି, ଏପରି ସ୍ୱରୂପପରାୟଣ ମନୁଷ୍ୟକୁ କର୍ମ ଗୁଡ଼ିକ ବାନ୍ଧି ପାରନ୍ତି ନାହିଁ।

(ଚତୁର୍ଥୋଽଧ୍ୟାୟ – ଶ୍ଳୋକ - ୪୧)



# ପକ୍ଷୀ ଜଣାଏ ଶୁଭାଶୁଭ

**ବାସ୍ତୁଶାସ୍ତ୍ରରେ କିଛି ପକ୍ଷୀ ଏଭଳି ଅଛନ୍ତି, ଯାହାକୁ ଘରେ ଦେଖିବା ଦ୍ୱାରା ମା’ଲକ୍ଷ୍ମୀଙ୍କ କୃପା ପ୍ରାପ୍ତ ହୁଏ। ଏପରିକି ଏହା ଭାଗ୍ୟୋଦୟର କାରଣ ମଧ୍ୟ ସାଜିଥାଏ। ଏହାବାଦ୍ ଆର୍ଥିକ ସମସ୍ୟା ଦୂର କରିବାରେ ସାହାଯ୍ୟ କରେ।**

**ପେଚା:** ବାସ୍ତୁଶାସ୍ତ୍ର ଅନୁସାରେ, ଘର ଛାତରେ ପେଚା ଦେଖିବା ଖୁବ୍ ଶୁଭ ହୋଇଥାଏ। ପେଚାକୁ ମା’ ଲକ୍ଷ୍ମୀଙ୍କ ବାହନ ଭାବେ ବିବେଚନା କରାଯାଏ। ସେହିପରି ଅଚାନକ ପେଚା ଦେଖିବା ଧନଲାଭ ସଙ୍କେତକୁ ଇଙ୍ଗିତ କରିଥାଏ।

**କାଉ:** ବାସ୍ତୁ ଶାସ୍ତ୍ର ଅନୁସାରେ, ଘରେ ଅଚାନକ କାଉ ଦେଖାଯିବାର ଅର୍ଥ ଧନଲାଭ ଯୋଗ ସୃଷ୍ଟି ହୁଏ। ଘରେ ଆସି କାଉ ରାବିଲେ ଏହା ଅତିଥି ଆଗମନକୁ ମଧ୍ୟ ସୂଚାଏ।

**ଧଳା ପାରା:** ଅକସ୍ମାତ୍ ଘରେ ଧଳା ପାରା ନଜର ଆସିବା ଖୁବ୍ ଶୁଭ। ଧଳାପାରା ଭାଗ୍ୟୋଦୟ କାରଣ ବି ସାଜିପାରେ। ଏଣୁ ଘରେ ଏହି ପକ୍ଷୀ ଦେଖାଯିବାର ଅର୍ଥ କିଛି ଶୁଭ ଘଟଣା ଘଟିପାରେ।

କାନ୍ସାସ୍‌କୁ ହରାଇଲା ଇଣ୍ଟର ମିଆମି

# ମେଜର ସକର୍ ଲିଗ୍‌ରେ ମେସି ମ୍ୟାଜିକ୍



**କାନସାସ ସିଟି,୧୪।୪(ଏଜେନ୍ସି):** ୟୁନାଇଟେଡ ଷ୍ଟେଟ୍ସ ସକର ଫେଡେରେସନ ଆନୁକୂଲ୍ୟରେ ଚାଲିଥିବା ଆମେରିକାର ଅନ୍ୟତମ ଶ୍ରେଷ୍ଠ ପେସାଦାର ଫୁଟବଲ ଲିଗ୍ ମେଜର ସକର ଲିଗ୍ (ଏମ୍‌ଏଲ୍‌ଏସ୍)ରେ ଆର୍ଜେଣ୍ଟିନା ଫୁଟବଲ ସୁପରଷ୍ଟାର ଲିଓନେଲ ମେସିଙ୍କ ଇଣ୍ଟର ମିଆମି କ୍ଲବ ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିଛି। ଇଣ୍ଟର ମିଆମି ଏହି ମ୍ୟାଚ୍‌ରେ ସ୍ପୋର୍ଟିଂ କାନସାସ ସିଟି(ଏସ୍‌କେସି)କୁ ୩-୨ ଗୋଲରେ ପରାସ୍ତ କରିଛି। ୭୨,୬୧୦ ଦର୍ଶକଙ୍କ ଉପସ୍ଥିତିରେ ଆରୋହେଡ୍ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। ଏହି ମ୍ୟାଚ୍‌ରେ ମେସି ଗୋଟିଏ ଗୋଲ ଦେବା ସହ ଗୁରୁତ୍ୱପୂର୍ଣ୍ଣ ଆସିଷ୍ଟ କରି ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲେ । କାନସାସ ତରଫରୁ ଏରିକ୍ ଥୋମି ଷଷ୍ଠ ଓ ୫୮ତମ ମିନିଟ୍‌ରେ ଦୁଇଟି ଗୋଲ ସ୍କୋର କରିଥିଲେ। ୧୮ତମ ମିନିଟ୍‌ରେ ମିଆମିର ଡିଏଗୋ ଗୋମେଜ ଗୋଲ ଦେଇ ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ।୫୧ତମ ମିନିଟ୍‌ରେ ମେସି ଲଙ୍ଗ ରେଞ୍ଜ୍ ଅର୍ଥାତ ଦୂରରୁ ଏକ ଜୋରଦାର ସଟ୍ ମାରି ଗୋଲ ସ୍କୋର କରିଥିଲେ। ଫଳରେ ମିଆମି ୨-୧ରେ ଅଗ୍ରଣୀ ହୋଇଥିଲା। କିନ୍ତୁ ଥୋମି ଦ୍ୱିତୀୟ ଗୋଲ ଦେଇ ମ୍ୟାଚ୍‌କୁ ପୁଣି ଥରେ ସମାନ ସ୍ଥିତିକୁ ଆଣିଥିଲେ। ଶେଷରେ ଲୁଇସ୍ ସୁଆରେଜ ୭୧ତମ ମିନିଟ୍ ଗୋଲ ଦେଇ ପୁଣି ଥରେ ମିଆମିକୁ ଅଗ୍ରଣୀ କରାଇଥିଲେ। ଏହାପରେ ଉଭୟ ଦଳ ମଧ୍ୟରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲେ ମଧ୍ୟ ଗୋଲ ସମ୍ଭବ ହୋଇ ନଥିଲା ଓ ମିଆମି ଶେଷରେ ୩-୨ରେ ବିଜୟୀ ହୋଇଥିଲା। ମିଆମି ଖେଳାଳିମାନେ ଅପେକ୍ଷାକୃତ ଅଧିକ ସମୟ ବଲକୁ ନିଜ ଅକ୍ତିଆରରେ ରଖିଥିଲେ। ପାସ୍ ଓ ପାସ୍ ଆକ୍ୟୁରେସିରେ ମଧ୍ୟ ମିଆମି ଆଗରେ ରହିଥିଲା। ଏଥିସହ ଇଣ୍ଟର ମିଆମି ୯ଟି ମ୍ୟାଚ୍ ଖେଳି ୪ ବିଜୟ, ୩ ଡ୍ର ଓ ୨ ପରାଜୟ ସହ ୧୫ ଅଙ୍କ ହାସଲ କରି ସାରଣୀର ଶୀର୍ଷରେ ରହିଛି।

ଫୁଟବଲ ବିଶ୍ୱରେ ଲୋକପ୍ରିୟ; ଭାରତରେ ସୀମିତ

# ୯୦ଭାଗ ଶୀର୍ଷ ଖେଳାଳି ୯ ରାଜ୍ୟରେ

**ମୁମ୍ବଇ, ୧୪।୪(ଏଜେନ୍ସି)**

ଭାରତ ଭଳି ଏକ ଦେଶର ଜନସଂଖ୍ୟା ୧୩୦ କୋଟିରୁ ଉର୍ଦ୍ଧ୍ୱ ହୋଇଥିଲାବେଳେ ଏଠାରେ ଅନେକ ପ୍ରତିଭାବାନ ଖେଳାଳି ରହିଥିବେ। ୨୦୨୨ରେ ଭାରତ ଗସ୍ତବେଳେ ଏହା କହିଥିଲେ ବିଶ୍ୱ ଫୁଟବଲ ସଂଘର ସଭାପତି ଗିଆନି ଇନ୍‌ଫାଣ୍ଟିନୋ। କିନ୍ତୁ ଏହି ଦେଶରେ ଜଣେ ହେଲେ ବିଶ୍ୱସ୍ତରର ଖେଳାଳି ନ ଥିବାରୁ ଇନଫାଣ୍ଟିନୋ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ଦେଶର ଜନସଂଖ୍ୟା ସହ ପ୍ରତିଭାବାନ ଖେଳାଳି ସୃଷ୍ଟି ହେବା କିଛି ସମ୍ପର୍କ ନାହିଁ। କିନ୍ତୁ ଅନେକ ଶ୍ରେଷ୍ଠ ଖେଳାଳି ଏ ସମ୍ପର୍କରେ ଆଶ୍ଚର୍ଯ୍ୟ ପ୍ରକାଶ କରିଥାନ୍ତି। କିନ୍ତୁ ଭାରତରେ କାହିଁକି ଏଯାଏ ୧୧ ଜଣ ବିଶ୍ୱସ୍ତରର ଖେଳାଳି ସୃଷ୍ଟି ହୋଇପାରି ନାହାନ୍ତି, ତାହାର ଉତ୍ତର କାହାରି ନିକଟରେ ନାହିଁ। ଏ ସମ୍ପର୍କରେ ଅନେକ ଗବେଷଣା ଓ ତର୍ଜମା ହୋଇଛି, କିନ୍ତୁ ଏହାର କୌଣସି ଉତ୍ତର ମିଳିପାରି ନାହିଁ।

ଏବେ ଏ ସମ୍ପର୍କରେ କିଛି ନୂଆ ତଥ୍ୟ ମିଳିଛି। ଏହା ହୁଏତ ବିଶ୍ୱସ୍ତରର ଖେଳାଳି ସୃଷ୍ଟି କରିବାରେ କ'ଣ ଅଭାବ ରହିଛି ତାହାର କିଛି ଉତ୍ତର ମିଳିପାରିବ। ୟୁରୋପୀୟ ଫୁଟବଲରେ ଜଣେ ବିଶିଷ୍ଟ ପ୍ରଶିକ୍ଷକ ତଥା ସର୍ବଭାରତୀୟ ଫୁଟବଲ ମହାସଂଘର ପୂର୍ବତନ ଖେଳାଳି ଉନ୍ନୟନ ବିଭାଗର ମୁଖ୍ୟ ରିଚାର୍ଡ ହୁଡ୍ ଏକ ଗବେଷଣା କରି ନିମ୍ନଲିଖିତ ତଥ୍ୟ ପ୍ରଦାନ କରିଛନ୍ତି। ତାଙ୍କ ତଥ୍ୟ ଅନୁଯାୟୀ ଭାରତରେ ଶହେକୋଟିରୁ ଉର୍ଦ୍ଧ୍ୱ ଲୋକ ଅଛନ୍ତି ସତ, କିନ୍ତୁ ଦେଶଲାଗି ଖେଳୁଥିବା ୬୫ଭାଗ ଖେଳାଳି କେବଳ ୫ଟି ରାଜ୍ୟରୁ ଆସିଥାନ୍ତି। ସେହି ରାଜ୍ୟଗୁଡିକ ହେଲା ମଣିପୁର, ମିଜୋରାମ, ପଶ୍ଚିମବଙ୍ଗ, ପଞ୍ଜାବ ଓ ଗୋଆ। ୨୦୧୧ ମସିହା ଜନଗଣନା ଅନୁଯାୟୀ ଏହି ରାଜ୍ୟଗୁଡ଼ିକର ଜନସଂଖ୍ୟା ମାତ୍ର ୧୨.୪୩ କୋଟି। ପୁରୁଷ ଖେଳାଳିଙ୍କ ମଧ୍ୟରେ ଭାରତ ଲାଗି ବରିଷ୍ଠ ଓ କନିଷ୍ଠ ବିଭାଗ, ଘରୋଇ ଫୁଟବଲ୍‌ରେ ଦୁଇ ଗୁରୁତ୍ୱପୂର୍ଣ୍ଣ ଡିଭିଜନରେ ଗତ ୨୨ ବର୍ଷ ହେଲା ମୋଟ ୧,୧୧୨ ଜଣ ଫୁଟବଲ ଖେଳାଳି ଏହି ୫ଟି ରାଜ୍ୟରୁ ଖେଳିଛନ୍ତି।

ଏହି ତଥ୍ୟକୁ ଆଉ ଟିକେ ବିସ୍ତାର କଲେ ଜଣାଯାଏ ଭାରତ ଲାଗି ଖେଳିଥିବା ଶୀର୍ଷ ୯୦ ଭାଗ ଖେଳାଳି ୯ଟି ରାଜ୍ୟ ଏବଂ ଗୋଟିଏ ସହର ଗ୍ରେଟର ମୁମ୍ବଇରୁ ଆସିଛନ୍ତି। ଅନ୍ୟ ୪ଟି ରାଜ୍ୟ ହେଲା କେରଳ, ତାମିଲନାଡୁ, ମେଘାଳୟ ଓ ସିକ୍କିମ୍। ୨୦୧୧ ଜନଗଣନା ଅନୁଯାୟୀ ଏହି ୯ଟି ରାଜ୍ୟ ଓ ଗୋଟିଏ ସହରର ମିଳିତ ଜନସଂଖ୍ୟା ହେବ ୨୫ କୋଟି। ଅନ୍ୟଭାଷାରେ କହିବାକୁ ଗଲେ ଦେଶର ୨୦ ଶତକଡ଼ା ଜନସଂଖ୍ୟା ବିଶିଷ୍ଟ ରାଜ୍ୟରୁ ୯୦ ଭାଗ ଶୀର୍ଷ ଖେଳାଳି ଆସିଛନ୍ତି। ଏହି ୯ଟି ରାଜ୍ୟ ମଧ୍ୟରୁ ଉତ୍ତରପୂର୍ବାଞ୍ଚଳର ଦୁଇ ରାଜ୍ୟ ମଣିପୁର ଓ ମିଜୋରାମରୁ ସର୍ବାଧିକ ଖେଳାଳି ଦେଶକୁ ପ୍ରତିନିଧିତ୍ୱ କରିଛନ୍ତି। ଏମାନଙ୍କ ଶତକଡ଼ା ମିଳିତଭାବେ ୩୧ ଭାଗ। ଏହା ପଛକୁ ପଶ୍ଚିମବଙ୍ଗରୁ ୧୩.୫୫ ଶତକଡ଼ା, ପଞ୍ଜାବରୁ ୧୧.୪୬ ଓ ଗୋଆରୁ ୯.୭୧ ଶତକଡ଼ା। ସେହିପରି ୨୦୦୨ରୁ ଏଯାଏ ୧୫୨ ଜଣ ଖେଳାଳି ଭାରତକୁ ପ୍ରତିନିଧିତ୍ୱ କରିଛନ୍ତି। ଏହା ମଧ୍ୟରୁ ୮୦ ଶତକଡ଼ା ଖେଳାଳି କେବଳ ୬ଟି ରାଜ୍ୟ ଓ ମୁମ୍ବଇ ସହରରୁ ଆସିଛନ୍ତି। ରାଜ୍ୟଗୁଡିକ ମଧ୍ୟରେ ପଞ୍ଜାବରୁ ସର୍ବାଧିକ ଖେଳାଳି ଖେଳିଛନ୍ତି।



କିନ୍ତୁ ଫୁଟବଲ ପରି ଲୋକପ୍ରିୟ ଖେଳ ହିନ୍ଦି ଭାଷାଭାଷି ରାଜ୍ୟରେ ଆଦୌ ପ୍ରଭାବ ବିସ୍ତାର କରିପାରି ନାହିଁ। ଏହାର କାରଣ ଖୋଜିବା ନିହାତି ଆବଶ୍ୟକ। ଏଥିଲାଗି ଯୋଜନାବଦ୍ଧ ଭାବେ ଉଦ୍ୟମ କରିବା ଜରୁରୀ। ଯେଉଁ ରାଜ୍ୟ କିମ୍ବା ସ୍ଥାନରୁ ଅଧିକ ସଂଖ୍ୟାରେ ଖେଳାଳି ଦେଶ ଲାଗି ଖେଳୁଛନ୍ତି ତାହାର କାରଣ ମଧ୍ୟ ଖୋଜିବା ଜରୁରୀ। ସେହିପରି ଜନ୍ମସ୍ଥାନ, ପ୍ରଶିକ୍ଷଣର ସୁବିଧା ସୁଯୋଗ, ସାମାଜିକ ସ୍ଥିରତା ଆଦିକୁ ମଧ୍ୟ ଗୁରୁତ୍ୱ ଦେବା ଜରୁରୀ।

ଭାରତୀୟ ଫୁଟବଲରେ ସବୁଠାରୁ ଅଧିକ ଅଭିଯୋଗ ଆସିଥାଏ ଖେଳ ସମୟକୁ ନେଇ। ଦୁଇ ଘରୋଇ ଫୁଟବଲ ପ୍ରତିଯୋଗିତା ଯଥା ଇଣ୍ଡିଆନ ସୁପର ଲିଗ୍ ଓ ଆଇ-ଲିଗ୍‌ରେ ଭାଗ ନେଉଥିବା ଦଳଗୁଡ଼ିକରେ ଭାରତୀୟ ଖେଳାଳି ଫରୱାର୍ଡ ଲାଇନ୍‌ରେ ଅଧିକ ଖେଳିବାକୁ ସୁଯୋଗ ପାଉ ନାହାନ୍ତି। ଯାହା ଫଳରେ ଅନ୍ତର୍ଜାତୀୟ ଫୁଟବଲ ଖେଳିବାରେ ଭାରତୀୟ ଖେଳାଳିମାନେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଦୁଇ ଘରୋଇ ଡିଭିଜନ ଫୁଟବଲ, ଭାରତୀୟ ବରିଷ୍ଠ, ୨୩ ବର୍ଷରୁ କମ୍, ୨୦ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ଦଳରେ ଖେଳିଥିବା ଭାରତୀୟ ଖେଳାଳିମାନେ ମୋଟ ୨୨,୬୫,୦୧୫ ମିନିଟ୍ ଖେଳିଛନ୍ତି। ଏହାକୁ ତର୍ଜମା କଲେ କିଛି ରୋଚକ ତଥ୍ୟ ମିଳିଛି। ଯାହାକୁ ନିମ୍ନରେ ପ୍ରଦାନ କରାଗଲା।

- ଏହି ଖେଳ ସମୟ ମଧ୍ୟରୁ କେବଳ ୭ଟି ରାଜ୍ୟର ଖେଳାଳିମାନେ ୮୦ ଶତକଡ଼ା ସମୟରେ ଖେଳିଛନ୍ତି। ଏହା ମଧ୍ୟରେ ପଞ୍ଜାବର ଖେଳାଳିମାନେ ସର୍ବାଧିକ୧୬.୯୬ ଭାଗ ସମୟ ଖେଳି ସବୁଠାରୁ ଆଗରେ ରହିଛନ୍ତି।
- ଏହି ଖେଳ ସମୟରେ ଫୁଟବଲର ଦୁଇ ପ୍ରମୁଖ ରାଜ୍ୟ ପଶ୍ଚିମବଙ୍ଗ ଓ ଗୋଆ ବହୁ ପଛରେ ପଡ଼ିଯାଇଛି। ବେଙ୍ଗଲ ଫୁଟବଲ ଶୀର୍ଷରେ ଥିଲାବେଳେ ୨୦୦୬ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରେ ଏହି ରାଜ୍ୟର ଖେଳାଳିମାନେ ୩୬.୩ ଶତକଡ଼ା ସମୟ ଖେଳିଥିଲେ। ଏବେ ୨୦୨୬ରେ ଏହା ମାତ୍ର ୫ ଶତକଡ଼ାକୁ ଖସିଆସିଛି। ସେହିପରି ଗୋଆର ଖେଳାଳିମାନେ ୩୦ ଶତକଡ଼ା ସମୟ ଖେଳିଥିଲାବେଳେ ଏବେ ଏହା ୦.୪ ଶତକଡ଼ାକୁ ଖସିଆସିଛି। ଯାହାକୁ ଚିନ୍ତାର ବିଷୟ ହୋଇଛି।
- ୧୭ ବର୍ଷରୁ କମ୍ ବୟସ ବିଭାଗରେ ମଣିପୁରର ଖେଳାଳିମାନେ ସର୍ବାଧିକ ୩୮.୫୪ ଶତକଡ଼ା ସମୟ ଖେଳିଛନ୍ତି। ଅନ୍ୟପକ୍ଷରେ କେରଳଭଳି ଦଳ ଆଦୌ ସୁଯୋଗ ପାଇନାହିଁ।
- ଘରୋଇ ଡିଭିଜନ ଫୁଟବଲରେ ବେଙ୍ଗଲର ଖେଳାଳିମାନଙ୍କର ସବୁଠାରୁ ଅଧିକ ଗୁରୁତ୍ୱ ରହିଛି। ଏହା ପଛକୁ ମଣିପୁର ଓ ପଞ୍ଜାବର ଖେଳାଳିମାନେ ସର୍ବାଧିକ ସମୟ ଖେଳିଛନ୍ତି।
- ମଣିପୁର ଓ ମିଜୋରାମ ରାଜ୍ୟରୁ ସର୍ବାଧିକ ଖେଳାଳି ଘରୋଇ ଫୁଟବଲ ଯଥା ଆଇଏସଏଲ ଓ ଆଇ-ଲିଗ୍'ରେ ଖେଳିଛନ୍ତି। ମଣିପୁରରୁ ୧୫୭ଜଣ ଓ ମିଜୋରାମକୁ ୧୩୦ ଜଣ ଖେଳାଳି ଘରୋଇ ଫୁଟବଲରେ ପ୍ରତିନିଧିତ୍ୱ କରିଛନ୍ତି।

ଏହି ତଥ୍ୟକୁ ଜାଣିଲା ପରେ ସର୍ବଭାରତୀୟ ଫୁଟବଲ ମହାସଂଘ ପ୍ରତିଭା ଚୟନ, ଖେଳାଳି ପ୍ରଶିକ୍ଷଣ ଓ ହିନ୍ଦି ଭାଷାଭାଷି ଅଞ୍ଚଳରେ ଫୁଟବଲ ଖେଳକୁ ଲୋକପ୍ରିୟ କରାଇବାକୁ କି ପ୍ରକାର ଯୋଜନା କରୁଛି, ତାହା ଦେଖିବାକୁ ବାକି ରହିଛି।

# ବିଶ୍ୱ ହକି ର୍‍ୟାଙ୍କିଙ୍ଗ୍‌ରେ ଭାରତର ଅବନତି

**ନୂଆଦିଲ୍ଲୀ, ୧୪।୪ (ଏଜେନ୍ସି)**

ଅଷ୍ଟ୍ରେଲିଆ ଗସ୍ତରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ଭାରତୀୟ ପୁରୁଷ ହକି ଦଳକୁ ଏହାର ମୂଲ୍ୟ ଦେବାକୁ ପଡ଼ିଛି। ବିଶ୍ୱ ହକିର ସର୍ବୋଚ୍ଚ ସଂସ୍ଥା ଏଫ୍‌ଆଇଏଚ୍ ପକ୍ଷରୁ ସଦ୍ୟ ପ୍ରକାଶିତ ମାନ୍ୟତାରେ ଭାରତ ଶୀର୍ଷ-୫ରୁ ବାହାର ହୋଇଯାଇଛି। ବର୍ତ୍ତମାନ ଭାରତୀୟ ଦଳ ୬ଷ୍ଠ ସ୍ଥାନରେ ରହିଛି।

ହର୍ମନପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଚଳିତ ଅଷ୍ଟ୍ରେଲିଆ ଗସ୍ତରେ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରି ୫-୦ରେ ଘରୋଇ ଦଳଠାରୁ ସିରିଜ ହାରିଯାଇଥିଲା। ଏହି ୫ଟି ଯାକ ମୁକାବିଲାରେ ଭାରତ ମାତ୍ର ୭ଟି ଗୋଲ୍ ଦେଇପାରିଥିବାବେଳେ ୧୭ଟି ଗୋଲ୍‌ବରଣ କରିଥିଲା। ଶନିବାର ଅନ୍ତିମ ତଥା ୫ମ ମୁକାବିଲାରେ ଅଷ୍ଟ୍ରେଲିଆ ନିକଟରୁ ୩-୨ ଗୋଲରେ ହାରିବା ଫଳରେ ଏହାର ପ୍ରଭାବ ର୍‍ୟାଙ୍କିଙ୍ଗରେ ପଡ଼ିଥିଲା ଏବଂ ଭାରତ ଟପ୍-୫ରୁ ବାଦ୍ ପଡ଼ିଥିଲା।

ଚଳିତ ବର୍ଷ ଆରମ୍ଭରୁ ଭାରତୀୟ ପୁରୁଷ ହକି ଦଳ ଶ୍ରେଷ୍ଠ-୩'ରେ ରହି ଅଭିଯାନ ଆରମ୍ଭ କରିଥିଲା। କିନ୍ତୁ ଭୁବନେଶ୍ୱର ଓ ରାଉରକେଲାରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ମିଶ୍ରିତ ଫଳାଫଳ ଯୋଗୁ ଗୋଟିଏ ସ୍ଥାନ ତଳକୁ ଖସି ୪ର୍ଥରେ ରହିଥିଲା। ଏହାପରେ ଭାରତ ଘରୋଇ ଦଳଠାରୁ ଉଚ୍ଚ ମାନ୍ୟତାରେ ରହି ଅଷ୍ଟ୍ରେଲିଆ ଗସ୍ତ କରିଥିଲା। କିନ୍ତୁ ୫-୦ରେ ସିରିଜ ହାରିବା ଦଳ ପାଇଁ ମହଙ୍ଗା ପଡ଼ିଥିଲା। ଅପରପକ୍ଷରେ ଅଷ୍ଟ୍ରେଲିଆ ଦଳ ୨ଟି ପାହାଚ ଉପରକୁ ଉଠି ୩ୟ ସ୍ଥାନରେ ରହିଛି। ସେହିଭଳି ଭାରତୀୟ ମହିଳା ହକି ଦଳ ବିଶ୍ୱ ମାନ୍ୟତାର ୯ମ ସ୍ଥାନରେ ରହିଛି। ମହିଳା ଦଳ ଏଥର ପ୍ୟାରିସ ଅଲିମ୍ପିକ୍ସକୁ ମଧ୍ୟ ଯୋଗ୍ୟତ ଅର୍ଜନ କରିବାରେ ବିଫଳ ହୋଇଛି।

ରାଜ୍ୟ ବ୍ୟାଡମିଣ୍ଟନ ସଂଘ କାର୍ଯ୍ୟକାରୀ କମିଟି ବୈଠକ

# କାର୍ଯ୍ୟକ୍ଷମ ହେବ ଟୁର୍ଣ୍ଣାମେଣ୍ଟ, ପ୍ରଶିକ୍ଷକ, ବୈଷୟିକ ଅଧିକାରୀ କମିଟି

**ଭୁବନେଶ୍ୱର,୧୪।୪(ସମିସ)**

ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ (ଓଏସ୍‌ବିଏ)ର କାର୍ଯ୍ୟକାରୀ କମିଟି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ତଥା ବରିଷ୍ଠ ପ୍ରଶାସନିକ ଅଧିକାରୀ ରାଜେଶ ପ୍ରଭାକର ପାଟିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ଏଥିସରେ ଓଏସ୍‌ବିଏର ପଦାଧିକାରୀ ଓ କାର୍ଯ୍ୟକାରୀ କମିଟି ସଦସ୍ୟମାନେ ଯୋଗ ଦେଇଥିଲେ। ସଂଘର କାର୍ଯ୍ୟକାରୀ ସଭାପତି ମିହିର ରାୟ, ଉପ- ସଭାପତି ଗଗନେନ୍ଦୁ ଦାଶ, ଉପ- ସଭାପତି ପ୍ରଦୀପ ପଟ୍ଟନାୟକ, ସୁରେଶ ଚନ୍ଦ୍ର ପଣ୍ଡା ଓ ସମ୍ପାଦକ ନିଲିନ କୁମାର, କୋଷାଧ୍ୟକ୍ଷ ପ୍ରଦୀପ କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ଜୟପ୍ରକାଶ ସିଂ ଓ ଶୈଳେନ୍ଦ୍ର ଚୌଧୁରୀ, କମିଟି ସଦସ୍ୟ ମନୋରଞ୍ଜନ ଦାସ, କମଲ ଦାସ, ଦୀପକ ରଞ୍ଜନ ମହାନ୍ତି, ପ୍ରିତପାଲ ସିଂ ଓ ଶୁଭମ ଶର୍ମା ଏହି ବୈଠକରେ ଯୋଗ ଦେଇଥିଲେ।


ଏହି ବୈଠକରେ କମିଟି ଏକାଧିକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲା।




ଖାସ୍ କରି ଟୁର୍ଣ୍ଣାମେଣ୍ଟ କମିଟି, ପ୍ରଶିକ୍ଷକ କମିଟି ଓ ବୈଷୟିକ ଅଧିକାରୀ କମିଟି ଲାଗୁ କରିବା ନେଇ ବୈଠକରେ ସହମତି ପ୍ରକାଶ ପାଇଥିଲା। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବା ବିଭାଗ ସହାୟତାରେ ରାଜ୍ୟରେ କୋଚିଂ କାର୍ଯ୍ୟକ୍ରମ ଓ କୋଚମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ବୈଷୟିକ ଅଧିକାରୀମାନଙ୍କୁ ମଧ୍ୟ ପ୍ରଶିକ୍ଷିତ କରାଯିବ। ସେହିପରି ସମ୍ଭାବ୍ୟ ପ୍ରଶିକ୍ଷଣ ଶିବିର ଓ ଚୟନ ପ୍ରକ୍ରିୟା ମାଧ୍ୟମରେ କୋଚିଂ କମିଟିର ପରାମର୍ଶ କ୍ରମେ ପୂର୍ବାଞ୍ଚଳର ଚୟନ ହେବ। କର୍ପୋରେଟ୍ ହାଉସ୍‌ଗୁଡିକୁ ନେଇ ବିଭିନ୍ନ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ସଫ୍‌ଟଓୟାର ଓ ଅନ୍‌ଲାଇନ୍ ମାଧ୍ୟମରେ ଟୁର୍ଣ୍ଣାମେଣ୍ଟ ଏଣ୍ଟ୍ରିଜ୍ ପ୍ରକ୍ରିୟା ଲାଗୁ କରାଯିବ। କ୍ରୀଡ଼ା ବିଭାଗ ଓ ଜିଲ୍ଲା ପ୍ରଶାସନ ମିଳିତ ସହାୟତାରେ ବିଭିନ୍ନ ଜିଲ୍ଲାଗୁଡିକରେ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହି ନିଷ୍ପତ୍ତିଗୁଡିକ ଲାଗୁ ହେବା ପରେ ରାଜ୍ୟରେ ଖେଳାଳିମାନଙ୍କ ପ୍ରଦର୍ଶନରେ ଗୁଣାତ୍ମକ ମାନରେ ବୃଦ୍ଧି ଘଟିବ ବୋଲି ମିହିର ରାୟ ଆଶା ପ୍ରକାଶ କରିଛନ୍ତି।

# ଆର୍‌ସିବି ଛାଡ଼ିବା ପରେ ଆଇପିଏଲ୍ ବିଜେତା

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଇତିହାସରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଭଳି ହାଇପ୍ରୋଫାଇଲ ଦଳ କେବେବି ଚାମ୍ପିଅନ ହୋବାର ସୌଭାଗ୍ୟ ଲାଭ କରିନାହିଁ। ଏଥିପାଇଁ ଆରସିବିକୁ ଆଇପିଏଲର ଅନ୍ୟତମ ହତଭାଗ୍ୟ ଦଳ ବୋଲି ବିବେଚନା କରାଯାଉଛି। ଆରସିବି ୩ଥର (୨୦୦୯, ୨୦୧୧, ୨୦୧୬) ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ପରାସ୍ତ ହୋଇ ସବୁଥିରେ ଉପ- ବିଜେତା ବିବେଚିତ ହୋଇଛି। ସୁପରଷ୍ଟାର ବିରାଟ କୋହଲି ଏକମାତ୍ର ଖେଳାଳି ଭାବେ ଆରସିବି ସହିତ ଜଡିତ ରହିଆସିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଆଇପିଏଲ ଟାଇଟଲ ଜିତିବାକୁ ସକ୍ଷମ ହୋଇନାହାନ୍ତି। କିନ୍ତୁ ଏପରି କେତେକ ଖେଳାଳି ଅଛନ୍ତି ଯେଉଁମାନେ ଆରସିବି ଛାଡି ଅନ୍ୟ ଦଳକୁ ଯାଇ ଟାଇଟଲ ହାସଲ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଏଭଳି ୫ଜଣ ତାରକା ତଥା ବିଶ୍ୱସ୍ତରୀୟ କ୍ରିକେଟରଙ୍କୁ ନେଇ ଆଲୋଚନା କରିବା। ଏମାନଙ୍କ ମଧ୍ୟରେ ଯୁବରାଜ ସିଂ, କ୍ୱିଣ୍ଟନ ଡିକକ୍, ଜ୍ୟାକ କାଲିସଙ୍କ ଭଳି ଖେଳାଳି ସାମିଲ ରହିଛନ୍ତି।



## ଯୁବରାଜ ସିଂ

୨୦୧୪ରେ ତାରକା ଅଲରାଉଣ୍ଡର ଯୁବରାଜ ଆରସିବି ସହିତ ଜଡିତ ହୋଇଥିଲେ। ସେତେବେଳେ ରେକର୍ଡ ୧୪ କୋଟି ଟଙ୍କା ବିନିମୟରେ ସେ ଦଳରେ ସାମିଲ ହୋଇଥିଲେ। ତେବେ ୨୦୧୪ ସଂସ୍କରଣ ପରେ ଆରସିବି ତାଙ୍କୁ ରିଲିଜ୍ କରିଥିଲା। ଫଳରେ ସେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ୨୦୧୫ରେ ଆଇପିଏଲ ଖେଳିଥିଲେ। ପୁଣି ଏହାର ଗୋଟିଏ ବର୍ଷ ପରେ ଅର୍ଥାତ ୨୦୧୬ରେ ସେ ସନରାଇଜର୍ସ ହାଇଦ୍ରାବାଦ ତରଫରୁ ଖେଳିଥିଲେ ଓ ଡେଭିଡ୍ ୱାର୍ଣ୍ଣରଙ୍କ ନେତୃତ୍ୱରେ ଆଇପିଏଲ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଥିଲେ। ଏହାର ୩ ବର୍ଷ ପରେ ୨୦୧୯ରେ ମୁମ୍ବାଇ ଇଣ୍ଡିଆନ୍ସ ତରଫରୁ ଖେଳି ଦ୍ୱିତୀୟଥର ପାଇଁ ଚାମ୍ପିଅନ ହୋଇଥିଲେ।

## କ୍ୱିଣ୍ଟନ ଡିକକ୍

ଦକ୍ଷିଣ ଆଫ୍ରିକା ବ୍ୟାଟର କ୍ୱିଣ୍ଟନ ଡିକକ୍ ୨୦୧୮ରେ ଆରସିବିରେ ଯୋଗ ଦେଇଥିଲେ। ତେବେ ୨୦୧୯ରେ ଟ୍ରେଡ୍ ମାଧ୍ୟମରେ ସେ ମୁମ୍ବାଇରେ ଯୋଗ ଦେଇ ଏହି ବର୍ଷ ଚାମ୍ପିଅନ ହୋଇଥିଲେ। ୨୦୧୯ ସଂସ୍କରଣରେ ସେ ୱିକେଟରକ୍ଷକ ଦାୟିତ୍ୱ ତୁଲାଇବା ସହ ଓପନର ଭାବେ ପାଳି ଆରମ୍ଭ କରିଥିଲେ। ତାଙ୍କ ପ୍ରଦର୍ଶନ ବଳରେ ମୁମ୍ବାଇ ୨୦୧୯ ଓ ୨୦୨୦ରେ ଆଇପିଏଲ ଚାମ୍ପିଅନ ହୋଇଥିଲା। ଏବେ ଡିକକ୍ ଲକ୍ଷ୍ନୌ ସୁପର ଜାଏଣ୍ଟ ତରଫରୁ ଖେଳୁଛନ୍ତି।

## ସେନ୍ ୱାଟସନ

ଅଷ୍ଟ୍ରେଲୀୟ ଅଲରାଉଣ୍ଡର ସେନ୍ ୱାଟସନ ୨୦୧୬ରେ ୯.୮ କୋଟି ଟଙ୍କାରେ ଆରସିବିରେ ଯୋଗ ଦେଇ ସେତେବେଳେ ହଇଚଇ ସୃଷ୍ଟି କରିଥିଲେ। ଦୁଇବର୍ଷ ଖେଳିବା ପରେ ତାଙ୍କୁ ଆରସିବି ବେଞ୍ଚ୍‌ରେ ବସାଇଥିଲା। ୨୦୧୮ରେ ସେ ୪ କୋଟି ଟଙ୍କାରେ ଚେନ୍ନାଇ ସୁପର କିଙ୍ଗ୍‌ସରେ ଯୋଗ ଦେଇଥିଲେ। ଏହି ବର୍ଷ ଫାଇନାଲରେ ହାଇଦ୍ରାବାଦ ବିପକ୍ଷରେ ଶତକ ହାସଲ କରିବା ସହ ସେ ଚେନ୍ନାଇକୁ ଚାମ୍ପିଅନ କରାଇଥିଲେ। ୨୦୧୯ରେ ସେ ଭଲ ଖେଳିଥିଲେ ମଧ୍ୟ ଚେନ୍ନାଇ ଫାଇନାଲରେ ମୁମ୍ବାଇଠାରୁ ୧ ରନରେ ପରାସ୍ତ ହୋଇ ରନର୍ସଅପ ହୋଇଥିଲା।

## ପାର୍ଥିବ ପଟେଲ

୨୦୧୪ରେ ୱିକେଟରକ୍ଷକ ବ୍ୟାଟର ପାର୍ଥୀବ ପଟେଲ ଆରସିବିରେ ଯୋଗ ଦେଇଥିଲେ। ଏହାପରେ ସେ ମୁମ୍ବାଇ ଇଣ୍ଡିଆନ୍ସରେ ଯୋଗ ଦେଇ ୨୦୧୫ ଓ ୨୦୧୭ରେ ଦୁଇଥର ଆଇପିଏଲ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଥିଲେ। ୨୦୨୮ରେ ଆରସିବି ତାଙ୍କ ପୁଣି ଥରେ ଦଳରେ ସାମିଲ କରିଥିଲା। ୨୦୨୦ରେ ପାର୍ଥିବ ଅବସର ନେଇଥିଲେ।

## ଜ୍ୟାକ କାଲିସ୍

ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଅଲରାଉଣ୍ଡର ଭାବେ ବିବେଚିତ ହେଉଥିବା ଦକ୍ଷିଣ ଆଫ୍ରିକାର ଜ୍ୟାକ କାଲିସ୍ ମଧ୍ୟ ସମଦଶା ଭୋଗିଛନ୍ତି। ୨୦୦୮ରୁ ୨୦୧୦ ପର୍ଯ୍ୟନ୍ତ ସେ ଆରସିବି ସହିତ ଜଡିତ ଥିଲେ ମଧ୍ୟ ଚାମ୍ପିଅନ ହୋଇପାରି ନଥିଲେ। ୨୦୦୯ ଫାଇନାଲରେ ଆରସିବି ଡେକାନ ଚାର୍ଜର୍ସଠାରୁ ପରାସ୍ତ ହୋଇ ଟାଇଟଲ ହାସଲରୁ ବଞ୍ଚିତ ହୋଇଥିଲା। ୨୦୧୧ରେ ସେ ଗୌତମ ଗମ୍ଭୀରଙ୍କ କୋଲକାତା ନାଇଟ ରାଇଡର୍ସରେ ଯୋଗ ଦେଇଥିଲେ ଓ ୨୦୧୨ ଓ ୨୦୧୪ରେ ଆଇପିଏଲ ଜିତିବାର ସୌଭାଗ୍ୟ ଅର୍ଜନ କରିଥିଲେ।

# କାଲିଫର୍ଣ୍ଣିଆରେ ହାଇଜମ୍ପ ଟାଇଟଲ୍ ଜିତିଲେ ସର୍ଭେଶ

**ନୂଆଦିଲ୍ଲୀ, ୧୪।୪ (ଏଜେନ୍ସି):** ଭାରତର ଆଥ୍‌ଲେଟ୍ ସର୍ଭେଶ କୁଶାରେ ସ୍ୱର୍ଣ୍ଣ ପଦକରୁ ଚଳିତ ସିଜନ ଆରମ୍ଭ କରିଛନ୍ତି। କାଲିଫର୍ଣ୍ଣିଆରେ ଅନୁଷ୍ଠିତ ବ୍ରାୟନ କ୍ଲେ ଆମନ୍ତ୍ରଣୀୟ ପ୍ରତିଯୋଗିତାର ପୁରୁଷ ହାଇ ଜମ୍ପରେ ସର୍ଭେଶ ପ୍ରଥମ ସ୍ଥାନରେ ରହି ଏହି ସଫଳତା ପାଇଛନ୍ତି। ସେ ୨.୧୯ ମିଟର ଉଚ୍ଚକୁ ଡେଇଁଥିଲେ। ସେହିଭଳି ଘରୋଇ ଆମେରିକାର ଏଜେ ମ୍ୟାକ୍‌ଗ୍ଲୋଫ୍ଲିନ ୨.୦୮ ମିଟର ଡେଇଁ ୨ୟ ସ୍ଥାନରେ ରହିଥିଲେ। ଏଥିରେ ଅଂଶଗ୍ରହଣ କରିଥିବା ଅନ୍ୟତମ ଭାରତୀୟ ନିଶାଦ କୁମାର ୧.୯୮ ମିଟର ସହ ମିଳିତ ୬ଷ୍ଠ ସ୍ଥାନରେ ରହିଥିଲେ। ତେବେ ଭାରତର ଶ୍ରେଷ୍ଠ ହାଇ ଜମ୍ପର ତେଜସ୍ୱିନ ଶଙ୍କର ଏଥିରେ ଅଂଶଗ୍ରହଣ କରିନଥିଲେ। ଗତବର୍ଷ ଏସୀୟ କ୍ରୀଡ଼ାରେ ୨.୨୬ ମିଟର ଉଚ୍ଚକୁ ଲମ୍ଫ ପ୍ରଦାନ କରିଥିବା ସର୍ଭେଶ କିନ୍ତୁ ଏହି ପ୍ରଦର୍ଶନକୁ ଏଠାରେ ଦୋହରାଇପାରି ନ ଥିଲେ। ମହାରାଷ୍ଟ୍ରର ୨୮ ବର୍ଷୀୟ ସର୍ଭେଶଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ହେଉଛି ୨.୨୭ ମିଟର। ଏହାକୁ ସେ ୨୦୨୨ରେ ହାସଲ କରିଥିଲେ।



**ପତିରାଣାଙ୍କ ୪ ୱିକେଟ, ରୋହିତଙ୍କ ଶତକ ବ୍ୟର୍ଥ**

# ମୁମ୍ବାଇକୁ ୨୦ ରନ୍‌ରେ ହରାଇଲା ଚେନ୍ନାଇ


ଋତୁରାଜ ଗାଏକ୍‌ୱାଡ୍

ମୁମ୍ବଇ, ୧୪।୪(ଏଜେନ୍ସି)

ମାଥୀଶା ପତିରାଣା (୪/୨୮)ଙ୍କ ଘାତକ ବୋଲିଂ ସହ ଋତୁରାଜ ଗାଏକ୍‌ୱାଡ୍, ଶିବମ ଦୁବେ ଓ ମହେନ୍ଦ୍ର ସିଂ ଧୋନିଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଏଠାରେ ରବିବାର ଅନୁଷ୍ଠିତ ଆଇପିଏଲ୍‌ର ୨୯ତମ ଲିଗ୍ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍‌ସ ୨୦ ରନ୍‌ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ଏହା ଫଳରେ ମୁମ୍ବାଇ ପାଳିରେ ଅପରାଜିତ ୧୦୫ ରନ କରି ଦ୍ୱିତୀୟ ଆଇପିଏଲ୍ ଶତକ ହାସଲ କରିଥିବା ରୋହିତ ଶର୍ମାଙ୍କ ପ୍ରଚେଷ୍ଟା ବ୍ୟର୍ଥ ହୋଇଯାଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଚେନ୍ନାଇ ସୁପର କିଙ୍ଗସ ୪ ୱିକେଟରେ ୨୦୬ ରନ୍‌ର ବିଶାଳ ସ୍କୋର କରିଛି। ଦଳ ପକ୍ଷରୁ ଗାଏକୱାଡ୍ ୪୦ ବଲ୍‌ରେ ୬୯, ଦୁବେ ୩୮ ବଲ୍‌ରେ ଅପରାଜିତ ୬୬ ଓ ଧୋନି ୪ ବଲ୍‌ରେ ଅପରାଜିତ ୨୦ ରନ୍ କରିଥିଲେ। ଜବାବରେ ମୁମ୍ବାଇ ଇଣ୍ଡିଆନ୍ସ ସମାନ ୨୦ ଓଭର ଖେଳି ୬ ୱିକେଟରେ ୧୮୬ ରନ୍ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ରୋହିତ ମାତ୍ର ୬୧ବଲ୍‌ରେ ଶତକ ଓ ୬୩ ବଲ୍‌ରେ ୧୧ ଚୌକା ଓ ୫ ଛକା ସହାୟତାରେ ୧୦୫ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। କିନ୍ତୁ ୧୨ ବର୍ଷ ପରେ ତାଙ୍କର ଏହି ଆଇପିଏଲ୍ ଶତକ କିଛି କାମ ଦେଇ ନ ଥିଲା। ଅନ୍ୟମାନଙ୍କ ମଧ୍ୟରେ କେହି ବଡ଼ ସ୍କୋର କରି ପାରି ନଥିଲେ କିମ୍ବା ରୋହିତଙ୍କୁ ଉପଯୁକ୍ତ ସହାୟତା ଦେଇ ନ ଥିଲେ। ଦଳ ପକ୍ଷରୁ ଇଶାନ କିଷାନ ୨୩, ସୂର୍ଯ୍ୟକୁମାର ଯାଦବ ୦, ତିଳକ ବର୍ମା ୩୧, ହାର୍ଦ୍ଦିକ ପାଣ୍ଡ୍ୟା ୨, ଟିମ୍ ଡେଭିଡ ୧୩ ରନ୍‌ର ସାମୟିକ ସହଯୋଗ କରିଥିଲେ। ୨୧ ବର୍ଷୀୟ ଶ୍ରୀଲଙ୍କାର ଯୁବ ପେସ ବୋଲର ପତିରାଣା ମୁମ୍ବାଇର ପ୍ରଥମ ୩ଜଣ ଖେଳାଳିଙ୍କ ସହ ମୋଟ ୨୮ ରନ୍‌ରେ ୪ଟି ୱିକେଟ ନେଇ ଚେନ୍ନାଇ ବିଜୟରେ ମୁଖ୍ୟ ଭୂମିକା ନେଇଥିଲେ।

## ଶେଷ ଓଭରରେ ଚମକିଲେ ଧୋନି

ଏଠାରେ ଘରୋଇ ଦଳ ଟସ୍ ଜିତିବା ପରେ ଚେନ୍ନାଇକୁ ପ୍ରଥମେ ବ୍ୟାଟିଂ ଲାଗି ଆମନ୍ତ୍ରଣ କରିଥିଲା। କିନ୍ତୁ ପାଳି ଆରମ୍ଭ କରିଥିବା ଆଜିଙ୍କ୍ୟ ରାହାଣେ (୫) କିମ୍ବା ଉଦୀୟମାନ ଅଲରାଉଣ୍ଡର ରାଚିନ ରବୀନ୍ଦ୍ର (୨୧) ବେଶି ସମୟ ତିଷ୍ଠି ନ ଥିଲେ। ରାହାଣେଙ୍କୁ ଗେରାଲ୍ଡ କୋଏଜି ଓ ରବୀନ୍ଦ୍ରଙ୍କୁ ମାତ୍ର ଗୋଟିଏ ଓଭର ବୋଲିଂ କରିଥିବା ଶ୍ରେୟାସ ଗୋପାଳ ୬୦ ରନ୍ ମଧ୍ୟରେ ପାଭିଲିୟନ ଫେରାଇଦେଇଥିଲେ। ରବୀନ୍ଦ୍ର ଆଉଟ ହେବା ପୂର୍ବରୁ ଗାଏକ୍‌ୱାଡ୍‌ଙ୍କ ସହ ୩୭ ବଲ୍‌ରୁ ୫୨ ରନ୍ ଯୋଡିଦେଇଥିଲେ। ପାଳି ଆରମ୍ଭ କରିଥିବା ଦୁଇ ଖେଳାଳି ଆଉଟ ହେବା ପରେ ଅଧିନାୟକ ଋତୁରାଜ ଗାଏକ୍ୱାଡଙ୍କ ସହ ହାତ ମିଳାଇଥିଲେ ମୁମ୍ବାଇ ରଣଜୀ ଖେଳାଳି ଶିବମ ଦୁବେ। ଉଭୟ କେବଳ ବଡ ସଟ୍ ଖେଳି ନଥିଲେ ବରଂ ଦ୍ରୁତ ରନ୍ ସଂଗ୍ରହ କରି ଚେନ୍ନାଇ ଲାଗି ଏକ ବଡ଼ ସ୍କୋରର ମୂଳଦୁଆ ପକାଇଥିଲେ। ତୃତୀୟ ୱିକେଟ ଭାଗୀଦାରିରେ ଏମାନେ ମାତ୍ର ୪୫ ବଲ୍‌ରୁ ୯୦ ରନ୍ ଉଠାଇଥିଲେ। ଚେନ୍ନାଇ ପାଳିର ୧୬ତମ ଓଭରରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଏକ ଅଫ କଟରକୁ ହାଲକା ଭାବେ ମାରି ବା ମିସ୍ ହିଟ୍ କରି ଗାଏକ୍‌ୱାଡ୍ ଲଙ୍ଗ ଅନ୍ ଅଞ୍ଚଳରେ ମହମ୍ମଦ୍ ନବିଙ୍କ ହାତରେ ଧରାପଡ଼ିଥିଲେ। ଏକ ଚମତ୍କାର ଭାଗୀଦାରିର ଶେଷ ହୋଇଥିଲା ଓ ଏହି ଅଧିନାୟକ ୩୮ ବଲ୍‌ର ସାମ୍ନା କରି ୫ଟି ଲେଖାଏଁ ଚୌକା ଓ ଛକା ସହାୟତାରେ ୬୯ ରନ୍ କରିଥିଲେ। ଏହି ସମୟରେ ୨୮ ବଲ୍‌ରୁ ୫୦ ରନ୍ କରିଥିବା ଦୁବେ ଓ ଡାରିଲ ମିଚେଲ ୪ ଓଭରରେ ୩୬ ରନ୍ ସଂଗ୍ରହ କରିଥିଲେ। ମିଚେଲଙ୍କ ବ୍ୟାଟରୁ ବଡ଼ ସଟ୍ ଦେଖିବାକୁ ମିଳି ନ ଥିଲା ଓ ସେ ୧୪ ବଲ୍ ଖେଳି ଗୋଟିଏ ଚୌକା ସହ ୧୭ ରନ୍ କରିଥିଲେ। ଏହି ସମୟରେ ଯଶପ୍ରୀତ୍ ବୁମ୍‌ରା ୨ ଓଭର ବୋଲିଂ କରି ରନ୍ ନିୟନ୍ତ୍ରଣ କରିଥିଲେ। ପାଳିର ଶେଷ ଓଭର ଅର୍ଥାତ ୨୦ତମ ଓଭରର ଦ୍ୱିତୀୟ ବଲ୍‌ରେ ଆଉଟ ହୋଇଥିଲେ ମିଚେଲ। ଗାଏକ୍ୱାଡଙ୍କ ଭଳି ମିଚେଲ ମଧ୍ୟ ପାଣ୍ଡ୍ୟାଙ୍କୁ ଦୁର୍ବଳ ସଟ୍ ଖେଳି ଲଙ୍ଗ ଅନ୍‌ରେ ନବିଙ୍କ ହାତରେ ଧରାପଡ଼ିଥିଲେ। ଚେନ୍ନାଇ ପାଳିରେ ଆଉ ୪ଟି ବଲ୍ ବାକିଥିଲାବେଳେ ବ୍ୟାଟିଂ କରିବାକୁ ଆସିଥିଲେ ଏମ୍‌ଏସ୍‌ଡି ବା ମହେନ୍ଦ୍ର ସିଂ ଧୋନି। ତାଙ୍କୁ ପାଣ୍ଡ୍ୟା ବୋଲିଂ କରିଥିବା ପ୍ରଥମ ୩ଟି ବଲ୍‌କୁ ଛକା ମାରି ଷ୍ଟାଡିୟମ୍‌ରେ ଉନ୍ମାଦନା ଖେଳାଇଦେଇଥିଲେ। ଶେଷ ବଲ୍‌ରେ ମଧ୍ୟ ୨ ରନ୍ ଉଠାଇଥିଲେ। ଫଳରେ ଏଠାରେ ସମ୍ଭବତଃ ଶେଷ ଆଇପିଏଲ୍ ମ୍ୟାଚ୍ ଖେଳୁଥିବା ଧୋନି ମାତ୍ର ୪ଟି ବଲ୍‌ରେ ୩ଟି ଛକାମାରି ୨୦ ରନ୍ କରିବା ସହ ଚେନ୍ନାଇର ସ୍କୋରକୁ ୨୦୬ରେ ପହଞ୍ଚାଇଥିଲେ। ଏହି ଓଭରରେ ପାଣ୍ଡ୍ୟା ୨ଟି ୱାଇଡ୍ ସହ ୨୬ ରନ୍ ବ୍ୟୟ କରିଥିଲେ। ଶେଷ ସମୟରେ ଆଉ ବ୍ୟାଟିଂ କରିବାର ସୁଯୋଗ ପାଇ ନ ଥିବା ଦୁବେ ୬୬ ରନ୍‌ରେ ଅପରାଜିତ ରହିଥିଲେ। ଏଥିଲାଗି ସେ ୩୮ଟି ବଲ୍ ଖେଳି ୧୦ଟି ଚୌକା ଓ ୨ଟି ଛକା ମାରିଥିଲେ।


ମହେନ୍ଦ୍ର ସିଂ ଧୋନି

ମୁମ୍ବାଇ ପକ୍ଷରୁ ଯଶପ୍ରୀତ୍ ବୁମ୍‌ରା କୌଣସି ୱିକେଟ ପାଇ ନ ଥିଲେ ମଧ୍ୟ ୪ ଓଭରରେ ୨୭ ରନ୍ ଦେଇଥିଲେ। ପାଣ୍ଡ୍ୟା ୩ ଓଭର ବୋଲିଂ କରି ସର୍ବାଧିକ ୪୩ ରନ୍ ଦେଇଥିଲେ ଓ ସର୍ବାଧିକ ୨ଟି ୱିକେଟ ପାଇଥିଲେ। ୱାଙ୍ଖେଡେ ଷ୍ଟାଡିୟମ୍ ବ୍ୟାଟ୍ସମ୍ୟାନଙ୍କୁ ସହାୟତା ଦେଇଥାଏ।

**ଆଇପିଏଲ୍-୧୭**

**ଆଜିର ମ୍ୟାଚ୍**

**ବେଙ୍ଗାଲୁରୁ- ହାଇଦ୍ରାବାଦ୍**

ସ୍ଥାନ- ବେଙ୍ଗାଲୁରୁ, ସମୟ- ରାତି ୭.୩୦

- ପ୍ରସାରଣ -

ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

**ଫିଲିପ୍ ସଲ୍ଟଙ୍କ ଧୂଆଁଧାର ବ୍ୟାଟିଂ**

# ଲକ୍ଷ୍ନୌ ବିପକ୍ଷରେ କୋଲକାତାର ପ୍ରଥମ ବିଜୟ

**କୋଲକାତା, ୧୪।୪(ଏଜେନ୍ସି):** ଇଂଲିଶ ଓପନର ଫିଲିପ୍ ସଲ୍ଟଙ୍କ ଧୂଆଁଧାର ବ୍ୟାଟିଂ ଓ ଅଷ୍ଟ୍ରେଲୀୟ ଫାଷ୍ଟ ବୋଲର ମିଚେଲ ଷ୍ଟାର୍କଙ୍କ ଘାତକ ବୋଲିଂ ବଳରେ ଏଠାରେ ରବିବାର ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ ୮ ୱିକେଟରେ ଲକ୍ଷ୍ନୌ ସୁପର ଜାଏଣ୍ଟସକୁ ପରାସ୍ତ କରିଛି। ଏହା ଫଳରେ ଇଣ୍ଡିଆନ ପ୍ରିମିୟର ଲିଗ୍ ଇତିହାସରେ କୋଲକାତା ପ୍ରତିଦ୍ୱନ୍ଦ୍ୱୀ ଲକ୍ଷ୍ନୌ ବିପକ୍ଷରେ ପ୍ରଥମ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ କୋଲକାତା ବୋଲରଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁଁ ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ଦଳ ୭ ୱିକେଟରେ ମାତ୍ର ୧୬୧ ରନ୍ କରିଥିଲା। ଦଳ ପକ୍ଷରୁ ନିକୋଲସ ପୂରନ ୪୫ ଓ ଲୋକେଶ ରାହୁଲ ୩୯ ରନ୍ କରିଥିଲେ। ଘରୋଇ ଦଳ ପକ୍ଷରୁ ଫାଷ୍ଟ ବୋଲର ଷ୍ଟାର୍କ ୨୮ ରନ୍‌ରେ ୩ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ସଲ୍ଟ ୪୭ବଲ୍‌ରେ ୧୪ ଚୌକା ଓ ୩ଛକା ସହ ୮୯ ଓ ଅଧିନାୟକ ଶ୍ରେୟସ ଆୟର ୩୮ ବଲ୍‌ରେ ଧୈର୍ଯ୍ୟପୂର୍ଣ୍ଣ ୩୮ ରନ୍ କରି ଶେଷଯାଏ ଅପରାଜିତ ରହିବା ଫଳରେ କୋଲକାତା ମାତ୍ର ୨ ୱିକେଟ ହରାଇ ଏବଂ ୨୬ଟି ବଲ ବାକିଥାଇ ଏହି ମ୍ୟାଚ୍‌କୁ ଜିତିନେଇଥିଲା। ସଲ୍ଟଙ୍କୁ ଏହି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। କୋଲକାତା ୫ମ ମୁକାବିଲାରୁ ଏଠାରେ ଚତୁର୍ଥ ବିଜୟ ହାସଲ କରି ପଏଣ୍ଟ ସାରଣୀରେ ଦ୍ୱିତୀୟ ସ୍ଥାନ ବଜାୟ ରଖିଛି। ଲକ୍ଷ୍ନୌ ଷଷ୍ଠ ମୁକାବିଲାରୁ ତୃତୀୟ ପରାଜୟ ସହ ପଏଣ୍ଟ ସାରଣୀରେ ୫ମ ସ୍ଥାନରେ ରହିଛି।


ଫିଲିପ୍ ସଲ୍ଟଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରୁଛନ୍ତି ଶାହାରୁଖ୍ ଖାନ୍‌ଙ୍କ ଝିଅ ସୁହାନା

## ସହଜରେ ଜିତାଇଲେ ସଲ୍ଟ

ମିଚେଲ ଷ୍ଟାର୍କ ଓ ସୁନୀଲ ନାରିନଙ୍କ ଚମତ୍କାର ବୋଲିଂ ଆଗରେ ଲକ୍ଷ୍ନୌର ବ୍ୟାଟିଂ କ୍ଲିକ୍ କରି ନଥିଲା। ଯାହା ଫଳରେ ଲକ୍ଷ୍ନୌ ଦଳ ମାତ୍ର ୭ ୱିକେଟରେ ୧୬୧ ରନ୍ କରିଥିଲା। ଜବାବରେ କୋଲକାତା ୧୬୨ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ପାଳି ଆରମ୍ଭ କରିବାର ୩.୧ ଓଭରରେ ଫର୍ମରେ ଥିବା ଦୁଇ ଖେଳାଳି ସୁନୀଲ ନାରିନ୍ (୬) ଓ ଆଙ୍ଗକ୍ରିସ୍ ରଘୁବଂଶୀ (୭)ଙ୍କୁ ହରାଇଥିଲା। ଉଭୟ ଖେଳାଳିଙ୍କୁ ପେସ୍ ବୋଲର ମୋହସିନ ଖାନ୍ ଆଉଟ କରିଥିଲେ। ଚତୁର୍ଥ ଓଭରରେ ଫିଲିପ୍ ସଲ୍ଟଙ୍କ ସହ ଅଧିନାୟକ ଶ୍ରେୟସ ଆୟର ଯୋଗଦେବା ପରେ ଖେଳ କୋଲକାତା ନିୟନ୍ତ୍ରଣକୁ ଚାଲିଯାଇଥିଲା। ଗୋଟିଏ ପଟେ ସଲ୍ଟ ଜୀବନଦାନ ପାଇବା ପରେ ଏହାର ପୂରା ଫାଇଦା ଉଠାଇଥିଲେ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ଅନ୍ୟପଟେ ଆୟର ଧୈର୍ଯ୍ୟର ସହ ଖେଳି ତାଙ୍କୁ ସହାୟତା ଦେଇଥିଲେ। ଉଭୟ ଶେଷଯାଏ ଅପରାଜିତ ରହି ଦଳକୁ ସହଜରେ ବିଜୟୀ କରାଇଥିଲେ। ଏହି ଅବିଭକ୍ତ ଯୋଡି ୭୬ ବଲ୍ ଖେଳି ତୃତୀୟ ୱିକେଟରୁ ୧୨୦ ରନ୍ ଉଠାଇଥିଲେ। ସଲ୍ଟ ୪୭ ବଲ୍‌ରୁ ୮୯ ଓ ଆୟର ୩୮ ବଲ୍‌ରୁ ୩୮ ରନ୍ କରିଥିଲେ। ସଲ୍ଟଙ୍କ ପାଳିରେ ୧୪ଟି ଆକର୍ଷଣୀୟ ଚୌକା ଓ ୩ଟି ବିଶାଳ ଛକା ସାମିଲ ରହିଥିଲା।

## ଷ୍ଟାର୍କ, ନାରିନ୍‌ଙ୍କ ସୁନ୍ଦର ବୋଲିଂ

ପୂର୍ବରୁ ପ୍ରଥମେ ବ୍ୟାଟିଂ କରି ଲକ୍ଷ୍ନୌ ଭଲ ଆରମ୍ଭ କରିଥିଲେ ମଧ୍ୟ ଦଳର ତାରକା ଖେଳାଳି ଡିକକ୍ (୧୦) ଦ୍ୱିତୀୟ ଓ ଦୀପକ ହୁଡା (୮) ପଞ୍ଚମ ଓଭରରେ ଆଉଟ ହୋଇଥିଲେ। ଷ୍ଟାର୍କ ଆରମ୍ଭରେ ଭଲ ବୋଲିଂ କରି ହୁଡାଙ୍କୁ ଆଉଟ କରିଥିଲେ। ଭଲ ବ୍ୟାଟିଂ କରୁଥିବା ଲୋକେଶ ରାହୁଲ ମଧ୍ୟ ବେଶି ସମୟ ତିଷ୍ଠି ପାରି ନଥିଲେ। ସେ ୨୭ ବଲ୍ ଖେଳି ୩୯ ରନ୍ କରିଥିଲେ। କିନ୍ତୁ ଲକ୍ଷ୍ନୌ ଦଳ ନିୟମିତ ୱିକେଟ ହରାଇଥିଲା। ଯୁବ ଖେଳାଳି ଆୟୁଷ ବଦୋନୀ ୨୭ ବଲ୍‌ରେ ୨୯ ରନ୍ କରି କିଛିଟା ଭଲ ଖେଳିଥିଲେ। ତାଙ୍କ ଆଉଟ ପରେ କ୍ରୁନାଲ ପାଣ୍ଡ୍ୟାଙ୍କ ସହ ଯୋଗଦେଇଥିବା ନିକୋଲସ ପୂରନ ଧୂଆଁଧାର ଖେଳିଥିଲେ। ଦ୍ରୁତ ରନ୍ ସଂଗ୍ରହ କରିବା ଚକରରେ ପୂରନ ୨୦ତମ ଓଭରର ପ୍ରଥମ ବଲ୍‌ରେ ଷ୍ଟାର୍କଙ୍କ ଦ୍ୱିତୀୟ ଶିକାର ବନିଥିଲେ। ସେ ଆଉଟ ହେବା ପୂର୍ବରୁ ୩୨ବଲ୍‌ର ସମ୍ମୁଖୀନ ହୋଇ ୨ ଚୌକା ଓ ୪ଛକା ସହ ସର୍ବାଧିକ ୪୫ ରନ୍ କରିଥିଲେ। ଅନ୍ୟ କୌଣସି ବ୍ୟାଟରଙ୍କଠାରୁ ଭଲ ଖେଳ ଦେଖିବାକୁ ମିଳି ନଥିଲା। ଷ୍ଟାର୍କ ତାଙ୍କ ୪ ଓଭରରେ ୨୮ ରନ୍ ଦେଇ ସର୍ବାଧିକ ୩ଟି ୱିକେଟ ନେଇଥିଲାବେଳେ ସୁନୀଲ ନାରିନ୍ ତାଙ୍କ ୪ ଓଭର ସ୍ପେଲ୍‌ରେ ମାତ୍ର ୧୭ ରନ୍ ଦେଇ ଗୋଟିଏ ୱିକେଟ ପାଇଥିଲେ। ଲକ୍ଷ୍ନୌ ସଂଗ୍ରହ କରିଥିବା ସ୍କୋର ଆଦୌ ଡିଫେଣ୍ଡେବଲ ନ ଥିଲା।

## ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| ରାଜସ୍ଥାନ | ୬ | ୫ | ୧ | ୧୦ | +୦.୭୬୭ |
| କୋଲକାତା | ୫ | ୪ | ୧ | ୮ | +୧.୬୮୮ |
| ଚେନ୍ନାଇ | ୬ | ୪ | ୨ | ୮ | +୦.୭୨୬ |
| ହାଇଦ୍ରାବାଦ | ୫ | ୩ | ୨ | ୬ | +୦.୩୪୪ |
| ଲକ୍ଷ୍ନୌ | ୬ | ୩ | ୩ | ୬ | +୦.୦୩୮ |
| ଗୁଜରାଟ | ୬ | ୩ | ୩ | ୬ | -୦.୬୩୭ |
| ପଞ୍ଜାବ | ୬ | ୨ | ୪ | ୪ | -୦.୨୧୮ |
| ମୁମ୍ବାଇ | ୬ | ୨ | ୪ | ୪ | -୦.୨୩୪ |
| ଦିଲ୍ଲୀ | ୬ | ୨ | ୪ | ୪ | -୦.୯୭୫ |
| ବେଙ୍ଗାଲୁରୁ | ୬ | ୧ | ୫ | ୨ | -୧.୧୨୪ |



**ଜୋସେଫଙ୍କ ନୈରାଶ୍ୟଜନକ ପଦାର୍ପଣ**

# ୧ ଓଭର-୧୦ ବଲ୍-୨୨ ରନ

**କୋଲକାତା, ୧୪।୪ (ଏଜେନ୍ସି):** ୱେଷ୍ଟଇଣ୍ଡିଜର ଯୁବ ଦ୍ରୁତ ବୋଲର ଶମାର ଜୋସେଫ ବିଶ୍ୱର ସବୁଠାରୁ ବ୍ୟୟବହୁଳ ଟି-୨୦ ଲିଗ୍ ଆଇପିଏଲ୍‌ରେ ପଦାର୍ପଣ କରିଛନ୍ତି। ରବିବାର ଐତିହାସିକ ଇଡେନ ଗାର୍ଡେନ ଷ୍ଟାଡିୟମରେ ଘରୋଇ କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷରେ ଖେଳି ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସର ଜୋସଫ୍ ଆଇପିଏଲ୍‌ରେ ପାଦ ଥାପିଛନ୍ତି। ତେବେ ୨୪ ବର୍ଷୀୟ ଡାହାଣହାତୀ ଦ୍ରୁତ ବୋଲର ଜୋସେଫ୍‌ଙ୍କ ପାଇଁ ପଦାର୍ପଣ ମ୍ୟାଚ୍ ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ସେ ତାଙ୍କ ପ୍ରଥମ ଓଭରରେ ହିଁ ନିରାଶ କରିଥିଲେ। ଜୋସେଫ୍ ତାଙ୍କ ପ୍ରଥମ ଓଭରରେ ଅତିରିକ୍ତକୁ ମିଶାଇ ମୋଟ୍ ୧୦ଟି ବଲ୍ ପକାଇ ୨୨ ରନ ବ୍ୟୟ କରିଥିଲେ। ଏଥିରେ ଦୁଇଟି ଲେଖାଏ ନୋ ଓ ୱାଇଡ୍ ବଲ୍ ରହିଥିଲା। କୌତୁହଳର କଥା ହେଉଛି ସେ ତାଙ୍କର ପ୍ରଥମ ୫ଟି ବଲ୍ ଠିକ୍‌ଠାକ୍ ପକାଇଥିଲେ। କିନ୍ତୁ ଅନ୍ତିମ ତଥା ୬ଷ୍ଠ ବଲଟି ପକାଇବା ପୂର୍ବରୁ ୨ଟି ଲେଖାଲ ନୋ ଓ ୱାଇଡ୍ ବଲ୍ ପକାଇଥିଲେ। ସେହିଭଳି ସେ ତାଙ୍କ ୪ ଓଭର ବୋଲିଂ କୋଟାରେ କୌଣସି ୱିକେଟ୍ ପାଇ ନ ଥିବାବେଳେ ୪୭ ରନ ବ୍ୟୟ କରି ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲେ।

**ମଣ୍ଟେକାର୍ଲୋ ମାଷ୍ଟର୍ସ ଟେନିସ୍**

## ସିତ୍‌ସିପାସ୍‌ଙ୍କୁ ତୃତୀୟ ଟାଇଟଲ

**ମଣ୍ଟେକାର୍ଲୋ,୧୪।୪(ଏଜେନ୍ସି):** ଏଠାରେ ଖେଳାଯାଇଥିବା ମଣ୍ଟେମାର୍ଲୋ ମାଷ୍ଟର୍ସ ଟେନିସ ଟୁର୍ଣ୍ଣାମେଣ୍ଟରେ ଗ୍ରୀସ୍‌ର ଷ୍ଟିଫାନୋସ ସିତ୍‌ସିପାସ ଟାଇଟଲ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ପୁରୁଷ ଏକକ ଫାଇନାଲ ମୁକାବିଲାରେ ଦ୍ୱାଦଶ ସିଡ୍ ମାନ୍ୟତା ପାଇଥିବା ୨୫ ବର୍ଷୀୟ ସିତ୍‌ସିପାସ ୬-୧, ୬-୪ ସିଧାସଳଖ ସେଟ୍‌ରେ ଅଷ୍ଟମ ସିଡ୍ ନରୱେର କାସ୍ପେର ରୁଡ୍‌ଙ୍କୁ ପରାସ୍ତ କରି ଏହି ଟୁର୍ଣ୍ଣାମେଣ୍ଟରେ ତୃତୀୟଥର ପାଇଁ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛନ୍ତି। ପୂର୍ବରୁ ସେ ୨୦୨୧ ଓ ୨୦୨୨ରେ ମଧ ମଣ୍ଟେକାର୍ଲୋ ମାଷ୍ଟର୍ସ ଜିତିଥିଲେ। ମାତ୍ର ଏକ ଘଣ୍ଟା ୩୭ ମିନିଟ୍‌ରେ ବିଜୟୀ ହୋଇ ସିତ୍‌ସିପାସ ୫ମ ଖେଳାଳି ଭାବେ ତୃତୀୟଥର ପାଇଁ ଏହି ଟୁର୍ଣ୍ଣାମେଣ୍ଟରେ ଟାଇଟଲ ଜିତିଛନ୍ତି। ଏଥିସହ ସେ ତାଙ୍କର ୧୧ତମ ଟୁର ଲିଭେଲ ଟାଇଟଲ ଜିତିଛନ୍ତି। ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟରେ ରାଫେଲ ନାଦାଲ ୧୧, ବିଜର୍ଣ୍ଣ ବର୍ଗ ୩, ଥୋମାସ ମଷ୍ଟର ୩ ଓ ଲିଏ ନାସ୍ତେସେ ୩ଥର ଚାମ୍ପିଅନ ହୋଇଥିଲେ। ଗତ ସୋମବାର ସିତ୍‌ସିପାସ ୬ ନଂ ସ୍ଥାନ ଅଧିକାର କରି ଏଟିପି ମାନ୍ୟତାର ଶ୍ରେଷ୍ଠ-୧୦କୁ ଉଠିଥିଲେ।

# ସୁଟର୍ ପଲକ୍‌ଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା

**ନୂଆଦିଲ୍ଲୀ, ୧୪।୪ (ଏଜେନ୍ସି):** ଭାରତର ୨୦ତମ ସୁଟର୍ ଭାବେ ପଲକ ଗୁଲିଆ ଆଗାମୀ ପ୍ୟାରିସ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ବ୍ରାଜିଲର ରିଓ ଡି ଜେନେରିଓଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ଫାଇନାଲ ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟ ଚାମ୍ପିଅନସିପ୍ (ରାଇଫଲ୍/ପିସ୍ତଲ)ରେ ୧୮ ବର୍ଷୀୟା ପଲକ୍ ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ କାଂସ୍ୟ ପଦକ ବିଜୟୀ ହେବା ସହ ପ୍ୟାରିସ ଟିକଟ୍ ହାସଲ କରିଥିଲେ। ହରିୟାଣା ଝାଝର ଜିଲ୍ଲାର ବାସିନ୍ଦା ପଲକ୍ ଗତବର୍ଷ ହାଙ୍ଗଝୋଉ ଏସୀୟ କ୍ରୀଡ଼ାରେ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟର ବ୍ୟକ୍ତିଗତ ଓ ଦଳଗତ ବିଭାଗରେ ସେ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିଲେ।



**• ଏସୀୟ କୁସ୍ତି ଚାମ୍ପିଅନସିପ୍**

## ରାଧିକାଙ୍କୁ ରୌପ୍ୟ, ଶିବାନୀଙ୍କୁ କାଂସ୍ୟ

**ବିସକେକ୍, ୧୪।୪ (ଏଜେନ୍ସି):** କିର୍ଗିଜସ୍ତାନରେ ଚାଲିଥିବା ଏସୀୟ କୁସ୍ତି ଚାମ୍ପିଅନସିପ୍‌ରେ ଭାରତରକୁ ଦୁଇଟି ପଦପ ମିଳିଛି। ଭାରତର ରାଧିକା ରୌପ୍ୟ ଓ ଶିବାନୀ ପାୱାର କାଂସ୍ୟ ପଦକ ଜିତିଛନ୍ତି। ମହିଳା ୬୮ କିଗ୍ରା ବିଭାଗରେ ୨୩ ବର୍ଷୀୟା ରାଧିକା ଏହି ସଫଳତା ପାଇଛନ୍ତି। ସ୍ୱର୍ଣ୍ଣ ପଦକ ଲଢ଼େଇରେ ରାଧିକାଙ୍କ ମୁକାବିଲା ଡିଫେଣ୍ଡିଂ ବିଶ୍ୱବିଜୟିନୀ ଜାପାନର ନୋନୋକା ଓଜାକିଙ୍କ ସହ ହୋଇଥିଲା। ଏହି ଲଢ଼େଇକୁ ରାଧିକା ୧୫-୨ରେ ହାରି ରୌପ୍ୟରେ ସନ୍ତୁଷ୍ଟ ରହିଥିଲେ। ସେହିଭଳି ମହିଳା ମହିଳା ୫୦ କିଗ୍ରା ବିଭାଗରେ ଶିବାନୀ କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇ କାଂସ୍ୟ ପଦକ ଲଢ଼େଇରେ ଅବତୀର୍ଣ୍ଣ ହୋଇଥିଲେ। ଏଥିରେ ସେ ଦୁଇଥରର ବିଶ୍ୱଚାମ୍ପିଅନସିପ୍ ରୌପ୍ୟ ବିଜୟିନୀ ମଙ୍ଗୋଲିଆର ଡୋଲଗୋର୍ଜାଭେନ ଓଟଗୋଞ୍ଜାରଗଲ୍‌ଙ୍କୁ ପରାସ୍ତ କରିଥିଲେ।

# ବିଜୟ ସହ ଶୀର୍ଷକୁ ଫେରିଲେ ଗୁକେଶ

ଟରଣ୍ଟୋ, ୧୪।୪(ଏଜେନ୍ସି)

**କ୍ୟାଣ୍ଡିଡେଟ୍ସ ଚେସ୍**

ଭାରତୀୟ ଯୁବ ଗ୍ରାଣ୍ଡମାଷ୍ଟର ୧୭ ବର୍ଷୀୟ ଗୁକେଶ ନିଜ ଦେଶର ଅନ୍ୟତମ ପ୍ରତିଭାବାନ ଖେଳାଳି ବିଦିଥ ସନ୍ତୋଷ ଗୁଜରାଟୀଙ୍କୁ ପରାସ୍ତ କରି ଏଠାରେ ଚାଲିଥିବା କ୍ୟାଣ୍ଡିଡେଟ୍ସ ଚେସ୍ ଟୁର୍ଣ୍ଣାମେଣ୍ଟର ଶୀର୍ଷସ୍ଥାନକୁ ଫେରିଛନ୍ତି। ୮ମ ରାଉଣ୍ଡ ଶେଷ ସୁଦ୍ଧା ସେ ଓ ଇଆନ ନେପୋମନିଆଚଚି ସମାନ ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। କିନ୍ତୁ ବୁକୋଲଜ୍‌ରେ ଗୁକେଶ ପ୍ରଥମ ଓ ନେପୋ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ନେପୋ ୮ମ ରାଉଣ୍ଡରେ ନିଜାତ ଆବାସୋଭ୍‌ଙ୍କ ସହ ମ୍ୟାଚ୍ ଡ୍ର ରଖିଛନ୍ତି। ସେହିପରି ଅନ୍ୟ ଦୁଇଟି ମୁକାବିଲା ମଧ୍ୟରୁ ଟପ୍ ସିଡ୍ ଫାବିଆନୋ କାରୁଆନାଙ୍କୁ ହରାଇ ହିକାରୁ ନାକାମୁରା ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ପୂର୍ବ ବା ୭ମ ରାଉଣ୍ଡରେ ଗୁକେଶଙ୍କୁ ହରାଇଥିବା ଅଲୀରେଜାଙ୍କ ସହ ଆର. ପ୍ରଜ୍ଞାନନନ୍ଦା ମ୍ୟାଚ୍ ଡ୍ର ରଖିଛନ୍ତି। ୮ମ ରାଉଣ୍ଡ ଶେଷରେ ଗୁକେଶ ପ୍ରଥମ, ନେପୋ ଦ୍ୱିତୀୟ, ନାକାମୁରା (୪.୫ ପଏଣ୍ଟ) ତୃତୀୟ, ପ୍ରଜ୍ଞାନନ୍ଦା (୪.୫) ଚତୁର୍ଥ, କାରୁଆନୋ (୪) ପଞ୍ଚମ, ଗୁଜରାଟୀ ୩.୫ ପଏଣ୍ଟ ସହ ଷଷ୍ଠ ସ୍ଥାନରେ ଅଛନ୍ତି। ଅଲୀରେଜା ୩ ଓ ନିଜାତ ୨.୫ ପଏଣ୍ଟ ପାଇ ଯଥାକ୍ରମେ ସପ୍ତମ ଓ ଅଷ୍ଟମ ସ୍ଥାନରେ ରହିଛନ୍ତି।

୮ମ ରାଉଣ୍ଡରେ ଦୁଇ ଭାରତୀୟ ଖେଳାଳି ଗୁଜରାଟୀ ଓ ଗୁକେଶଙ୍କ ମଧ୍ୟରେ ମୁକାବିଲା ହୋଇଥିଲା। ଚଳିତ ଟୁର୍ଣ୍ଣାମେଣ୍ଟରେ ଟାଇମିଂକୁ ନେଇ ସଂଘର୍ଷ କରୁଥିବା ଗୁଜରାଟୀ ଗୁକେଶଙ୍କ ବିପକ୍ଷ ମୁକାବିଲାରେ ଆରମ୍ଭରୁ ଏହି ସମସ୍ୟାରେ ପଡ଼ିଥିଲେ। ଶେଷରେ ଏହି ଟାଇମିଂ ଯୋଗୁ ସେ ପରାଜୟ ବରଣ କରିଥିଲେ। ଯାହା ଫଳରେ ସେ ଏକ ମୂଲ୍ୟବାନ ପଏଣ୍ଟ ହରାଇଥିଲେ।



ଟାଇମିଂ ଅଡୁଆ ଫଳରେ ମ୍ୟାଚ୍‌ଟି ମାତ୍ର ୩୮ ମିନିଟ୍ ଓ ୨୩ଟି ଚାଲରେ ଶେଷ ହୋଇଯାଇଥିଲା। ୯ମ ରାଉଣ୍ଡରେ ପୁଣି ଦୁଇ ଭାରତୀୟ ଖେଳାଳିଙ୍କ ମଧ୍ୟରେ ମୁକାବିଲା ହେବ। ଏଥିରେ ଗୁକେଶଙ୍କ ସହ ପ୍ରଜ୍ଞାନନ୍ଦା ମୁକାବିଲା କରିବେ। ସେହିପରି ଗୁଜରାଟୀ ଭେଟିବେ ନାକାମୁରାଙ୍କୁ। ନାକାମୁରା ୮ମ ରାଉଣ୍ଡରେ ଜବରଦସ୍ତ ଖେଳ ପ୍ରଦର୍ଶନ କରି ଏହି ମ୍ୟାଚ୍‌କୁ ଜିତିଥିଲେ। ଏଥିରେ ସେ ଟପ୍ ସିଡ୍ ଫାବିଆନୋ କାରୁଆନୋଙ୍କୁ ହରାଇଦେଇଥିଲେ। ଏଥିରେ କାରୁଆନୋ ଲଢ଼େଇ କରିପାରି ନଥିଲେ। ଅଲୀରେଜାଙ୍କ ପ୍ରସ୍ତାବକୁ ମାନିନେଇଥିଲେ ପ୍ରଜ୍ଞାନନ୍ଦା। ଯାହା ଫଳରେ ଏହି ମୁକାବିଲାଟି ଅମୀମାଂସିତ ରହିଥିଲା। ଉଭୟ ଖେଳାଳି ପଏଣ୍ଟ ଭାଗ କରିଥିଲେ। ନେପୋ ଓ ନିଜାତଙ୍କ ମଧ୍ୟରେ ମଧ ମୁକାବିଲା ସମାନ ଢ଼ଙ୍ଗରେ ଶେଷ ହୋଇଥିଲା। ଉଭୟ ମ୍ୟାଚ୍ ଡ୍ର ରଖିବାକୁ ରାଜିହୋଇଯାଇଥିଲେ।

ମହିଳା ବିଭାଗରେ ଟପ୍ ସିଡ୍ ତିଙ୍ଗଜିଏ ଲେଇ ପରାଜିତ ହୋଇଛନ୍ତି। ତାଙ୍କୁ ଜୋଙ୍ଗୟି ତାନ ହରାଇଦେଇଥିଲେ। ଏହା ଫଳରେ ମହିଳା ବିଭାଗରେ ୩ଜଣ ଖେଳାଳି ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ବୁକୋଲଜ୍‌ରେ ଲେଇ ପ୍ରଥମ, ଆଲେକ୍‌ଜାଣ୍ଡ୍ରା ଗୋରିଚକିନା ଦ୍ୱିତୀୟ ଓ ଜୋଙ୍ଗୟି ତାନ ତୃତୀୟ ସ୍ଥାନରେ ରହିଛନ୍ତି। ୪.୫ ପଏଣ୍ଟ ପାଇ କାଟେରିନା ଲାଗ୍ନୋ ଚତୁର୍ଥ ସ୍ଥାନରେ ରହିଛନ୍ତି। ଦୁଇ ଭାରତୀୟ ଖେଳାଳିଙ୍କ ମଧ୍ୟରେ ହୋଇଥିବା ଲଢ଼େଇରେ ଆର୍ ବୈଶାଳୀଙ୍କୁ ପରାସ୍ତ କରିଥିଲେ ଭେଟେରାନ କୋନେରୁ ହମ୍ପି। ଏହା ଫଳରେ ୪.୫ ପଏଣ୍ଟ ପାଇ ହମ୍ପି ୬ଷ୍ଠ ସ୍ଥାନକୁ ଉନ୍ନିତ ହୋଇଛନ୍ତି। ୨.୫ ପଏଣ୍ଟ ସହ ବୈଶାଳୀ ୮ମ ସ୍ଥାନରେ ଅଛନ୍ତି। ୯ମ ରାଉଣ୍ଡରେ ଲେଇଙ୍କ ସହ ସାଲିମୋଭା, ହମ୍ପିଙ୍କ ସହ ଲଗ୍ନୋ, ତାନ୍‌ଙ୍କ ସହ ବୈଶାଳୀ ଓ ଆନ୍ନାଙ୍କ ସହ ଆଲେକଜାଣ୍ଡ୍ରାଙ୍କର ମୁକାବିଲା ହେବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA